ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ମେ ୬/୨୦୨୫ (୧୨ ପୃଷ୍ଠା) Bhubaneswar, Tuesday, May 6/2025 Page 12 ₹ 7.00 | SAMBALPUR
୫୧ଶ ଭାଗ ୧୬୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 160 ମୂଲ୍ୟ ₹୭/-

## ଭାରତକୁ ରୁଷିଆର ପୂର୍ଣ୍ଣ ସମର୍ଥନ

**ପହଲଗାମ୍ ଘଟଣା**



ଭ୍ଲାଡିମିର ପୁଟିନ୍

**ନୂଆଦିଲ୍ଲୀ,୫।୫**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନ୍ ଯୋଗେ କଥା ହେବା ଅବସରରେ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି। ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ଜଣ ପର୍ଯ୍ୟଟକଙ୍କ ପାଇଁ ସେ ଗଭୀର ସମବେଦନା ଜଣାଇବା ସହ ଆତଙ୍କବାଦ ବିରୋଧରେ ଲଢ଼େଇରେ ଭାରତକୁ ରୁଷିଆ ପୂର୍ଣ୍ଣ ସମର୍ଥନ ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଭାରତ-ରୁଷିଆ ସମ୍ପର୍କକୁ ଅଧିକ ଦୃଢ଼ ଓ ଘନିଷ୍ଠ କରିବା ଉପରେ ଉଭୟ ନେତା ରାଜି ହୋଇଛନ୍ତି। ରୁଷିଆର ୮୦ତମ ବିଜୟ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କୁ ଚଳିତ ବର୍ଷର ବାର୍ଷିକ ସମିଟ୍‌ରେ ଯୋଗଦେବା ନିମନ୍ତେ ଭାରତ ଗସ୍ତରେ ଆସିବାକୁ ଆମନ୍ତ୍ରଣ କରିଛନ୍ତି।

**ଆଜିର ସମ୍ପାଦକୀୟ**

### ହୁଟିଙ୍କ ମାଡ଼

# ୭ରେ ସିଭିଲ୍ ମକ୍‌ଡ୍ରିଲ୍

**ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିଚାଲିଛି। ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖାଯାଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ବୁଧବାର ସିଭିଲ୍ ଡିଫେନ୍ସ (ନାଗରିକ ପ୍ରତିରକ୍ଷା) ମକ୍ ଡ୍ରିଲ୍ କରିବା ପାଇଁ ସୋମବାର ବିଭିନ୍ନ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରତିରକ୍ଷା ଅଭ୍ୟାସ ବେଳେ ଏୟାର ରେଡ୍ ୱାର୍ନିଂ ସାଇରନ୍‌କୁ ସକ୍ରିୟ କରାଯିବ। ସାଧାରଣ ନାଗରିକ ଏବଂ ଛାତ୍ରୀଛାତ୍ର କିପରି ନିଜକୁ ଆକ୍ରମଣରୁ ସୁରକ୍ଷିତ ରଖିପାରିବେ ସେନେଇ ପ୍ରଶିକ୍ଷଣ ଦିଆଯିବ। ଏଥିସହ ଗୁରୁତ୍ୱପୂର୍ଣ୍ଣ କାରଖାନା ବା ପ୍ରତିଷ୍ଠାନ ପାଇଁ ଆଗୁଆ ସୁରକ୍ଷା ବ୍ୟବସ୍ଥା ହେବ। ଉନ୍ନତ ସ୍ଥାନାନ୍ତରଣ ଲାଗି ଲୋକଙ୍କୁ ଅଭ୍ୟାସ କରାଯିବା ସକାଶେ କ୍ଷେତ୍ର ପ୍ରସ୍ତୁତ କରାଯାଉଛି।**

**ନୂଆଦିଲ୍ଲୀ,୫।୫**

ଆତଙ୍କବାଦୀ ଆକ୍ରମଣ ପରେ ଉଭୟ ଦେଶ ପରସ୍ପର ବିରୋଧରେ ଏକାଧିକ କୂଟନୈତିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାବେଳେ ସୀମାରେ ଅସ୍ତ୍ରବିରତି ଉଲ୍ଲଂଘନ କରାଯାଇ କ୍ରମାଗତ ଗୁଳିବର୍ଷା ଲାଗିରହିଛି। ଆକ୍ରମଣର ଦୃଢ଼ ଜବାବ ଦିଆଯିବ ବୋଲି ଭାରତ କହିଥିବାବେଳେ ପାକିସ୍ତାନ ୨ ଦିନରେ ୨ଟି କ୍ଷେପଣାସ୍ତ୍ର ପରୀକ୍ଷା କଲାଣି। ଭାରତ ଏହାର ସାମରିକ ପ୍ରସ୍ତୁତି ବଢ଼ାଇଛି। ଯେକୌଣସି ସମୟରେ ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ଭାବନା ଥିବାରୁ ଜରୁରୀ ପ୍ରସ୍ତୁତିକୁ ବଢ଼ାଇବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ନାଗରିକ ପ୍ରତିରକ୍ଷା ଅଭ୍ୟାସ କରିବାକୁ କହିଛି। ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ୩ ବାହିନୀର ମୁଖ୍ୟମାନଙ୍କ ସହ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକ ବସି ସେନାକୁ ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ନିଷ୍ପତ୍ତି ନେବା ପାଇଁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା। ପରେ ନୌସେନା ଏବଂ ବାୟୁସେନା ମୁଖ୍ୟମାନେ ପ୍ରଧାନମନ୍ତ୍ରୀଙ୍କୁ ଅଲଗା ଅଲଗା ଭେଟି ସ୍ଥିତି ସମ୍ପର୍କରେ ଅବଗତ କରିଥିବାବେଳେ ସୋମବାର ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂ ପ୍ରଧାନମନ୍ତ୍ରୀଙ୍କୁ ଭେଟିଛନ୍ତି।

ପାକିସ୍ତାନ ସହ ଉତ୍ତେଜନା ଚରମସୀମାରେ ପହଞ୍ଚିଥିବାବେଳେ ସମ୍ଭାବ୍ୟ ଯୁଦ୍ଧ ଆଶଙ୍କାରେ ଭାରତର ଗୋଳାବାରୁଦ କାରଖାନାଗୁଡ଼ିକରେ କର୍ମଚାରୀଙ୍କ ଲମ୍ବା ଛୁଟିକୁ ବାତିଲ କରାଯାଇଛି। ମହାରାଷ୍ଟ୍ରର ଚନ୍ଦ୍ରପୁର ଓ ମଧ୍ୟପ୍ରଦେଶର ଜବଲପୁରରେ ଥିବା ଅର୍ଡନାନ୍ସ ଫ୍ୟାକ୍ଟ୍ରି କର୍ମଚାରୀଙ୍କୁ ୨ ଦିନରୁ ଅଧିକ ଛୁଟି ଦିଆଯାଉ ନାହିଁ। ଲମ୍ବା ଛୁଟି ନ ଦେବାକୁ ଅଧିକାଂଶ ପ୍ଲାଣ୍ଟକୁ ନିର୍ଦ୍ଦେଶ ଦିଆଯାଇଛି।

ପାକିସ୍ତାନ ଶନିବାର ୪୫୦ କିଲୋମିଟର ଲକ୍ଷ୍ୟଭେଦ କ୍ଷମତା ବିଶିଷ୍ଟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଥିଲା। ସୋମବାର ଇସ୍‌ଲାମାବାଦ ଆଉ ଏକ ମିଶାଇଲ୍ ପରୀକ୍ଷା କରିଛି। ଫତାହ ନାମକ ଏହି ମିଶାଇଲ୍‌ର ଲକ୍ଷ୍ୟଭେଦ କ୍ଷମତା ୧୨୦ କିଲୋମିଟର ପର୍ଯ୍ୟନ୍ତ ବୋଲି ପାକ୍ ସେନାର ଗଣମାଧ୍ୟମ ଶାଖା ଇଣ୍ଟର ସର୍ଭିସେସ୍ ପବ୍ଲିକ୍ ରିଲେଶନ ପକ୍ଷରୁ କୁହାଯାଇଛି। ପହଲଗାମ୍ ଆକ୍ରମଣ ପରଠାରୁ ପାକିସ୍ତାନ କ୍ରମାଗତ ନିୟନ୍ତ୍ରଣରେଖା ଓ ଅନ୍ତର୍ଜାତୀୟ ସୀମାରେଖାରେ ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତକୁ ଉତ୍ସୁକାଇବାକୁ ଉଦ୍ୟମ କରିଆସୁଛି। ଭାରତ ପକ୍ଷରୁ ଏହାର ଠିକଣା ଜବାବ ଦିଆଯାଉଛି।

# ଏପ୍ରିଲ ୨୭ ଏସ୍‌ଆଇ ପରୀକ୍ଷା ରଦ୍ଦ କଲା ଓଏସ୍‌ଏସ୍‌ସି

**ଜୁଲାଇ ୬ରେ ସାନି ପରୀକ୍ଷା**

**ଭୁବନେଶ୍ୱର,୫।୫(ସୁଚିସ୍ମିତା ସାହୁ)**

ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଏକ୍ସାଇଜ୍ ଓ ଟ୍ରାଫିକ ଏସ୍‌ଆଇ ପଦବୀ ପାଇଁ ଏପ୍ରିଲ ୨୭ରେ ହୋଇଥିବା ପରୀକ୍ଷାକୁ ରଦ୍ଦ କରାଯାଇଛି। ପରୀକ୍ଷା ପରିଚାଳନାରେ ବ୍ୟାପକ ତ୍ରୁଟି ନଜରକୁ ଆସିବା ପରେ ଓଏସ୍‌ଏସ୍‌ସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ନିଷ୍ପତ୍ତି ଅନୁସାରେ, ଏସ୍‌ଆଇ ର୍‍ୟାଙ୍କର ବିଭିନ୍ନ ବର୍ଗର ପଦ ପଦବୀ ପାଇଁ ସମସ୍ତ ପରୀକ୍ଷା ରଦ୍ଦ କରାଯାଇଛି। ତେବେ ଜୁଲାଇ ୬ରେ ପୁଣିଥରେ ପରୀକ୍ଷା କରାଯିବ ବୋଲି ସୋମବାର ଓଏସ୍‌ଏସ୍‌ସି ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛି।

ସୂଚନାଯୋଗ୍ୟ, ଏପ୍ରିଲ ୨୭ରେ ୨୧ଟି ଏସ୍‌ଆଇ ଟ୍ରାଫିକ ପଦବୀ (ଗ୍ରୁପ୍ ବି) ଓ ୧୦ଟି ଏକ୍ସାଇଜ୍ ଏସ୍‌ଆଇ ପଦବୀ ପାଇଁ ମିଳିତ ଭାବେ ଲିଖିତ ପରୀକ୍ଷା ହୋଇଥିଲା। ଏହି ପରୀକ୍ଷା ପାଇଁ ହଜାର ହଜାର ସଂଖ୍ୟାରେ ପରୀକ୍ଷାର୍ଥୀ ରାଜ୍ୟର ସମସ୍ତ ଜିଲାରେ ପରୀକ୍ଷା ଦେଇଥିଲେ। ହେଲେ ପରୀକ୍ଷାରେ ଅନ୍ୟ ବିଷୟର ପ୍ରଶ୍ନ ପଡିଥିଲା। ଏହାକୁ ନେଇ ସମସ୍ତ ପରୀକ୍ଷା କେନ୍ଦ୍ରରେ ଉତ୍ତେଜନା ଦେଖାଦେଇଥିଲା। ତଦନ୍ତ ପରେ ପରୀକ୍ଷା ପରିଚାଳନାରେ ଏଭଳି ତ୍ରୁଟି ହୋଇଥିବା ଓଏସ୍‌ଏସ୍‌ସି କର୍ତ୍ତୃପକ୍ଷ ସ୍ୱୀକାର କରିବା ସହିତ ଦୁଃଖ ପ୍ରକାଶ କରିଥିଲେ। ଏସବୁ ପରୀକ୍ଷାର ବିକଳ୍ପ ବ୍ୟବସ୍ଥା ନିମନ୍ତେ ଓଏସ୍‌ଏସ୍‌ସି କର୍ତ୍ତୃପକ୍ଷ ମେ ୪ ପର୍ଯ୍ୟନ୍ତ ପରୀକ୍ଷାର୍ଥୀଙ୍କଠାରୁ ମତାମତ ଲୋଡିଥିଲେ।







| | 125 NEON | NS125 BASE | 150 SINGLE DISC | N160 TWIN DISC | N250 |
|---|---|---|---|---|---|
| ସଞ୍ଚୟ | - | - | ₹3 000/- | - | ₹9 114/- |
| ବିଶେଷ ମୂଲ୍ୟ (ସଞ୍ଚୟ ପରେ) | ₹88 006/- | ₹99 994/- | ₹1 14 067/- | ₹1 22 720/- | ₹1 46 451/- |

*ଏକ୍ସ-ଶୋରୁମ୍ ମୂଲ୍ୟ

# ସମ୍ପୂର୍ଣ୍ଣ ଗାଜା ଦଖଲ ପାଇଁ ଇସ୍ରାଏଲ୍‌ର ଯୋଜନା

ତେଲ୍ ଆଭିଭ୍,୫।୫



ବେଞ୍ଜାମିନ ନେତାନ୍ୟାହୁ

ସମଗ୍ର ଗାଜାଷ୍ଟ୍ରିପ୍‌କୁ ଦଖଲ କରି ସେଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରହିବା ଯୋଜନାକୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କ୍ୟାବିନେଟ୍ ସୋମବାର ଅନୁମୋଦନ କରିଛି। ଏହା କାର୍ଯ୍ୟକାରୀ ହେଲେ ପାଲେଷ୍ଟାଇନ୍ ଅଞ୍ଚଳରେ ଇସ୍ରାଏଲ୍‌ର ସାମରିକ କାର୍ଯ୍ୟାନୁଷ୍ଠାନ ଆହୁରି ବଢ଼ିବ। ସୋମବାର ସକାଳେ ଇସ୍ରାଏଲ୍‌ର କ୍ୟାବିନେଟ ମନ୍ତ୍ରୀମାନେ ଭୋଟ ଜରିଆରେ ନୂଆ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। ଅନେକ ହଜାର ରିଜର୍ଭ ସୈନ୍ୟଙ୍କୁ ଡକାଯାଇଥିବା କିଛି ଘଣ୍ଟା ପୂର୍ବରୁ ଇସ୍ରାଏଲୀ ସେନା ମୁଖ୍ୟ କହିଥିଲେ। ହମାସ୍‌କୁ ପରାଜିତ କରି ଗାଜାକୁ ଆକ୍ରମଣରୁ ମୁକ୍ତ କରିବା ପାଇଁ ଏହି ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଥିବା ଜେରୁଜେଲମ୍ ପକ୍ଷରୁ କୁହାଯାଇଛି। ଏହା ଦ୍ୱାରା ଲକ୍ଷାଧିକ ପାଲେଷ୍ଟିନୀୟ ଦକ୍ଷିଣ ଗାଜାରେ ପ୍ରବେଶ କରିବା ସୁଯୋଗ ପାଇବେ।

ମାର୍ଚ୍ଚ ମଧ୍ୟଭାଗରେ ଅସ୍ତ୍ରବିରତି ଚୁକ୍ତି ଭଙ୍ଗ ହେବା ପରେ ଇସ୍ରାଏଲ୍ ଗାଜାରେ ଜୋର୍‌ଦାର ଆକ୍ରମଣ ଚଳାଇଛି। ଏଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏହା ଅନେକ ଅଞ୍ଚଳକୁ ଦଖଲ କରିବା ସହ ଗାଜାରେ ପାଖାପାଖି ୫୦ ପ୍ରତିଶତକୁ ନିଜ ନିୟନ୍ତ୍ରଣରେ ରଖିଛି। ୧୯ ମାସ ହେବ ଲାଗିରହିଥିବା ଯୁଦ୍ଧ ଯୋଗୁ ଗାଜାରେ ମାନବୀୟ ସଙ୍କଟ ଉତ୍କଟ ସ୍ଥିତିରେ ପହଞ୍ଚିଥିବାବେଳେ ଅସ୍ତ୍ରବିରତି ଉଲ୍ଲଂଘନ ପୂର୍ବରୁ ଇସ୍ରାଏଲ୍ ସେଠାକୁ ଖାଦ୍ୟ, ଇନ୍ଧନ, ପାଣି ଆଦି ମାନବୀୟ ସହାୟତା ବନ୍ଦ କରିଦେଇଥିଲା। ଫଳରେ କ୍ଷୁଧା ଓ ଖାଦ୍ୟାଭାବ ଯୋଗୁ ଗାଜାରେ ଲୁଟ୍‌ପାଟ ବଢ଼ିଛି। ଇସ୍ରାଏଲୀ ଅଧିକାରୀଙ୍କ କହିବା ଅନୁଯାୟୀ, ସମ୍ପୂର୍ଣ୍ଣ ଗାଜା ଦଖଲ ଫଳରେ ମାନବୀୟ ସହାୟତା ବଣ୍ଟନରୁ ହମାସ୍ ଆତଙ୍କବାଦୀଙ୍କୁ ଦୂରେଇ ରଖାଯିବ। ହମାସ୍ ଉକ୍ତ ସହାୟତାକୁ ନିଜ ପାଇଁ ରଖି ଏହାର ସାମର୍ଥ୍ୟ ବଢ଼ାଉଛି। ସହାୟତା ବନ୍ଦ ହେଲେ ହମାସ୍ ଉପରେ ଏହା ବଡ଼ ଆକ୍ରମଣ ହେବ। ଗାଜାକୁ ସମ୍ପୂର୍ଣ୍ଣ ଅକ୍ତିଆର କରି ଏହାର ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଯୋଜନା ସମ୍ପର୍କରେ ଇସ୍ରାଏଲ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଅନ୍ୟ ଦେଶ ସହ ଆଲୋଚନା କରିଛି। ତେବେ ଇସ୍ରାଏଲ୍‌ର ଏଭଳି କାର୍ଯ୍ୟକୁ ଏହାର ସହଯୋଗୀ ୟୁରୋପୀୟ ରାଷ୍ଟ୍ର ଆରବ ଦେଶଗୁଡ଼ିକ ନିନ୍ଦା କରିଛନ୍ତି। ଅସ୍ତ୍ରବିରତି ଚୁକ୍ତିକୁ ଅଧିକ କୋହଳ କରିବା ପାଇଁ ଇସ୍ରାଏଲ୍ ହମାସ୍ ଉପରେ ଚାପ ପକାଇ ଆସୁଛି। ଅନ୍ୟପକ୍ଷରେ ନୂଆ ଚୁକ୍ତି ପାଇଁ ଉଭୟ ପକ୍ଷଙ୍କୁ ଏକାଠି କରିବା ଲାଗି ଅନ୍ତର୍ଜାତୀୟ ମଧ୍ୟସ୍ଥମାନେ ଉଦ୍ୟମ ଚଳାଇଛନ୍ତି। ଯୁଦ୍ଧ ବନ୍ଦ ପାଇଁ ଚୁକ୍ତିନାମା ଆଣିବାକୁ ହମାସ୍ ଦାବି କରୁଛି। ତେବେ ହମାସ୍ ପରାଜିତ ନ ହେବା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲ୍ ଚାହୁଁ ନାହିଁ।

# ପାକିସ୍ତାନକୁ ଚେନାବ ଜଳ ରୋକିଲା ଭାରତ

ନୂଆଦିଲ୍ଲୀ,୫।୫



ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପ୍ରଥମ ପଦକ୍ଷେପ ସ୍ୱରୂପ ସିନ୍ଧୁନଦୀ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିବାବେଳେ ରବିବାର ଜମ୍ମୁର ବାଗ୍ଲିହାର ଡ୍ୟାମ୍‌ରୁ ଚେନାବ ନଦୀଜଳ ପ୍ରବାହକୁ ସାମୟିକ ଭାବେ ରୋକିଛି। ବନ୍ଦିପୋର ନିକଟ କିଶନଗଙ୍ଗା ଡ୍ୟାମ୍‌ରୁ ମଧ୍ୟ ଅନୁରୂପ ଭାବେ ଜଳ ରୋକିବାକୁ କେନ୍ଦ୍ର ସରକାର ଯୋଜନା କରୁଥିବା ଜଣାପଡ଼ିଛି। କଶ୍ମୀରର ୨ଟି ଜଳବିଦ୍ୟୁତ୍ ପ୍ରକଳ୍ପର ଭଣ୍ଡାର ଜଳଧାରଣ କ୍ଷମତା ବଢ଼ାଇବାକୁ ସରକାର କାମ ଆରମ୍ଭ କରିଛନ୍ତି। ଏଥିସହିତ ଉକ୍ତ ଅଞ୍ଚଳରେ ଅଟକି ରହିଥିବା ୬ଟି ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବା ଆଶା କରାଯାଉଛି। ସେଗୁଡ଼ିକ ହେଲା ସାୱଲକୋଟ୍‌ର ୧,୮୫୬ ମେଗାୱାଟ ପ୍ରକଳ୍ପ, ୧,୩୨୦ ମେଗାୱାଟ୍ କ୍ଷମତା ବିଶିଷ୍ଟ କିର୍ଥାଇ-୧ ପ୍ରକଳ୍ପ ଏବଂ ୧୦୦୦ ମେଗାୱାଟ କ୍ଷମତା ବିଶିଷ୍ଟ ପକଲ ଡୁଲ୍। ଏହା ବ୍ୟତୀତ ଅନ୍ୟ ୩ଟି ପ୍ରକଳ୍ପରୁ ୨,୨୨୪ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଏହି ୬ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଜମ୍ମୁ-କଶ୍ମୀର ମୋଟ ୧୦ ହଜାର ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରିବା ସହ ଜଳସେଚନ ଓ ଘରୋଇ ବ୍ୟବହାର ପାଇଁ ଅଧିକ ଜଳ ପାଇପାରିବ। ତେବେ ସିନ୍ଧୁନଦୀ ଜଳ ଚୁକ୍ତି ଏବେ ମଧ୍ୟ କାର୍ଯ୍ୟକାରୀ ଥିବାରୁ ଉପରୋକ୍ତ ନିର୍ମାଣର ୬ ମାସ ପୂର୍ବରୁ ଭାରତ ପାକିସ୍ତାନକୁ ନୋଟିସ୍ କରିବାକୁ ପଡ଼ିବ। ଇସ୍‌ଲାମାବାଦ ପ୍ରକଳ୍ପକୁ ବିଳମ୍ବିତ କିମ୍ବା ବାତିଲ କରାଇବା ପାଇଁ ବିଭିନ୍ନ ଆଇନଗତ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ।

## ପରବର୍ତ୍ତୀ ସିଜେଆଇ ଗଭାଇଙ୍କ ଖଣ୍ଡପୀଠରେ ହେବ ୱାକ୍‌ଫ ଶୁଣାଣି

ନୂଆଦିଲ୍ଲୀ,୫।୫(ପି.ଟି.)

ୱାକ୍‌ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିବାବେଳେ ଭାରତର ପରବର୍ତ୍ତୀ ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗଭାଇଙ୍କ ଖଣ୍ଡପୀଠରେ ଆସନ୍ତା ୧୫ ତାରିଖରୁ ଏହାର ଶୁଣାଣି ହେବ। ବର୍ତ୍ତମାନର ସିଜେଆଇ ସଞ୍ଜୀବ ଖାନ୍ନା ମେ' ୧୩ରେ ଅବସର ନେଉଥିବାରୁ ଶୁଣାଣିକୁ ନୂଆ ସିଜେଆଇଙ୍କ ଖଣ୍ଡପୀଠକୁ ସ୍ଥାନାନ୍ତର କରିବା ଲାଗି ସର୍ବୋଚ୍ଚ ଅଦାଲତ ସୋମବାର ନିଷ୍ପତ୍ତି ନେଇଛନ୍ତି। ଶୁଣାଣି ପାଇଁ ସୋମବାର ସିଜେଆଇ ଖାନ୍ନା, ଜଷ୍ଟିସ୍ ସଞ୍ଜୟ କୁମାର ଏବଂ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ବସିଥିଲା। ସିଜେଆଇ କହିଥିଲେ, କେନ୍ଦ୍ର ସରକାରଙ୍କ ସହ ସମ୍ପୃକ୍ତ ନିର୍ଦ୍ଦିଷ୍ଟ ଦିଗଗୁଡ଼ିକ ସ୍ପଷ୍ଟ ହେବା ଆବଶ୍ୟକ, ଯେଉଁଥିପାଇଁ ସମୟ ଲାଗିବ। ଅନ୍ତରୀଣ ପର୍ଯ୍ୟାୟରେ କୌଣସି ରାୟ ବା ନିର୍ଦ୍ଦେଶନାମାକୁ ସଂରକ୍ଷିତ ରଖିବାକୁ ସେ ଚାହୁଁ ନ ଥିବା କହିଥିଲେ।



ଜାପାନର ଓସାକାଠାରେ ଆୟୋଜିତ 'ଏକ୍ସପୋ ୨୦୨୫' ଇଭେଣ୍ଟର ଭାରତୀୟ ପାଭିଲିଅନରେ କେତେଜଣ ମହିଳା ପାରମ୍ପରିକ ପୋଷାକ ସହ ଫଟୋ ଉଠାଉଛନ୍ତି।

## ଆନ୍ଦୋଳନର ଦିନକ ପୂର୍ବରୁ ବହୁ କୃଷକ ନେତା ଗୃହବନ୍ଦୀ

ଚଣ୍ଡିଗଡ଼, ୫।୫

ପଞ୍ଜାବର ଫରିଦକୋଟ ଜିଲା ପୋଲିସ ସୋମବାର ଜଗଜିତ ସିଂ ଡାଲ୍ଲେୱାଲଙ୍କ ସମେତ ବହୁ କୃଷକ ନେତାଙ୍କୁ ଗୃହବନ୍ଦୀ କରିଛି। ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ପକ୍ଷରୁ ମଙ୍ଗଳବାର ଶମ୍ଭୁ ଥାନା ଘେରାଉ ଯୋଜନା ଥିବାବେଳେ ଏହା ପୂର୍ବରୁ ଫରିଦକୋଟ ଏସ୍‌ପି ମନବିନ୍ଦର ବୀର ସିଂଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ଡାଲ୍ଲେୱାଲଙ୍କ ଘରେ ପହଞ୍ଚି ତାଙ୍କୁ ଗୃହବନ୍ଦୀ କରିଛନ୍ତି। ସେହିପରି କିଷାନ ମଜଦୁର ୟୁନିୟନର ମୁଖ୍ୟ ଦିଲ୍‌ବାଗ ସିଂଙ୍କୁ ତାଙ୍କ ଜୀବନପୁରସ୍ଥିତ ବାସଭବନରେ ଗୃହବନ୍ଦୀ କରାଯାଇଛି। ରାଜ୍ୟ ସରକାର ଲୋକଙ୍କ ସ୍ୱରକୁ ପ୍ରତିହତ କରୁଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା ଅଭିଯୋଗ ଆଣିଛି।

## ଭାରତର ପ୍ରତିରକ୍ଷା ୱେବ୍‌ସାଇଟ୍ ହ୍ୟାକ୍ କଲେ ପାକ୍ ସାଇବର ଗ୍ରୁପ୍

ନୂଆଦିଲ୍ଲୀ,୫।୫

ଆତଙ୍କବାଦୀ ଆକ୍ରମଣକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ପାକିସ୍ତାନୀ ହ୍ୟାକରମାନେ ଭାରତୀୟ ପ୍ରତିରକ୍ଷା ୱେବ୍‌ସାଇଟ୍‌ଗୁଡ଼ିକୁ ଟାର୍ଗେଟ କରିଛନ୍ତି। ସେମାନେ ପ୍ରତିରକ୍ଷା ମନ୍ତ୍ରଣାଳୟର ଏକାଧିକ ୱେବ୍‌ସାଇଟ୍ ହ୍ୟାକ୍ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସେମାନେ ପ୍ରତିରକ୍ଷା ଅଧିକାରୀମାନଙ୍କ ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ଏବଂ ସେମାନଙ୍କ ଲଗ୍‌ଇନ୍ ପାସ୍‌ୱାର୍ଡ ଇତ୍ୟାଦିରେ ଜାଲିଆତି କରି ଅସୁବିଧାରେ ପକାଇପାରନ୍ତି ବୋଲି କୁହାଯାଉଛି। ହ୍ୟାକରମାନେ ମିଲିଟାରି ଇଞ୍ଜିନିୟରିଂ ସର୍ଭିସେସ୍ ଏବଂ ମନୋହର ପାରିକର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଫେନ୍ସ ଷ୍ଟଡିଜ୍ ଆଣ୍ଡ ଆନାଲିସିସ୍‌ର ସମ୍ବେଦନଶୀଳ ତଥ୍ୟ ପାଇଥିବା ପାକିସ୍ତାନ ସାଇବର ଫୋର୍ସ ପକ୍ଷରୁ ଦାବି କରାଯାଇଛି। ଏହା ବ୍ୟତୀତ ସେମାନେ ଆର୍ମର୍ଡ ଭେହିକିଲ୍ ନିଗମ ଲିଃର ୱେବ୍‌ସାଇଟ୍‌କୁ ବିକୃତ କରିବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି। ଅଡିଟ ପାଇଁ ଉକ୍ତ ୱେବ୍‌ସାଇଟ୍‌କୁ ଅଫ୍‌ଲାଇନ୍‌ରେ ରଖାଯାଇଛି।

# ପାକିସ୍ତାନକୁ ପାଣ୍ଠି ହ୍ରାସ ପାଇଁ ଏଡିବି ଉପରେ ଭାରତର ଚାପ

ନୂଆଦିଲ୍ଲୀ,୫।୫

ଗତ ମାସ ୨୨ ତାରିଖରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଭାରତ ଏକାଧିକ କୂଟନୈତିକ କଟକଣା ଲଗାଇଥିବାବେଳେ ଏବେ ଆର୍ଥିକ ଆକ୍ରମଣ କରିବାକୁ ଲକ୍ଷ୍ୟ ରଖିଛି। ଆତଙ୍କବାଦୀ ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଉଥିବା ଇସ୍‌ଲାମାବାଦକୁ ଅନ୍ତର୍ଜାତୀୟ ପାଣ୍ଠି ହ୍ରାସ କରାଇବା ପାଇଁ ଭାରତ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ (ଏଡିବି) ଅଧ୍ୟକ୍ଷଙ୍କୁ ଭେଟି ପାକିସ୍ତାନକୁ ପାଣ୍ଠି ହ୍ରାସ କରିବାକୁ ଦାବି କରିଥିବା ଏକ ସରକାରୀ ସୂତ୍ରରୁ ଜଣାପଡ଼ିଛି। କେବଳ ସେତିକି ନୁହେଁ, ପାକିସ୍ତାନକୁ ପୁଣିଥରେ ଫାଇନାନ୍‌ସିଆଲ୍ ଆକ୍ସନ ଟାସ୍କଫୋର୍ସ (ଏଫଏଟିଏଫ୍)ର ଗ୍ରେ ତାଲିକାରେ ରଖିବା ପାଇଁ ସୀତାରାମନ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହ ଆଲୋଚନା କରିଛନ୍ତି।

ଇଟାଲୀର ମିଲନଠାରେ ଅନୁଷ୍ଠିତ ଏଡିବି ବାର୍ଷିକ ବୈଠକରେ ଅର୍ଥମନ୍ତ୍ରୀ ଏଡିବି ଅଧ୍ୟକ୍ଷ ମାସାତୋ କାଣ୍ଡାଙ୍କୁ ଭେଟିଥିଲେ। ଏଥିସହିତ ସେ ଇଟାଲୀ ଅର୍ଥମନ୍ତ୍ରୀ ଗିଆନକାର୍ଲୋ ଗିଓର୍ଗେଟିଙ୍କୁ ଭେଟି ଅନୁରୂପ ଦାବି କରିଥିଲେ। ଆର୍ଥିକ ସଙ୍କଟ ମଧ୍ୟରେ ଥିବା ପାକିସ୍ତାନ ଏଡିବି ପାଣ୍ଠି ଉପରେ ଅତ୍ୟଧିକ ନିର୍ଭରଶୀଳ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଏବଂ ଏଡିବି ପାକିସ୍ତାନର ବିଭିନ୍ନ ସେକ୍ଟରକୁ ଆର୍ଥିକ ସହାୟତା ଯୋଗାଇ ଆସୁଛନ୍ତି। ପାକିସ୍ତାନକୁ ଆଇଏମ୍‌ଏଫ୍‌ର ୭ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ସହାୟତା ପ୍ୟାକେଜ୍‌କୁ ନେଇ ଭାରତ ନିଜର ଉଦ୍‌ବେଗ ଜଣାଇବ ବୋଲି ଆଶା କରାଯାଉଛି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଉଥିବା ପାକିସ୍ତାନକୁ ଏଫ୍‌ଏଟିଏଫ୍ ଗ୍ରେ ତାଲିକାରେ ପୁନର୍ବାର ସାମିଲ କରାଇବା ପାଇଁ ଭାରତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଉପରେ ଚାପ ପକାଉଛି। ଅନ୍ତର୍ଜାତୀୟ ସହାୟତା ଯେପରି ଆଞ୍ଚଳିକ ସ୍ଥିରତା ପ୍ରତି ବିପଦ ସୃଷ୍ଟି କାର୍ଯ୍ୟକୁ ସହାୟତା ପାଇଁ ବିନିଯୋଗ ନ ହୁଏ, ସେଥିପାଇଁ କଡ଼ା ସର୍ତ୍ତ ରଖିବାକୁ ଭାରତ ଦାବି କରିଛି।

# ବିଦାୟ ନେଲା ସ୍କାଇପ୍

**'ମାଇକ୍ରୋସଫ୍ଟ ଟିମ୍ସ' ସହ ସମନ୍ୱିତ ହେଲା**

ୱାଶିଂଟନ, ୫।୫




ଲୋକପ୍ରିୟ ଭିଡିଓ କନ୍‌ଫରେନ୍ସିଂ ପ୍ଲାଟଫର୍ମ ସ୍କାଇପ୍ ଆପ୍ଲିକେଶନ ସୋମବାରଠାରୁ ବନ୍ଦ ହୋଇଛି। ପ୍ରାୟ ୨ ଦଶନ୍ଧି ଧରି ଲୋକଙ୍କୁ ଯୋଡ଼ି ରଖିଥିବା ଏହି ଆପ୍ ଏବେ ଇତିହାସରେ ପରିଣତ ହୋଇଛି। ନିଜର ନୂତନ ଏବଂ ଅଧିକ ଶକ୍ତିଶାଳୀ କମ୍ୟୁନିକେଶନ ଟୁଲ୍ସ 'ମାଇକ୍ରୋସଫ୍ଟ ଟିମ୍ସ' ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବାକୁ ଲକ୍ଷ୍ୟ ରଖି ମାଇକ୍ରୋସଫ୍ଟ ସ୍କାଇପ୍ ସେବାକୁ ବନ୍ଦ କରିଛି। ମାଇକ୍ରୋସଫ୍ଟ ପକ୍ଷରୁ 'ମାଇକ୍ରୋସଫ୍ଟ ଟିମ୍ସ'କୁ ସ୍କାଇପର ଉତ୍ତରାଧିକାରୀ ଭାବେ ଘୋଷଣା କରାଯାଇଛି। ଏହା ସହ ମାଇକ୍ରୋସଫ୍ଟ ମାଲିକାନାରେ ଥିବା ସ୍କାଇପ୍ ଆପ୍ ମାଇକ୍ରୋସଫ୍ଟ ଟିମ୍ସ ସହ ସମନ୍ୱିତ ହୋଇଛି। ସ୍କାଇପ୍ ବନ୍ଦ ହେବା ପରେ ଯେପରି ଏହାର ୟୁଜର୍ସମାନେ ଅସୁବିଧାର ସମ୍ମୁଖୀନ ନ ହେବେ, ତାହାକୁ ଦୃଷ୍ଟିରେ ରଖି ସ୍କାଇପ୍‌ରୁ ମାଇକ୍ରୋସଫ୍ଟ ଟିମ୍ସକୁ ସ୍ଥାନାନ୍ତରିତ ହେବା ପାଇଁ ସେମାନଙ୍କୁ ବହୁ ପୂର୍ବରୁ ମାଇକ୍ରୋସଫ୍ଟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ମାଇକ୍ରୋସଫ୍ଟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସ୍କାଇପ୍ ବ୍ୟବହାରକାରୀଙ୍କ ନିକଟରେ ମାଗଣାରେ ମାଇକ୍ରୋସଫ୍ଟ ଟିମ୍ସକୁ ଯିବା ପାଇଁ ବିକଳ୍ପ ରହିଛି ଯାହା ସ୍କାଇପ୍ ଆପ୍‌ଠାରୁ ଅଧିକ ଭଲ ଫିଚର ପ୍ରଦାନ କରିବ।

୨୦୦୩ରେ ସ୍କାଇପ୍ ଆପ୍ଲିକେଶନ ଲଞ୍ଚ୍ ହୋଇଥିଲା। ଏହା ଏକ ସ୍ୱତନ୍ତ୍ର କମ୍ପାନୀ ଭାବେ ଆରମ୍ଭ ହୋଇଥିଲା ଏବଂ ଖୁବ୍‌ଶୀଘ୍ର ଏହା ଜନସାଧାରଣଙ୍କ ମଧ୍ୟରେ ଲୋକପ୍ରିୟ ହୋଇଥିଲା। ୨୦୦୫ରେ ଆମେରିକୀୟ ମଲ୍ଟିନ୍ୟାଶନାଲ ଇ-କମର୍ସ କମ୍ପାନୀ 'ଇବେ' ସ୍କାଇପ୍‌କୁ ୨.୬ ବିଲିୟନ ଡଲାରରେ କିଣିଥିଲା। ତେବେ 'ଇବେ'ର ଏହି ଅଧିଗ୍ରହଣ ସଫଳ ହୋଇ ନ ଥିଲା। ୨୦୦୯ରେ 'ଇବେ' ସ୍କାଇପ୍‌ର ୭୦% ଅଂଶକୁ 'ସିଲ୍‌ଭର ଲେକ ପାର୍ଟନର୍ସ' ଭଳି ନିବେଶକଙ୍କୁ ବିକ୍ରି କରିଥିଲା। ତେବେ ଏହାପରେ ୨୦୧୧ରେ ମାଇକ୍ରୋସଫ୍ଟ ୮.୫ ବିଲିୟନ ଡଲାର ମୂଲ୍ୟରେ ସ୍କାଇପ୍‌କୁ କିଣିଥିଲା। ଏହିପରି ଭାବେ ୨୦୦୩ରେ ଲଞ୍ଚ୍ ହୋଇଥିବା ସ୍କାଇପ୍ ଆପ୍ ୨୦୧୧ରେ ସମ୍ପୂର୍ଣ୍ଣ ଭାବେ ମାଇକ୍ରୋସଫ୍ଟର ମାଲିକାନା ଅଧୀନକୁ ଆସିଥିଲା।

# ବିଦେଶୀ ଫିଲ୍ମ ଉପରେ ଟ୍ରମ୍ପ୍‌ଙ୍କ ୧୦୦% ଟାରିଫ୍

ୱାଶିଂଟନ, ୫।୫

**'ହଲିଉଡ୍ ବ୍ୟାପକ କ୍ଷତି ସହୁଛି'**



ଡୋନାଲ୍ଡ ଟ୍ରମ୍ପ୍

ଆମେରିକା ବାହାରେ ନିର୍ମିତ ଚଳଚ୍ଚିତ୍ର ୟୁଏସ୍‌ରେ ରିଲିଜ୍ ହେବାନେଇ ୧୦୦% ଟାରିଫ୍ ଲଗାଯିବ ବୋଲି ସୋମବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ ଘୋଷଣା କରିଛନ୍ତି। ଏହି ଘୋଷଣାକୁ କାର୍ଯ୍ୟକାରୀ କରିବାକୁ ସେ ଆମେରିକାର ବାଣିଜ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଆମେରିକୀୟ ଚଳଚ୍ଚିତ୍ର ଶିଳ୍ପର ଦ୍ରୁତଗତିରେ ମୃତ୍ୟୁ ହେବାକୁ ଯାଉଛି। ଅନ୍ୟ ଦେଶଗୁଡ଼ିକ ବିଭିନ୍ନ ପ୍ରଲୋଭନ ଦେଖାଇ ଆମେରିକୀୟ ଫିଲ୍ମ ନିର୍ମାତାଙ୍କୁ ନିଜ ଦେଶ ପ୍ରତି ଆକୃଷ୍ଟ କରୁଛନ୍ତି। ଏହାଯୋଗୁ ହଲିଉଡ୍ ଏବଂ ଆମେରିକାର ବହୁ ଅଞ୍ଚଳ ବ୍ୟାପକ ମାତ୍ରାରେ କ୍ଷତି ସହୁଛନ୍ତି। ଏହା ନିହାତିପକ୍ଷେ ଅନ୍ୟ ଦେଶମାନଙ୍କର ଏକ ସଙ୍ଗଠିତ ଯୋଜନା। ତେଣୁ ଅନ୍ୟ ଦେଶରେ ନିର୍ମିତ ଫିଲ୍ମ ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ ହୋଇଥିବା ସେ କହିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଆମେରିକାରେ ଚଳଚ୍ଚିତ୍ର ନିର୍ମାଣ କ୍ରମାଗତ ଭାବେ ହ୍ରାସ ପାଉଛି। ୨୦୨୧ ତୁଳନାରେ ୨୦୨୩ରେ ଆମେରିକାରେ ହେଉଥିବା ଚଳଚ୍ଚିତ୍ର ନିର୍ମାଣରେ ୨୬% ହ୍ରାସ ଘଟିଛି। ଟ୍ରମ୍ପ୍‌ଙ୍କ ଏହି ଘୋଷଣା ପରେ ସାରା ବିଶ୍ୱରେ ଫିଲ୍ମ ଷ୍ଟୁଡିଓଜ୍, ପ୍ରଡକ୍ସନ ହାଉସ୍ ଏବଂ ଫିଲ୍ମ ନିର୍ମାତାମାନେ ଚିନ୍ତାରେ ପଡ଼ିଛନ୍ତି।

## ଚିନ୍ତାରେ ବଲିଉଡ୍ ଫିଲ୍ମ ନିର୍ମାତା

ବିଦେଶୀ ଚଳଚ୍ଚିତ୍ର ଉପରେ ଆମେରିକା ପକ୍ଷରୁ ୧୦୦% ଟାରିଫ୍ ଲଗାଯିବା ନେଇ ଟ୍ରମ୍ପ୍‌ଙ୍କ ଘୋଷଣା ପରେ ଅନେକ ଭାରତୀୟ ଫିଲ୍ମ ନିର୍ମାତା ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ବଲିଉଡ୍ ସମେତ ତେଲୁଗୁ, ତାମିଲ ଏବଂ ମାଲୟାଲମ ଇଣ୍ଡଷ୍ଟ୍ରିରେ ଫିଲ୍ମ ବ୍ୟବସାୟର ଏକ ବଡ଼ ଅଂଶ ଆମେରିକାରୁ ଆସିଥାଏ। ସେହିପରି ଅନେକ ସୁପରହିଟ୍ ଭାରତୀୟ ଫିଲ୍ମ କରିଥିବା ବ୍ୟବସାୟର ବଡ଼ ଅଂଶ ଆମେରିକାରୁ ରହିଥାଏ। ସେହିପରି ଗତ କିଛି ବର୍ଷ ଧରି ବଲିଉଡ୍ ଫିଲ୍ମ ନିର୍ମାତାମାନେ ସେମାନଙ୍କ ଫିଲ୍ମର ଶୁଟିଂ ପାଇଁ ଆମେରିକାଠାରୁ ୟୁରୋପୀୟ ଦେଶକୁ ବେଶି ପସନ୍ଦ କରୁଛନ୍ତି। ଶୁଟିଂ ସ୍ଥାନକୁ ଆଧାର କରି ଆମେରିକା ପକ୍ଷରୁ ବିଦେଶୀ ଚଳଚ୍ଚିତ୍ର ଉପରେ ଟାରିଫ୍ ଲଗାଗଲେ ଭାରତୀୟ ପ୍ରଡକ୍ସନ କମ୍ପାନୀଗୁଡ଼ିକୁ ବ୍ୟାପକ କ୍ଷତି ସହିବାକୁ ପଡ଼ିବ ବୋଲି ଫିଲ୍ମ ସମୀକ୍ଷକ କହିଛନ୍ତି।

**ଫୁର୍‌ସତ୍**

# ବିନା ବିମାନରେ ବିଶ୍ୱ ଭ୍ରମଣ

କୋପେନ୍‌ହେଗେନ୍



ଥର ପେଡର୍ସନ

ସାଧାରଣତଃ ଲୋକମାନେ ବିଭିନ୍ନ ଦେଶ ଭ୍ରମଣ କରି ସେଠାକାର ଚାଲିଚଳନ, ସଂସ୍କୃତି ଆଦିକୁ ଜାଣିବାକୁ ଚାହିଁଥାନ୍ତି। ତେବେ ଅନେକେ ଦୈନନ୍ଦିନ ଜୀବନରେ ବ୍ୟସ୍ତ ରହି ନିଜର ଏହି ଇଚ୍ଛାକୁ ପୂରଣ କରି ପାରନ୍ତି ନାହିଁ। ଡେନ୍‌ମାର୍କ ନିବାସୀ ଥର ପେଡର୍ସନ (୪୬)ଙ୍କ ନାଁରେ ଏହାର ଠିକ୍ ବିପରୀତ ଏକ ଅନନ୍ୟ ଏବଂ ବିରଳ କୃତିତ୍ୱ ରହିଛି। ୨୦୨୩ରେ ସେ ବିମାନର ବ୍ୟବହାର ବିନା ୨୦୩ ଦେଶରେ ନିଜ ଭ୍ରମଣ ଶେଷକରି ଇତିହାସ ରଚିଥିଲେ।

ନିକଟରେ ଏକ ସାକ୍ଷାତ୍‌କାର ଦେଇ ଥର କହିଛନ୍ତି ସେ କେବଳ ଜାହାଜ, ବୋଟ୍, ଟ୍ରେନ୍ ଏବଂ ସଡ଼କ ମାର୍ଗରେ ବିଭିନ୍ନ ଯାନବାହନର ସହାୟତା ନେଇ ଏହି ବିଶ୍ୱ ଭ୍ରମଣକୁ ସଫଳତାର ସହ ଶେଷ କରିଥିଲେ। ଜାତିସଂଘ ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ୧୯୫ ଦେଶ ସହ ୱେଷ୍ଟର୍ନ ସାହାରା, ତାଇୱାନ୍ ପରି ମାନ୍ୟତା ମିଳି ନ ଥିବା ଅନ୍ୟ ୮ଟି ଦେଶ ମଧ୍ୟ ସେ ଭ୍ରମଣ କରିଥିଲେ। ଏହି ବିଶ୍ୱ ଭ୍ରମଣରେ ସେ ମୋଟ ୩୫୧ଟି ବସ, ୧୫୮ଟି ଟ୍ରେନ୍, ୩୭ଟି କଣ୍ଟେନର ଶିପ୍, ୩୩ଟି ବୋଟ, ୯ଟି ଟ୍ରକ୍, ୨ଟି କ୍ରୁଜ ଜାହାଜ, ଗୋଟିଏ ପୋଲିସ କାର୍ ଏବଂ ଗୋଟିଏ ଘୋଡ଼ା ଗାଡ଼ିର ବ୍ୟବହାର କରିଥିଲେ। ୨୦୧୮ର ଶେଷ ଭାଗ ଏବଂ ୨୦୧୯ର ପ୍ରାରମ୍ଭରେ ସେ ଭାରତ ଆସିଥିଲେ ବୋଲି ଥର କହିଛନ୍ତି। ୨୦୨୩ରେ ସେ ମାଳଦ୍ୱୀପ ପହଞ୍ଚି ନିଜର ଏହି ବିଶ୍ୱ ଭ୍ରମଣକୁ ସମୁଦାୟ ୩,୫୧୨ ଦିନରେ ଶେଷ କରିଥିଲେ। ଏହି ଅବଧି ମଧ୍ୟରେ ସେ ପ୍ରତ୍ୟେକ ଦେଶରେ ସର୍ବନିମ୍ନ ୨୪ ଘଣ୍ଟା ରହିଥିବା ଥର କହିଛନ୍ତି। ଥର ଆହୁରି କହିଛନ୍ତି, ସେ ୨୦୧୩ରେ ନିଜର ଏହି ବିଶ୍ୱ ଭ୍ରମଣ ଯାତ୍ରାକୁ ଆରମ୍ଭ କରିଥିଲେ। ସେତେବେଳେ ସେ ମାତ୍ର ୪ ବର୍ଷ ମଧ୍ୟରେ ପୂରା ବିଶ୍ୱ ଭ୍ରମଣ କରିବାକୁ ସ୍ଥିର କରିଥିଲେ। ତେବେ ବିଭିନ୍ନ ଦେଶରେ ରାଜନୈତିକ ଅସ୍ଥିରତା ଏବଂ କରୋନା ମହାମାରୀ ଯୋଗୁ ସେ ବିଳମ୍ବରେ ଏହି ଯାତ୍ରା ଶେଷ କରିଥିଲେ। କୋଭିଡ୍ ମହାମାରୀ ବେଳେ ସେ ୨ ବର୍ଷ ଧରି ହଂକଂରେ ଫସି ରହିଥିଲେ। ତେବେ ଭ୍ରମଣ କରିଥିବା ୨୦୩ ଦେଶ ମଧ୍ୟରୁ କ୍ୟୁବା ତାଙ୍କର ସବୁଠାରୁ ପସନ୍ଦଯୋଗ୍ୟ ଦେଶ ହୋଇଥିବା ଥର କହିଛନ୍ତି। ଅନ୍ୟ ଦେଶଗୁଡ଼ିକଠାରୁ କ୍ୟୁବାର ପରିବେଶ ସମ୍ପୂର୍ଣ୍ଣ ଭିନ୍ନ ଥିବା ସେ ଅନୁଭବ କରିଥିଲେ। ସେଠାକାର ଲୋକ ନିଜ କର୍ମମୟ ଜୀବନରେ ବାନ୍ଧି ନ ହୋଇ ନିଜ ନିଜର ଜୀବନକୁ ଉପଭୋଗ କରନ୍ତି ବୋଲି ଥର କହିଛନ୍ତି।

# ବଡ଼ ପରଦାରେ ଡେବ୍ୟୁ କରିବେ ରିଦ୍ଧିମା

ମୁମ୍ବାଇ



ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ବଡ଼ ଭଉଣୀ ରିଦ୍ଧିମା କପୁର ସହାନି ଖୁବ୍‌ଶୀଘ୍ର ବଡ଼ ପରଦାରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଗତ ବର୍ଷ ସେ ୱେବ୍ ସିରିଜ୍ 'ଫାବୁଲସ ଲାଇଭ୍ସ ଭର୍ସେସ୍ ବଲିଉଡ୍ ୱାଇଭ୍ସ' ସିରିଜ୍ ସହ ଓଟିଟିରେ ଡେବ୍ୟୁ କରିଥିଲେ। ସମ୍ପ୍ରତି ଶିମ୍‌ଲାର ଏକ ପାହାଡ଼ିଆ ଅଞ୍ଚଳରେ ରିଦ୍ଧିମାଙ୍କ ଡେବ୍ୟୁ ଫିଲ୍ମର ଶୁଟିଂ ଜାରି ରହିଛି। ରିଦ୍ଧିମା ଫିଲ୍ମରେ ନିଜ ସାଥୀ କଳାକାରଙ୍କ ସହ ଶୁଟିଂ ବେଳର କେତେକ ଫଟୋକୁ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହି ଫଟୋରେ ରିଦ୍ଧିମା ତାଙ୍କ ମା' ନୀତୁ କପୁର, କମେଡି କିଙ୍ଗ୍ କପିଲ ଶର୍ମା ଏବଂ ଫିଲ୍ମର ଅନ୍ୟ ଷ୍ଟାର୍‌କାଷ୍ଟଙ୍କ ସହ ନଜରକୁ ଆସିଛନ୍ତି। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଆଶିଷ ଆର୍ ମୋହନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଟାଇଟଲ ବର୍ତ୍ତମାନ ସୁଦ୍ଧା ଘୋଷଣା କରାଯାଇ ନାହିଁ। ଗତ ଏପ୍ରିଲରେ ଚଣ୍ଡିଗଡ଼ରେ ଏହାର ଶୁଟିଂ ଆରମ୍ଭ ହୋଇଥିଲା। ଏବେ ଫିଲ୍ମର ଦ୍ୱିତୀୟ ପର୍ଯ୍ୟାୟ ଶୁଟିଂ ଶିମ୍‌ଲାର ପାହାଡ଼ିଆ ଅଞ୍ଚଳରେ ଜାରି ରହିଛି। ତେବେ ରିଦ୍ଧିମାଙ୍କ ଏହି ଡେବ୍ୟୁ ଫିଲ୍ମ କେବେ ରିଲିଜ୍ ହେବ, ସେନେଇ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଏହି ଫିଲ୍ମରେ ନୀତୁ କପୁରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ ବୋଲି ରିପୋର୍ଟରେ କୁହାଯାଇଛି। ପ୍ରକାଶ ଯେ, ରିଦ୍ଧିମା ଜଣେ ସଫଳ ବିଜ୍‌ନେସ୍ ୱମେନ୍ ହେବା ସହ ଫେଶନ ଉଦ୍ୟୋଗୀ ଭାବେ ବେଶ୍ ଜଣାଶୁଣା।




# ସିଡବ୍ଲ୍ୟୁସି ଅଧ୍ୟକ୍ଷାଙ୍କ ସହ ୪ ସଦସ୍ୟ ବହିଷ୍କୃତ

## ଶିଶୁକନ୍ୟାକୁ ବେଆଇନ ଭାବେ ପୋଷ୍ୟ ଗ୍ରହଣ ଘଟଣା

ରାୟଗଡ଼ା,୫।୫ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ବ୍ଲକର ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ନିକଟସ୍ଥ ନୂଆପଡା କଲୋନୀରୁ ଏକ ନବଜାତ ଶିଶୁକନ୍ୟାକୁ ବେଆଇନ ଭାବରେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଥିବା ଘଟଣାରେ ସୋମବାର ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି) ଅଧ୍ୟକ୍ଷାଙ୍କ ସହ ୪ ସଦସ୍ୟଙ୍କୁ ବହିଷ୍କୃତ କରାଯାଇଛି। ରାୟଗଡ଼ା ଜିଲାପାଳ ପାରୁଲ ପଟାୱରି ସିଡବ୍ଲ୍ୟୁସି ଭାଙ୍ଗିବା ପାଇଁ ସୁପାରିସ କରିବା ପରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ କର୍ତ୍ତବ୍ୟରେ ଅବହେଳା କରିଥିବା ଦର୍ଶାଇ ସିଡବ୍ଲ୍ୟୁସି ଅଧ୍ୟକ୍ଷା ବିଦ୍ୟୁଲତା ହୁଇକାଙ୍କ ସମେତ ୪ ସଦସ୍ୟଙ୍କୁ ପଦରୁ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ କଲ୍ୟାଣ କମିଟିର ସଦସ୍ୟ ଗାଗାରିନ୍ ଶବର, ପ୍ରିୟଦର୍ଶିନୀ ମହାକୁଲ, କୈଳାସ ଚନ୍ଦ୍ର ପାଳ ଓ ଜ୍ୟୋତ୍ସ୍ନାମୟୀ ପାଢ଼ୀଙ୍କୁ ତୁରନ୍ତ ଦାୟିତ୍ୱରୁ ବହିଷ୍କାର କରିବା ସହ ତାଙ୍କ ନିକଟରେ ଥିବା ସମସ୍ତ ରେକର୍ଡ ଏବଂ ସମ୍ପତ୍ତି ଡିସିପିଓଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ନୂଆପଡ଼ାର ଦମ୍ପତି କୁମୁଦ ଗାଣ୍ଡା ଏବଂ ରାହୁଲ ଧନବାଦୀ ନିଜର ୯ ଦିନର ଶିଶୁକନ୍ୟାକୁ ଏକ ଅଣପଞ୍ଜୀକୃତ ପୋଷ୍ୟ ଗ୍ରହଣ ଡିଡ୍‌ରେ ସ୍ୱାକ୍ଷର କରି ଆନ୍ଧ୍ରପ୍ରଦେଶର ପାର୍ବତୀପୁରମ (ମାନ୍ୟମ) ଜିଲାର ବାଲାଜୀପେଟାର କେ. ନନ୍ଦିନୀ ଏବଂ କେ. ରାଜଶେଖରଙ୍କୁ ଦେଇଥିଲେ। ଜିଲା ପ୍ରଶାସନ ଏହି ସମ୍ବେଦନଶୀଳ ଘଟଣା ବିଷୟରେ ସିଡବ୍ଲ୍ୟୁସିକୁ ରିପୋର୍ଟ ମାଗିଥିଲେ। ହେଲେ ସିଡବ୍ଲ୍ୟୁସି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଏବଂ ଅଣ-ପଞ୍ଜୀକୃତ ପୋଷ୍ୟସନ୍ତାନ ଗ୍ରହଣ ଡିଡ୍‌ର ଏକ କପି ପାଇବା ସତ୍ତ୍ୱେ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଥିବା ତଦନ୍ତ କରୁଥିବା କମିଟି ଜିଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁରଙ୍କୁ ପଚାରିବାରୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇ ଜିଲାପାଳଙ୍କୁ ଚିଠି କରାଯାଇଛି ବୋଲି କହିଛନ୍ତି। ଉକ୍ତ ଚିଠିରେ କାର୍ଯ୍ୟର ଅବହେଳା ନେଇ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ଉଲ୍ଲେଖ ରହିଛି ବୋଲି ସେ କହିଛନ୍ତି।

# ବିପ୍ଳବୀ, ଆଧ୍ୟାତ୍ମିକତାର ପ୍ରତୀକ ଥିଲେ ଧରଣୀଧର: ମୁଖ୍ୟମନ୍ତ୍ରୀ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂତନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରୁଛନ୍ତି।

## ଧରଣୀଧରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

### ୨୧୪ର ଭିତ୍ତିପ୍ରସ୍ତର, ୧୦୪ ପ୍ରକଳ୍ପ ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୫।୫ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ବିପ୍ଳବୀ ସହ ଆଧ୍ୟାତ୍ମିକତାର ପ୍ରତୀକ ଥିଲେ ଧରଣୀଧର। ଓଡ଼ିଶାରେ ବ୍ରିଟିଶ ବିରୋଧୀ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ। ତାଙ୍କ ଦୃଢ଼ ସଂକଳ୍ପ, ଦେଶପ୍ରେମ ଓ ତ୍ୟାଗ ଆଜି ଯୁବପିଢ଼ି ପାଇଁ ପ୍ରେରଣା ହୋଇଛି। ରାଜ୍ୟ ସରକାର ତାଙ୍କ ସ୍ମୃତିକୁ ଅମର କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ବିପ୍ଳବୀ ଧରଣୀଧରଙ୍କ ମାଟିରେ ପ୍ରତିଷ୍ଠା ହେବ ସ୍ମୃତି ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର। ଧରଣୀଧରଙ୍କ ନାମରେ, ଭୁବନେଶ୍ୱରରେ ଅତିଥି ଭବନ ପ୍ରତିଷ୍ଠା ହେବ ବୋଲି କେନ୍ଦୁଝର ସଦର ବ୍ଲକ୍ କୁସୁମିତା ଗ୍ରାମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିପ୍ଳବୀ ଧରଣୀଧର ନାଏକଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ, ପୂଜ୍ୟପୂଜା ପରମ୍ପରାକୁ ଗୁରୁତ୍ୱ ଦେଇ ଆଜି ଆମ ସରକାର ସାରା ଓଡ଼ିଶାରେ ମହାପୁରୁଷଙ୍କ ଜୟନ୍ତୀ ସେମାନଙ୍କ ଜନ୍ମମାଟିରେ ପାଳନ କରୁଛି। ଏହା ହିଁ ଆମ ଅସ୍ମିତାର ପରିଚୟ। ଧରଣୀଧରଙ୍କ ଜୀବନୀ ହିଁ ଆମକୁ ଅଖଣ୍ଡତା ଓ ବିକାଶର ଦିଗରେ କାର୍ଯ୍ୟ କରିବାକୁ ଶିକ୍ଷା ପ୍ରଦାନ କରେ। ଜୀବନର ପ୍ରଥମ ଭାଗ ସେ ବିଦ୍ରୋହ କରି ସ୍ୱାଧୀନତାର ଅଗ୍ନି ଜଳାଇଥିଲେ। ଶେଷ ଭାଗକୁ ସେ ଆଧ୍ୟାତ୍ମିକ ମାର୍ଗରେ ଯାଇ ଦେଶର ସ୍ୱାଧୀନତା ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିଥିଲେ। ଆଜି ଧରଣୀଧର ନାହାନ୍ତି, ତାଙ୍କ ସ୍ମୃତି ଅଛି। ବିପ୍ଳବ କରିବାର ଯେଉଁ ଚେତନା ସେ ସୃଷ୍ଟି କରିଥିଲେ, ସେ ଚେତନା ଅଛି। ଆଜି ସ୍ୱାଧୀନତା ପାଇଁ ଲଢ଼ିବାର ନାହିଁ। ଆଜିର ସମୟ ହେଉଛି ବିକାଶ ପାଇଁ ଲଢ଼ିବାର ସମୟ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲାରେ ପ୍ରାୟ ୧୧୫୫ କୋଟି ଟଙ୍କା ବ୍ୟୟ ବରାଦର ସମୁଦାୟ ୩୪୦ ଗୋଟି ନୂତନ ପ୍ରକଳ୍ପର ଘୋଷଣା, ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିରେ ୮୭ କୋଟି ଟଙ୍କାରେ ୧୦୪ଟି ପ୍ରକଳ୍ପର ଉଦ୍‌ଘାଟନ, ୪୪୯ କୋଟି ଟଙ୍କାରେ ୨୧୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ୬୨୦ କୋଟି ଟଙ୍କାରେ ୨୨ଟି ନୂତନ ପ୍ରକଳ୍ପର ଘୋଷଣା କରିଥିଲେ। ବିପ୍ଳବୀଙ୍କ ଜନ୍ମ ଗ୍ରାମ କୁସୁମିତାରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ସ୍ମୃତି ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସ୍ମୃତିପୀଠରେ ଧରଣୀଧରଙ୍କ ପୈତୃକ ବାସଗୃହର ସଂରକ୍ଷଣ କରାଯିବ। ତାଙ୍କ ବ୍ୟବହୃତ ସାମଗ୍ରୀଗୁଡ଼ିକୁ ସୁରକ୍ଷିତ କରି ରଖାଯିବ। ଧରଣୀଧରଙ୍କ ଘର ପାଖରେ ୨ ଏକର ଜମିରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବା ସହ ଏକ ବ୍ୟାଖ୍ୟାନ କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ଏହାକୁ ଏକ ପର୍ଯ୍ୟଟନ ଭାବେ ବିକଶିତ କରି ପାର୍କ ଓ ଅନ୍ୟାନ୍ୟ ସୁବିଧାର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏଥିସହ କେନ୍ଦୁଝରରେ ଜେଏସ୍‌ଡବ୍ଲ୍ୟୁ ଦ୍ୱାରା ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଷ୍ଟିଲ୍ ପ୍ଲାଣ୍ଟ ପାଇଁ ପ୍ରଥମ ପର୍ଯ୍ୟାୟରେ ୩୫ ହଜାର କୋଟି ଟଙ୍କା ବିନିଯୋଗ ହେବ। ଏଥିସହ କେନ୍ଦୁଝରରେ ସମୁଦାୟ ୧,୨୯,୮୦୦ କୋଟି ଟଙ୍କା ପୁଞ୍ଜିନିବେଶରେ ୩୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର କାଙ୍ଗାଳି ଚରଣ ନାଏକଙ୍କୁ ଧରଣୀଧର ସମ୍ମାନରେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ବିପ୍ଳବୀ ଧରଣୀଧରଙ୍କୁ ସ୍ୱାଭିମାନର ପ୍ରତୀକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ପ୍ରମୁଖ ନିଜ ଅଭିଭାଷଣ ରଖିଥିଲେ।

କାର୍ଯ୍ୟକ୍ରମରେ ବିପ୍ଳବୀ ଧରଣୀଧର ନାଏକଙ୍କ ବଂଶଧର କଳାକର ନାଏକ ଯୋଗଦେଇଥିବା ବେଳେ ଭୂୟାଁ ସାଂସ୍କୃତିକ ସଂଗଠନର ସମ୍ପାଦକ ଶ୍ୟାମ ସୁନ୍ଦର ନାଏକ ବିବରଣୀ ପାଠ କରିଥିଲେ। ଜିଲାପାଳ ବିଶାଲ ସିଂହ ସ୍ୱାଗତ ଭାଷଣ ଦେଇଥିଲେ। ଭୂୟାଁ ସାଂସ୍କୃତିକ ସଂଗଠନର ଉପଦେଷ୍ଟା ମମିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକକ ପିଜି ପ୍ରବେଶିକା ପରୀକ୍ଷା ଆରମ୍ଭ

ଭୁବନେଶ୍ୱର,୫।୫ (ସୁଚିସ୍ମିତା ସାହୁ)

୨୦୨୫-୨୬ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ସୋମବାରଠାରୁ ଏକକ ପ୍ରବେଶିକା ପରୀକ୍ଷା(ସିପିଇଟି-୨୦୨୫) ଆରମ୍ଭ ହୋଇଛି। ଏହି ପରୀକ୍ଷା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଦିନକୁ ୩ଟି ସିଫ୍ଟରେ ପରୀକ୍ଷା କରାଯାଉଛି। ପ୍ରଥମ ସିଫ୍ଟ ପରୀକ୍ଷା ସକାଳ ୯ଟାରୁ ୧୦ଟା ୨୦ ପର୍ଯ୍ୟନ୍ତ, ଦ୍ୱିତୀୟ ସିଫ୍ଟ ପୂର୍ବାହ୍ନ ୧୧ଟା ୩୦ରୁ ଅପରାହ୍ନ ୧୨ଟା ୫୦ ଏବଂ ତୃତୀୟ ସିଫ୍ଟ ଅପରାହ୍ନ ୩ଟାରୁ ୪ଟା ୨୦ ପର୍ଯ୍ୟନ୍ତ ହେଉଛି। ପ୍ରତ୍ୟେକ ସିଫ୍ଟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ୩୦ ମିନିଟ ଦିଆଯିବାର ବ୍ୟବସ୍ଥା ରହିଛି। ତେବେ ମେରିଟ ଲିଷ୍ଟ ପ୍ରକାଶ ତାରିଖ ସମ୍ପର୍କରେ ପରବର୍ତ୍ତୀ ସମୟରେ ସୂଚନା ଦିଆଯିବ। ମେରିଟ ଲିଷ୍ଟରେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ଚୟନ ହୋଇଥିବା ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବେ। ତେବେ ଚଳିତବର୍ଷ ତିନୋଟି ପର୍ଯ୍ୟାୟରେ ନାମଲେଖା ହେବ। ପ୍ରତି ପର୍ଯ୍ୟାୟରେ ୪ ରାଉଣ୍ଡରେ ନାମଲେଖା ହେବ। ଶେଷ ରାଉଣ୍ଡରେ ସ୍ପଟ୍ ନାମଲେଖା କରାଯିବ। ଛାତ୍ରୀଛାତ୍ର ଯେଉଁ ରାଉଣ୍ଡରେ ନାମ ଲେଖାଇବା ନିମନ୍ତେ ଚୟନ ହେବେ ସେହି ପର୍ଯ୍ୟାୟରେ ନାମ ଲେଖାଇବେ। ନଚେତ ପରବର୍ତ୍ତୀ ପର୍ଯ୍ୟାୟରେ ନାମଲେଖା ପ୍ରକ୍ରିୟାରୁ ବାଦ ପଡ଼ିବେ। ସୂଚନାଯୋଗ୍ୟ, ରାଜ୍ୟରେ ପିଜି ନାମଲେଖା ପାଇଁ ମୋଟ ୧୧୬ଟି ଶିକ୍ଷାନୁଷ୍ଠାନରେ ୨୯,୭୩୨ଟି ସିଟ୍ ରହିଛି। ଚଳିତ ବର୍ଷ ଏସବୁ ସିଟ୍‌ରେ ନାମଲେଖା ଲାଗି ଏକକ ପିଜି ପ୍ରବେଶିକା ପରୀକ୍ଷା ଦେବାକୁ ୬୨ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆବେଦନ କରିଥିଲେ।

# 'ଦୀଘା' ଜଗନ୍ନାଥ ଧାମ ନୁହେଁ: ଗଜପତି

ଭୁବନେଶ୍ୱର,୫।୫ (ରବିନାରାୟଣ ଜେନା)

ପଶ୍ଚିମବଙ୍ଗର 'ଦୀଘା'ରେ ନବନିର୍ମିତ ଜଗନ୍ନାଥ ମନ୍ଦିରକୁ ନେଇ ଉପୁଜିଥିବା ବିବାଦରେ ପୁରୀ ଗଜପତି ରାଜା ଦିବ୍ୟସିଂହ ଦେବ ପ୍ରତିକ୍ରିୟା ରଖିଛନ୍ତି।

ସୋମବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଗଜପତି ମହାରାଜା କହିଛନ୍ତି, 'ଦୀଘା'ଜଗନ୍ନାଥ ମନ୍ଦିର 'ଜଗନ୍ନାଥ ଧାମ' ନୁହେଁ। ସେ କହିଛନ୍ତି, ବିଭିନ୍ନ ଗଣମାଧ୍ୟମର ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ପୂର୍ବ ମେଦିନାପୁରର ଦୀଘାରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ତଥା ଜଗନ୍ନାଥ ଧାମ ସାଂସ୍କୃତିକ କେନ୍ଦ୍ର ନାମରେ ନାମିତ କରାଯାଇଛି। ଏହି ପରିପ୍ରେକ୍ଷୀରେ, ଚଳିତମାସ ୩ରେ ଏକ ଚିଠି ମାଧ୍ୟମରେ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ମତାମତ ମାଗିଥିଲୁ, ଯାହାର ଉତ୍ତର ରବିବାର ମିଳିଛି।

ଗଜପତି ମହାରାଜା କହିଛନ୍ତି,କେବଳ ସ୍କନ୍ଦ ପୁରାଣ ନୁହେଁ ବରଂ ବ୍ରହ୍ମ-ପୁରାଣ, ନୀଳାଦ୍ରି ମହୋଦୟ ଏବଂ ଅନ୍ୟାନ୍ୟ ପବିତ୍ର ଓ ପ୍ରାଚୀନ ଶାସ୍ତ୍ରରେ ଶ୍ରୀପୁରୁଷୋତ୍ତମକ୍ଷେତ୍ର ପୁରୀ ହିଁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ପରମ ପବିତ୍ର ଆବିର୍ଭାବ ଓ ଉପାସନା ପୀଠ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି। ସେହିପରି ପଦ୍ମପୁରାଣର ଷଷ୍ଠ ଅଧ୍ୟାୟରେ ଉଲ୍ଲେଖ ଅଛି, କେବଳ ଭଗବାନଙ୍କ ପବିତ୍ର ନିତ୍ୟ ନୀଳୟକୁ ହିଁ 'ଧାମ' ବୋଲି କୁହାଯାଇପାରିବ, ଅନ୍ୟ କୌଣସି ସ୍ଥାନ ନୁହେଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରଗୁଡ଼ିକ ଶ୍ରୀଜଗନ୍ନାଥ ଧାମ(ପୁରୀ) ମୂଳପୀଠର ମହାନ୍ ପ୍ରାଚୀନ ପରମ୍ପରା,ରୀତିନୀତି ଏବଂ ଶାସ୍ତ୍ରୀୟ ସିଦ୍ଧାନ୍ତକୁ ସମ୍ମାନ ଦେବା ସହିତ ଶ୍ରୀମନ୍ଦିର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ନିହାତି ଆବଶ୍ୟକ ବୋଲି ଗଜପତି ଦର୍ଶାଇଛନ୍ତି।

# ଆଇନ ମନ୍ତ୍ରୀଙ୍କୁ ଅନ୍ତରୀଣ ରିପୋର୍ଟ ଦେଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

## ଦୀଘା ଜଗନ୍ନାଥ ମନ୍ଦିର ବିବାଦ ପ୍ରସଙ୍ଗ

- ଧାମ ଓ ମହୋଦଧି ଶବ୍ଦ ହଟାଇବାକୁ ପଶ୍ଚିମବଙ୍ଗ ସରକାରଙ୍କୁ ଖୁବଶୀଘ୍ର ଚିଠି ଲେଖାଯିବ

ଭୁବନେଶ୍ୱର, ୫।୫(ସୁନିତ୍ ମିଶ୍ର)

ଦୀଘା ସ୍ଥିତ ଜଗନ୍ନାଥ ମନ୍ଦିରକୁ ନେଇ ଚାଲିଥିବା ବିବାଦରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଭୀର ଚିନ୍ତା ପ୍ରକଟ କରିବା ସହିତ ଏହି ଘଟଣାରେ ଏକ ଅନ୍ତରୀଣ ରିପୋର୍ଟ ପ୍ରସ୍ତୁତ କରି ଦେବା ଲାଗି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ରିପୋର୍ଟ ପ୍ରସ୍ତୁତ କରିବା ପରେ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ସୋମବାର ମନ୍ତ୍ରୀ ହରିଚନ୍ଦନଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟରେ ଦୀଘାଠାରେ ଜଗନ୍ନାଥଙ୍କ ମନ୍ଦିର ହେବା, ମନ୍ଦିର ନାମକୁ ଜଗନ୍ନାଥ ଧାମ ଲେଖାଯିବା, ଏଠାରୁ ସେବାୟତମାନେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେବା, ବଳକା ଦାରୁ କାଠରେ ପ୍ରତିମା ନିର୍ମାଣ ହେବା ବାବଦରେ ଅନ୍ତରୀଣ କମିଟି ରିପୋର୍ଟ ପ୍ରସ୍ତୁତ କରିଛି। ଉକ୍ତ ରିପୋର୍ଟ ଗ୍ରହଣ କରିବା ପରେ ଆଇନ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ରିପୋର୍ଟ ହସ୍ତଗତ ହୋଇଛି। ମହାରଣା ସେବକ, ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ନିଯୋଗ, ଦଇତାପତି ନିଯୋଗ ଏବଂ ଯେଉଁମାନେ ଦୀଘା ମନ୍ଦିର ଯାଇଥିଲେ ସେମାନଙ୍କୁ ନେଇ ୩ ଦିନ ଧରି ଶ୍ରୀମନ୍ଦିର ପ୍ରଶାସନ ବୈଠକ କରିଛି। ଏହି ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବା ସହିତ ସମ୍ପୂର୍ଣ୍ଣ ଅନୁଧ୍ୟାନ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ଓ ପଦକ୍ଷେପ ଗ୍ରହଣ କରାଯିବ।


ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ତଦନ୍ତ ରିପୋର୍ଟ ପ୍ରଦାନ କରୁଛନ୍ତି।

ସେ ଆହୁରି କହିଛନ୍ତି, ଯେକୌଣସି ସ୍ଥାନରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିବାର ସୁବିଧା ନାହିଁ। ଅନେକ ସ୍ଥାନରେ ନୀତିକାନ୍ତି ନେଇ ତାଳମେଳ ରହୁନାହିଁ। ତେଣୁ ମହାପ୍ରଭୁଙ୍କ ଦୈନନ୍ଦିନ କାର୍ଯ୍ୟ କ'ଣ ରହିବ ଏନେଇ ଶ୍ରୀମନ୍ଦିର ପକ୍ଷରୁ ସବୁ ଜଗନ୍ନାଥ ମନ୍ଦିରକୁ ମାର୍ଗଦର୍ଶିକା ଜାରି ହେବ। ଦେଶରେ କେବଳ ୪ଟି ଧାମ ରହିଛି। ତେଣୁ କେବଳ ପୁରୀ ବ୍ୟତୀତ ଅନ୍ୟ କେଉଁଠି ଧାମ ଶବ୍ଦ ଲେଖାଯାଇପାରିବ ନାହିଁ। ଖୁବ୍‌ଶୀଘ୍ର ପଶ୍ଚିମବଙ୍ଗ ସରକାରଙ୍କୁ ଏନେଇ ପତ୍ର ଲେଖାଯିବ। ଦୀଘା ଠାରେ ମହୋଦଧି ନାଁ କାଟିବାକୁ ମଧ୍ୟ କୁହାଯିବ। ଅନ୍ୟପଟେ ସେବାୟତମାନେ କୌଣସି ସ୍ଥାନକୁ ଯାଇ ସେଠାରେ ପୂଜାର୍ଚ୍ଚନା କରିବାର ବିଧି ନାହିଁ। ରିପୋର୍ଟରୁ ଯାହା ଜଣାପଡିଛି, ବଳକା ଦାରୁ ବାହାରକୁ ଯାଇ ସେଥିରେ ବିଗ୍ରହ ନିର୍ମାଣ ହେବା ସମ୍ଭବ ନୁହେଁ। ଏହା ସମ୍ପୂର୍ଣ୍ଣ ମିଛ। ଦାରୁ ଘର ଭିତରେ କାଠ ସୁରକ୍ଷିତ ଅଛି। ସେ ସମସ୍ତ କାଠ ଦାରୁ ଘରକୁ ଆଣିକି ତା'ର ଗଣତି କରିବା ଲାଗି ୫ ଜଣିଆ କମିଟି ଗଠିତ ହୋଇଛି। ଦଇତାପତି ନିଯୋଗର ସମ୍ପାଦକଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଥିଲା ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ନୋଟିସ୍ ଦିଆଯାଇଥିଲା। କାହିଁକି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ ହେବ ସେନେଇ ୭ ଦିନରେ ରିପୋର୍ଟ ଦେବାକୁ କୁହାଯାଇଛି ବୋଲି ସେ କହିଛନ୍ତି।

# ବସ୍-ହାଇୱା ମୁହାଁମୁହିଁ ଧକ୍କା, ୩୩ରୁ ଊର୍ଦ୍ଧ୍ୱ ଆହତ

ଆନନ୍ଦପୁର/ଠାକୁରମୁଣ୍ଡା, ୫।୫(ସୁଶାନ୍ତ କୁମାର ସାହୁ/ ତାରାକାନ୍ତ ପଟ୍ଟନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର-ଠାକୁରମୁଣ୍ଡା ରାସ୍ତାର ସାତକୋଶିଆ ଘୋଡ଼ାଘାଟି ଛକ ନିକଟରେ ସୋମବାର ପୂର୍ବାହ୍ନରେ ୧୧ଟାରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଗାଡ଼ି ସହ ହାଇୱା ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ୨୩ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ୧୩ ଗୁରୁତର ହୋଇଥିବା ଜଣାପଡ଼ିଛି। ଆହତ, ଗୁରୁତରଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଓ କଟକରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ବସ୍ (ଓଆର୍ ୧୧ ଏଇ ୩୪୬୩)ଟି ଠାକୁରମୁଣ୍ଡାରୁ ନଦା ଆସୁଥିଲା। ଠାକୁରମୁଣ୍ଡା ଅଭିମୁଖେ ଏକ ହାଇୱା (ଜେଏଚ୍ ୦୫ ଟିସି ୨୩୯୫) ଯାଉଥିଲା। ସାତକୋଶିଆ ଘୋଡ଼ାଘାଟି ଛକରେ ହାଇୱା ସହ ମୁଖ୍ୟମନ୍ତ୍ରୀ ବସ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ଡ୍ରାଇଭର ଗାଡ଼ିରେ ଚାପିହୋଇ ରହିଥିଲେ। ବସ୍‌ରେ ୫୦ ଊର୍ଦ୍ଧ୍ୱ ଯାତ୍ରୀ ରହିଥିଲେ। ବସ୍ ଡ୍ରାଇଭର କ୍ଷେତ୍ରମୋହନ ମହାନ୍ତଙ୍କ ସମେତ ୧୩ ଜଣ ଗୁରୁତର ହୋଇଛନ୍ତି।


ଦୁର୍ଘଟଣାଗ୍ରସ୍ତ ବସ୍ ଓ ହାଇୱା।

୨୩ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଆନନ୍ଦପୁର, ଘସିପୁରା ଅଗ୍ନିଶମ ବିଭାଗ ଓ ମହୁଲଡ଼ିହା, ଠାକୁରମୁଣ୍ଡା ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାରକରି ଆନନ୍ଦପୁର ଡାକ୍ତରଖାନାକୁ ପଠାଇଥିଲେ। ରେବତୀ ନାୟକ, ସୁରୁ ସିଂ, ପାନ ଶୁଣ୍ଡି, ବସନ୍ତ ନାୟକ, ବଳରାମ ନାୟକ, କ୍ଷେତ୍ରମୋହନ ମହାନ୍ତ, ବୁଧୁନି ହାଇବୁରୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜେସିବି ସାହାଯ୍ୟରେ ହଟାଯାଇଛି। ଦୁର୍ଘଟଣା ପରେ ପ୍ରାୟ ୧ ଘଣ୍ଟା ଧରି ରାସ୍ତା ଜାମ ହୋଇ ଯାନବାହନ ଚଳାଚଳ ବନ୍ଦ ହୋଇଥିଲା। ଠାକୁରମୁଣ୍ଡା ବିଡିଓ, ତହସିଲଦାର, କରଞ୍ଜିଆ ପିଏଆଇଟିଡିଏ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତ ଗୁରୁତରଙ୍କ ଅବସ୍ଥା ପଚାରି ବୁଝିଥିଲେ।

# ୬ ସାଙ୍ଗଠନିକ ଜିଲା ସଭାପତି ନାଁ ଘୋଷଣା କଲା ବିଜେଡି

- ପ୍ରକାଶ ପାଇଲା ଫ୍ରଣ୍ଟାଲ ୱିଙ୍ଗ୍‌ସ, ଷ୍ଟେଟ୍ ଅଫିସ୍ ବିଅରର୍, ପଛୁଆ ବର୍ଗ, ସଂଖ୍ୟାଲଘୁ ସେଲ୍ ତାଲିକା
- ବିଜେଡି ରାଜନୈତିକ ବ୍ୟାପାର କମିଟି ଅଧ୍ୟକ୍ଷ ନବୀନ, ମୋଟ୍ ୧୦ ସଦସ୍ୟ ରହିଲେ

ଭୁବନେଶ୍ୱର, ୫।୫(ସୁନିତ୍ ମିଶ୍ର)

ବିଜେଡି ପକ୍ଷରୁ ଆଉ ୬ ଜିଲାର ସଭାପତିଙ୍କ ନାଁ ଘୋଷଣା କରାଯାଇଛି। ପୂର୍ବରୁ ୧୮ ଜିଲାର ସଭାପତିଙ୍କ ନାଁ ଘୋଷଣା କରାଯାଇସାରିଥିଲା। ଏବେ ମୋଟ୍ ୨୪ ଜିଲାର ସଭାପତିଙ୍କ ନାଁ ଘୋଷଣା ସମ୍ପୂର୍ଣ୍ଣ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଜ ଜିଲା କେନ୍ଦୁଝରରେ ଆଶିଷ ଚକ୍ରବର୍ତ୍ତୀଙ୍କୁ ଦଳ ସଭାପତି କରିଛି। ସେହିପରି ଭୁବନେଶ୍ୱର ଜିଲା ସଭାପତି ଭାବେ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ତାଙ୍କୁ ବଦଳାଯାଇଛି। ରାଉରକେଲାରେ ପ୍ରଦ୍ୟୁମ୍ନ ତ୍ରିପାଠୀ, ମୟୂରଭଞ୍ଜ-୨ରେ ଦେବାଶିଷ ମାରାଣ୍ଡି, ସମ୍ବଲପୁରରେ ରୋହିତ ପୂଜାରୀ ଏବଂ ବଲାଙ୍ଗୀରରେ ସରୋଜ କୁମାର ମେହେରଙ୍କୁ ଦଳ ଜିଲା ସଭାପତି ଭାବେ ନିଯୁକ୍ତ କରିଛି। ପୂର୍ବରୁ ଏହି ୬ ସାଙ୍ଗଠନିକ ଜିଲାରେ ଯେଉଁମାନେ ଦାୟିତ୍ୱରେ ଥିଲେ ସେମାନଙ୍କୁ ପରିବର୍ତ୍ତନ କରାଯାଇଛି। ମୋଟ୍ ୨୪ଟି ସାଙ୍ଗଠନିକ ଜିଲାର ସଭାପତିଙ୍କ ନାଁ ଘୋଷଣା ସରିଥିବା ବେଳେ ଆଉ ୯ଟି ଜିଲାର ସଭାପତି ଚୟନ ଏଯାଏଁ ବାକି ରହିଛି। ସେହିପରି ଦଳ ପକ୍ଷରୁ ଫ୍ରଣ୍ଟାଲ ୱିଙ୍ଗ୍‌ସ, ଷ୍ଟେଟ୍ ଅଫିସ ବିଅରର୍, ପଲିଟିକାଲ ଆଫେୟାର୍ସ କମିଟି, ପଛୁଆ ବର୍ଗ ସେଲ୍ ଏବଂ ଦଳର ସଂଖ୍ୟାଲଘୁ ସେଲ୍‌ର ଦାୟିତ୍ୱ ବଣ୍ଟନ ନେଇ ନେଇ ଘୋଷଣା କରାଯାଇଛି।

ଦଳ ପକ୍ଷରୁ ଏହି ସାଙ୍ଗଠନିକ ଦାୟିତ୍ୱ ବଣ୍ଟନ ବହୁ ଭାବିଚିନ୍ତି କରାଯାଇଥିବା ଦେଖିବାକୁ ମିଳିଛି। ତାଲିକାଗୁଡିକରେ ବହୁ ବରିଷ୍ଠ ନେତାଙ୍କୁ ସନ୍ତୁଷ୍ଟ କିରିବାକୁ ଚେଷ୍ଟା କରାଯାଇଛି। ଦଳ ପକ୍ଷରୁ କୃଷକ ଜନତା ଦଳର ବରିଷ୍ଠ ଉପସଭାପତି ଭାବେ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଦାୟିତ୍ୱ ମିଳିଛି। ସେହିପରି ଆଞ୍ଚଳିକ ବିକାଶ ମୋର୍ଚ୍ଚାର ବରିଷ୍ଠ ଉପସଭାପତି ଭାବେ ଅନଙ୍ଗ ଉଦୟ ସିଂଦେଓ, ସମବାୟ ମୋର୍ଚ୍ଚା ବରିଷ୍ଠ ଉପସଭାପତି ଭାବେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଶିକ୍ଷା ଓ ଶିକ୍ଷକ ମୋର୍ଚ୍ଚା ବରିଷ୍ଠ ଉପସଭାପତି ଭାବେ ବଦ୍ରି ନାରାୟଣ ପାତ୍ର, ଆଦିବାସୀ ମୋର୍ଚ୍ଚାର ବରିଷ୍ଠ ଉପସଭାପତି ଭାବେ ମଙ୍ଗଳା କିଷାନ, ଓବିସି ମୋର୍ଚ୍ଚା ଉପସଭାପତି ଭାବେ ବିଧାୟକ ଅରୁଣ କୁମାର ସାହୁ, ବରିଷ୍ଠ ନାଗରିକ ମୋର୍ଚ୍ଚା ଉପସଭାପତି ଭାବେ ଦେବାଶିଷ ସାମନ୍ତରାୟ, ଏସ୍‌ସି ସେଲ୍ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ମହେଶ ସାହୁ ଏବଂ ବିଜେଡି ଆଇଟି ସେଲ୍ ଏବଂ ସାମାଜିକ ଗଣମାଧ୍ୟମ ସେଲ୍ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ଅମର ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ଦଳର ଷ୍ଟେଟ୍ ଅଫିସ୍ ବିଅରର୍ ଭାବେ ମୋଟ୍ ୭୧ ଜଣଙ୍କୁ ରଖାଯାଇଛି। ଏହି କମିଟିର ବରିଷ୍ଠ ଉପସଭାପତି ମୁଖ୍ୟାଳୟ ଭାବେ ଦେବୀ ପ୍ରସାଦ ମିଶ୍ରଙ୍କୁ ରଖାଯାଇଛି। ସେହିପରି ଉପ ସଭାପତି ମୁଖ୍ୟାଳୟ ଭାବେ ପ୍ରତାପ ଜେନା ଦାୟିତ୍ୱ ପାଇଛନ୍ତି। ଏହି କମିଟିରେ ୭ ଜଣ ବରିଷ୍ଠ ଉପସଭାପତି, ୮ ଜଣ ଉପସଭାପତି ଏବଂ ଜଣେ ଟ୍ରେଜେରର, ୧୯ ଜଣ ବରିଷ୍ଠ ସାଧାରଣ ସମ୍ପାଦକ ଏବଂ ୩୪ ଜଣଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି।

ସେହିପରି ବିଜେଡି ରାଜନୈତିକ ବ୍ୟାପାର କମିଟି ମଧ୍ୟ ଗଠନ କରିଛି। ଏଥିରେ ମୋଟ୍ ୧୦ ଜଣ ସଦସ୍ୟ ରହିଛନ୍ତି। କମିଟିର ଅଧ୍ୟକ୍ଷ ଭାବେ ଦଳର ସଭାପତି ନବୀନ ପଟ୍ଟନାୟକ ରହିଥିବା ବେଳେ ସଦସ୍ୟ ଭାବେ ବିକ୍ରମ କେଶରୀ ଆରୁଖ, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ସଞ୍ଜୟ କୁମାର ଦାସବର୍ମା, ପ୍ରଣବ ପ୍ରକାଶ ଦାସ, ସୁଦାମ ମାରାଣ୍ଡି, ଟୁକୁନି ସାହୁ, ସସ୍ମିତ ପାତ୍ର ଏବଂ ସଂତୃପ୍ତ ମିଶ୍ର ରହିଛନ୍ତି। ସେହିପରି ଦଳ ସଂଖ୍ୟାଲଘୁ ସେଲ୍‌ର ଆବାହକ ଭାବେ ଦିଲୀପ ତିର୍କୀ, ସହ ଆବାହକ ଭାବେ ରିଜୱାନ୍ ବେଗମ, ଦକ୍ଷିଣାଞ୍ଚଳ ସଂଯୋଜକ ଭାବେ ମୁଜିବୁଲ୍ଲା ଖାନ୍, ପଶ୍ଚିମାଞ୍ଚଳରେ ସଂଯୋଜକ ଭାବେ ଆୟୁବ ଖାନ୍ ଏବଂ ମଧ୍ୟାଞ୍ଚଳ ସଂଯୋଜକ ଭାବେ ଏସ୍.କେ. ନିଜାମୁଦ୍ଦିନ୍‌ଙ୍କୁ ନବୀନ ଦାୟିତ୍ୱ ଦେଇଛନ୍ତି।

ତେବେ ଏଯାଏ ଦଳ ତା'ର ଛାତ୍ର, ଯୁବ ଏବଂ ମହିଳା ସଙ୍ଗଠନର ସଭାପତି ଓ କମିଟି ଘୋଷଣା କରିନାହିଁ। ଆହୁରି ୯ଟି ସାଙ୍ଗଠନିକ ଜିଲାର ସଭାପତି ପଦ ମଧ୍ୟ ଖାଲି ପଡିଛି। ଦଳ ସବୁ ଫ୍ରଣ୍ଟାଲ ସେଲ୍‌ଗୁଡିକର ସଭାପତି ପଦରେ କାହାକୁ ବସାଇବ ନା ନାହିଁ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଶ୍ୱ ଥାଲାସେମିଆ ଦିବସ, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ, ୟୁନିଟ୍-୪, ସମୟ: ପୂର୍ବାହ୍ନ ୧୦ଟା ୩୦।
- 'ଯୁଗ ପ୍ରବର୍ତ୍ତକ' ବିଷୁବ ସଂଖ୍ୟା-୨୦୨୫ର ଶୁଭ ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା ୩୦।
- ପ୍ରତିମା ପୁରସ୍କାର ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଉତ୍କଳ ସାହିତ୍ୟ ସମାଜ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ ସମାରୋହ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ବୈଶାଖୀ ମହୋତ୍ସବ ଓ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଦୁଧହଂସା, ବସ୍ତା, ସମୟ: ଦିବସବ୍ୟାପୀ।
- ସ୍ୱାଭିମାନ ବାଲିଆପାଳିଆ ମଞ୍ଚ ପକ୍ଷରୁ ଆମରଣ ଅନଶନ.ସ୍ଥାନ: ଇଡ୍‌କୋ ହସ୍ପିଟାଲରେ ପରିସର, ବାଲିଆପାଳ,ସମୟ:ପୂର୍ବାହ୍ନ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ସତ୍ୟ ନାରାୟଣ ମନ୍ଦିର ହଲ, ଜଳେଶ୍ୱର,ସମୟ: ପୂର୍ବାହ୍ନ ୯ଟା।
- ସିଦ୍ଧେଶ୍ୱର (ବୁଢ଼ା ମହାଦେବ)ଙ୍କର ଘଟ ଉତ୍ତୋଳନ କାର୍ଯ୍ୟକ୍ରମ,ସ୍ଥାନ: ପଞ୍ଚଘୁଣ୍ଟା, ଜଳେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ମା ବାସୁଳୀଙ୍କ ବୈଶାଖୀ ଉତ୍ସବ ଶୁଭାରମ୍ଭ,ସ୍ଥାନ: ବାସୁଳି ପଡ଼ିଆ, ଭୋଗରାଇ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ମନ୍ତ୍ରୀଙ୍କ ଜନଶୁଣାଣି ଶିବିର, ସ୍ଥାନ: ରଇପୁର, ଧାମନଗର, ସମୟ: ସକାଳ ୮ଟା।
- ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କାଞ୍ଜିଆପାଟ, ତିହିଡ଼ି, ସମୟ: ସକାଳ ୯ଟା।
- ମା' ଯୋଗେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ, ସ୍ଥାନ: ରତାଙ୍ଗ, ବାସୁଦେବପୁର, ସମୟ: ସକାଳ ୯ଟା।
- ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସାରଣା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ମାଟ୍ରିକ୍‌ରେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ହରେକୃଷ୍ଣ ସଦ୍‌ଭାବନା ଗୃହ, ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜଳସେଚନ ବଙ୍ଗଳା, ଭଦ୍ରକ ବାଇପାସ୍, ସମୟ: ମଧ୍ୟାହ୍ନ ୧୨ଟା।
- ଜଗବନ୍ଧୁ ମେମୋରିଆଲ ଆନ୍ତଃ ରାଜ୍ୟ ଫୁଟ୍‌ବଲ ମ୍ୟାଚ୍‌ର ୨ୟ ଦିବସ, ସ୍ଥାନ: ଏବି ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- 'ଆମେ-୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ଗ୍ରାମ କଣ୍ଠ ପଞ୍ଚା ବଣ୍ଟନ, ସ୍ଥାନ: ସଂସ୍କୃତି ଭବନ ହିଲପାଟଣା, ସମୟ: ସକାଳ ୯ଟା।

## ଗଜପତି
- ରାଜ୍ୟସ୍ତରୀୟ ପାରଳା ନାଟକ ମୋହତ୍ସବ ଉଦ୍‌ଯାପିତ, ସ୍ଥାନ: ନଗର ଭବନ, ସମୟ ସନ୍ଧ୍ୟା ୭ ଟା।

## ଢେଙ୍କାନାଳ
- କଂଗ୍ରେସ ପକ୍ଷରୁ ସମ୍ବିଧାନ ସୁରକ୍ଷା ଅଭିଯାନ, ସ୍ଥାନ: ଢେଙ୍କାନାଳ ବାଜିଚୌକ, ସମୟ: ଅପରାହ୍ନ ସାଢ଼େ ୪ଟା।
- ପିସିସି ସଭାପତିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ, ସମୟ: ସନ୍ଧ୍ୟା ସାଢ଼େ ୭ଟା।

## ଅନୁଗୋଳ
- କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ପୂର୍ବାହ୍ନ ୧୧ ଘଟିକା।

## କେନ୍ଦ୍ରାପଡ଼ା
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ହରିଦାସପୁର, ବେତାରୀ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।
- ମା' ମହିପାଳିନୀ ମନ୍ଦିରର ବାର୍ଷିକ ଉତ୍ସବ ଓ ରାମଚରିତ ମାନସ ପାରାୟଣ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା' କନ୍ତେଇ ଠାକୁରାଣୀ ପୀଠ, ବାଙ୍କମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ମା' ମଙ୍ଗଳା ମନ୍ଦିରର ୧୩ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଭିକିପୁର ମନ୍ଦିର ପରିସର, ସମୟ : ସକାଳ ୬ଟା।

## ନୟାଗଡ଼
- ଚତ୍ରୁର୍ଥରେ ଚନ୍ଦନଯାତ୍ରା ସପ୍ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ସପ୍ତମ ଦିବସ, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ସପ୍ତମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ସପ୍ତମ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ସପ୍ତମ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ ମହୋତ୍ସବର ସପ୍ତମ ଦିବସ, ସ୍ଥାନ: ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ସାଢ଼େ ୭ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ଗୋବିନ୍ଦପୁର ବିଜେ ସୋମନାଥ ଦେବଙ୍କ ପୀଠ, ସମୟ: ଭୋର ୫ଟା।
- ସମୂହ ମାତୃମଣ୍ଡଳୀର ବାର୍ଷିକ ମେଳଣ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋପିନାଥପୁର ଶୁଳିଆ ପାହାଡ ପାଦଦେଶ ଶୁଳିଆ ଠାକୁରାଣୀ, ସମୟ: ପ୍ରାତଃ ୫ଟା।

## ରାୟଗଡ଼ା
- ଖିଲାମଣ୍ଡା ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପଦ୍ମପୁର ପାଖ ଲାଉଗୁଡା ଗ୍ରାମ, ସମୟ: ସକାଳ ୭ଟା।
- ନୂତନ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## ନବରଙ୍ଗପୁର
- ଆଗୁଆ ସାର ଯୋଗାଣ ନେଇ ସମୀକ୍ଷା, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ରାଜ୍ୟ ୭ଥ ବ୍ରଡ୍ ବ୍ୟାଣ୍ଡ କମିଟିର ବୈଠକ, ସ୍ଥାନ: ଓସ୍ୱାନ ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।

## ବଲାଙ୍ଗୀର
- ଜିଲାସ୍ତରୀୟ ଅସୀଚାଳନା ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର ସମୟ: ସକାଳ ୬ଟା।

## ରାଉରକେଲା
- ଗାୟତ୍ରୀ ପୀଠରେ ସାମୂହିକ ହୋମଯଜ୍ଞ, ସ୍ଥାନ: ସେକ୍ଟର-୨, ସମୟ: ସକାଳ ୬ଟା ୩୦।
- ନାଟ୍ୟବନ୍ଧୁ ଅଶୋକ ବଳଙ୍କ ଶେଷଦର୍ଶନ, ସ୍ଥାନ: ସେକ୍ଟର-୫ ଭଞ୍ଜଭବନ, ସମୟ: ସକାଳ ୯ଟା।
- ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ତାରିଣୀ ମନ୍ଦିର ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଅସୀମ ପ୍ରେମ ଅନୁଷ୍ଠାନ ପକ୍ଷରୁ ଜଳସେବା, ସ୍ଥାନ: ସେକ୍ଟର-୨ ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବହୁଭାଷୀ ନାଟ୍ୟ ମହୋତ୍ସବର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର- -୧୫, ସମୟ: ପୂର୍ବାହ୍ନ ୧୧ଟା।
- କଳ୍ପତରୁ ଆଶ୍ରମରେ ଶ୍ରୀମଦ୍ ଭଗବତ୍ ଗୀତା ପାରାୟଣ, ସ୍ଥାନ: ବାସନ୍ତୀ କଲୋନି ଆଶ୍ରମ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବରଗଡ଼
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧିଛକ, ବରଗଡ଼, ସମୟ:ସକାଳ ୮ଟା।

## ବୌଦ୍ଧ
- ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ବୌଦ୍ଧ, ସମୟ: ୧୦ଟା ୩୦।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର,ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ସୋସେଙ୍ଗ ପଞ୍ଚାୟତ ଦେଓସିଲ ଗାଁ, ସମୟ: ପ୍ରାତଃ ୫ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: ସିନାପାଲି ବ୍ଲକ କରନବାହାଲି ପଞ୍ଚାୟତ କୁଳିଆଡୋଙ୍ଗରୀ ଗାଁ, ସମୟ: ପ୍ରାତଃ ୪ଟା ୩୦।

# ଅନ୍‌ଲାଇନ୍‌ରେ ଉପଲବ୍ଧ ହେଲା ମାଟ୍ରିକ୍ ସାର୍ଟିଫିକେଟ

**କଟକ,୫।୫(କାର୍ତ୍ତିକ ସାହୁ)**

ଚଳିତ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ପରୀକ୍ଷାର୍ଥୀମାନଙ୍କୁ ଅନ୍‌ଲାଇନ୍‌ରେ ଡିଜିଟାଇଜ୍‌ଡ ସାର୍ଟିଫିକେଟ ସୋମବାରଠାରୁ ଉପଲବ୍ଧ କରାଯାଇଛି। ଏଥିସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷାର କୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ ମଧ୍ୟ ସେମାନଙ୍କ ସାର୍ଟିଫିକେଟ ଅନ୍‌ଲାଇନ୍‌ରୁ ଡାଉନ୍‌ଲୋଡ୍ କରିପାରିବେ। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୱେବସାଇଟ୍ www.bseodisha.ac.inରେ ପ୍ରଦତ୍ତ ଲିଙ୍କ୍‌ରୁ ସାର୍ଟିଫିକେଟ୍ ଡାଉନଲୋଡ୍ କରିବାର ବ୍ୟବସ୍ଥା ହୋଇଛି। ସେଥିରେ ପରୀକ୍ଷାର ନାମ, ବର୍ଷ, ଜନ୍ମ ତାରିଖ, ରୋଲ ନମ୍ବର ଓ ମୋବାଇଲ ନମ୍ବର ଲେଖିବା ପରେ ମୋବାଇଲକୁ ଓଟିପି ଆସିବ। ଓଟିପି ପୂରଣ କରିବା ପରେ ସାର୍ଟିଫିକେଟ ଡାଉନ୍‌ଲୋଡ୍ ହୋଇଯିବ। ଚଳିତ ମାସ ୨ ତାରିଖ ଅପରାହ୍ନରେ ପରୀକ୍ଷାଫଳ ପ୍ରକାଶ ପରେ ୭୨ ଘଣ୍ଟା ମଧ୍ୟରେ ଅନ୍‌ଲାଇନ୍‌ରେ ସାର୍ଟିଫିକେଟ ଉପଲବ୍ଧ ହେବ ବୋଲି ଘୋଷଣା କରାଯାଇଥିଲା। ତେବେ ପରୀକ୍ଷାର୍ଥୀମାନେ ଫଳ ପ୍ରକାଶନର ୭ ଦିନ ମଧ୍ୟରେ ଦେୟମୁକ୍ତ ଭାବେ ଅନ୍‌ଲାଇନ୍‌ରୁ ସାର୍ଟିଫିକେଟ ଡାଉନଲୋଡ୍ କରିପାରିବେ। ଏହି ସମୟ ପରେ ଏଥିପାଇଁ ଦେୟ ଦେବାକୁ ପଡ଼ିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# କଠୋର କାର୍ଯ୍ୟାନୁଷ୍ଠାନର ଅନ୍ତରୀଣ ରହିତାଦେଶ ବଳବତ୍ତର

**ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲା**

**କଟକ,୫।୫(କାର୍ତ୍ତିକ ସାହୁ)**


ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ହାଇକୋର୍ଟ ଲଗାଇଥିବା ରୋକ୍ ବଳବତ୍ତର ରହିଛି। ସୋମବାର ମାମଲାର ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଥିବା ବେଳେ ହାଇକୋର୍ଟର ବିଚାରପତି ଏସ୍. କେ. ପାଣିଗ୍ରାହୀ ମାମଲାର ଶୁଣାଣିକୁ ମେ ୭ ତାରିଖ ଯାଏ ଘୁଞ୍ଚାଇ ଦେଇଛନ୍ତି। ସେ ପର୍ଯ୍ୟନ୍ତ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ। ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ୭ ତାରିଖକୁ ଧାର୍ଯ୍ୟ ହୋଇଛି।

# ଫୁସଫୁସ୍‌ଜନିତ ସମସ୍ୟାର ସମାଧାନ 'ପତଞ୍ଜଳି ବ୍ରୋଙ୍କୋମ୍'

**ଭୁବନେଶ୍ୱର,୫।୫ (ଅନୁରାଧା ମହାରଣା)**




ପ୍ଲାଷ୍ଟିକ୍ ବ୍ୟବହାର କାରଣରୁ ବର୍ତ୍ତମାନ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ମାଇକ୍ରୋପ୍ଲାଷ୍ଟିକର କ୍ଷୁଦ୍ର କଣିକା ଫୁସ୍‌ଫୁସ୍‌ଜନିତ ରୋଗ ସୃଷ୍ଟି କରୁଛି। ଏପରି ସମସ୍ୟାର ସମାଧାନ ପାଇଁ ପତଞ୍ଜଳିର ଆୟୁର୍ବେଦିକ ଔଷଧ 'ବ୍ରୋଙ୍କୋମ' ବେଶ୍ ସହାୟକ ହେଉଛି। ଆଚାର୍ଯ୍ୟ ବାଳକୃଷ୍ଣ ଏହି ସୂଚନା ପ୍ରଦାନ କରି କହିଛନ୍ତି, ମାନବ ଶରୀରରେ ଫୁସ୍‌ଫୁସ୍‌ରେ ପୋଡ଼ାଜଳା ଓ ଫୁଲା ସମସ୍ୟା ହେଉଥିଲେ ବ୍ରୋଙ୍କୋମ ସେବନ ଦ୍ୱାରା ଏଥିରୁ ଉପଶମ ମିଳିଥାଏ। ପତଞ୍ଜଳି ବୈଜ୍ଞାନିକମାନେ ମୂଷା ଉପରେ ଏହି ଔଷଧର ସଫଳ ପରୀକ୍ଷଣ ପରେ ଏହାକୁ ବଜାରରେ ଉପଲବ୍ଧ କରାଯାଇଛି। ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ଉପାଧ୍ୟକ୍ଷ ତଥା ବୈଜ୍ଞାନିକ ଡା. ଅନୁରାଗ ବାର୍ଷ୍ଣେୟ କହିଛନ୍ତି, ସନାତନ ଜ୍ଞାନ ଏବଂ ଆଧୁନିକ ବିଜ୍ଞାନର ସଙ୍ଗମ ସମଗ୍ର ବିଶ୍ୱକୁ ନିରୋଗ ରଖିବାରେ ସହାୟକ ହେବ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧାନ ପଶିଲା, ଜର ଆଣିଲା,**
**ମୋ କତରା କାହିଁ ?**
**ଭାତ ଫୁଟିଲା, ଜର ତୁଟିଲା,**
**ମୋ ପଥୁରି କାହିଁ ?**

କାମ କରିବାକୁ କହିଲେ ଅନେକେ ଦେହ ଖରାପ ଥିବା ନେଇ ନାନା ବାହାନା ଦେଖାଇଥାନ୍ତି। କାମଦାମ କଲାବେଳକୁ ଜରର ଛଳନା ଓ ଭାତ ଖାଇବା ବେଳକୁ ଜର ଛାଡିଯିବା ଭଳି ତୁଚ୍ଛା ବାହାନା କରୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧାଈ ଆଗରେ ପେଟ ଲୁଚାଇବା।**

ସାଧାରଣତଃ ଅଭିଜ୍ଞ ବ୍ୟକ୍ତିଙ୍କ ପାଖରେ କୌଣସି ଖବର ଗୁପ୍ତ ହୋଇ ରହିପାରେ ନାହିଁ। ଏଭଳି ବ୍ୟକ୍ତିଙ୍କ ଆଖିରେ ଧୂଳି ପକାଇବା ଅତ୍ୟନ୍ତ କାଠିକର ପାଠ ହୋଇଥିବା ବେଳେ ଏପରି କରାଯାଉଥିବା ଅପଚେଷ୍ଟା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଜ୍‌ମା ପ୍ରତି ସତର୍କତା ଜରୁରୀ




ଶ୍ୱାସକ୍ରିୟା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା। ଏହାଦ୍ୱାରା ଆମେ ବାୟୁମଣ୍ଡଳରେ ଥିବା ବାୟୁକୁ ପ୍ରଶ୍ୱାସରେ ନେଇ ସେଥିରୁ ଅମ୍ଳଜାନ ଆହରଣକରି ଶରୀରରେ ସୃଷ୍ଟି ହେଉଥିବା ଅଦରକାରୀ ଅଙ୍ଗାରକାମ୍ଳକୁ ବାହାରକୁ ନିଃଶ୍ୱାସ ମାଧ୍ୟମରେ ଛାଡ଼ିଥାଉ। ଏଠାରେ ଉଲ୍ଲେଖଯୋଗ୍ୟ, ପ୍ରଶ୍ୱାସ ବା ବାୟୁ ଆହରଣ ଏକ ବଳଯୁକ୍ତ କାର୍ଯ୍ୟ ମାତ୍ର ନିଃଶ୍ୱାସ ଯେଉଁଥିରେ ଆମେ ଲଙ୍ଗସ (ଫୁସ୍‌ଫୁସ୍)ରୁ ବାୟୁ ବାହାରକୁ ଛାଡ଼ିଥାଉ ତାହା ପାଇଁ ବଳ ଖର୍ଚ୍ଚ କରିବାକୁ ପଡ଼ି ନ ଥାଏ। ଶ୍ୱାସ ବା ବ୍ରୋଙ୍କିଆଲ୍ ଆଜ୍‌ମା ହେଉଛି ଏପରି ଏକ ରୋଗ ଯେଉଁଥିରେ ରୋଗୀକୁ ଶ୍ୱାସକ୍ରିୟା କରିବାରେ କଷ୍ଟ ହୋଇଥାଏ। ଏହା ଆମର ଶ୍ୱାସନଳୀର ସଙ୍କୋଚନ ଯୋଗୁ ହୋଇଥାଏ ଓ ସେଥିପାଇଁ ଶ୍ୱାସରୋଗୀ ପ୍ରଶ୍ୱାସ ନେବା ଏବଂ ନିଃଶ୍ୱାସ ଛାଡ଼ିବା ବେଳେ ବଂଶୀବାଜିବା ପରି ଶବ୍ଦ ବାହାରିଥାଏ। ଆଜ୍‌ମାର ଦୁଇଟି ମୁଖ୍ୟ କାରଣ ହେଲା-ଶ୍ୱାସନଳୀ ସଙ୍କୋଚନ ଏବଂ ଏହା ଉପରେ ସଂକ୍ରମଣ। ସାଧାରଣତଃ ପ୍ରଥମଟି ଆଲର୍ଜି ବା ହାଇପର ସେନ୍‌ସିଟିଭ ଯୋଗୁ ହୋଇଥାଏ। ଏଣୁ ଏହାର ଚିକିତ୍ସା ପାଇଁ ଆଣ୍ଟିହିଷ୍ଟାମିନ୍ ଯଥା ସେଟ୍ରିଜିନ୍, ଲିଭୋସେଟ୍ରିଜିନ୍, ମଣ୍ଟେଲୁକାଷ୍ଟ, ଫେକ୍ସୋଫେନାଡନ୍ ଇତ୍ୟାଦି ଔଷଧ ବ୍ୟବହାର କରାଯାଏ। ସାଲବ୍ୟୁଟାମଲ ଓ ଟର୍ବୋଟେଲିନ୍ ପରି ଶ୍ୱାସନଳୀ ପ୍ରସାରକ ଔଷଧ ଇନ୍‌ହେଲର, ତରଳ ଅଥବା ଟାବ୍‌ଲେଟ ଆକାରରେ ବ୍ୟବହାର କରାଯାଏ। ଏହି ରୋଗ ଅତ୍ୟଧିକ ହେଲେ ଇନ୍‌ହେଲର ଷ୍ଟିରଏଡ୍ ଇଞ୍ଜେକସନ୍ ଆକାରରେ ମଧ୍ୟ ଦିଆଯାଏ। ଅତି ଗୁରୁତର ହେଲେ ହସ୍ପିଟାଲରେ ରହି ଆଇସିୟୁରେ ଚିକିତ୍ସା ହେବାକୁ ପଡ଼ିଥାଏ। ଅକ୍ସିଜେନ୍ ଓ ଭେଣ୍ଟିଲେଟରର ଆବଶ୍ୟକତା ପଡ଼େ। ଶ୍ୱାସରୋଗ ପାଇଁ ସତର୍କ ରହିବା ବିଧେୟ। ଏହି ରୋଗୀମାନେ ଜାଣିବା ଉଚିତ ଯେ ତାଙ୍କର କ'ଣ ଆଲର୍ଜି ରହିଛି। ଫୁଲରେଣୁ, ଗୁଣ୍ଡ, ଧୂଳିଧୂଆଁ, ଚିଙ୍ଗୁଡ଼ି, ଅଣ୍ଡା, କେତେକ ରଙ୍ଗ, ଅବିର ଏବଂ ଆହୁରି ଅନେକ ଜିନିଷ ଆଲର୍ଜି କରିଥାଏ। ଦରଜ ହ୍ରାସକାରୀ ଔଷଧ ଏବଂ ଆସ୍ପିରିନ୍‌ରୁ ମଧ୍ୟ ଆଲର୍ଜି ହେବାର ଆଶଙ୍କା ରହିଛି। ତେଣୁ ଏଭଳି ଆଲର୍ଜିଠାରୁ ଦୂରେଇରହିବା ଭଲ। ତା'ସହ ଆଇସ୍‌କ୍ରିମ, ଥଣ୍ଡା ପାନୀୟ, ଥଣ୍ଡା ପାଣି ଇତ୍ୟାଦି ନ ଖାଇବା ଭଲ। ଏଥିରୁ ଉପଶମ ପାଇବା ଲାଗି ଶ୍ୱାସପ୍ରଶ୍ୱାସର ପ୍ରାଣାୟାମ ଏବଂ ସକାଳେ ଏବଂ ସନ୍ଧ୍ୟାରେ ଶଙ୍ଖ ଫୁଙ୍କିବା ମଧ୍ୟ ଏକ ଉତ୍ତମ ବ୍ୟାୟାମ। ଉଷୁମ ଖାଦ୍ୟ ଖାଇବା ସହ ଚା' ଏବଂ କଫି ପିଇପାରନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପ୍ରକାର ଷ୍ଟିରଏଡ୍ ବ୍ୟବହାର କରିବା ଉଚିତ ନୁହେଁ।

**- ଡା. ରାମଚନ୍ଦ୍ର ରାଉତ,**
ବରିଷ୍ଠ ଚିକିତ୍ସକ

### ଏ ବର୍ଷର ବାର୍ତ୍ତା

ମେ' ୬ ତାରିଖରେ ପାଳିତ ହେଉଛି 'ବିଶ୍ୱ ଆଜ୍‌ମା ଦିବସ'। ଆଜ୍‌ମା ଏଭଳି ଏକ ସମସ୍ୟା ଯେଉଁଥିଲାଗି ବେଶ୍ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ଏହି ଦିବସ ଅବସରରେ ଚଳିତ ବର୍ଷର ବାର୍ତ୍ତା ରହିଛି-'ସମସ୍ତଙ୍କ ପାଇଁ ଇନ୍‌ହେଲଡ୍ ଚିକିତ୍ସା ଉପଲବ୍ଧ କରିବା।' ଚଳିତ ବର୍ଷ




ଉକ୍ତ ଦିବସ ପାଳନ ଅବସରରେ ଏହା ଉପରେ ଅଧିକ ଗୁରୁତ୍ୱ ଦେବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ) ପକ୍ଷରୁ ସୂଚନା ଦିଆଯାଇଛି। ଏହି ରୋଗର କାରଣ ବିଷୟରେ ଅବଗତ ହେବା ମାତ୍ରେ ତାହାର ଉପଯୁକ୍ତ ଚିକିତ୍ସା କରାଇନେବା ଦରକାର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣଙ୍କ ଦୈହିକ ଓ ଆତ୍ମବଳଯୁକ୍ତ କାରଣରୁ ପାରିବାରିକ, ପରିବହନ, ନିର୍ମାଣକାର୍ଯ୍ୟ ଭଲରେ ଚାଲିବ। ଆନୁଷ୍ଠାନିକ ଆଲୋଚନାରେ ସଫଳତା ଲାଭ କରିବାରେ ଅସୁବିଧା ହେବନାହିଁ। ଆତ୍ମୀୟଙ୍କ ଆରୋଗ୍ୟ ଲାଭ ପାଇଁ ଚିନ୍ତା ବଢ଼ିପାରେ। ନିଜର ଇଚ୍ଛା ବିରୋଧରେ କୌଣସି କାମକରି ଅନୁତାପ କରିବାକୁ ପଡ଼ିପାରେ।

**ବୃଷ** ଧୈର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କରି କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା ସାମାଜିକ ଜୀବନକୁ ରଦ୍ଧିମନ୍ତ କରିବ। ବାହାର ଲୋକଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ସାଙ୍ଗସାଥୀମାନଙ୍କ ସହ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମିଥୁନ** ଅନ୍ୟମନସ୍କ କିମ୍ବା ଅସାବଧାନତାରୁ ମୂଲ୍ୟବାନ୍ ଦ୍ରବ୍ୟ ହଜିଯିବା କିମ୍ବା ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହୋଇପାରନ୍ତି। ବିଳାସକାରକ ଶୁକ୍ର ପ୍ରଭାବରୁ ସବୁ କଥା ଓ କାମ ପଛକୁ ପକାଇ ଖୁସି ମିଜାଜରେ କାମ କରିବେ। ମନରେ ବିଭିନ୍ନ କଳ୍ପନାର ରଙ୍ଗିନ ପ୍ରତିଛବି ଉଙ୍କିମାରିପାରେ। ବ୍ୟବସାୟକୁ ନୂତନ ରୂପଦେବାକୁ ବନ୍ଧୁଙ୍କ ସହ ଯୋଗାଯୋଗ କରିପାରନ୍ତି।

**କର୍କଟ** ଅସଜଡ଼ା କାମକୁ ସଜାଡ଼ିବେ ଦୂରଯାତ୍ରାର ପୂର୍ଣ୍ଣ ସମ୍ଭାବନା ରହିଛି। ଅଫିସ୍ କାମକୁ ନେଇ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ସାଧାରଣ କଥାକୁ ନେଇ ପରିବାରରେ କଥା କଟାକଟି ଓ ଟଣାଓଟରା ଦେଖାଦେବ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି, ଆଇନ ତଥା ଆନୁଷ୍ଠାନିକ କ୍ଷେତ୍ରରୁ ସଫଳତା ପାଇବେ।

**ସିଂହ** ଦୃଢ଼ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ସ୍ୱାଭିମାନୀ କାରଣରୁ କିଏ କିଛି କହିଲେ ସହଜରେ ହଜମ କରିବା କଷ୍ଟକର ହେବ। ଅଫିସ୍‌ରେ ସରକାରୀ ସ୍ତରରୁ ଆସିଥିବା କୌଣସି ଖବର ପାଇ ଖୁସି ହେବେ। ଜମିଜମା, ମାଲିମକଦ୍ଦମା, ମାଙ୍ଗଳିକ କାର୍ଯ୍ୟ ସମ୍ପର୍କୀୟ ଆଲୋଚନାରେ ଅଗ୍ରଗତି ହୋଇପାରେ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ରହିବାରୁ ସାମୟିକ ଆଶ୍ୱସ୍ତି ଲାଭକରିବେ। ଅର୍ଥହାନି, ଯାତ୍ରାରେ ସମସ୍ୟା ଓ ମତାନ୍ତରଜନିତ ମାନସିକ ସ୍ଥିତି ଭଲ ରହି ନ ପାରେ। ଲେଖାପଢ଼ା, ପ୍ରକାଶନ, ରଚନାତ୍ମକ କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆତ୍ମତୃପ୍ତି ପାଇବେ। ନିଜ ନିଜର କର୍ମଜଞ୍ଜାଳ ବୃଦ୍ଧି ସହ ସମ୍ମାନ, ପ୍ରତିଷ୍ଠା ଓ ବନ୍ଧୁଙ୍କ ସଦ୍‌ଭାବ ଉଚ୍ଚା ହେବନି।

**ତୁଳା** ଆପଣଙ୍କ ଉଚ୍ଚାଶା ସାଙ୍ଗକୁ କାର୍ଯ୍ୟଶୈଳୀ ପ୍ରତ୍ୟେକ କ୍ଷେତ୍ରରେ ଗ୍ରହଣୀୟ ହେବ। ପାରିବାରିକ କ୍ଷେତ୍ର, ବୈଷୟିକ ଅଭିବୃଦ୍ଧି, କ୍ରୟ ବିକ୍ରୟର ଅଭିଳାଷ ପୂରଣ ଦିଗରେ ଯତ୍ନବାନ୍ ହୋଇପାରନ୍ତି। ରବିଙ୍କ ସୁପ୍ରଭାବରୁ ଆର୍ଥିକ, ରାଜନୈତିକ, ଆନୁଷ୍ଠାନିକ କାମକୁ ତ୍ୱରାନ୍ୱିତ କରାଇବ। ପରିବାରରେ ମତପାର୍ଥକ୍ୟ ମାନସିକ ଅଶାନ୍ତି ସୃଷ୍ଟି କରିପାରେ।

**ବିଛା** ଯାହା କରିବାକୁ ମନସ୍ଥ କରିଥିବେ ତାହା ବଦଳିଯିବାର ସମ୍ଭାବନା ରହିଛି। ପାରିବାରିକ କ୍ଷେତ୍ରରେ କେତେକ କଥା ଯାହାକି ଆପଣ ପଣା ବୋଲି ଫିଙ୍ଗିପାରିବେ ନାହିଁ କିମ୍ବା ପାଣି ବୋଲି ପିଇ ପାରିବେ ନାହିଁ। ସ୍ୱାର୍ଥବାଦୀ ବନ୍ଧୁଙ୍କ ଦ୍ୱାରା ଅସୁବିଧାର ସମ୍ମୁଖୀନ ହେବେ। ଅବହେଳିତ କାମ ସକାଶେ କୈଫିୟତ ତଲବ ଆଶଙ୍କା ରହିଛି।


**ଧନୁ** କିଛି ଅସୁବିଧା ନ ହେଲେ ମଧ୍ୟ ଆପଣଙ୍କ ଜିଦ୍ ଓ କଡ଼ା କଥା ସମସ୍ୟା ସୃଷ୍ଟି କରିପାରେ। ଯାହା ଚିନ୍ତା କରୁଥିଲେ ଆଜି ତାହା ବାସ୍ତବତାରେ ପରିଣତ ହୋଇଯିବ। ପୂର୍ବ ସ୍ଥିରୀକୃତ ଏବଂ ନୂତନ ଭାବେ କରିବାକୁ ଯାଉଥିବା କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ନ ହୋଇପାରେ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ମକର** ଆପଣଙ୍କ ସୁସଂଯତ ଉପସ୍ଥାପନା ପ୍ରଣାଳୀ ପ୍ରତ୍ୟେକ କ୍ଷେତ୍ରରେ ଅସହିଷ୍ଣୁଙ୍କ ଗାତ୍ରଦାହ କରାଇବ। ସ୍ୱାସ୍ଥ୍ୟ ମଧ୍ୟମ ପ୍ରକାର ରହିବା ସହ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବନ୍ଧୁଙ୍କ ସୂଚନା ମୁତାବକ ସରକାରୀ କ୍ଷେତ୍ରରୁ ଲାଭର ଆଶା ନେଇ ଉତ୍‌ଫୁଲ୍ଲିତ ହେବେ। ସାମାଜିକ ସ୍ତରରେ ସୁଯୋଗ ହରାଇବାରୁ ବ୍ୟଥିତ ହୋଇପାରନ୍ତି।

**କୁମ୍ଭ** ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ଆପଣଙ୍କ ଆଶା ଓ କାମନା ପୂରଣ କରିବାରେ ସମର୍ଥ ହେବ। ସାମାଜିକ ସ୍ତରରେ ମରମ କଥାଟି କହି ପରୋକ୍ଷ ଶତ୍ରୁତାକୁ ଡାକିଆଣିପାରନ୍ତି। ବାଣିଜ୍ୟ ଓ ପରିବହନରେ ଆୟ ତୁଳନାରେ ବ୍ୟୟ ବଢ଼ିପାରେ। ସାହାଯ୍ୟ ଓ ସହଯୋଗ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟିଯିବେ।

**ମୀନ** ମନ କଥାକୁ ମନ ଭିତରେ ସାଇତି ରଖି କାମ କରିବାକୁ ବାଧ୍ୟ ହୋଇପାରନ୍ତି। ରୋଗପୀଡ଼ାରେ ଉପଶମ ଅନୁଭବ କରିବା ସହ ବନ୍ଧୁବର୍ଗଙ୍କ ସହାନୁଭୂତି ପାଇ ଖୁସିହେବେ। ବୈଷୟିକ ଅଭିବୃଦ୍ଧି ସହ ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା କ୍ଷେତ୍ର ସମସ୍ୟାର ସମାଧାନ ହେବ। ବ୍ୟବସାୟ, ଜମିଜମା କ୍ରୟବିକ୍ରୟ ଆଲୋଚନା ଫଳପ୍ରଦ ହୋଇପାରେ।

ଆଜି ମେ ୬ ତାରିଖ, ବୈଶାଖ ଶୁକ୍ଳ ନବମୀଯୁକ୍ତ ଦଶମୀ ମଙ୍ଗଳବାର। ରାଶିନକ୍ଷତ୍ର-ମଘା/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୩୧ ଗତେ, ଘ.୧୦।୨୬ ମଧ୍ୟେ, ଘ.୦୧।୦୦.ଗତେ, ଘ.୦୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୫ ଗତେ, ଘ.୦୪।୩୧ ମଧ୍ୟେ ରାହୁକାଳ।



ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ. ସ୍ମୃତିରଞ୍ଜନ ଲେଙ୍କା ତାଙ୍କ ରଚିତ ପୁସ୍ତକ 'ଅନ୍ୱେଷଣ- ସତ୍ୟର ସନ୍ଧାନ'କୁ ସୋମବାର ଧରିତ୍ରୀ କାର୍ଯ୍ୟାଳୟ ପରିସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ପ୍ରଦାନ କରୁଛନ୍ତି।

# ସର୍ବନିମ୍ନ ମଜୁରି ନିଶ୍ଚିତ କର

**ବଲାଙ୍ଗୀର, ୫।୫ (ବୀରେନ୍ଦ୍ର କୁମାର ଝାଙ୍କର)**

**ଏଆଇଟିୟୁସି ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଘେରାଉ**

ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ (ଏଆଇଟିୟୁସି) ବଲାଙ୍ଗୀର ଜିଲା କମିଟି ପକ୍ଷରୁ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ଦାବିରେ ସୋମବାର ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। କମିଟି ଜିଲା ସଭାପତି ତୀର୍ଥ ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ଶତାଧିକ ମହିଳା ଓ ପୁରୁଷ ସଦସ୍ୟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖକୁ ଆସି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ବିରୋଧ କରାଯାଇଥିଲା। ଏହି ଅବସରରେ ଜିଲାପାଳଙ୍କ ଜରିଆରେ ଓଡ଼ିଶା କୋଠାବାଡି ଓ ନିର୍ମାଣ ଶ୍ରମିକ ବୋର୍ଡର ଶ୍ରମ କମିଶନରଙ୍କ ଉଦ୍ଦେଶ୍ୟରେ ୧୯ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ରରେ ଭାରତୀୟ ଶ୍ରମ ସମ୍ମିଳନୀର ୧୫ତମ ସୁପାରିଶ ଭିତ୍ତିରେ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ ବେଳେ ପ୍ରତ୍ୟେକ ଶ୍ରମିକଙ୍କ ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପରିବହନ, ବିଦ୍ୟୁତ, ମୋବାଇଲ ଏବଂ ଏୟାର ରିଚାର୍ଜ, ବୃଦ୍ଧ ମାତାପିତା, ସନ୍ତାନସନ୍ତତିଙ୍କ ବ୍ୟୟକୁ ବିଚାରକୁ ନେଇ ମଜୁରି ନିର୍ଦ୍ଧାରଣ କରିବାକୁ ଦାବି କରାଯାଇଛି। ଭାରତୀୟ ଶ୍ରମ ସମ୍ମିଳନୀର ୪୫ ଓ ୪୬ତମ ସୁପାରିଶ ମତେ ସମସ୍ତ ଜିଲାସ୍ତରୀୟ ଶ୍ରମିକ ଯଥା ଜାତୀୟ ସ୍ୱାସ୍ଥ୍ୟ ମିଶନର ଆଶା କର୍ମୀ, ଆସିଷ୍ଟେଣ୍ଟ ଅଙ୍ଗନୱାଡି କର୍ମୀ ଓ ସହାୟିକା, ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଗ୍ରାମୀଣ ମିଶନର ଇସି ସଦସ୍ୟ ଓ ଅନ୍ୟାନ୍ୟ ସ୍କିମ୍ ଶ୍ରମିକଙ୍କୁ ଶ୍ରମିକ ମାନ୍ୟତା ସହ ଏମାନଙ୍କ ଶ୍ରମକୁ ଓ ଗ୍ରାମ ପଞ୍ଚାୟତ ରାତ୍ର ଜଗୁଆଳି, ପିଅନ ଓ ସଫେଇ ଶ୍ରମିକଙ୍କ ଶ୍ରମକୁ ସୁନିଶ୍ଚିତ ଶ୍ରମ ତାଲିକାରେ ଚିହ୍ନିତ କରିବା ଏବଂ ସର୍ବନିମ୍ନ ମଜୁରି ପ୍ରଦାନ କରିବା ବ୍ୟବସ୍ଥା ପାଇଁ ଦାବି କରାଯାଇଛି। ସେହିଭଳି ସରକାରୀ ଅନୁଦାନ ହ୍ରାସ ଯୋଗୁ ଜାକିରା ହରାଇଥିବା ଉଦ୍ୟାନ ସାଥୀଙ୍କୁ କର୍ମ ନିଯୁକ୍ତି ଦାବି କରାଯାଇଛି। ବିକ୍ଷୋଭ ଓ ଘେରାଉ କାର୍ଯ୍ୟକ୍ରମରେ କମିଟି ସହ ସମ୍ପାଦକ ସାଏବୁ ନନ୍ଦ, ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘର ମାଧବୀ କଲତା, କଲ୍ୟାଣୀ ଭାଟି, ପାଣ୍ଡବ ଭୋଇ, ନିର୍ମାଣ ଶ୍ରମିକ ସଂଘରୁ ଗୋପାଳ ଭୋଇ, ଜଗବନ୍ଧୁ ବେହେରା, ବିଦ୍ୟୁତ କର୍ମଚାରୀ ସଂଘରୁ ପି. ଦାମୋଦର ରାଓ, ଶରତ ସିଂ, ଅନୀଲ ସେଠ, ନିକ୍ଷନ ଓଡିଶା ଆଶା କର୍ମୀ ସଂଘରୁ ପ୍ରଭାସିନୀ ରାଏ, ଗ୍ରାମ ପଞ୍ଚାୟତ ଶ୍ରମିକ ସଂଘର ବିଦୁର କୁମାର ଓ ଶ୍ୟାମ ପଟେଲ ଯୋଗଦେଇ ବକ୍ତବ୍ୟ ରଖିଥିଲେ।



ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ଗ୍ରହଣ କରୁଛନ୍ତି।

## ନିରଞ୍ଜନ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ନିଯୁକ୍ତ

**ପାଟଣାଗଡ଼, ୫।୫ (ସଚ୍ଚିଦାନନ୍ଦ ମହାକୁର)**



ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ସୋମବାର ମନୋନୀତ ହୋଇଛନ୍ତି। ଏହି ନିଯୁକ୍ତି ପରେ ସ୍ଥାନୀୟ ଅଞ୍ଚଳରେ ବିଜେଡି କର୍ମୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଦଳ ଯେଉଁ ଦାୟିତ୍ୱ ଦେଇଛି ତାକୁ ସୁଚାରୁରୂପେ ତୁଲାଇବି। ଏଥିସହ ତାଙ୍କ ଉପରେ ଦଳର ସଭାପତି ନବୀନ ପଟ୍ଟନାୟକ ଭରସା କରିଥିବାରୁ ସେ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସରୋଜ ମେହେର ବଲାଙ୍ଗୀର ଜିଲା ବିଜେଡି ସଭାପତି

**ପାଟଣାଗଡ଼, ୫।୫ (ସଚ୍ଚିଦାନନ୍ଦ ମହାକୁର)**



ପାଟଣଗଡ଼ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଯୁବନେତା ସରୋଜ କୁମାର ମେହେର ବଲାଙ୍ଗୀର ଜିଲା ବିଜେଡି ସଭାପତି ଭାବେ ମନୋନୀତ ହୋଇଛନ୍ତି। ସୋମବାର ଦଳ ପକ୍ଷରୁ ତାଙ୍କ ନାମ ଘୋଷଣା କରାଯାଇଛି। ମେହେର ଜିଲା ସଭାପତି ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ତାଙ୍କୁ ଜିଲା ସଭାପତି ଦାୟିତ୍ୱ ପ୍ରଦାନ କରିଥିବାରୁ ମେହେର ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଜିଲାର ସମସ୍ତ ନେତୃମଣ୍ଡଳୀଙ୍କୁ ସାଙ୍ଗରେ ନେଇ ଦଳୀୟ ସଙ୍ଗଠନ ଓ କାର୍ଯ୍ୟକ୍ରମକୁ ଆଗକୁ ନେଇ ଚାଲିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ବଲାଙ୍ଗୀରରେ ହେଉ ଆୟୁର୍ବେଦ ବିଶ୍ୱବିଦ୍ୟାଳୟ

**ବଲାଙ୍ଗୀର, ୫।୫ (ବୀରେନ୍ଦ୍ର କୁମାର ଝାଙ୍କର)**

- ଆୟୁର୍ବେଦ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି
- ସୁବର୍ଣ୍ଣ ଜୟନ୍ତୀ ଲଗୋ ଉନ୍ମୋଚନ କଲେ ଜିଲାପାଳ

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ୫୦ତମ ପ୍ରତିଷ୍ଠା ଦିବସ ସୋମବାର ପାଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଯୋଗଦେଇ ପତାକା ଉତ୍ତୋଳନ କରିବା ପରେ ଏହି କଲେଜର ସୁବର୍ଣ୍ଣ ଜୟନ୍ତୀ ଲଗୋ ଉନ୍ମୋଚନ କରିଥିଲେ। ଏହାପରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ଜିଲାପାଳ ଇସଲୱାର ବକ୍ତବ୍ୟ ରଖି ୫୦ତମ ପ୍ରତିଷ୍ଠା ଦିବସର ଅଭିନନ୍ଦନ ଜଣାଇଥିଲେ। ବଲାଙ୍ଗୀର ଆୟୁର୍ବେଦିକ କଲେଜକୁ ଚିକିତ୍ସା ସେବାର ଏକ ପ୍ରମୁଖ ସ୍ଥାନ ଭାବେ ଅଭିହିତ କରି ଆଗାମୀ ଦିନରେ ଏହି ଅନୁଷ୍ଠାନରୁ ଆହୁରି ଆୟୁର୍ବେଦିକ ଡାକ୍ତର ବାହାରି ଜନସାଧାରଣଙ୍କୁ ସେବା ଯୋଗାଇବେ ବୋଲି କହିଥିଲେ। ଆଗାମୀ ଦିନରେ ପାଳନ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ଆୟୋଜନ ପାଇଁ ସବୁ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆୟୁର୍ବେଦ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ ଭୀମଭୋଇ ମେଡିକାଲ କଲେଜ ଡିନ୍ ଡା. ସ୍ୱୟଂପ୍ରଭା ପଧାନ, ଆୟୁର୍ବେଦ କଲେଜ ପୁରାତନ ଛାତ୍ର ସଂଘ ସଭାପତି ଡା. ବାସୁଦେବ ପତି ମଞ୍ଚାସୀନ ଥିଲେ। ସଭାରେ ପୁରାତନ ଛାତ୍ର ସଂଘ ସଭାପତି ଡା. ପତି ବକ୍ତବ୍ୟ ରଖି ୧୯୭୫ ମସିହାରେ ବଲାଙ୍ଗୀରର ତତ୍କାଳୀନ ଗୁଣୀଜ୍ଞାନିମାନେ ଏହି କଲେଜକୁ ପ୍ରତିଷ୍ଠା କରି କିଭଳି ଦୀର୍ଘବର୍ଷ ଧରି ନିଜସ୍ୱ ଉଦ୍ୟମରେ ଚଳାଇ ଆସିଥିଲେ ସେ ସଂକ୍ରାନ୍ତରେ କହିଥିଲେ। ସମସ୍ତ ପ୍ରତିଷ୍ଠାତା ସଦସ୍ୟଙ୍କୁ ସମ୍ମାନ ଜଣାଇ ଆଜି ସେହି କଲେଜ ଏକ ମହାଦ୍ରୁମରେ ପରିଣତ ହୋଇଛି ବୋଲି କହିଥିଲେ। ଆଗାମୀ ବିଧାନସଭାର ଶୀତକାଳୀନ ଅଧିବେଶନ ପୂର୍ବରୁ ଏହି କଲେଜର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ତିନିଦିନ ଧରି ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବାକୁ କିଭଳି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ସୂଚନା ଦେଇଥିଲେ। ଭାଗିରଥି ଛକ ଠାରେ ଆୟୁର୍ବେଦ କଲେଜର ସୁବର୍ଣ୍ଣ ଜୟନ୍ତୀ ଗେଟ୍ ନିର୍ମାଣ ଦିଗରେ ସହଯୋଗ କରିବାକୁ ସେ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଏହି ସୁବର୍ଣ୍ଣ ଜୟନ୍ତୀକୁ ସ୍ମରଣୀୟ କରିବା ପାଇଁ ରାଜ୍ୟ ସରକାର ବଲାଙ୍ଗୀରରେ ଏକ ଆୟୁର୍ବେଦ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଘୋଷଣା କରିବାକୁ ସେ ଅନୁରୋଧ କରିଥିଲେ। ଏହି ଦାବି ହାସଲ କରିବା ଦିଗରେ ପୁରାତନ ଛାତ୍ର ସଂଘ ସହ ବର୍ତ୍ତମାନର ଛାତ୍ର ସଂଘ, ବଲାଙ୍ଗୀରବାସୀ ମିଳିତ ଉଦ୍ୟମ କରିବେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଡିନ୍ ଡା. ପ୍ରଧାନ ଆୟୁର୍ବେଦ ଚିକିତ୍ସାର ଗୁରୁତ୍ୱ ଉପରେ କହିଥିଲେ। ସଭାରେ ପୁରାତନ ଛାତ୍ର ସଂଘର ଡା. ବିପିନ ବିହାରୀ ମିଶ୍ର, ଡା. ପ୍ରମୋଦ କୁମାର ମିଶ୍ର, ଡା. ବୁଦ୍ଧଦେବ ମିଶ୍ର, ଡା. ସୀମାଦ୍ରୀ ଭୂଷଣ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।




ଆୟୁର୍ବେଦ କଲେଜ ୫୦ ତମ ପ୍ରତିଷ୍ଠା ଦିବସ ଅବସରରେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ସୁବର୍ଣ୍ଣ ଜୟନ୍ତୀ ଲଗୋ ଉନ୍ମୋଚନ କରୁଛନ୍ତି।

## ଟ୍ୟାଙ୍କର-ବାଇକ୍ ଧକ୍କା, ଯୁବକ ମୃତ

**ବାଉଁଶୁଣୀ, ୫।୫ (ଦେବାଶିଷ ନେପାକ)**

୫୭ ନଂ. ଜାତୀୟ ରାଜପଥର ବୌଦ୍ଧ ଥାନା ଜହ୍ନାପଙ୍କ ଫାଣ୍ଡି ପୋଡାବଲସ୍ ଛକ ନିକଟରେ ସୋମବାର ମଧ୍ୟାହ୍ନ ସାଢେ ୧୨ଟାରେ ଟ୍ୟାଙ୍କର ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପଦ୍ମନପୁର ଗ୍ରାମପଞ୍ଚାୟତ ବଡ ଖଲିଗାଁର ସୁମନ୍ତ ରଣା(୨୩)। ସୁମନ୍ତ ଏକ ବାଇକ୍ ଯୋଗେ ବୌଦ୍ଧ ପଟରୁ ନିଜ ଗାଁକୁ ଫେରୁଥିବା ବେଳେ ପୋଡାବଲସ ନିକଟରେ ସାମ୍ନାରୁ ଆସୁଥିବା ଏକ ଟ୍ୟାଙ୍କର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁ ଓ ବୌଦ୍ଧ ଆଇଆଇସି ରଞ୍ଜିତ କୁମାର ମୁନୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ଓ ବାଇକ୍‌କୁ ଜବତ କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଡାକ୍ତରଖାନାକୁ ପଠାଯାଇଥିଲା। ଟ୍ୟାଙ୍କର ଚାଳକ ଓ ହେଲପରଙ୍କୁ ଜହ୍ନାପଙ୍କ ଫାଣ୍ଡିରେ ଅଟକ ରଖି ତଦନ୍ତ ଚାଲିଥିବା ପୋଲିସ କହିଛି।

## ରାଜନଗର କେନ୍ଦୁପତ୍ର ଫଡ଼ିରେ ଅଗ୍ନିକାଣ୍ଡ

**ସୋନପୁର, ୫।୫ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ରାଜନଗର ସ୍ଥିତ କେନ୍ଦୁପତ୍ର ଫଡ଼ିରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିଯୋଗୁ କେନ୍ଦୁପତ୍ର ପୋଡି ନଷ୍ଟ ହୋଇଯାଇଛି। ସୂଚନା ଅନୁସାରେ ସକାଳେ କେନ୍ଦୁପତ୍ର ଫଡ଼ିରେ ଆକସ୍ମିକ ଭାବେ ନିଆଁ ଲାଗି ଯାଇଥିଲା। ପତ୍ର ଫଡ଼ିରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଉଲୁଣ୍ଡା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ବହୁ ଶୁଖିଲା କେନ୍ଦୁପତ୍ର ପୋଡି ନଷ୍ଟ ହୋଇଯାଇଥିଲା।

## ଅଭିଯୋଗ ଶୁଣାଣି, ସମାଧାନ ଶିବିର



ଶିବିରରେ ଉପସ୍ଥିତ ସ୍ୱାସ୍ଥ୍ୟ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ କର୍ମଚାରୀମାନେ।

**ଲାଠୋର, ୫।୫ (ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜୟଶ୍ରୀ ଭଇଁସାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସିଡିପିଓ ଅମିତାରାଣୀ ପଣ୍ଡା, ବିଏସ୍‌ଏସ୍‌ଓ କନିଷ୍କ ବିଭାର, ଫରେଷ୍ଟର ସାଗରିକା ସେଠ୍‌ଙ୍କ ସହ ବିଭିନ୍ନ ବିଭାଗର କର୍ମଚାରୀ, ଅଙ୍ଗନୱାଡ଼ି ଏବଂ ଆଶା କର୍ମୀମାନେ ଉପସ୍ଥିତ ଥିଲେ। ଶିବିରକୁ ୪୫ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ୧୦ଟି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ୫, ପାନୀୟ ଜଳ ବାବଦକୁ ୫, ଜମି ମିଳିବା ପାଇଁ ୫, ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ୧୫ ଏବଂ ରାଶନ କାର୍ଡ ବାବଦକୁ ୫ଟି ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗକୁ ଅଧିକାରୀମାନେ ଗ୍ରହଣ କରି ସମାଧାନ କରାଯିବ ବୋଲି କହିଥିଲେ। ଏହି ଅବସରରେ ଏମ୍‌ପି ନୋମିନି ସନ୍ତୋଷ ଭଇଁସାଲ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବାହୁବଳେନ୍ଦ୍ର ପୁରୋହିତ, ଏଡିଓ ରୋହିତ ସାହୁ ଏବଂ ୱାର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ।

## ଯାଦବ ଭବନ ଉଦ୍‌ଘାଟନ କଲେ ବିଧାୟକ



କଣ୍ଟାବାଞ୍ଜି ବିଧାୟକ ସମଲେଇ ମନ୍ଦିର ନିର୍ମାଣ ଭୂମି ପୂଜନ କରୁଛନ୍ତି।

**ଲାଠୋର, ୫।୫ (ଭୁବନେଶ୍ୱର ବାରିକ)**

ବଲାଙ୍ଗିର ଜିଲା ତୁରେକେଲା ବ୍ଲକ ହଲନଭଟା ଗ୍ରାମରେ ସୋମବାର ମଧ୍ୟାହ୍ନରେ ସମଲେଇ ମନ୍ଦିର ଭୂମି ପୂଜନ ସହ ଯାଦବ ଭବନର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଯାଦବ ସମାଜ କେନ୍ଦ୍ର ସଭାପତି ଜୟଦେବ ଶାଣ୍ଢଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇଥିଲେ। ପ୍ରଥମେ ସେ ଗିରିଗୋବର୍ଦ୍ଧନ ମନ୍ଦିରକୁ ଲାଗି ନିର୍ମାଣ ହୋଇଥିବା ଯାଦବ ଭବନକୁ ଉଦ୍‌ଘାଟନ କରିଥିଲେ। ପରେ ନିକଟରେ ନିର୍ମାଣ ହେବାକୁ ଥିବା ସମଲେଇ ମନ୍ଦିର ଭୂମି ପୂଜନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ୧୯ ପଞ୍ଚାୟତରୁ ଯାଦବ ସମାଜର କର୍ମକର୍ତ୍ତାମାନେ ଯୋଗ ଦେଇ ବିଭିନ୍ନ ସମସ୍ୟା ଉପରେ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଯାଦବ ସମାଜ ବ୍ଲକ ସଭାପତି ମକରଧ୍ୱଜ ନିଆଲ, ସମ୍ପାଦକ ଭୋଦେବ ବନଛୋର, ବରିଷ୍ଠ ସଦସ୍ୟ ଜଳନ୍ଧର ମହାକୁଡଙ୍କ ସହ ଅନେକ ସଦସ୍ୟ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ସୋନପୁର, ୫।୫ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବାଘଲପୁର ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ବାଘଲପୁର ଗାଁର ଗୋବିନ୍ଦ ତରିଆ(୭୦)। ସୂଚନା ଅନୁସାରେ ରବିବାର ସନ୍ଧ୍ୟାରୁ ଗୋବିନ୍ଦ ନିଖୋଜ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ସୋମବାର ପୋଖରୀରେ ମୃତ ଦେହ ଭାସୁଥିବା କେତେକ ଦେଖି ପୋଲିସକୁ ଖବର ଦେଇଥିଲେ। ହିକୁଡ଼ି ଫାଣ୍ଡି ଅଧିକାରୀ ଚକ୍ରଧର ବାରଲେବେଡିଆ ପୋଲିସ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସ୍ଥାନୀୟ ଲୋକେ ପାଣିରୁ ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ସେ ଶୌଚ ପାଇଁ ଆସିଥିବା ବେଳେ ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ମୃତଦେହ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଅଙ୍ଗନୱାଡ଼ି କେନ୍ଦ୍ର ଜାଗା ଚିହ୍ନଟ ବେଳେ ଉତ୍ତେଜନା

**ଲୋଇସିଂହା, ୫।୫ (ସୁଶାନ୍ତ ବାରିକ)**

**ପ୍ରତିବାଦ କରୁଥିବା ବାପ ପୁଅ ଅଟକ**

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ବଲାଙ୍ଗୀର ଜିଲା ଲୋଇସିଂହା ସ୍ଥିତ ନୂଆପଡ଼ାଠାରେ ଦ୍ୱିତୀୟ ଅଙ୍ଗନୱାଡି କେନ୍ଦ୍ର ଖୋଲାଯିବ। ସୋମବାର ପଡ଼ାବାସୀଙ୍କ ଦାବି ଅନୁଯାୟୀ ରାଜସ୍ୱ ବିଭାଗକ ପକ୍ଷରୁ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ବସ୍ତିର ଏକ ପରିବାର ସଦସ୍ୟ ଆସି ଏହାକୁ ପ୍ରତିବାଦ କରିଥିଲେ। ବହୁ ବର୍ଷ ହେଲା ସେମାନେ ଅକ୍ତିଆର କରି ରଖିଥିବା ଜାଗାକୁ କୌଣସି ପରିସ୍ଥିତିରେ ଛାଡ଼ିବୁ ନାହିଁ କହି ବସ୍ତିବାସିନ୍ଦାଙ୍କୁ ଧମକ ଦେଇଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହିତ ପ୍ରତିବାଦ କରୁଥିବା ପରିବାରର ବାପ ପୁଅଙ୍କୁ ଥାନାରେ ଅଟକ ରଖିଛି।

ପ୍ରକାଶ ଯେ, ଲୋଇସିଂହା ବ୍ଲକ ଲୋଇସିଂହା ପଞ୍ଚାୟତ ଲୋଇସିଂହା ନୂଆପଡ଼ା ବସ୍ତିରେ ପ୍ରାୟ ୩୦ ବର୍ଷ ତଳୁ ଏକ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟ କରୁଛି। ଏବେ ବସ୍ତିରେ ପରିବାର ସଂଖ୍ୟା ବଢିବା ସହ ଶିଶୁ ସଂଖ୍ୟା ବୃଦ୍ଧି ପାଇଛି। ଏଣୁ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ନୂଆପଡ଼ା ବସ୍ତିରେ ଆଉ ଏକ କେନ୍ଦ୍ର ତଥା ଦ୍ୱିତୀୟ କେନ୍ଦ୍ର ଖୋଲିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ନୂତନ କେନ୍ଦ୍ର ପାଇଁ ମଧ ପ୍ରଶାସନ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଇଛି। ପ୍ରଥମ କେନ୍ଦ୍ରକୁ ସଂଲଗ୍ନ କରି ଏକ ସରକାରୀ ଜାଗା ରହିଛି। ଶିଶୁଙ୍କ ସୁବିଧା ପାଇଁ ଉକ୍ତ ସ୍ଥାନକୁ ବସ୍ତିବାସିନ୍ଦା ଚୟନ କରିଛନ୍ତି। ଏଥିପାଇ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କ ନିକଟରେ ଉକ୍ତ ଜାଗା ଚିହ୍ନଟ ପାଇଁ ଲିଖିତ ଭାବେ ଜଣାଇଥିଲେ। ଡିମାର୍କେଶନ ପାଇଁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ସହଯୋଗୀ ଯାଇଥିଲେ। ବସ୍ତିବାସିନ୍ଦାଙ୍କ ଉପସ୍ଥିତିରେ ଜାଗା ମାପଚୁପ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏତିକି ବେଳେ ବସ୍ତିର ଏକ ପରିବାର ସଦସ୍ୟ ସେଠାକୁ ଆସି ଏଠାରେ ଟ୍ରାକ୍ଟର ଓ ଅନ୍ୟ ସାମଗ୍ରୀ ରଖୁଛୁ ଛାଡ଼ିବୁ ନାହିଁ କହି ବସ୍ତିବାସିନ୍ଦା ଓ ରାଜସ୍ୱ କର୍ମଚାରୀଙ୍କ ସହ ଝଗଡ଼ା କରିଥିଲେ। ଏହା ପୂର୍ବରୁ ମଧ ଏହି ସ୍ଥାନରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ନିର୍ମିତ ଏକ ପାଣି ଟାଙ୍କିକୁ ଉକ୍ତ ବାପ ପୁଅ ମିଶି ଭାଙ୍ଗି ଦେଇଥିଲେ। ସେତେବେଳେ ମଧ ଏହି ପରିବାରର ଲୋକେ ବସ୍ତିବାସିନ୍ଦାଙ୍କୁ ନାନା ଚେତାବନୀ ଦେଇଥିବା ଅଭିଯୋଗ କରିଛନ୍ତି।



ଜାଗା ଚିହ୍ନଟ ବେଳେ ଉତ୍ତେଜନା ପରିସ୍ଥିତି।




## ଭାରସାମ୍ୟ ହରାଇ ପୋଲ ବାଡ଼ାରେ ପିଟିହେଲା କାର୍

**ବଘିଆପଡା, ୫।୫ (ଶ୍ରୀକାନ୍ତ ସାହୁ)**

ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ବୌଦ୍ଧ ଜିଲା ଗମ୍ଭାରୀପଦରଠାରେ ସୋମବାର ସନ୍ଧ୍ୟାରେ ଏକ କାର୍ ଭାରସାମ୍ୟ ହରାଇ ଏକ ପୋଲ ବାଡାରେ ପିଟି ହୋଇଯାଇଥିଲା। ତେବେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ଭୁବନେଶ୍ୱରର ଏକ ପରିବାର କାର୍ (ନଂ.ଓଡି ୦୨ଡିଏ/୭୭୨୧) ଯୋଗେ ବଲାଙ୍ଗୀରରୁ ଭୁବନେଶ୍ୱର ଯାଉଥିବା ବେଳେ ଗମ୍ଭାରୀପଦରଠାରେ ଏକ ପୋଲ ବାଡାରେ ପିଟି ହୋଇ ଦୁର୍ଘଟଣା ହୋଇଥିଲା। ଫଳରେ ଗାଡିର ଆଗ ଭାଙ୍ଗିଯାଇଥିବା ବେଳେ ୩ ଯାତ୍ରୀ ବର୍ତ୍ତିଯାଇଛନ୍ତି। ଖବର ପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।






ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ. ସ୍ମୃତିରଞ୍ଜନ ଲେଙ୍କା ତାଙ୍କ ରଚିତ ପୁସ୍ତକ 'ଅନ୍ୱେଷଣ– ସତ୍ୟର ସନ୍ଧାନ'କୁ ସୋମବାର ଧରିତ୍ରୀ କାର୍ଯ୍ୟାଳୟ ପରିସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ପ୍ରଦାନ କରୁଛନ୍ତି ।

# ପାଣି ପାଇଁ ମହିଳାଙ୍କ ରାସ୍ତାରୋକୋ

**ବୀରମହାରାଜପୁର, ୫।୫**
**(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର–ସୋନପୁର ମୁଖ୍ୟରାସ୍ତାର ଉଫୁଲା ପଞ୍ଚାୟତ ସମ୍ମୁଖରେ ପାନୀୟ ଜଳ ଯୋଗାଣ ଦାବିରେ ମହିଳାମାନେ ସୋମବାର ପୂର୍ବାହ୍ନ ୧୧ଟା୩୦ରେ ରାସ୍ତାରୋକୋ କରିଥିଲେ। ଉଫୁଲା ପଞ୍ଚାୟତ ଟାଙ୍ଗରସାହି ପଡ଼ାର ମହିଳାମାନେ ସେମାନେ ଅଭିଯୋଗ କରିଥିଲେ ପୂର୍ବରୁ ଏହି ସମସ୍ୟା ନେଇ ସେମାନେ ଉଫୁଲା ସରପଞ୍ଚ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପାନୀୟ ଜଳ ବିଭାଗ ଅଧିକାରୀ ଓ ଶେଷରେ ବୀରମହାରାଜପୁର ବ୍ଲକ ସଭାଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଯାଇ ଜଣାଇଥିଲେ। ସେଠାରେ ଜିଲାପାଳ ଏହାର ତୁରନ୍ତ ସମାଧାନ କରିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତାହା ଆଜି ପର୍ଯ୍ୟନ୍ତ ପୂରଣ ହେଲାନାହିଁ। ଶେଷରେ ସେମାନେ ବାଧ ହୋଇ ସୋମବାର ରାସ୍ତାରୋକୋକୁ ଓହ୍ଲାଇଛନ୍ତି। ରାସ୍ତାରୋକୋ ଖବର ପାଇ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜିବ ହାଁସଦା ଆନ୍ଦୋଳନକାରୀ ମହିଳାମାନଙ୍କ ସହିତ ଆଲୋଚନା କରିଥିଲେ। ଅବିଳମ୍ବେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି କହିବା ପରେ ରାସ୍ତା ଅବରୋଧ ହଟିଥିଲା। ରାସ୍ତାରୋକୋ ଯୋଗୁ ସମ୍ପୃକ୍ତ ପଥରେ ଯାତାୟାତ ବ୍ୟାହତ ହୋଇଥିଲା। ରାସ୍ତାରୋକୋରେ ମାରୁତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ଶାନ୍ତି ମେହେର, ସମ୍ପାଦିକା ଜେମାମଣି ମେହେର, ମା' ଭଗବତୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ଝରଣା ମେହେର, ସମ୍ପାଦିକା ପ୍ରଭାସିନୀ ଝାଙ୍କର, ଇତି ମେହେର, ସୁରେଖା ମେହେର ଓ ଅନ୍ୟାନ୍ୟ ସଦସ୍ୟା ସାମିଲ ହୋଇଥିଲେ।



ମହିଳାମାନେ ଗଛ ଡାଳ ପକାଇ ରାସ୍ତା ଅବରୋଧ କରିଛନ୍ତି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ସୋନପୁର,୫।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବାଘଲପୁର ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ବାଘଲପୁର ଗାଁର ଗୋବିନ୍ଦ ତରିଆ(୭୦)। ସୂଚନା ଅନୁସାରେ ରବିବାର ସନ୍ଧ୍ୟାରୁ ଗୋବିନ୍ଦ ନିଖୋଜ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ସୋମବାର ପୋଖରୀରେ ମୃତ ଦେହ ଭାସୁଥିବା କେତେକ ଦେଖି ପୋଲିସକୁ ଖବର ଦେଇଥିଲେ। ହିକୁଡ଼ି ଫାଣ୍ଡି ଅଧିକାରୀ ଚକ୍ରଧର ବାରଲେବେଡିଆ ପୋଲିସ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସ୍ଥାନୀୟ ଲୋକେ ପାଣିରୁ ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ସେ ଶୌଚ ପାଇଁ ଆସିଥିବା ବେଳେ ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ମୃତଦେହ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ମିଳିତ ଶିକ୍ଷକ ସଂଘର ଗୋଷ୍ଠୀ ଅଧିକାରୀଙ୍କୁ ଦାବିପତ୍ର

**ବୀରମହାରାଜପୁର, ୫।୫( ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମିଳିତ ଶିକ୍ଷକ ସଂଘ ଓ ପ୍ରାଥମିକ ବିଦ୍ୟାଳୟ ସଂଘ ପକ୍ଷରୁ ବିଭିନ୍ନ ଦାବିନେଇ ସୋମବାର ସକାଳ ୯ଟା୩୦ରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ଅଫିସ ସହାୟକ ତପନ କୁମାର ମହାରଣା ଦାବିପତ୍ର ଗ୍ରହଣ କରିଥିଲେ। ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଏବଂ ୟୁନିଫାଏଡ଼ ଅଟୋମେଶନ ସିଷ୍ଟମକୁ ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି।

ରାଜ୍ୟରେ ଜାତୀୟ ଶିକ୍ଷା ନୀତି ଲାଗୁ ପରେ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ସରକାର ଶିଶୁ ବାଟିକା ଖୋଲିଛନ୍ତି। ଶିକ୍ଷା ଅଧିକାର ଆଇନ ଅନୁଯାଇ ୨୦୧୦ ମସିହାରେ ଅଷ୍ଟମ ଶ୍ରେଣୀ ଉଚ୍ଚ ବିଦ୍ୟାଳୟରୁ ଆଣିବା ପରେ ଓ ଶିଶୁ ବାଟିକା–୩ ଖୋଲିବା ପରେ ପ୍ରାଥମିକ ବିଦ୍ୟାଳୟରେ ଦୁଇଟି ଶ୍ରେଣୀ ବୃଦ୍ଧି ପାଇଛି। ଏପରିକି ପ୍ରାଥମିକ ବିଦ୍ୟାଳୟରେ ୬ଟି ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩ଟି ଏହିପରି ନଅଟି ଶ୍ରେଣୀ ହୋଇଛି। ହେଲେ ଅଧିକାଂଶ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନାହାନ୍ତି। ଏଣୁ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଓ ଶିଶୁ ବାଟିକା ଦୁଇଟି ଶ୍ରେଣୀ ବୃଦ୍ଧି ହୋଇଥିବାରୁ ପ୍ରାଥମିକ ଶିକ୍ଷକ ପଦବୀକୁ ୧ ଲକ୍ଷ ୩୬ ହଜାର ୬୬୮ରୁ ୨ଲକ୍ଷ ୭୦ହଜାରକୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ଏଥିସହିତ ଖାଲି ପଡ଼ିଥିବା ପଦବୀରେ ତୁରନ୍ତ ନିୟମିତ ଶିକ୍ଷକ ନିଯୁକ୍ତି କରିବା, ୟୁନିଫାଏଡ ଅଟୋମେଶନ ସିଷ୍ଟମ ପାଇଁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମୋବାଇଲ ଓ ଇଣ୍ଟରନେଟ ସୁବିଧା ଦିଆଯାଇ ନ ଥିବାରୁ ବର୍ତ୍ତମାନ ଏହାକୁ ବାତିଲ କରିବା ଏବଂ ପିନ୍ଧୁଥିବା ୟୁନିଫର୍ମର ଭତ୍ତା ପ୍ରଦାନ କରିବା ପାଇଁ ମିଳିତ ଶିକ୍ଷକ ସଂଘ ଦାବି କରିଛି। ଏ ନେଇ ମିଳିତ ଶିକ୍ଷକ ସଂଘ ସଭାପତି ଯୁଗଳ କିଶୋର ମିଶ୍ରଙ୍କ ନେତୃତ୍ୱରେ ସମ୍ପାଦକ ମେଘନାଥ ଭୋଇ, ସହସମ୍ପାଦକ ରାସବିହାରୀ ମେହେର,ଏନ୍‌ପିଏସ ସଂଘ ସଭାପତି ନାରାୟଣ ଜଗଦଲା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ।



ମିଳିତ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## କୋସଲି–ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ମିଳୁ

### ମୋଦି, ଶାହଙ୍କୁ କୋସଲି ସାହିତ୍ୟ ସଂସ୍କୃତି ଏକାଡେମୀର ଚିଠି

**ସୋନପୁର,୫।୫(ମୃତ୍ୟୁଞ୍ଜୟ ଶତପଥୀ)**

କୋସଲି–ସମ୍ବଲପୁରୀ ଭାଷା ସଂସ୍କୃତ ଭାଷା ଠାରୁ କେବଳ ପ୍ରାଚୀନ ନୁହେଁ ଏହା ପୃଥିବୀର ଶ୍ରେଷ୍ଠ ଲାଳିତ୍ୟ ପୂର୍ଣ୍ଣ ଭାଷା ମଧ୍ୟରୁ ଅନ୍ୟତମ। ଭାରତୀୟ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ଏହା ସ୍ଥାନିତ ହୋଇ ନ ଥିବାରୁ ଏପର୍ଯ୍ୟନ୍ତ ଏହା ଲିଖିତ ଭାଷାରୂପେ ସ୍ୱୀକୃତ ନ ହୋଇ ଏକ କଥିତ ଭାଷା ଭାବେ ବ୍ୟବହୃତ ହେଉଛି। ତେଣୁ କୋସଲି–ସମ୍ବଲପୁରୀ ଭାଷାକୁ ସମ୍ବିଧାନିକ ମାନ୍ୟତା ପ୍ରଦାନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି । ଏ ସମ୍ପର୍କରେ କୋସଲ ସାହିତ୍ୟ ସଂସ୍କୃତି ଏକାଡେମି ପକ୍ଷରୁ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖାଯାଇଛି । କୋସଲି ଭାଷାରେ ସାହିତ୍ୟର ବିଭିନ୍ନ ବିଭାଗରେ ହଜାର ହଜାର ସଂଖ୍ୟାରେ ପୁସ୍ତକ ରଚନା ହୋଇ ସାରିଲାଣି। ଭାରତ ସରକାର ଏଥିପାଇଁ ପାଞ୍ଚଜଣଙ୍କୁ ପଦ୍ମଶ୍ରୀ ଉପାଧିରେ ଭୂଷିତ କରି ସାରିଲେଣି। ଏହା ଏକ ସ୍ୱତନ୍ତ୍ର ଭାଷା ବୋଲି ସନ୍ଦର୍ଭ ଲେଖି କେତେଜଣ ଗବେଷକ ବିଭିନ୍ନ ବିଶ୍ୱ ବିଦ୍ୟାଳୟରୁ ପି.ଏଚ.ଡି ଡିଗ୍ରୀ ହାସଲ କରି ସାରିଲେଣି । ସାମ୍ବିଧାନିକ ମାନ୍ୟତା ଅଭାବରୁ ୨୦୨୦ ଶିକ୍ଷାନୀତି ମତେ ପଶ୍ଚିମ ଓଡିଶାର ଶିଶୁମାନେ ପ୍ରାଥମିକ ସ୍ତରରେ ସେମାନଙ୍କ ମା'ର ଭାଷାରେ ଶିକ୍ଷାପ୍ରାପ୍ତିରୁ ବଞ୍ଚିତ ହେଉଛନ୍ତି । ତେଣୁ ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ପଶ୍ଚିମ ଓଡିଶାରେ ସର୍ବାଧିକ ବୋଲି ସରକାରୀ ଆକଳନରୁ ଜଣାପଡିଛି। ଭବିଷ୍ୟତରେ ଏହି କାରଣରୁ ଛାତ୍ରୀଛାତ୍ର ପ୍ରତିଯୋଗୀତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପାରୁ ନ ଥିବା ଏକାଡେମି ପକ୍ଷରୁ ଦର୍ଶାଯାଇଛି । ସାମ୍ବିଧାନିକ ମାନ୍ୟତା ପ୍ରଦାନ କରି ପଶ୍ଚିମ ଓଡିଶାବାସୀଙ୍କ ଭାଷା ସଂସ୍କୃତିର ସୁରକ୍ଷା ସକାଶେ ଉଦ୍ୟମ କରାଯାଉ। ଏ ସମ୍ପର୍କରେ ଏକାଡେମୀ ତରଫରୁ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କୁ ସ୍ମାରକପତ୍ର ମାଧ୍ୟମରେ ଜଣାଯାଇଛି ବୋଲି ଏକାଡେମୀ ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ କହିଛନ୍ତି।

## ୫୭ ପଞ୍ଜୀକୃତ ଅଭିଯୋଗରୁ ୧୭ ସାମୂହିକ



ଜିଲାପାଳ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର ନାୟକ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

### ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ସୋନପୁର,୫।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର ନାୟକ ଶିବିରରେ ଯୋଗଦାନ କରି ୫୭ଟି ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିବା ସହ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୪୦ଟି ବ୍ୟକ୍ତିଗତ ଓ ୧୭ଟି ସାମୂହିକ ଥିଲା। ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋନପୁର ବିଡିଓ ପ୍ରତୀକ କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ପଲ୍ଲବୀରାଣୀ ରାଜ, ସୋନପୁର ଉପଜିଲାପାଳ ଡ. ସୌମ୍ୟାରୂପା ରଥ, ସୋନପୁର ତହସିଲଦାର ଜି ରଶ୍ମିରେଖା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଅଜାତ ଶତ୍ରୁ ସାହୁ, ପ୍ରଭାଗୀୟ ଶ୍ରମ ଆଯୁକ୍ତ ଡିଲେଶ୍ୱର ଖାଖା, ଡେପୁଟି କଲେକ୍ଟର କୃଷ୍ଣ ମୋହନ ସିଂ, ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ରୁଷି ମାଝୀଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଯୋଗଦାନ କରିଥିଲେ।

## ଭାରସାମ୍ୟ ହରାଇ ପୋଲ ବାଡ଼ାରେ ପିଟିହେଲା କାର୍



**ବଘିଆପଡା,୫।୫(ଶ୍ରୀକାନ୍ତ ସାହୁ)**

ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥର ବୌଦ୍ଧ ଜିଲା ଗମ୍ଭାରୀପଦରଠାରେ ସୋମବାର ସନ୍ଧ୍ୟାରେ ଏକ କାର୍ ଭାରସାମ୍ୟ ହରାଇ ଏକ ପୋଲ ବାଡାରେ ପିଟି ହୋଇଯାଇଥିଲା। ତେବେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ଭୁବନେଶ୍ୱରର ଏକ ପରିବାର କାର୍ (ନଂ.ଓଡି ୦୨ଡିଏ/୭୭୨୧) ଯୋଗେ ବଲାଙ୍ଗୀରରୁ ଭୁବନେଶ୍ୱର ଯାଉଥିବା ବେଳେ ଗମ୍ଭାରୀପଦରଠାରେ ଏକ ପୋଲ ବାଡାରେ ପିଟି ହୋଇ ଦୁର୍ଘଟଣା ହୋଇଥିଲା। ଫଳରେ ଗାଡିର ଆଗ ଭାଙ୍ଗିଯାଇଥିବା ବେଳେ ୩ ଯାତ୍ରୀ ବର୍ତ୍ତିଯାଇଛନ୍ତି। ଖବର ପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କାମ କରି ବିଲ୍ ମିଳିନି, ବିଡିଓଙ୍କୁ ଅଭିଯୋଗ

**ହରଭଙ୍ଗା,୫।୫(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱର ଗ୍ରାମପଞ୍ଚାୟତ ଅଧୀନ ଖଣ୍ଡହାତା ଗ୍ରାମର କିଛି ଯୁବକ ରାସ୍ତାକାମ କରିଥିଲେ ମଧ୍ୟ ଏଯାଏ ବିଲ୍ ପାଇନାହାନ୍ତି। ତେବେ ତୁରନ୍ତ ବିଲ୍ ପ୍ରଦାନ ଦାବିରେ ସେମାନେ ସୋମବାର ହରଭଙ୍ଗା ବିଡିଓଙ୍କୁ ଭେଟି ଦାବି ଜଣାଇଛନ୍ତି।

ସୂଚନା ଅନୁଯାୟୀ, ଖଣ୍ଡହତା ଗ୍ରାମର ଯୁବକ ମକୁନ୍ଦ ଭୋକ୍ରା, କୁଶ ମହାକୁଡ, କହ୍ନାଇ ପ୍ରଧାନ, ପ୍ରଶନ୍ନ ବାଘ, ରବି ଭୋକ୍ରା,ଚରଣ ପ୍ରଧାନ ଓ ଅମର ଭୋକ୍ରା ପ୍ରମୁଖ କନ୍ଧସାହି ରାସ୍ତା କାମ କରିଥିଲେ। ରାସ୍ତାକାମର ଅଟକଳ ମୂଲ୍ୟ ୨ଲକ୍ଷ ଟଙ୍କା ରହିଥିଲା। ଯନ୍ତ୍ରୀଙ୍କ କହିବା ମୁତାବକ ସେମାନେ ୨୦୨୪ ଫେବୃୟାରୀ ମାସରେ କାମ ସମ୍ପୂର୍ଣ୍ଣ କରିଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ବିଲ୍ ଦିଆଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଆସନ୍ତା ୧୨ ତାରିଖ ସୁଦ୍ଧା ବିଲ୍ ପ୍ରଦାନ କରା ନ ଗଲେ ୧୩ ତାରିଖଠାରୁ ସପରିବାର ବ୍ଲକ କାର୍ଯ୍ୟାଳୟ ଆଗରେ ଅନଶନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।



ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଅଭିଯୋଗ ପାଇଁ ଆସିଥିବା ଯୁବକ।

## ଟ୍ୟାଙ୍କର–ବାଇକ୍ ଧକ୍କା, ଯୁବକ ମୃତ

**ବାଉଁଶୁଣୀ,୫।୫**
**(ଦେବାଶିଷ ନେପାକ)**

୫୭ ନଂ. ଜାତୀୟ ରାଜପଥର ବୌଦ୍ଧ ଥାନା ଜହ୍ନାପଙ୍କ ଫାଣ୍ଡି ପୋଡାବଲସ୍ ଛକ ନିକଟରେ ସୋମବାର ମଧ୍ୟାହ୍ନ ସାଢେ ୧୨ଟାରେ ଟ୍ୟାଙ୍କର ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପଦ୍ମନପୁର ଗ୍ରାମପଞ୍ଚାୟତ ବଡ ଖଲିଗାଁର ସୁମନ୍ତ ରଣା(୨୩)। ସୁମନ୍ତ ଏକ ବାଇକ୍ ଯୋଗେ ବୌଦ୍ଧ ପଟରୁ ନିଜ ଗାଁକୁ ଫେରୁଥିବା ବେଳେ ପୋଡାବଲସ ନିକଟରେ ସାମ୍ନାରୁ ଆସୁଥିବା ଏକ ଟ୍ୟାଙ୍କର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁ ଓ ବୌଦ୍ଧ ଆଇଆଇସି ରଞ୍ଜିତ କୁମାର ମୁନୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ଓ ବାଇକ୍‌କୁ ଜବତ କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଡାକ୍ତରଖାନାକୁ ପଠାଯାଇଥିଲା। ଟ୍ୟାଙ୍କର ଚାଳକ ଓ ହେଲପରଙ୍କୁ ଜହ୍ନାପଙ୍କ ଫାଣ୍ଡିରେ ଅଟକ ରଖି ତଦନ୍ତ ଚାଲିଥିବା ପୋଲିସ କହିଛି।

## ରାଜନଗର କେନ୍ଦୁପତ୍ର ଫଡ଼ିରେ ଅଗ୍ନିକାଣ୍ଡ

**ସୋନପୁର,୫।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ରାଜନଗର ସ୍ଥିତ କେନ୍ଦୁପତ୍ର ଫଡ଼ିରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିଯୋଗୁ କେନ୍ଦୁପତ୍ର ପୋଡି ନଷ୍ଟ ହୋଇଯାଇଛି। ସୂଚନା ଅନୁସାରେ ସକାଳେ କେନ୍ଦୁପତ୍ର ଫଡ଼ିରେ ଆକସ୍ମିକ ଭାବେ ନିଆଁ ଲାଗି ଯାଇଥିଲା। ପତ୍ର ଫଡ଼ିରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଉଲୁଣ୍ଡା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ବହୁ ଶୁଖିଲା କେନ୍ଦୁପତ୍ର ପୋଡି ନଷ୍ଟ ହୋଇଯାଇଥିଲା।

# ସହାୟତା ପରେ ହଟିଲା ରାସ୍ତାରୋକୋ

**ବାଉଁଶୁଣୀ,୫।୫(ଦେବାଶିଷ ନେପାକ)**

### ପିକ୍‌ଅପ୍ ଧକ୍କାରେ ବାଇକ୍ ଆରୋହୀ ମୃତ


ବୌଦ୍ଧ ଜିଲା ୫୭ ନଂ. ଜାତୀୟ ରାଜପଥର ବାଉଁଶୁଣୀ କଲେଜ ନିକଟ ପେଟ୍ରୋଲ୍ ପମ୍ପ ସାମ୍ନାରେ ସୋମବାର ପିକ୍‌ଅପ୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୋଛାପଡା ଗ୍ରାମର ମଛିନ୍ଦ୍ର ମେହେର। ଏହି ଦୁର୍ଘଟଣାରେ ଅନ୍ୟ ୨ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବି କରି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଡାକ୍ତରଖାନାକୁ ପଠାଇଛି। ଗାଡ଼ି ଚାଳକଙ୍କୁ ଗିରଫ କରି ତଦନ୍ତ କରାଯାଉଥିବା ବାଉଁଶୁଣୀ ଥାନାଧିକାରୀ ସାରଦା ପ୍ରସନ୍ନ ଦାସ କହିଛନ୍ତି।


ସୂଚନା ଅନୁସାରେ, ସୋମବାର ସକାଳ ସାଢେ ୯ଟାରେ ଗୋଛାପଡା ଗ୍ରାମର ମଛିନ୍ଦ୍ର ତାଙ୍କ ପୁଅ ଓ ଅନ୍ୟ ଜଣଙ୍କ ସହ ଏକ ବାଇକ୍‌ରେ ବୌଦ୍ଧ ଯିବା ପାଇଁ ପେଟ୍ରୋଲ ପମ୍ପକୁ ତେଲ ପକାଇବାକୁ ଯାଉଥିଲେ। ଏହି ସମୟରେ ପଛପଟରୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି୦୩ୱାଇ/୮୪୬୦) ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ପଛରେ ବସିଥିବା ମଛିନ୍ଦ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ବାଇକ୍ ଚଳାଉଥିବା ମୃତକଙ୍କ ପୁଅ ଦର୍ଶନ ମେହେର ଓ ସହଯୋଗୀ ଧନେଶ୍ୱର ମେହେର ଗୁରୁତର ହୋଇଥିଲେ। ବାଉଁଶୁଣୀ ଦମକଳ ବାହିନୀ ଗୁରୁତରଙ୍କୁ ଉଦ୍ଧାର କରି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଧନେଶ୍ୱରଙ୍କୁ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଓ ମୃତକଙ୍କ ପରିବାର କ୍ଷତିପୂରଣ ଦାବିରେ ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ବାଉଁଶୁଣୀ ଥାନାଧିକାରୀ ଦାସଙ୍କ ସମେତ ବୌଦ୍ଧ ଏସ୍‌ଡିପିଓ ଲରେନ ରାଉତରାୟ, ତହସିଲଦାର ଅନୀତା କୁମାରୀ ସାହୁ, ଅତିରିକ୍ତ ତହସିଲଦାର ମହମ୍ମଦ ରୋଜାଏ ରସୁଲ, ରାଜସ୍ୱ ନିରୀକ୍ଷକ ସୋନାଲି ମୋନିକା ବିଶି, ଅଁଳାପାଲି ସରପଞ୍ଚ ଅଜିତ ମେହେର ପ୍ରମୁଖ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରେଡକ୍ରସ୍ ପାଣ୍ଠିରୁ ୧୦ହଜାର, ହରିଶ୍ଚନ୍ଦ୍ର ଯୋଜନାରେ ଗୋଛାପଡା ଓ ଅଁଳାପାଲି ପଞ୍ଚାୟତରୁ ୩ ହଜାର ଟଙ୍କା ଲେଖାଏ ସହାୟତା ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।



ଦୁର୍ଘଟଣା ପରେ କ୍ଷତିପୂରଣ ଦାବି କରି ରାସ୍ତାରୋକୋ କରାଯାଇଛି।








ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ. ସ୍ମୃତିରଞ୍ଜନ ଲେଙ୍କା ତାଙ୍କ ରଚିତ ପୁସ୍ତକ 'ଅନ୍ୱେଷଣ- ସତ୍ୟର ସନ୍ଧାନ'କୁ ସୋମବାର ଧରିତ୍ରୀ କାର୍ଯ୍ୟାଳୟ ପରିସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ପ୍ରଦାନ କରୁଛନ୍ତି ।

# ଏଆଇଟିୟୁସିର ଦାବି ଦିବସ ପାଳିତ

ସୁନ୍ଦରଗଡ,୫।୫(ଜୟ ନାରାୟଣ ମେଣ୍ଟୁଳି)

ଏଆଇଟିୟୁସିର ପୂର୍ବ ନିଷ୍ପତ୍ତି ଅନୁଯାୟୀ ସର୍ବନିମ୍ନ ମଜୁରୀ ପ୍ରଦାନ ଉପରେ ସର୍ବଭାରତୀୟ ଦାବି ଦିବସ ସୋମବାର ସୁନ୍ଦରଗଡଠାରେ ପାଳନ କରାଯାଇଥିଲା । ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଟିୟୁସି ସୁନ୍ଦରଗଡ ଜିଲା ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ ଦାବିପତ୍ର ପ୍ରଦାନ କରାଯାଇ ଦାବି ଦିବସ ପାଳନ କରାଯାଇଥିଲା । ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରଠାରେ ଏଆଇଟିୟୁସି ଅନୁବନ୍ଧିତ ଆଶା କର୍ମୀ ସଂଘ, ପାଚିକା ସଂଘ, ଅଙ୍ଗନୱାଡ଼ି ସଂଘ ସମେତ ବିଭିନ୍ନ ଶ୍ରମିକ ସଙ୍ଗଠନର ଶତାଧିକ କର୍ମୀ ଏକତ୍ରିତ ହୋଇଥିଲେ । ଏହାପରେ ସେଠାରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପାଚିକା ଓ ସହାୟିକା ସଂଘର ରାଜ୍ୟ ସଭାପତି କମଳ ଷଣ୍ଢଙ୍କ ସଭାପତିତ୍ୱରେ




ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିବାଦ ସଭାରେ ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ କୁମାର ଦାଶ ଯୋଗଦେଇ ଦାବି ଦିବସ ପାଳନର ଯଥାର୍ଥତା ଉପରେ ଆଲୋକପାତ କରିଥିଲେ । ଏଆଇଟିୟୁସି ସୁନ୍ଦରଗଡ ଜିଲା କାର୍ଯ୍ୟକାରୀ ସଭାପତି ମାତିଲଦା କୁଲୁ, ସହସମ୍ପାଦକ ବିଶ୍ୱଦୂତ ରାୟ, ଶ୍ରମିକ ନେତା ସନ୍ତୋଷ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତି ଉପରେ ବର୍ଷିଥିଲେ । ପାଚିକା ସଂଘର ରାଜ୍ୟ ସହ ସମ୍ପାଦିକା ସାବିତ୍ରୀ ପଟେଲ, ଆଶା କର୍ମୀ ସଂଘର ରାଜ୍ୟ ଉପସଭାପତି ମାରିଆନା ମିଞ୍ଜ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟା

## ୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

ସୁରେଖା ନାଏକ, ସିମ୍ରୋଜା ବାଡା, ଜିଲା ଉପସଭାପତି ଟିକେଶ୍ୱରୀ ପାଣ୍ଡେ, ପାଚିକା ସଂଘର ଜିଲା ସଭନେତ୍ରୀ ରମ୍ଭାବତୀ ନୁନୁଟୁରିଆ, ଇଲିସାବା ଆଇଣ୍ଡ, ରଞ୍ଜିତା ଡୁଙ୍ଗ ଡୁଙ୍ଗ, କସ୍ତୁରୀ ମାଝୀ ପ୍ରମୁଖ ଏହି ପ୍ରତିବାଦ ସଭାରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଆସନ୍ତା ୨୦ତାରିଖରେ କେନ୍ଦ୍ରିୟ ଶ୍ରମିକ ସଙ୍ଗଠନର ଡାକରାରେ ସର୍ବଭାରତୀୟ ଧର୍ମଘଟ କରାଯିବ ବୋଲି ଏଆଇଟିୟୁସି ରାଜ୍ୟ ସଭାପତି ଦାଶ ଆହ୍ୱାନ ଦେଇଥିଲେ । ପ୍ରତିବାଦ ସଭା ଶେଷରେ ଜିଲାପାଳଙ୍କ ଜରିଆରେ ସରକାରଙ୍କ ଉଦ୍ଦେଶ୍ୟରେ ୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା । ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ୯ ଅଭିଯୋଗର ତତକ୍ଷଣାତ୍ ସମାଧାନ

ସୁନ୍ଦରଗଡ଼/ହେମଗିର,୫।୫ (ଜୟ ନାରାୟଣ ମେଣ୍ଟୁଳି/ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମନୋଜ ମହାଜନ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ । ମୋଟ ୭୭ଟି ଅଭିଯୋଗ ରହିଥିଲା । ସେଥିମଧ୍ୟରୁ ୩୧ଟି ବ୍ୟକ୍ତିଗତ ଏବଂ ୪୬ଟି ସାମୂହିକ ଅଭିଯୋଗ ରହିଥିଲା । ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ ୯ଟି ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା । ଅଭିଯୋଗ ଶୁଣାଣିରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ,



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ହେମଗିର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଜୁଆ ଆଡ୍ଡାରେ ଚଢାଉ, ୫ ଗିରଫ

ସୁନ୍ଦରଗଡ଼,୫।୫(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ଟାଉନଥାନା ପୋଲିସ ସୋମବାର ସନ୍ଧ୍ୟାରେ ଏକତାନଗରେ ଚାଲୁଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୫ଜଣ ଜୁଆଡିଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପତ୍ରାପଡାର କ୍ରିଷ୍ଣା ଗୁପ୍ତା (୨୬), ପାଣ୍ଡିରିଡିପାର ହରିଶଙ୍କର ବେହେରା(୩୫), ଖମାରୀପଡାର ପଙ୍କଜ କୁମାର (୩୮),ଏମଡି ମୁନ୍ନା(୩୬) ଓ ଶଙ୍କରା ଅମିତ ସାହୁ (୪୦) । ପୋଲିସ ସେମାନଙ୍କ ନିକଟରୁ ନଗଦ ୧୫ ହଜାର ୬୦ଟଙ୍କା, ୩ ପ୍ୟାକେଟ ତାସ ପୁଡିଆ, ୬ଟି ମୋବାଇଲ ଫୋନ ଓ ୨ଟି ବାଇକ ଜବତ କରିଛି । ସେମାନଙ୍କ ବିରୋଧରେ ଟାଉଥାନାରେ କେସ୍ ନମ୍ବର ୧୭୨/୨୫ରେ ଏକ ମାମଲା ରୁଜୁ ହୋଇଛି ।

# ଦକ୍ଷତା ବିକାଶ ପାଠ୍ୟକ୍ରମ ମାଧ୍ୟମରେ ସଶକ୍ତ କରୁଛି ଜିଏମ୍‌ଡିସି



ସିଟିଟିସି ପରିଦର୍ଶନରେ ଯାଇଥିବା ଛାତ୍ରୀ ।

ସୁନ୍ଦରଗଡ଼,୫।୫(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ଜିଲା ହେମଗିର ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଉନ୍ନତ ଭବିଷ୍ୟତ ଗଠନ କରିବା ଲକ୍ଷ୍ୟରେ ଗୁଜରାଟ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଜିଏମଡିସି) ବିଭିନ୍ନ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିଆସିଛି । ନିଜର ସାମାଜିକ ଦାୟିତ୍ୱ ଶାଖା, ଗ୍ରାମ୍ୟ ବିକାଶ ଟ୍ରଷ୍ଟ (ଜିଏମଡିସି-ଜିଭିଟି) ଅଧୀନରେ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଯୁବତୀ ଯୁବକମାନଙ୍କୁ ସିଏନସି ଟର୍ନିଂ ପାଠ୍ୟକ୍ରମରେ ତାଲିମ ପ୍ରଦାନ କରି ନିଯୁକ୍ତିଯୋଗ୍ୟ ଦକ୍ଷତା ବୃଦ୍ଧି ନିମନ୍ତେ ଉଦ୍ୟମ କରାଯାଇଛି । ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଦ୍ୱିତୀୟ ପର୍ଯ୍ୟାୟରେ ୨୩ ଜଣ ଛାତ୍ରୀ ମେ ୨-୩ ତାରିଖରେ ୨ ଦିନିଆ ଭୁବନେଶ୍ୱର ଭ୍ରମଣରେ ଯାଇଥିଲେ । ଶୁକ୍ରବାର ସେମାନେ ଭାରତ ସରକାରଙ୍କ ଅଧୀନସ୍ଥ ଭୁବନେଶ୍ୱର ସ୍ଥିତ ସେଣ୍ଟ୍ରାଲ ଟୁଲ ରୁମ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି) କୁ ପରିଦର୍ଶନ କରିଥିଲେ । ଦକ୍ଷତା ବିକାଶ କ୍ଷେତ୍ରରେ ସିଟିଟିସି ଦେଶର ଏକ ପ୍ରମୁଖ ଓ ଖ୍ୟାତିସମ୍ପନ୍ନ ଅନୁଷ୍ଠାନ । ସିଟିଟିସି ହେମଗିରି ଅଞ୍ଚଳର ଛାତ୍ରୀଛାତ୍ରଙ୍କ ପାଇଁ ଏକ ସ୍ୱତନ୍ତ୍ର ସିଏନସି ଟର୍ନିଂ ପାଠ୍ୟକ୍ରମ ପ୍ରସ୍ତୁତ କରିଛି, ଯାହା ତାଲିମ ଶେଷରେ ନିଶ୍ଚିତ ନିଯୁକ୍ତିର ସୁଯୋଗ ପ୍ରଦାନ କରିଥାଏ । ପରିଦର୍ଶନ ସମୟରେ ଛାତ୍ରୀମାନେ ସିଟିଟିସିର ପରୀକ୍ଷାଗାର ଓ ଉତ୍ପାଦନ ବିଭାଗଗୁଡିକୁ ଅନୁଧ୍ୟାନ କରିଥିଲେ । ଏଥିସହ ତାଲିମରେ ବ୍ୟବହୃତ ଉପକରଣଗୁଡିକୁ ମଧ୍ୟ ନିକଟରୁ ପରଖି ଜ୍ଞାନ ଆହରଣ କରିଥିଲେ । ଏହି ପରିଦର୍ଶନ ସମୟରେ ଛାତ୍ରୀମାନେ ପ୍ରଶିକ୍ଷଣ ସୁବିଧା, ପାଠ୍ୟକ୍ରମର ଗଠନ ଓ ନିଯୁକ୍ତି ସମ୍ଭାବନା ସମ୍ପର୍କରେ ମଧ୍ୟ ବିସ୍ତୃତ ଧାରଣା ଲାଭ କରିଥିଲେ । ଏହି ପରିଦର୍ଶନ ଦ୍ୱାରା ଉତ୍ସାହିତ ହୋଇ ଅନେକ ଆଗ୍ରହୀ ଛାତ୍ରୀ ବର୍ତ୍ତମାନ ଏହି ପାଠ୍ୟକ୍ରମରେ ନାମ ଲେଖାଇବାକୁ ପ୍ରସ୍ତୁତ ହେଉଛନ୍ତି । ଜିଏମଡିସି ଆମର ରହଣି, ଖାଦ୍ୟ ଓ ପ୍ରଶିକ୍ଷଣର ସମସ୍ତ ଖର୍ଚ୍ଚ ବହନ କରୁଛି । ଏହା ଆମ ପାଇଁ ସୁବର୍ଣ୍ଣ ସୁଯୋଗ ଏବଂ ଏକ ଉତ୍ତମ ଭବିଷ୍ୟତ ଗଢିବାରେ ସହାୟକ ହେବ ବୋଲି ଛାତ୍ରୀମାନେ କହିଛନ୍ତି । ଜିଏମଡିସି ସିଏନସି ଟର୍ନିଂ ପାଠ୍ୟକ୍ରମ ପାଇଁ ସିଟିଟିସି ସହିତ ବୁଝାମଣା ଚୁକ୍ତିପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ଏହା ପୂର୍ବରୁ ଏପ୍ରିଲ ୧୦-୧୧ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୩୦ ଜଣ ଯୁବକ ସିଟିଟିସି ପରିଦର୍ଶନ କରିଥିଲେ । ଜିଏମଡିସି ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଭୁବନେଶ୍ୱରର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଏବଂ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନର ସମସ୍ତ ବ୍ୟବସ୍ଥା କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମର ପରିଚାଳନାରେ ବିଏନବି, ସିଏସଆରଇ ଓ କର୍ମଚାରୀମାନେ ସହାୟତା ପ୍ରଦାନ କରିଥିଲେ । ଏହି ଉଦ୍ୟମ ଯୁବପୀଢ଼ିଙ୍କ ମାନସିକ ଏବଂ ବୃତ୍ତିଗତ ବିକାଶକୁ ସମନ୍ୱିତ କରୁଛି ବୋଲି ଜିଏମଡିସି ପକ୍ଷରୁ କୁହାଯାଇଛି ।

# ୧୫ରୁ ଗ୍ରୀଷ୍ମକାଳୀନ ବାଳିକା କ୍ରିକେଟ ପ୍ରଶିକ୍ଷଣ ଶିବିର

ସୁନ୍ଦରଗଡ଼,୫।୫(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆସନ୍ତା ୧୫ ତାରିଖରୁ ଏକ ଗ୍ରୀଷ୍ମକାଳୀନ ବାଳିକା କ୍ରିକେଟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଛି । ଏହି ଶିବିରରେ ୮ରୁ ୧୫ ବର୍ଷ ଯାଏଁ ବାଳିକା ପ୍ରଶିକ୍ଷଣ ନେଇ ପାରିବେ । ଉକ୍ତ ଶିବିରରେ ଭାଗନେବା ପାଇଁ ଇଚ୍ଛୁକ ଖେଳାଳିମାନଙ୍କୁ ନିଜ ନାମ ପଞ୍ଜୀକରଣ କରାଇବାକୁ ପଡ଼ିବ । ପଞ୍ଜୀକୃତ ଖେଳାଳିମାନଙ୍କୁ ସମସ୍ତ କ୍ରିକେଟ ଉପକରଣ ଉପଲବ୍ଧ କରାଇବା ସହିତ ଜର୍ସି, ଟୋପି ଆଦି ପ୍ରଦାନ କରାଯିବ ବୋଲି ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ସୋମବାର ପ୍ରକାଶ କରିଛନ୍ତି । ଏହି ଶିବିର ଜିଲାର କ୍ରିକେଟ ପ୍ରଶିକ୍ଷକ ସୁଶୀଲ କୁମାର ମିଶ୍ର ଓ ଶରତ ମିଞ୍ଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହେବ ବୋଲି ଭୋଳ ସୂଚନା ପ୍ରଦାନ କରିଛନ୍ତି । ମଙ୍ଗଳବାର ଠାରୁ ଜିଲା କ୍ରୀଡା ସଂସଦ ଷ୍ଟାଡିୟମ ପରିସରରେ ଅବସ୍ଥିତ ସଂସଦ କାର୍ଯ୍ୟାଳୟରେ ନିଜ ଆଧାର କାର୍ଡ, ଜନ୍ମ ପ୍ରମାଣ ପତ୍ର ନେଇ ପଞ୍ଜୀକରଣ କରାଇବା ପାଇଁ ସୂଚନା ଦେବା ସହିତ ସବିଶେଷ ବିବରଣୀ ପାଇଁ ଶୁଭମ ଦାଶଙ୍କୁ ନମ୍ବର- ୭୭୪୯୯୫୨୦୩୩ରେ ଯୋଗାଯୋଗ କରିବା ପାଇଁ କହିଛନ୍ତି ।

# କୁଆଁରମୁଣ୍ଡା ବ୍ଲକରେ ନୂତନ ବିଇଓଙ୍କ ଯୋଗଦାନ



ନମିତା ମହାପାତ୍ରଙ୍କୁ ସ୍ୱାଗତ କରାଯାଉଛି ।

କୁଆଁରମୁଣ୍ଡା,୫।୫(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକରେ ନୂତନ ଗୋଷ୍ଠୀ ଶିକ୍ଷାଧିକାରୀଭାବେ ସୋମବାର ନମିତା ମହାପାତ୍ର କାର୍ଯ୍ୟରେ ଯୋଗଦେଇଛନ୍ତି । ନୂତନଭାବେ ଦାୟିତ୍ୱ ଗ୍ରହଣ କରିବା ଅବସରରେ ବିଇଓ ମହାପାତ୍ର ବ୍ଲକ ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବୃଦ୍ଧି ଦିଗରେ ପ୍ରୟାସ ଜାରି ରଖିବେ ବୋଲି ଏକ ପ୍ରଶ୍ନର ଉତ୍ତରରେ କହିଥିଲେ । ସେହିପରି ନିଜର ଦୀର୍ଘ ବର୍ଷର ଶୈକ୍ଷିକ ଅଭିଜ୍ଞତାକୁ ପ୍ରୟୋଗ କରି କୁଆଁରମୁଣ୍ଡା ଅଞ୍ଚଳରେ ଶିକ୍ଷାର ମାନକୁ ବୃଦ୍ଧି କରିବା ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି । ଅନ୍ୟପକ୍ଷରେ ନୂତନ ବିଇଓ ଭାବେ ନମିତା କାର୍ଯ୍ୟଭାର ଗ୍ରହଣ କରିବା ପରେ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳର ଶିକ୍ଷକମାନେ ତାଙ୍କୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଭେଟି ଫୁଲ ତୋଡା ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ମଧୁସ୍ମିତା ପ୍ରଧାନ ଓ ଅନ୍ୟ ଶିକ୍ଷକଙ୍କ ସହ ସିଆରସିସି ଡମ୍ବରୁଧର ନାଏକ, ଯୋଗେଶ୍ୱର ରାଏ, ମିତା କାଲୋ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ରାଉତ ଓ ଅନ୍ୟ ଶିକ୍ଷକମାନେ ନୂତନ ବିଇଓ ମହାପାତ୍ରଙ୍କୁ ଭେଟି ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।

# କୋସଲି-ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ମିଳୁ

## ମୋଦି, ଶାହଙ୍କୁ କୋସଲି ସାହିତ୍ୟ ସଂସ୍କୃତି ଏକାଡେମୀର ଚିଠି

ସୋନପୁର,୫।୫(ମୃତ୍ୟୁଞ୍ଜୟ ଶତପଥୀ)

କୋସଲି-ସମ୍ବଲପୁରୀ ଭାଷା ସଂସ୍କୃତ ଭାଷା ଠାରୁ କେବଳ ପ୍ରାଚୀନ ନୁହେଁ ଏହା ପୃଥିବୀର ଶ୍ରେଷ୍ଠ ଲାଳିତ୍ୟ ପୂର୍ଣ୍ଣ ଭାଷା ମଧ୍ୟରୁ ଅନ୍ୟତମ । ଭାରତୀୟ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ଏହା ସ୍ଥାନିତ ହୋଇ ନ ଥିବାରୁ ଏପର୍ଯ୍ୟନ୍ତ ଏହା ଲିଖିତ ଭାଷାରୂପେ ସ୍ୱୀକୃତ ନ ହୋଇ ଏକ କଥିତ ଭାଷା ଭାବେ ବ୍ୟବହୃତ ହେଉଛି । ତେଣୁ କୋସଲି-ସମ୍ବଲପୁରୀ ଭାଷାକୁ ସମ୍ବିଧାନିକ ମାନ୍ୟତା ପ୍ରଦାନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି । ଏ ସମ୍ପର୍କରେ କୋସଲ ସାହିତ୍ୟ ସଂସ୍କୃତି ଏକାଡେମି ପକ୍ଷରୁ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖାଯାଇଛି । କୋସଲି ଭାଷାରେ ସାହିତ୍ୟର ବିଭିନ୍ନ ବିଭାଗରେ ହଜାର ହଜାର ସଂଖ୍ୟାରେ ପୁସ୍ତକ ରଚନା ହୋଇ ସାରିଲାଣି । ଏହା ଏକ ସ୍ୱତନ୍ତ୍ର ଭାଷା ବୋଲି ସନ୍ଦର୍ଭ ଲେଖି କେତେଜଣ ଗବେଷକ ବିଭିନ୍ନ ବିଶ୍ୱ ବିଦ୍ୟାଳୟରୁ ପି.ଏଚ.ଡି ଡିଗ୍ରୀ ହାସଲ କରି ସାରିଲେଣି । ଏ ସମ୍ପର୍କରେ ଏକାଡେମୀ ତରଫରୁ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କୁ ସ୍ମାରକପତ୍ର ମାଧ୍ୟମରେ ଜଣାଯାଇଛି ବୋଲି ଏକାଡେମୀ ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ କହିଛନ୍ତି ।

# ପ୍ରଦ୍ୟୁମ୍ନ ବିଜେଡି ରାଉରକେଲା ସାଙ୍ଗଠନିକ ଜିଲା ସଭାପତି

ବଣାଇଁ,୫।୫(ପ୍ରଦୀପ ତ୍ରିପାଠୀ)

ବିଜେଡି ରାଉରକେଲା ସାଙ୍ଗଠନିକ ଜିଲା ସଭାପତି କିଏ ହେବେ, କାହାର ନେତୃତ୍ୱକୁ ଦଳୀୟ କର୍ମୀ ଗ୍ରହଣ କରିବେ ତା'ର ଅନ୍ତ ଘଟାଇ ସୋମବାର ବିଜେଡି ସୁପ୍ରିମୋ ତଥା ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ରାଜ୍ୟ ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ଭାବେ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କୁ ମନୋନୀତ କରାଯାଇଛି । ବିଜେଡିର ନିର୍ବାଚନ



ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ।

ଅଧିକାରୀ ପ୍ରତାପ ଦେବଙ୍କ ସ୍ୱାକ୍ଷରିତ ନିଯୁକ୍ତି ପତ୍ର ପ୍ରକାଶିତ ହେବା ପରେ ରାଉରକେଲା, ବଣାଇଁ, ରଘୁନାଥପାଲି ଓ ବୀରମିତ୍ରପୁର ଅଞ୍ଚଳରେ ଦଳୀୟ କର୍ମୀ ବେଶ୍ ଉତ୍ସାହିତ ଅଛନ୍ତି । ନବ ନିଯୁକ୍ତ ସାଙ୍ଗଠନିକ ଜିଲା ସଭାପତି ତ୍ରିପାଠୀ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ କୃତଜ୍ଞତା ଜ୍ଞାପନ କରିବା ସହ ରଘୁନାଥପାଲି ପୂର୍ବତନ ବିଧାୟକ ସୁବ୍ରତ ତରାଇ, ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ ଓ ଜିଲା ନିର୍ବାଚନ ଅଧିକାରୀ ଜୟନ୍ତ କୁମାର ମିଶ୍ରଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି ।




ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଚାର୍ଡି ପାହାଡ଼ ନିକଟସ୍ଥ ୧୪୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ କାରଖାନାର ବିଷାକ୍ତ ପାଉଁଶ ଗଦା ହୋଇଛି । (ଫଟୋ: ମହେନ୍ଦ୍ର ସାହୁ)

# ନାବାଳକ ନିଖୋଜ, ଥାନାରେ ଏତଲା

କୁଆଁରମୁଣ୍ଡା,୫।୫(ମହେନ୍ଦ୍ର କୁମାର ସାହୁ)

୧୧ ବର୍ଷୀୟ ନାବାଳକ ନିଖୋଜ ହେବାର ୧୭ ଦିନ ପରେ ନାବାଳକଙ୍କ ବାପା ରାମୁ ଟପ୍ପୋ ସୋମବାର ବୀରମିତ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ଏକ ମାମଲା ରୁଜୁ କରି ଥାନାଧିକାରୀ ରାମ ପ୍ରସାଦ ନାଗ ଘଟଣାର ତଦନ୍ତ ଆରମ୍ଭ କରିଥିବା କହିଛନ୍ତି । ଆଇଆଇସି ନାଗଙ୍କ ସୂଚନା ଅନୁଯାୟୀ, କୁମଝରିଆ ପଞ୍ଚାୟତ ରାଇଛାପଲ ଗ୍ରାମର ରାମୁଙ୍କ ନାବାଳକ ପୁଅ ଏପ୍ରିଲ ୧୮ ତାରିଖ ଅପରାହ୍ନରେ କେଉଁ ଆଡେ ନିଖୋଜ ହୋଇଯାଇଛନ୍ତି ।






ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ. ସ୍ମୃତିରଞ୍ଜନ ଲେଙ୍କା ତାଙ୍କ ରଚିତ ପୁସ୍ତକ 'ଅନ୍ୱେଷଣ– ସତ୍ୟର ସନ୍ଧାନ'କୁ ସୋମବାର ଧରିତ୍ରୀ କାର୍ଯ୍ୟାଳୟ ପରିସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ପ୍ରଦାନ କରୁଛନ୍ତି।

## ଟ୍ୟାଙ୍କର-ବାଇକ୍ ଧକ୍କା, ଯୁବକ ମୃତ

**ବାଉଁଶୁଣୀ,୫।୫(ଦେବାଶିଷ ନେପାକ)**

୫୭ ନଂ. ଜାତୀୟ ରାଜପଥର ବୌଦ୍ଧ ଥାନା ଜହ୍ନାପଙ୍କ ଫାଣ୍ଡି ପୋଡାବଲସ୍ ଛକ ନିକଟରେ ସୋମବାର ମଧ୍ୟାହ୍ନ ସାଢେ ୧୨ଟାରେ ଟ୍ୟାଙ୍କର ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପଦ୍ମନପୁର ଗ୍ରାମପଞ୍ଚାୟତ ବଡ ଖଲିଗାଁର ସୁମନ୍ତ ରଣା(୨୩)। ସୁମନ୍ତ ଏକ ବାଇକ୍ ଯୋଗେ ବୌଦ୍ଧ ପଟରୁ ନିଜ ଗାଁକୁ ଫେରୁଥିବା ବେଳେ ପୋଡାବଲସ ନିକଟରେ ସାମ୍ନାରୁ ଆସୁଥିବା ଏକ ଟ୍ୟାଙ୍କର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁ ଓ ବୌଦ୍ଧ ଆଇଆଇସି ରଞ୍ଜିତ କୁମାର ମୁନୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ଓ ବାଇକ୍‌କୁ ଜବତ କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଡାକ୍ତରଖାନାକୁ ପଠାଯାଇଥିଲା। ଟ୍ୟାଙ୍କର ଚାଳକ ଓ ହେଲପରଙ୍କୁ ଜହ୍ନାପଙ୍କ ଫାଣ୍ଡିରେ ଅଟକ ରଖି ତଦନ୍ତ ଚାଲିଥିବା ପୋଲିସ କହିଛି।

# ଜମି ଅଧିଗ୍ରହଣକୁ ବିରୋଧକରି ଧାରଣା




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜମେରା ଗ୍ରାମବାସୀ ଧାରଣା ଦେଇଛନ୍ତି।

**ଝାରସୁଗୁଡା, ୫।୫(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ ଜମେରା ଗ୍ରାମପଞ୍ଚାୟତରେ ଶିଳ୍ପ ଓ କାରଖାନା ପାଇଁ ସରକାରୀ ଜମି ଅଧିଗ୍ରହଣକୁ ଗ୍ରାମବାସୀ ବିରୋଧକରି ସୋମବାର ସକାଳ ୮ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଅଭିଯୋଗ ଅନୁଯାୟୀ, ପି.ଆର୍. ନୋଟିସ ନମ୍ବର ୮୦, ମିସ୍ କେସ୍ ନମ୍ବର ୪୪/୨୫ ଅନୁସାରେ ଜମେରା ଗ୍ରାମପଞ୍ଚାୟତ ଅଧୀନରେ ଥିବା ମୁଖ୍ୟରାସ୍ତା, ଖେଳପଡିଆ, ଇବ୍ ନଦୀକୁ ଯିବା ରାସ୍ତା, ଚାଷଜମିକୁ ଲାଗି ରହିଥିବା ନଳା, ଗାଧୋଇବା ପାଇଁ ଥିବା ବନ୍ଧ, ପଡିଆ ଆଦି ସର୍ବସାଧାରଣଙ୍କ ନିମନ୍ତେ ଉର୍ଦ୍ଦିଷ୍ଟ ଥିବା ସରକାରୀ ଜାଗାକୁ ଅଧିଗ୍ରହଣ କରିବା ପାଇଁ ଏକ କମ୍ପାନୀ ଜିଲା ପ୍ରଶାସନ ମାଧ୍ୟମରେ ଗତ ଏପ୍ରିଲ ୨୧ରେ ଗ୍ରାମବାସୀଙ୍କୁ ନୋଟିସ ପ୍ରଦାନ କରିଥିଲା। ଜମେରା ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ଗତ ୧ ତାରିଖରେ ଝାରସୁଗୁଡା ତହସିଲଦାରଙ୍କୁ ଏନେଇ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ସେହିପରି ଗ୍ରାମବାସୀ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଯଦି ଉକ୍ତ ସରକାରୀ ଜମି କମ୍ପାନୀକୁ ଅଧିଗ୍ରହଣ ପାଇଁ ଦିଆଯାଏ ତା'ହେଲେ ଗୋଚାରଣ ଭୂମି, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେବ। ଏପରି କି ଗ୍ରାମର ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହେବ। ତେଣୁ ଏହି ଜମି ଅଧିଗ୍ରହଣ ବନ୍ଦ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଆଗାମୀ ଦିନରେ ଜମି ଅଧିଗ୍ରହଣ ବନ୍ଦ ନ ହେଲେ ବିରାଟ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ମାଟି ଚୋରା ଚାଲାଣ ଅଭିଯୋଗ

**ଝାରସୁଗୁଡା ୫।୫(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ଜିଲାରେ ନୂତନ ରେଲଲାଇନ୍ ନିର୍ମାଣ କାମ ଚାଲିଛି। ବିଶେଷକରି ରେଳ ଓଭର ବ୍ରିଜ୍ ନିର୍ମାଣ ପାଇଁ ଠିକା ନେଇଥିବା କମ୍ପାନୀଗୁଡ଼ିକ ବେଆଇନ ଭାବେ ମାଟି ଚାଲାଣ କରୁଥିବା ସୋମବାର ଅପରାହ୍ନ ୫ଟାରେ କୁକୁରଜଙ୍ଘା ଗ୍ରାମରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଝାରସୁଗୁଡା ଯୁବ ସାମ୍ମୁଖ୍ୟର ଉପଦେଷ୍ଟା ଜିତେନ୍ଦ୍ରୀୟ ଧୁରୁଆ ସୂଚନା ଦେଇଛନ୍ତି। ବିଶେଷକରି ଠିକା କମ୍ପାନୀ ଏବେ କୁକୁରଜଙ୍ଘା ଓ ଦେବାଡିହି ଗ୍ରାମ ନିକଟରେ ନେଇଥିବା ଲିଜ୍‌ଠାରୁ ଅଧିକ ପରିମାଣର ମାଟି ଖୋଳୁଥିବା ଅଭିଯୋଗ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା କୁକୁରଜଙ୍ଘା ଗ୍ରାମ ନିକଟରେ ମାଟି ଖୋଳା ଯାଇଥିବା ସ୍ଥାନରେ ବର୍ଜ୍ୟବସ୍ତୁ ପକାଯାଉଛି। ତୁରନ୍ତ ପ୍ରଶାସନ ଏଦିଗରେ ପଦକ୍ଷେପ ନେବା ପାଇଁ ଯୁବ ସାମ୍ମୁଖ୍ୟ ପକ୍ଷରୁ ଦାବି ହୋଇଛି। ଏନେଇ ଯୁବ ସାମ୍ମୁଖ୍ୟର ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବ। ଏଥିସହ ରେଳ ମନ୍ତ୍ରୀଙ୍କ ନିକଟକୁ ମଧ୍ୟ ପତ୍ର ଲେଖାଯିବ। ଆସନ୍ତା ୧ ମାସ ମଧ୍ୟରେ ସରକାର ଏ ଦିଗରେ ପଦକ୍ଷେପ ନ ନେଲେ ତୀବ୍ର ଆନ୍ଦୋଳନ ହେବ ବୋଲି ସାମୁଖ୍ୟ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଯୁବ ସାମ୍ମୁଖ୍ୟ ଉପଦେଷ୍ଟା ଜିତେନ୍ଦ୍ରୀୟ ଧୁରୁଆ, ସଂଯୋଜକ ସମ୍ପିତ ନାଏକ, ସହ ସଂଯୋଜକ ରବି ରୋହିଦାସ, ମୁଖପାତ୍ର ଅସିମ ପଟେଲ, ତ୍ରିଲୋଚନ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

# ପଦାରେ ପଡ଼ିଲା ଦଳୀୟ ଗୋଷ୍ଠୀ କନ୍ଦଳ

**କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ**

- ୨ ଗୋଷ୍ଠୀ ମଧ୍ୟରେ ଧସ୍ତାଧସ୍ତି
- ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା

**ଦେବଗଡ, ୫।୫ (ଶଶାଙ୍କ ଶେଖର ଝାଙ୍କର)**

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ସୋମବାର ଦେବଗଡ଼ ଗସ୍ତବେଳେ ପଦାରେ ପଡିଛି ଦଳୀୟ କନ୍ଦଳ। ଭକ୍ତଙ୍କୁ ଗୋଟିଏ ଗୋଷ୍ଠୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଥିବାବେଳେ ଅନ୍ୟ ଗୋଷ୍ଠୀ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା।

ସୂଚନା ଅନୁଯାୟୀ, କଂଗ୍ରେସ ପକ୍ଷରୁ ଦେବଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମ୍ବିଧାନ ବଞ୍ଚାଅ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଯୋଗଦେଇ କହିଛନ୍ତି, ଦେଶର ସମ୍ବିଧାନ ଏବେ ସଙ୍କଟରେ। ଏହାର ସୁରକ୍ଷା ପାଇଁ ପ୍ରତ୍ୟେକ ରାଜନୈତିକ ଦଳ ଏବଂ ଜନସାଧାରଣ ଲଢେଇ କରିବାର ଆବଶ୍ୟକତା ରହିଛି। ସମ୍ବିଧାନ ସଶକ୍ତ ହେଲେ ଗଣତନ୍ତ୍ର ସଶକ୍ତ ହେବ ଓ ଆମ ଅଧିକାର ସୁରକ୍ଷିତ ରହିବ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଜାତି ଜନଗଣନା ପାଇଁ ସଂସଦରେ ଦାବି ଉପସ୍ଥାପନ କରିଥିବାବେଳେ ଭାଜପା ଏହାକୁ ଉପହାସ କରିଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ତଥା ବରିଷ୍ଠ କଂଗ୍ରେସ ନେତା ନଗେନ୍ଦ୍ର ପ୍ରଧାନ, ପୂର୍ବତନ ଏମ୍‌ପି ଯଶୋବନ୍ତ ସିଂ ଲାଗୁରୀ, ବାସୁଦେବପୁର ବିଧାୟକ ଅଶୋକ ଦାସ, ବରିଷ୍ଠ କଂଗ୍ରେସ ନେତା କମଳ ଲୋଚନ ତାଣ୍ଡି, ସୁଧାଂଶୁ ଦେଓ, ଦିଲୀପ ଦୁରିଆ, ଅଭିଷେକ ସେଠ, ଦୁର୍ଗାଶଙ୍କର ପାଢୀ, କେଦାର ବରହିଆ ଓ ପ୍ରିୟବ୍ରତ ସାହୁଙ୍କ ସମେତ ରାଜ୍ୟସ୍ତରୀୟ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

ଅପରପକ୍ଷରେ ପିସିସି ସଭାପତିଙ୍କ ଗସ୍ତ ସମୟରେ ଜିଲା କଂଗ୍ରେସ ସଙ୍ଗଠନରେ ଥିବା କନ୍ଦଳ ପଦାରେ ପଡିଛି। ଜିଲା କଂଗ୍ରେସ କମିଟି ସଭାପତି ହେମ୍ବ୍ରମ ପିସିସି ସଭାପତିଙ୍କୁ ସ୍ଥାନୀୟ ଜେଲ ଛକରୁ ଶତାଧିକ ନେତା ଓ କର୍ମୀଙ୍କ ଗହଣରେ ସ୍ୱାଗତ କରି ବିରାଟ ଶୋଭାଯାତ୍ରାରେ ସଭାସ୍ଥଳକୁ ଯାଉଥିଲେ। ଏହି ସମୟରେ ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ସିଦ୍ଧେଶ୍ୱର ଗୁରୁଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଭିନ୍ନ ରାସ୍ତାରେ ଶୋଭାଯାତ୍ରାରେ ଆସି ଘରୋଇ ବସଷ୍ଟାଣ୍ଡ ଛକରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଫଳରେ ସେଠାରେ ଦୁଇଟି ଯାକ ଶୋଭାଯାତ୍ରା ଏକତ୍ରିତ ହୋଇଥିଲା। ତେବେ ସିଦ୍ଧେଶ୍ୱର ଏବଂ ତାଙ୍କ ସମର୍ଥକମାନେ ପିସିସି ସଭାପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଥିବାବେଳେ ଉଭୟ ଗୋଷ୍ଠି ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିବାବେଳେ ସମସ୍ତେ ପୁଣି ଏକାଠି ମିଶି ଶୋଭାଯାତ୍ରାରେ ସମାବେଶ ସ୍ଥଳକୁ ଆସିଥିଲେ। ତେବେ ଦଳୀୟ କନ୍ଦଳକୁ ନେଇ ପିସିସି ସଭାପତି ଦାସ କହିଛନ୍ତି, ଦଳର ଶକ୍ତି ବୃଦ୍ଧି ହେଲେ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥାଏ। ଏହା ତାହାର ପ୍ରତିଫଳନ ବୋଲି ସେ କହିଛନ୍ତି।



ଶୋଭାଯାତ୍ରାବେଳେ କଂଗ୍ରେସର ଦୁଇଗୋଷ୍ଠୀ ଧସ୍ତାଧସ୍ତି ହେଉଛନ୍ତି।



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଅନୁଷ୍ଠିତ ସମ୍ବିଧାନ ବଞ୍ଚାଅ ସମାବେଶରେ ଜିଲା କଂଗ୍ରେସ କମିଟି ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

## ସମସ୍ୟା ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ




ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଦେବଗଡ଼,୫।୫ (ଶଶାଙ୍କ ଶେଖର ଝାଙ୍କର)**

**ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର**

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୩୭ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ଅଭିଯୋଗର ଶୁଣାଣି କରିଥିଲେ। ବିଶେଷକରି କାଳବୈଶାଖୀ ପ୍ରଭାବରେ ହୋଇଥିବା କ୍ଷୟକ୍ଷତି ବାବଦକୁ ସହାୟତା ରାଶି ପ୍ରଦାନ, ପୁରୁଣା ବିଦ୍ୟାଳୟ ଖୋଲିବା, ଡ୍ରେନ୍‌ଗୁଡିକ ସଫା କରିବା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନ ସମ୍ପର୍କିତ ଅଭିଯୋଗ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରୀକ୍ଷିତ ସାହୁ, ସହକାରୀ ଜିଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

**ଝାରସୁଗୁଡା, ୫।୫(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ାର ନୂତନ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଭାବରେ ଅନୀଲ କୁମାର ପଟେଲ ସୋମବାର ପୂର୍ବାହ୍ନ ୧୦ଟାରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହି ଅବସରରେ ବିଇଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସୁଶାନ୍ତ କୁମାର ହୋତା, ଅଜୟ କୁମାର ପାଇକଯୋଶୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଝାରସୁଗୁଡା ବ୍ଲକ୍‌ର ସମସ୍ତ ସିଆର୍‌ସିସି, ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା, ଅନେକ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇ ପଟେଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ସୋମବାର ଅବସର ଗ୍ରହଣ କରିଥିବା ଶିକ୍ଷକ ମନୋଜ କୁମାର ପଟେଲଙ୍କୁ ଚୂଡାନ୍ତ ପେନ୍‌ସନ୍ ପ୍ରଦାନ କରାଯାଇଥିଲା।

## ଜନ ଅଭିଯୋଗ ଶୁଣାଣି ଶିବିର

**ଝାରସୁଗୁଡା,୫।୫(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ଜିଲା କାର୍ଯ୍ୟାଳୟରେ ସୋମବାର ସକାଳ ୭ଟାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ, ଅତିରିକ୍ତ ଜିଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମହେଶ ମୋହନ ପଣ୍ଡା ଓ ଡେପୁଟି କଲେକ୍ଟର ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ୧୩ଟି ସାମୂହିକ ଓ ୩୩ଟି ବ୍ୟକ୍ତିଗତ ଅଭିଯୋଗ ଆଗତ ହୋଇଥିଲା। ବିଶେଷକରି ଝାରସୁଗୁଡ଼ା ବ୍ଲକ ଅଧୀନ ଟାଙ୍ଗରପାଲି ଗ୍ରାମରେ ଖେଳପଡ଼ିଆ ନିମନ୍ତେ ଜମି ପ୍ରଦାନ ଓ କଲ୍ୟାଣ ମଣ୍ଡପ ନିର୍ମାଣ, ବେହେରାପାଟ ହରିଜନ ପଡ଼ାରେ ନଳକୂପ ପାଣି ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ, ଜମେରା ପଞ୍ଚାୟତରେ ଶିଳ୍ପ ଓ କାରଖାନା ପାଇଁ ଜମି ଅଧିଗ୍ରହଣକୁ ବିରୋଧ ଭଳି ବିଭିନ୍ନ ଅଭିଯୋଗର ଶୁଣାଣି ହୋଇଥିଲା। ଏହି ଅବସରରେ ଚିକିତ୍ସା ବାବଦକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୩୦ ହଜାର ଓ ଜଣଙ୍କୁ ରେଡ଼କ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ସୋନପୁର,୫।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବାଘଲପୁର ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ବାଘଲପୁର ଗାଁର ଗୋବିନ୍ଦ ତରିଆ(୭୦)। ସୂଚନା ଅନୁସାରେ ରବିବାର ସନ୍ଧ୍ୟାରୁ ଗୋବିନ୍ଦ ନିଖୋଜ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ସୋମବାର ପୋଖରୀରେ ମୃତ ଦେହ ଭାସୁଥିବା କେତେକ ଦେଖି ପୋଲିସକୁ ଖବର ଦେଇଥିଲେ। ହିକୁଡ଼ି ଫାଣ୍ଡି ଅଧିକାରୀ ଚକ୍ରଧର ବାରଲେବେଡିଆ ପୋଲିସ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସ୍ଥାନୀୟ ଲୋକେ ପାଣିରୁ ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ସେ ଶୌଚ ପାଇଁ ଆସିଥିବା ବେଳେ ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ମୃତଦେହ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## କେନ୍ଦୁପତ୍ର ଫଡ଼ିରେ ଅଗ୍ନିକାଣ୍ଡ

**ସୋନପୁର,୫।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ରାଜନଗର ସ୍ଥିତ କେନ୍ଦୁପତ୍ର ଫଡ଼ିରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିଯୋଗୁ କେନ୍ଦୁପତ୍ର ପୋଡି ନଷ୍ଟ ହୋଇଯାଇଛି। ପତ୍ର ଫଡ଼ିରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଉଲୁଣ୍ଡା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ବହୁ ଶୁଖିଲା କେନ୍ଦୁପତ୍ର ପୋଡି ନଷ୍ଟ ହୋଇଯାଇଥିଲା।

# 'ଛାତ୍ରୀଛାତ୍ର ନିଜ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି କରନ୍ତୁ'

**ଜିଲାସ୍ତରୀୟ ସମ୍ବର୍ଦ୍ଧନା ସଭା**

**୩୩ ମାଟ୍ରିକ୍ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ**




କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

**ଝାରସୁଗୁଡ଼ା,୫।୫(ଆଶିଷ ରଞ୍ଜନ ଦାଶ)**

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ହାସଲ କରିଥିବା ଝାରସୁଗୁଡା ଜିଲାର ୩୩ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ପ୍ରେକ୍ଷାଳୟରେ ସୋମବାର ପୂର୍ବାହ୍ନ ୧୦ଟାରେ ଜିଲାସ୍ତରୀୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ବିଧାୟକ କହିଛନ୍ତି, ଛାତ୍ରୀଛାତ୍ର ନିଜ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି କରନ୍ତୁ। ଆସନ୍ତାବର୍ଷ ମାଟ୍ରିକ୍ ପରୀକ୍ଷାରେ ଜିଲାର ଛାତ୍ରୀଛାତ୍ର କିପରି ଉତ୍ତମ ପ୍ରଦର୍ଶନ କରିବେ ସେଥିପାଇଁ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ନିକଟରୁ ସେ ସୁଚିନ୍ତିତ ମତାମତ ଚାହିଁଥିଲେ। ସମ୍ମାନିତ ଅତିଥି ଜିଲାପାଳ ଆବୋଲି ସୁନୀଲ ନରୱଣେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ଆଗକୁ ବଢ଼ିବା ପାଇଁ ସ୍ୱପ୍ନ ଦେଖିବା ଜରୁରୀ ବୋଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ ସା, ରବୀନ୍ଦ୍ର ମାଝୀ, ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ଅଧ୍ୟକ୍ଷା ରୀନା ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅଲିଭ ରଞ୍ଜନ ପୃଷେଠ, ତୁଳସୀ ପଡ଼ା ନିଜ ଅଭିଜ୍ଞତା ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଏ-୧ ଗ୍ରେଡ୍ ହାସଲ କରିଥିବା ଛାତ୍ରୀଛାତ୍ର, ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ, ଅଭିଭାବକ, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ସିଆର୍‌ସିସି, ବିଆର୍‌ସିସି, ଶିକ୍ଷା ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।



ଏକ ସମୟରେ ମନୁଷ୍ୟ ପାଇଁ ପାପବୋଧ ଦରକାର ଥିଲା। ତା'ଫଳରେ ତା'ର ନିଜକୃତ ଦୋଷତ୍ରୁଟି ଉପରେ ଘୃଣା ଆସେ। ଏହା ଯେପରି ମଣିଷର ଅହଂକାର ଉପରେ ଭଗବାନଙ୍କର ସମାର୍ଜନୀ ! କିନ୍ତୁ ଭଗବାନଙ୍କର ଏହି କୌଶଳଟିର ବିରୁଦ୍ଧରେ ମଣିଷ ଅହଂକାର ସ୍ଥାପନ କଲେ, ନିଜ ପାପ ସମ୍ବନ୍ଧେ ବୋଧ କମିଯାଏ ଓ ଅନ୍ୟର ପାପ ସମ୍ବନ୍ଧେ ବୋଧ ବଢିଯାଏ। –ଶ୍ରୀଅରବିନ୍ଦ



# ହୁଟିଙ୍କ ମାଡ଼

ଇରାନ୍ ସମର୍ଥିତ ୟେମେନ୍‌ର ହୁଟି ଉଗ୍ରବାଦୀମାନେ ମେ ୪ ତାରିଖରେ ଇସ୍ରାଏଲର ବୃହତ୍ତମ ସହର ତେଲ୍ ଆଭିଭ୍‌ର ବେନ୍ ଗୁରିଅନ୍ ଏୟାରପୋର୍ଟ ନିକଟରେ ବାଲାଷ୍ଟିକ ମିଶାଇଲ ମାଡ଼ କରିଛନ୍ତି। ଏହି ମିଶାଇଲ ଇସ୍ରାଏଲର ୪ ସ୍ତରୀୟ ଏୟାର ଡିଫେନ୍ସ ସିଷ୍ଟମକୁ ଭେଦ କରି ଲକ୍ଷ୍ୟରେ ପହଞ୍ଚିଥିବାରୁ ସେଠାରେ ୨୦ ଫୁଟିଆ ଗର୍ତ୍ତ ସୃଷ୍ଟି ହୋଇଛି। ଏପରି କି ପ୍ରଥମ ଥର ପାଇଁ ଇସ୍ରାଏଲର ଆରୋ ହେଜ୍ ଏବଂ ଆମେରିକାର ଥାଡ୍ ଏୟାର ଡିଫେନ୍ସ ସିଷ୍ଟମକୁ ଚକ୍‌ମା ଦେଇଛି ହୁଟିର ବାଲାଷ୍ଟିକ ମିଶାଇଲ। ଏହି ଆକ୍ରମଣ ପରେ ବେନ୍ ଗୁରିଅନ୍ ଏୟାରପୋର୍ଟକୁ ସମସ୍ତ ବିମାନ ସେବା ବନ୍ଦ କରାଯାଇଛି। ସୂଚନା ଦିଆଯାଇପାରେ ଯେ ଏୟାର ଇଣ୍ଡିଆର ବିମାନ ତେଲ ଆଭିଭ୍‌ରେ ଅବତରଣ କରିବାର ଏକ ଘଣ୍ଟାର କମ୍ ସମୟ ପୂର୍ବରୁ ହୁଟି ଆକ୍ରମଣ କରିଥିଲା। ଫଳରେ ସମ୍ପୃକ୍ତ ବିମାନକୁ ଆବୁଧାବୀକୁ ନିଆଯାଇଥିଲା। ତେବେ ଏଭଳି ଆକ୍ରମଣ ସୂଚିତ କରିଛି, ଉଗ୍ରବାଦୀମାନେ ଅଧିକ କ୍ଷମତାସମ୍ପନ୍ନ ମିଶାଇଲର ଅଧିକାରୀ ହୋଇଗଲେଣି। ପୂର୍ବରୁ ସେମାନେ ଡ୍ରୋନ୍ ବ୍ୟବହାର କରିବା ଦେଖାଯାଇଛି। ଏବର ମିଶାଇଲ ଆକ୍ରମଣ ଏକ ଚିନ୍ତାଜନକ ବିଷୟ। ଅନେକ ଥର ଆମେରିକା ସମେତ ନାଟୋର ସାମରିକ କାର୍ଯ୍ୟାନୁଷ୍ଠାନ ହୁଟିଙ୍କୁ ଉଗ୍ରବାଦରୁ କ୍ଷାନ୍ତ କରିପାରିନାହିଁ। ଉଲ୍ଲେଖଯୋଗ୍ୟ, ୧୯୯୦ ଦଶକରେ ହୁସେନ-ଅଲ୍-ହୁଟିଙ୍କ ଦ୍ୱାରା ଗଠିତ ଏହି ସଂଗଠନର ନେତୃତ୍ୱ ସେହି ପରିବାର ନେଇଆସୁଛି। ଏବେ ତାହାର ନେତୃତ୍ୱରେ ଅଛନ୍ତି ଅବଦୁଲ ମଲିକ ଅଲ୍ ହୁଟି। ଏହା ୟେମେନ୍ ସରକାରଙ୍କ ଦୁର୍ନୀତି ଓ ସେଠାରେ ପାଶ୍ଚାତ୍ୟର ପ୍ରଭାବକୁ ବିରୋଧ କରିଆସୁଛି ଏବଂ ସ୍ଥଳବିଶେଷରେ ଗୃହଯୁଦ୍ଧ ସ୍ଥିତି ସୃଷ୍ଟି କରିଛି। ହୁଟି ଆମେରିକା ଓ ଇସ୍ରାଏଲର ଦୃଢ଼ ବିରୋଧୀ ଭାବେ ଜଣାଶୁଣା।

୭ ଅକ୍ଟୋବର ୨୦୨୩ରେ ପାଲେଷ୍ଟାଇନ୍‌ର ହମାସ ଉଗ୍ରବାଦୀମାନେ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲେ। ସେମାନେ ବିଦେଶୀଙ୍କ ସମେତ ପାଖାପାଖି ୧୨୦୦ ଲୋକଙ୍କୁ ହତ୍ୟା କରିବା ପରେ ସେହିଦିନ ଇସ୍ରାଏଲ ହମାସ ଉପରେ ପ୍ରତିଆକ୍ରମଣ ଆରମ୍ଭ କରିଦେଇଥିଲା। ଅଢ଼େଇ ବର୍ଷରୁ ଅଧିକ ହେବ ଲାଗି ରହିଥିବା ଏହି ଯୁଦ୍ଧରେ ୫୦ ହଜାରରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ଓ ୧,୭୦୦ରୁ ଅଧିକ ଇସ୍ରାଏଲୀଙ୍କ ମୃତ୍ୟୁ ଘଟିଲାଣି। ପ୍ରାରମ୍ଭିକ ସ୍ତରରେ ଇସ୍ରାଏଲ ଓ ହମାସ ଯୁଦ୍ଧରେ ହୁଟି ପ୍ରତିକ୍ରିୟା ପ୍ରକାଶ କରି ଲୋହିତସାଗରରେ ଇସ୍ରାଏଲକୁ ଆସୁଥିବା ଜାହାଜଗୁଡ଼ିକୁ ରକେଟ ଆକ୍ରମଣ କରିଥିଲା ଏବଂ ଏବେ ସୁଦ୍ଧା ତାହା ଜାରି ରଖିଛି। ହୁଟିର କାର୍ଯ୍ୟକଳାପ ସାମ୍ନାକୁ ଆସିବା ପରେ ଲେବାନନର ହେଜ୍‌ବୁଲ୍ଲା ଉଗ୍ରବାଦୀମାନେ ହମାସ ସପକ୍ଷରେ ସମର୍ଥନ ଘୋଷଣା କରି ଇସ୍ରାଏଲକୁ ଶତ୍ରୁ ଦୃଷ୍ଟିରେ ଦେଖିଚାଲିଛି। ଫଳରେ ଇସ୍ରାଏଲ ହିଜ୍‌ବୁଲ୍ଲା ଉପରେ କଠୋର ସାମରିକ କାର୍ଯ୍ୟାନୁଷ୍ଠାନ ନେଇଛି। ଦେଖିବାକୁ ଗଲେ ଏହିସବୁ ଉଗ୍ରବାଦୀ ଗୋଷ୍ଠୀଙ୍କୁ ଇରାନ ଆର୍ଥିକ ଓ ସାମରିକ ସହଯୋଗ କରିଆସୁଛି। ଏହାକୁ କେନ୍ଦ୍ରକରି ଇସ୍ରାଏଲ ଏବଂ ଇରାନ୍ ଅନେକ ସମୟରେ ମୁହାଁମୁହିଁ ହେଉଛନ୍ତି। ତେବେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜାନୁଆରୀ ୨୦୨୫ରେ ପୁନଃକ୍ଷମତାକୁ ଆସିବା ପରେ ତାଙ୍କ ପ୍ରଶାସନର ହସ୍ତକ୍ଷେପ ଯୋଗୁ ଯୁଦ୍ଧବିରତି ସହ ଇସ୍ରାଏଲୀ ପଣବନ୍ଦୀ ଓ ହମାସ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ କିଛିଦିନ ଚାଲିଲା। ଆଶା କରାଯାଇଥିଲା ମଧ୍ୟପ୍ରାଚ୍ୟ ଶାନ୍ତ ପଡ଼ିଯିବ କିନ୍ତୁ ତାହା ହେଲା ନାହିଁ। ବୁଝାମଣା ବିଫଳ ହେଲା ଓ ଦୁଇମାସର ଅସ୍ତ୍ରବିରତି ପରେ ମାର୍ଚ୍ଚରୁ ପୁନର୍ବାର ଇସ୍ରାଏଲ ହମାସ ଉପରେ ଆକ୍ରମଣ କରିଦେଲା। ତେବେ ହୁଟିର ଏବକାର ମିଶାଇଲ ଆକ୍ରମଣ ପରେ ଏକ ନୂଆ ଦିଗ ବାହାରିଲାଣି। କେବଳ ଇସ୍ରାଏଲ ଏବଂ ହମାସ ମଧ୍ୟରେ ସୀମିତ ରହିବା ପରିବର୍ତ୍ତେ ଏହି ଯୁଦ୍ଧ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ନେଇଛି ; ଯାହା ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଅନ୍ୟ ଦେଶଗୁଡ଼ିକ ପ୍ରତି ବିପଦ ସୃଷ୍ଟି କରିଛି। ଡୋନାଲ୍ଡ ଟ୍ରମ୍ପ୍‌ଙ୍କର ହମାସକୁ ଦେଇଥିବା ଧମକର କୌଣସି ପ୍ରତିକ୍ରିୟା ପ୍ରକାଶ ପାଇଲା ନାହିଁ। ଟ୍ରମ୍ପ୍ ବିବୃତି ଦେଇ ହମାସକୁ ୪୮ ଘଣ୍ଟା ମଧ୍ୟରେ ସବୁ ପଣବନ୍ଦୀଙ୍କୁ ମୁକ୍ତ କରିଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତତ୍‌ସହିତ ମାର୍ଚ୍ଚ ୬ ତାରିଖରେ କହିଥିଲେ, ଯଦି ହମାସ ତାଙ୍କ କଥା ନ ଶୁଣେ ତେବେ ସବୁକିଛି ଧ୍ୱଂସ କରିଦେବେ। ହମାସ ଗାଲୁଆମି କରି ଟ୍ରମ୍ପ୍‌ଙ୍କ ଧମକକୁ ପାଣିରେ ଗାର ଭାବେ ପ୍ରମାଣ କରିଦେଲାଣି। ସେଭଳି ପରିସ୍ଥିତିରେ ଆମେରିକା ତାହାର ଭାବମୂର୍ତ୍ତି ସମ୍ପୂର୍ଣ୍ଣ ଭାବେ ହରାଇ ସାରିଲାଣି। ମନେହୁଏ, ପୃଥିବୀରେ ଏକ ନୂଆ ପର୍ଯ୍ୟାୟ ସୃଷ୍ଟି ହେବାର ଏହା ପ୍ରଥମ ଲକ୍ଷଣ । ଏଥିରେ ଭାରତ ଭଳି ଦେଶର ଗୁରୁତ୍ୱ ଓ ଭୂମିକା ଆହୁରି ଅଧିକ ଗୌଣ ହେବାର ସମ୍ଭାବନା ସ୍ପଷ୍ଟ ଜଣାପଡୁଛି।

# ପ୍ରତିକାର ଛାଟ

ପର୍ବତାରୋହଣ ଦୁଃସାହସିକ କ୍ରୀଡ଼ା ପର୍ଯ୍ୟାୟଭୁକ୍ତ। କିନ୍ତୁ ସେଥିରେ ପ୍ରତିଦ୍ୱନ୍ଦ୍ୱିତା ଶୀର୍ଷ ଛୁଇଁଥିବାରୁ ଗିରିଶୃଙ୍ଗରେ ପହଞ୍ଚିବାର ରୋମାଞ୍ଚ ପୂର୍ବଭଳି ଆକର୍ଷଣ ସୃଷ୍ଟି କରୁନାହିଁ। ବରଂ ଏହା ଅନେକ ଅନଭିଜ୍ଞଙ୍କ କୋଳାହଳ ଯୋଗୁ ଏକ ଫ୍ୟାଶନ ପାଲଟି ଯାଇଛି। କେବଳ ସେତିକିରେ ଅଟକି ଯାଉନାହିଁ ଯାତ୍ରା। ଠିକ୍ ପ୍ରଶିକ୍ଷିତ ହୋଇ ନ ଥିବା ବହୁ ପର୍ବତ ଚଢ଼ାଳିଙ୍କୁ ଉପରକୁ ଉଠିବା ପାଇଁ ଅନୁମତି ଦିଆଯାଉଥିବାରୁ ଅନେକ ଦୁର୍ଘଟଣା ଘଟୁଛି ଓ ସ୍ଥଳବିଶେଷରେ ସେମାନଙ୍କ ସୁରକ୍ଷା ପ୍ରଶ୍ନବାଚୀରେ ରହିଲାଣି। ଏ ସବୁକୁ ଦେଖି ନେପାଳ ସରକାର ପୃଥିବୀର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟ ଚଢ଼ିବା ନିୟମକୁ କଡ଼ା କରିବାକୁ ଯାଉଛନ୍ତି। ମିଳିଥିବା ଖବର ଅନୁଯାୟୀ ହିମାଳୟବ୍ୟାପ୍ତ ଦେଶରେ ଥିବା କୌଣସି ଗିରିଶୃଙ୍ଗରେ ପୂର୍ବରୁ ୭ ହଜାର ମିଟର ବା ୨୨ ହଜାର ୯୬୫ ଫୁଟ ଚଢ଼ିବାର ଅଭିଜ୍ଞତା ରଖିଥିବା ପର୍ବତାରୋହୀଙ୍କୁ ଏଭରେଷ୍ଟ ଯିବାର ସୁଯୋଗ ମିଳିବ। ଉଲ୍ଲେଖଯୋଗ୍ୟ, ଏଭରେଷ୍ଟର ଉଚ୍ଚତା ୮ ହଜାର ୮୪୮ ମିଟର ବା ୨୯,୦୩୨ ଫୁଟ। ଏଥିସହିତ ଗାଇଡ୍ ବା ସେର୍ପାମାନେ ନେପାଳୀ ନାଗରିକ ହୋଇଥିବା ବାଞ୍ଛନୀୟ। ନେପାଳ ସରକାର ଏଭଳି ଚିଠା ଆଇନ ପ୍ରସ୍ତୁତ କରିବା ପଛରେ ରହିଛି ଏଭରେଷ୍ଟରେ ଗହଳି ହ୍ରାସ ଓ ସୁରକ୍ଷା ଦିଗକୁ ଧ୍ୟାନଦେବା। ସୂଚନା ଦିଆଯାଇପାରେ ଯେ ୨୦୨୩ରେ ଏଭରେଷ୍ଟ ଚଢ଼ାଳିଙ୍କ ମଧ୍ୟରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ନିଖୋଜ ହୋଇଥିଲେ। ଗତବର୍ଷ ମଧ୍ୟ ୮ ଜଣ ପର୍ବତାରୋହୀଙ୍କ ମୃତ୍ୟୁ ଘଟିଥିଲା।

ନେପାଳ ସରକାର ଆଣିବାକୁ ଯାଉଥିବା ନୂଆ ଆଇନ ଆଉ ଗୋଟେ ଦୃଷ୍ଟିରୁ ପରିବେଶ ଅନୁକୂଳ ହେବ ବୋଲି କୁହାଯାଇପାରେ। ଅନେକ ପର୍ବତାରୋହୀଙ୍କୁ ଚଢ଼ିବା ଲାଗି ଅନୁମତି ଦିଆଯିବା ପଛରେ ଅଧିକ ଅର୍ଥ ଉପାର୍ଜନର ଚିନ୍ତା ରହିଛି। କାରଣ ଯେଉଁମାନେ ପର୍ବତ ଚଢ଼ନ୍ତି ସେମାନଙ୍କୁ ଅନୁମତି ପାଇବା ନିମନ୍ତେ ଋତୁକାଳୀନ ସ୍ଥିରୀକୃତ ଆମେରିକୀୟ ଡଲାର ଦେବାକୁ ପଡ଼ିଥାଏ, ଯାହା ନେପାଳ ସରକାରଙ୍କ ପାଖକୁ ଯାଇଥାଏ। ତେବେ ଯେଉଁଭଳି ହାରରେ ଚଢ଼ାଳିଙ୍କ ସଂଖ୍ୟା ବଢ଼ିଛି, ତାହା ଦ୍ୱାରା ସେହି ଅଞ୍ଚଳ ଦିନକୁ ଦିନ ଅଧିକ ପ୍ରଦୂଷିତ ହେବାରେ ଲାଗିଛି। ଗଦାଗଦା ପ୍ଲାଷ୍ଟିକ୍ ବର୍ଜ୍ୟ ଯୋଗୁ ହିମାଳୟର ଏହି ଅଞ୍ଚଳରୁ ଜନ୍ମ ନେଇଥିବା ଅନେକ ନଦୀର ଜଳ ମଧ୍ୟ ଦୂଷିତ ହେଉଛି। ଏଥିସହିତ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ମାଟି ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି। କହିବାକୁ ଗଲେ ବିସ୍ତୃତ ହିମାଳୟ ଆସ୍ତେ ଆସ୍ତେ ଜୈବ ବିବିଧତା ହରାଉଛି। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ସିଧାସଳଖ ଅନୁଭବ କରୁଥିବା ବେଳେ ଜୈବ ବିବିଧତାର ଗନ୍ତାଘର ଭାବେ ଦଣ୍ଡାୟମାନ ହିମାଳୟ ଭଳି ମେରୁ ପ୍ରଦୂଷଣ ଯୋଗୁ ଦୋହଲି ଗଲେ ବିପଦ ଆଗକୁ ଆହୁରି ବଡ଼ ରୂପ ଧାରଣ କରିବ। ନେପାଳ ସରକାର ପର୍ବତାରୋହୀଙ୍କ ପାଇଁ କରିଥିବା କଡ଼ା ନିୟମକୁ ପ୍ରତିକାରର ଏକ ଛାଟ ରୂପେ ବିବେଚନା କରାଯାଉ।

# କାରାଗାର ଏବେ ଅଣନିଃଶ୍ୱାସୀ



ସୁକାନ୍ତ କୁମାର ପଟେଲ

ଭାରତୀୟ କାରାଗାରଗୁଡିକ ଏବେ ଅଣନିଶ୍ୱାସୀ। ଏହା ହିଁ ବାସ୍ତବତା, ଯାହା ସରକାରୀ ତଥ୍ୟ ଉପରେ ପର୍ଯ୍ୟବସିତ। ଆମ ଦେଶରେ ଜନସଂଖ୍ୟା ବୃଦ୍ଧି ଅନୁସାରେ ଅପରାଧୀଙ୍କ ସଂଖ୍ୟା ବଢୁଛି। ବିଡମ୍ବନାର ବିଷୟ, ସେହି ଅନୁସାରେ କାରାଗାର ସଂଖ୍ୟା କିମ୍ବା ଏହାର ଅନ୍ତେବାସୀ ଆସନ କ୍ଷମତା ବୃଦ୍ଧି ଘଟୁନାହିଁ। ଭାରତରେ ମୋଟ ୧୩୮୨ କାରାଗାର ଥିବାବେଳେ ଏହାର ଅଧାରୁ ଅଧିକରେ ଆସନ କ୍ଷମତାଠାରୁ ଅଧିକ କଏଦୀ ଅଛନ୍ତି। ଅନେକରେ ଏହାର ଚାରିଗୁଣ ଅଧିକ କଏଦୀ ରହୁଛନ୍ତି। ଦେଶର ସବୁଠାରୁ ବଡ଼ କାରାଗାର 'ତିହାର'ରେ ଏହାର କ୍ଷମତାଠାରୁ ୮ ଗୁଣ ଅଧିକ କଏଦୀ ରହିଛନ୍ତି। ନିକଟରେ ପ୍ରକାଶିତ 'ଇଣ୍ଡିଆ ଜଷ୍ଟିସ ରିପୋର୍ଟ' ଅଥବା ଭାରତୀୟ ନ୍ୟାୟ ରିପୋର୍ଟ ଅନୁସାରେ ମୋଟ ୧୩୮୨ କାରାଗାର ମଧ୍ୟରୁ ୧୭୬ଟିରେ ୪ଗୁଣ ଅଧିକ କଏଦୀ ଅଛନ୍ତି। ଏହି ରିପୋର୍ଟ ମୁତାବକ ଜାତୀୟ ସ୍ତରରେ ଧାର୍ଯ୍ୟ କ୍ଷମତାଠାରୁ ୧୩୧ ପ୍ରତିଶତ ଅଧିକ କଏଦୀ କାରାଗାରଗୁଡିକରେ ରହୁଛନ୍ତି। ଆହୁରି ମଧ୍ୟ ୩୪ କାରାଗାରରେ ୨୫୦ରୁ ଅଧିକ ଏବଂ ୮୫ କାରାଗାରରେ ୨୦୦ ପ୍ରତିଶତରୁ ଅଧିକ କଏଦୀ ରହିଛନ୍ତି।

କାରାଗାର ଗହଳି କ୍ଷେତ୍ରରେ ଉତ୍ତରପ୍ରଦେଶ ଆଗୁଆ ଏବଂ ଏହାର ୧୮ଟି କାରାଗାର ମଧ୍ୟରୁ କେବଳ ମୋରାଦାବାଦରେ କଏଦୀଙ୍କ ସଂଖ୍ୟା ୪୯୭ ପ୍ରତିଶତ ଅଧିକ। ଦିଲ୍ଲୀର 'ତିହାର'ର ଦୁଇଟି କାରାଗାରରେ ଯଥାକ୍ରମେ ୪୧୧ ଏବଂ ୪୬୭ ପ୍ରତିଶତ ଅଧିକ କଏଦୀ ଅଛନ୍ତି। ତେବେ କାରାଗାରଗୁଡିକ ଅଣନିଃଶ୍ୱାସୀ ହେବାର ଏକମାତ୍ର କାରଣ ହେଉଛି ବିଚାରାଧୀନ କଏଦୀଙ୍କ ଦୀର୍ଘ ଅବସ୍ଥାନ। ରିପୋର୍ଟ ଅନୁଯାୟୀ ପ୍ରାୟ ୭୬ ପ୍ରତିଶତ କଏଦୀଙ୍କ ଦୀର୍ଘ ଅବସ୍ଥାନ ଯୋଗୁ କାରାଗାରଗୁଡିକରେ ଅଯଥା ଭିଡ଼ ଦେଖାଦେଇଛି। ବିଗତ ଏକ ଦଶନ୍ଧି ଅର୍ଥାତ୍ ୨୦୧୨ରୁ ୨୦୨୨ ମଧ୍ୟରେ କାରାଗାର କ୍ଷମତା ୨୭ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ କଏଦୀଙ୍କ ସଂଖ୍ୟା ୪୮ ପ୍ରତିଶତ ବୃଦ୍ଧି ପାଇଥିଲା। ଏଥିମଧ୍ୟରୁ ବିଚାରାଧୀନ କଏଦୀଙ୍କ ସଂଖ୍ୟା ପ୍ରାୟ ୬୬ରୁ ୭୬ପ୍ରତିଶତ ବୃଦ୍ଧି ଘଟିଛି। ସୂଚନାଯୋଗ୍ୟ ଯେ ଦିଲ୍ଲୀର କାରାଗାରଗୁଡିକରେ ଏହି ବିଚାରାଧୀନ କଏଦୀଙ୍କ ସଂଖ୍ୟା ପ୍ରାୟ ୯୧ ପ୍ରତିଶତ। ସଂଖ୍ୟାଧିକ କଏଦୀଙ୍କ ପାଇଁ ରାଜକୋଷ ଉପରେ ଅତିରିକ୍ତ ବୋଝ ପଡୁଛି ଏବଂ ପ୍ରତିବର୍ଷ ବଜେଟରେ କାରାଗାର ବାବଦ ବ୍ୟୟ ଅଟକଳ ବୃଦ୍ଧି ପାଉଛି। ପ୍ରତି କଏଦୀଙ୍କ ମୁଣ୍ଡପିଛା ଖର୍ଚ୍ଚ ୬୨ ଟଙ୍କାରୁ



୧୨୧ ଟଙ୍କା ଅର୍ଥାତ୍ ୯୬ ପ୍ରତିଶତ ବୃଦ୍ଧି ଘଟିଛି। ସେହି ହିସାବରେ ପୂର୍ବ ଦଶନ୍ଧି ତୁଳନାରେ ବ୍ୟୟ ଅଟକଳ ୧୫୬ରୁ ୧୯୨ ପ୍ରତିଶତକୁ ବୃଦ୍ଧିପାଇଛି।

ପ୍ରାୟ ୫୦ ପ୍ରତିଶତ ରାଜ୍ୟରେ ସର୍ବାଧିକ ମାମଲା ତିନି ବର୍ଷରୁ ଅଧିକ ସମୟ ଧରି ବିଚାରାଧୀନ ରହିଛି। ଉଦାହରଣ ସ୍ୱରୂପ ବିହାରରେ ବିଭିନ୍ନ ଅଦାଲତରେ ୭୧ ପ୍ରତିଶତ ମାମଲା ପଡ଼ି ରହିଥିବା ବେଳେ ଏହା ପଛକୁ ଅଛି ପଶ୍ଚିମବଙ୍ଗ ଏବଂ ଓଡ଼ିଶା। ଅଧିକନ୍ତୁ ପଞ୍ଜାବ, ଛତିଶଗଡ, ଉତ୍ତରାଖଣ୍ଡ ଏବଂ ହରିୟାଣାରେ ଏହି ସଂଖ୍ୟା ଅପେକ୍ଷାକୃତ ଭାବେ କମ୍ ରହିଛି। ନ୍ୟାୟପାଳିକାରେ ନ୍ୟାୟ ପ୍ରଦାନରେ କଚ୍ଛପ ଗତି ଯୋଗୁ ଆଜିର ଏ ପ୍ରକାର ଅବସ୍ଥା। ବିଶେଷକରି ବିଚାରାଧୀନ କଏଦୀଙ୍କ ସଂଖ୍ୟା ଅସମ୍ଭବ ଭାବେ ବୃଦ୍ଧିପାଉଛି। କାରାଗାର ସଂଶୋଧନ କମିଟି ରିପୋର୍ଟ ଅନୁଯାୟୀ ୬୮ ପ୍ରତିଶତ କଏଦୀ ଭଲଭାବେ ଶୋଇପାରୁଥିବା ବେଳେ ଅବଶିଷ୍ଟ କଏଦୀଙ୍କ ନିମନ୍ତେ ଉପଯୁକ୍ତ ସ୍ଥାନାଭାବ ରହିଛି।

ସୀମିତ ନ୍ୟାୟିକ ସହାୟତା ସହ ବିଚାରପତିଙ୍କ ସଂଖ୍ୟା କମ୍ ଥିବାରୁ ମାମଲା ଫଇସଲା ପ୍ରକ୍ରିୟାରେ ଅତିଶୟ ବିଳମ୍ବ ଘଟୁଛି। ଯଦି ଭାରତର ଜନସଂଖ୍ୟା ୧୪୦ କୋଟି ଥିବାବେଳେ ବିଚାରପତିଙ୍କ ସଂଖ୍ୟା ୨୧,୨୮୫। ଅର୍ଥାତ୍ ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ମାତ୍ର ୧୫ ଜଣ ବିଚାରପତି। ବିଚାରପ୍ରକ୍ରିୟା ତ୍ୱରାନ୍ୱିତ ନ ହେଲେ କାରାଗାରଗୁଡିକର ଅବସ୍ଥା ସାଂଘାତିକ ହେବ ଏଥିରେ ଆଦୌ ସନ୍ଦେହ ନାହିଁ। ଭାରତୀୟ ନ୍ୟାୟ ରିପୋର୍ଟ-୨୦୨୫ ଅନୁସାରେ ୨୦୨୨ ସୁଦ୍ଧା ୪ ଲକ୍ଷ ୩୬ ହଜାର କଏଦୀ ରହିବା ନିମନ୍ତେ ଉଦ୍ଦିଷ୍ଟ କାରାଗାରଗୁଡିକରେ ୫ ଲକ୍ଷ ୭୩ ହଜାର କଏଦୀ ରହିଥିଲେ। ବିଶେଷଜ୍ଞମାନଙ୍କ ଆକଳନ ଅନୁସାରେ ଏହି ହାରରେ ୨୦୩୦ ସୁଦ୍ଧା ଆମ ଦେଶରେ ମୋଟ କଏଦୀଙ୍କ ସଂଖ୍ୟା ୬ ଲକ୍ଷ ୬୦ ହଜାର ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ।

ସାଧାରଣତଃ ସ୍ଥାନ, କାଳ, ପରିସ୍ଥିତି, ଭାବନାତ୍ମକ ଉଦ୍‌ବେଗ ଏବଂ ଆପରାଧିକ ମନୋବୃତ୍ତି ଯୋଗୁ ଜଣେ ଅପରାଧ ଜଗତରେ ପାଦ ଥାପି ଅପରାଧୀ ହୋଇ କାରାଗାରରେ ରହିଥାଏ। କିନ୍ତୁ କାରାଗାର ନିର୍ମାଣର ଉଦ୍ଦେଶ୍ୟ ହେଉଛି ଅପରାଧୀଙ୍କୁ ସୁଧାରିବା ଏବଂ କାରାଗାରରେ ରହିବା ସହ ସମାଜଠାରୁ ସ୍ୱତନ୍ତ୍ର ରହି ସ୍ୱକୀୟ କର୍ମର ପଶ୍ଚାତ୍ତାପ କରିବା। ଏହା ଅନ୍ୟ ଅର୍ଥରେ ସୁଧାର ଗୃହ। ଏଠାରେ ଅବସ୍ଥାନ କରିବାର ଅର୍ଥ ନୁହେଁ ଦଣ୍ଡ ଭୋଗିବା ବରଂ କୃତକର୍ମକୁ ମାନସିକ ଭାବେ ବିଶ୍ଳେଷଣ କରି ଭବିଷ୍ୟତରେ ଏହା ନ କରିବା ନିମନ୍ତେ ନିଜକୁ ପ୍ରସ୍ତୁତ କରିବା। କିନ୍ତୁ 'ଇଣ୍ଡିଆ ଜଷ୍ଟିସ ରିପୋର୍ଟ-୨୦୨୫ ଅନୁସାରେ ଭାରତର କାରାଗାରଗୁଡିକର ଯେଉଁ ବିକଳ ଅବସ୍ଥା ତାହା ଏହି ଉଦ୍ଦେଶ୍ୟକୁ ପରିପୂରଣ କରିବାରେ ନିଶ୍ଚିତଭାବେ ଅସମର୍ଥ।

ସ୍ଥାନାଭାବ ଯୋଗୁ ବିଭିନ୍ନ ସମସ୍ୟା ହିଁ ଚିନ୍ତାର କାରଣ। ଏଠାରେ ମାନବାଧିକାର ପ୍ରଶ୍ନ ଉଠିବା ସ୍ୱାଭାବିକ ବିଷୟ। କଏଦୀଙ୍କ ମଧ୍ୟରେ ମାନସିକ ରୋଗ ବୃଦ୍ଧି ପାଇବାବେଳେ ଆମ କାରାଗାର ପାଇଁ ଅଛନ୍ତି ମାତ୍ର ୨୫ ଜଣ ମନୋଚିକିତ୍ସକ। ନ୍ୟାୟିକ ପ୍ରକ୍ରିୟାରେ ବିଳମ୍ବ ଯୋଗୁ ବିଚାରାଧୀନ ବନ୍ଦୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ କାରାଗାରଗୁଡିକରେ ୪୩ ପ୍ରତିଶତ ଚିକିତ୍ସା ଅଧିକାରୀଙ୍କ ସଂଖ୍ୟା ଖାଲି ପଡିଛି। ଅତଏବ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ କଏଦୀମାନେ ମାନସିକ ଏବଂ ଶାରୀରିକ ଉଭୟ କ୍ଷେତ୍ରରେ ଯନ୍ତ୍ରଣାର ଶିକାର ହେବା ସ୍ୱାଭାବିକ। ଏହା ସାଙ୍ଗକୁ କାରାଗାରଗୁଡିକରେ ବଞ୍ଚିତ, ନିରକ୍ଷର ଏବଂ ଆର୍ଥିକ ଭାବେ ଦୁର୍ବଳ ତଥା ଅନଗ୍ରସର ବର୍ଗର କଏଦୀଙ୍କୁ ସମୟାନୁସାରେ ବିନା ମୂଲ୍ୟରେ ଆଇନ ସେବା ପ୍ରଦାନ କରାଯାଇପାରୁନାହିଁ। ଅନେକ କାରାଗାର ସଂସ୍କାର କମିଟି ନିଜର ରିପୋର୍ଟ ପ୍ରଦାନ କରିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ କରାଯାଇପାରିନାହିଁ। ଏହା ବ୍ୟତୀତ ସର୍ବୋଚ୍ଚ ଅଦାଲତ ଦୀର୍ଘକାଳୀନ ଜେଲ ସୁଧାର ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ ମଧ୍ୟ ଆମ ଦେଶର ପ୍ରଶାସନର ଉଦାସୀନତା ଉପରୋକ୍ତ ସମସ୍ୟାକୁ ଦ୍ୱିଗୁଣିତ କରିଛି।

ପରିଶେଷରେ କୁହାଯାଇପାରେ ଯେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହି ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ବୃଦ୍ଧି ପାଇ ଚାଲିଛି। ଯଦି ଉପଯୁକ୍ତ ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯିବା ସହ ବିଚାରପତି ପଦବୀଗୁଡିକ ସମୟାନୁସାରେ ପରିପୂରଣ କରାଯାଇପାରନ୍ତା ତେବେ ବିଚାରାଧୀନ କଏଦୀଙ୍କ ସଂଖ୍ୟା ନିଶ୍ଚିତ ଭାବେ ହ୍ରାସ ଘଟନ୍ତା ଏବଂ କାରାଗାରରେ କଏଦୀଙ୍କ ସଂଖ୍ୟାରେ ଅହେତୁକ ବୃଦ୍ଧି ଘଟନ୍ତା ନାହିଁ। ସୁତରାଂ ସରକାର ଏ ଦିଗରେ ଆଶୁ ପଦକ୍ଷେପ ଗ୍ରହଣ କରିବା ଜରୁରୀ, ଯାହା ଦ୍ୱାରା କାରାଗାରଗୁଡିକର ସମସ୍ୟାର ସମାଧାନ ହୋଇପାରିବ।

**ପାର୍ବତୀ ଭବନ, ବସୁନ୍ଧରା ଲେନ-୨, ବିଡାନାସୀ, କଟକ, ମୋ: ୭୦୦୮୩୫୦୪୭୭**

# ଠିଆ ଖିଆ, ମାଗି ଖିଆ



ସତ୍ୟନାରାୟଣ ଦେହୁରୀ

ମଣିଷ ଯେଉଁ ଦିନରୁ ସାମାଜିକ ପ୍ରାଣୀ ଭାବରେ ଗଣା ହେଲା, ସେହିଦିନଠାରୁ ତା'ର ଏକ ନିର୍ଦ୍ଦିଷ୍ଟ ପ୍ରଥା, ପରମ୍ପରା ଓ ଚଳଣି ସୃଷ୍ଟି ହେଲା। ଗୋଟିଏ ପରିବାରର ସମସ୍ତ ସଦସ୍ୟ ଏକତ୍ର ବସି ଏକ ନିର୍ଦ୍ଦିଷ୍ଟ ସମୟରେ ଭୋଜନ କରିବା ଧାରା ଆରମ୍ଭ ହେଲା। ତାହା ପୁଣି ଦଳଗତ ଭାବରେ। ପରିବାରର ପୁରୁଷମାନେ ପ୍ରଥମେ ଭୋଜନ କରିବେ, ତା'ପରେ ସ୍ତ୍ରୀମାନେ ଏକତ୍ର ଭୋଜନ କରିବାର ପରମ୍ପରା ଆରମ୍ଭ ହେଲା। ଏବେ ମଧ୍ୟ ଏହି ପରମ୍ପରା କେତେକ ପରିବାରରେ ପ୍ରଚଳିତ ଅଛି। ବଡ଼ ପରିବାରମାନଙ୍କରେ ଏକତ୍ର ବସି ଖଲିପତ୍ରରେ ଭୋଜନ କରିବାର ଆନନ୍ଦ କହିଲେ ନ ସରେ।

ଆସନରେ ବସି ଖାଦ୍ୟ ଖାଇବା ବଦଳରେ ଏବେ ଆରମ୍ଭ ହେଲାଣି ଠିଆ ଖିଆ। ସବୁ ଜାଗାରେ ଲୋକମାନେ ଠିଆରେ ଖାଦ୍ୟ ଖାଇଲେଣି। ଭୋଜିଭାତଠୁ ଆରମ୍ଭ କରି ହୋଟେଲରେ ଖାଇବା ମଧ୍ୟ ଠିଆରେ ହେଲାଣି। ରାସ୍ତା ପାର୍ଶ୍ୱ ଉଠା ଦୋକାନଗୁଡ଼ିକରେ ଅନେକ ଲୋକ ଠିଆରେ ଜଳଖିଆ ଖାଇବାକୁ ପସନ୍ଦ କରୁଛନ୍ତି। କୌଣସି ହୋଟେଲରେ ବସି ଖାଇବାକୁ ବେଶି ଲୋକ ପସନ୍ଦ କରୁନାହାନ୍ତି। କାହାରି ପାଖରେ ସମୟ ନାହିଁ ହୋଟେଲରେ ବସି ଅଧିକ ସମୟ ଦେବାକୁ । ଠିଆରେ ଖାଦ୍ୟ ଖାଇବାର କୁପ୍ରଭାବ କଥା କେହି ଚିନ୍ତା କରନ୍ତି ନାହିଁ। ଏହା ଆମର ରେଚନ କ୍ରିୟାରେ ବାଧା ସୃଷ୍ଟି କରିଥାଏ। ଠିଆ ହୋଇ ଖାଦ୍ୟ ଖାଇବା କିମ୍ବା ପାଣି ପିଇବା ଦ୍ୱାରା ଆମର କିଡ୍‌ନୀ ଉପରେ ପ୍ରଭାବ ପକାଏ। ଠିଆରେ ଖାଦ୍ୟ ଖାଇଲେ ଶୀଘ୍ର ଶୀଘ୍ର ଖାଦ୍ୟ ଖାଇବା ଦ୍ୱାରା ରେଚନ କ୍ରିୟା ବାଧା ପାଏ। ଏବେ ଅନେକ ଜାଗାରେ ଖାଦ୍ୟ ବିକ୍ରି କରାଯାଉଛି କିନ୍ତୁ ବସିବା ପାଇଁ କୌଣସି ବ୍ୟବସ୍ଥା ନ ଥାଏ। ଫଳରେ ଅନେକ ଲୋକ ଠିଆ ହୋଇ ଖାଦ୍ୟ ଖାଇଥାଆନ୍ତି। କେହି ବସିବା ଜାଗା ଖୋଜନ୍ତି ନାହିଁ। କାରଣ ସମସ୍ତେ ଅଭ୍ୟସ୍ତ ହୋଇଗଲେଣି ଠିଆ ଖିଆରେ।

ବାହାଘର, ବ୍ରତଘର କିମ୍ବା ଜନ୍ମଦିନ ଇତ୍ୟାଦି ସାମାଜିକ କାର୍ଯ୍ୟକ୍ରମରେ ଯେଉଁ ଭୋଜିର ଆୟୋଜନ ହୋଇଥାଏ, ସେଗୁଡ଼ିକ ସବୁ ବଫେ। ଲମ୍ବା ଲାଇନରେ ଠିଆ ହୋଇ ଖଲି ଧରି ଖାଦ୍ୟ ମାଗି କରି ଠିଆରେ ହିଁ ଖାଇବାକୁ ପଡ଼ିଥାଏ। ଖାଦ୍ୟର ପସରା ମେଳା ହୋଇଥାଏ। ନିଜର ପସନ୍ଦ ଅନୁସାରେ ଖାଦ୍ୟ ମାଗି ଠିଆରେ ଖାଇବାକୁ ହୁଏ। ଖାଦ୍ୟ ସରିଗଲେ ଆଉଥରେ ଲାଇନରେ ଯାଇ ଖାଦ୍ୟ ମାଗିବାକୁ ପଡ଼ିଥାଏ। ସବୁ ଲୋକ ଏହି ଠିଆ ଖିଆ, ମାଗି ଖିଆକୁ ପସନ୍ଦ କରନ୍ତି ନାହିଁ। ଅନେକ ଲୋକ ଖାଦ୍ୟ ମାଗି ଆଣି ଜାଗାଦେଖି ବସି ପଡ଼ନ୍ତି ଓ ଖାଦ୍ୟ ଖାଇଥାଆନ୍ତି। ଯେଉଁମାନଙ୍କର ଠିଆ ଖାଇବାର ଅଭ୍ୟାସ ନ ଥାଏ ସେମାନେ କୌଣସି ମତେ ବସି ଖାଇବାକୁ ଚେଷ୍ଟା କରନ୍ତି। ଆଜିକାଲି ସହରମାନଙ୍କରେ ଆଉ ବସି ଖାଇବାର ବ୍ୟବସ୍ଥା କରା ଯାଉନାହିଁ। ସବୁ ଜାଗାରେ ଠିଆ ଖିଆ, ମାଗି ଖିଆ। କିନ୍ତୁ ଗାଁ ଗହଳରେ କିଛି



ପରିମାଣରେ ଭୋଜି ଭାତ ହେଲେ ଟେବୁଲ, ଚୌକିର ବ୍ୟବସ୍ଥା କରାଯାଉଛି। ଯଦିଓ ଟିକିଏ ଅପେକ୍ଷା କରିବାକୁ ପଡ଼ିଥାଏ, ତଥାପି ବସି ଖାଇବାର ସୁଯୋଗ ମିଳିଥାଏ। ଗାଁ ଗହଳରେ ଥିବା ବୁଢ଼ୀବୁଢ଼ାମାନଙ୍କୁ ଏହି ବ୍ୟବସ୍ଥା ସୁହାଇଥାଏ। ସେମାନେ ଅନ୍ତତଃ ଭୋଜି ଖାଇବାର ସୁଯୋଗ ପାଇଥାଆନ୍ତି।

୨୦୦୦ ମସିହା ପରଠାରୁ ଠିଆ ଖିଆ ସଂସ୍କୃତି ଆରମ୍ଭ ହୋଇଛି। ତା' ପୂର୍ବରୁ ସବୁ ବସି ଖାଇବା ସଂସ୍କୃତି ଥିଲା। ଆଗରୁ ତଳେ ବସି ଭୋଜି ଖିଆ ଯାଉଥିଲା। ତା'ପରେ ଟେବୁଲ ,ଚୌକି ବ୍ୟବସ୍ଥା କରାଗଲା। ଟେବୁଲ, ଚୌକିରେ ଥରକରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଲୋକ ଖାଦ୍ୟ ଖାଇପାରିଲେ। କିନ୍ତୁ ତଳେ ଖାଇଲେ ଏକକାଳୀନ ଅନେକ ଲୋକ ଖାଦ୍ୟ ଖାଇ ପାରୁଥିଲେ। କାହାରିକୁ ଅପେକ୍ଷା କରିବାକୁ ପଡୁ ନ ଥିଲା। ଯିଏ ଯେତେବେଳେ ଆସିଲେ ଯେକୌଣସି ଜାଗାରେ ବସି ଖାଦ୍ୟ ଖାଇ ପାରୁଥିଲେ। ପରିମାଣର କୌଣସି ସୀମା ନ ଥାଏ। ଏଥିରେ ଖାଦ୍ୟ ନଷ୍ଟ ହୁଏ ନାହିଁ। ଯିଏ ଯାହା ଖାଏ ତାହା ତାଙ୍କୁ ପଚାରି ପଚାରି ଦିଆଯାଇଥାଏ। କିନ୍ତୁ ଠିଆ ଖିଆ ବା ବଫେରେ ଜଣେ ଯେତିକି ଖାଦ୍ୟ ମାଗି ଆଣି ଥାଆନ୍ତି ତାହା ଖାଇ ନ ପାରିଲେ ଫୋପାଡ଼ି ଚାଲିଯାଆନ୍ତି। କାରଣ ସମସ୍ତଙ୍କୁ ସମାନ ପରିମାଣର ଖାଦ୍ୟ ଦିଆ ଯାଉଥାଏ। ଆଉ ଯଦି କେହି ଦ୍ୱିତୀୟ ଥର ଖାଇବାର ଇଚ୍ଛା ଥାଏ ଗହଳି ଲାଇନ ଦେଖି ଆଉ ଯିବାକୁ ଇଚ୍ଛା କରେ ନାହିଁ। ଫଳରେ ତାଙ୍କୁ ସେହି ଥରକରେ ହିଁ ସନ୍ତୁଷ୍ଟ ହେବାକୁ ପଡ଼ିଥାଏ। ଏଠାରେ ଅଳ୍ପ ଖାଦ୍ୟ ବେଶି ଲୋକ ଖାଇପାରନ୍ତି। କାରଣ କମ୍ କମ୍ ଖାଦ୍ୟ ପରଷା ଯାଏ। ଯିଏ ଅଧିକ ଥର ମାଗି ଖାଇପାରେ ସେ ପେଟ ଭରି ଖାଇପାରେ। ଯିଏ ଥରକରେ ଆଉ ଧାଡ଼ିକୁ ଯାଏ ନାହିଁ ତା'ର ପେଟ ପୂରି ନ ଥାଏ। ଲାଜ କରୁଥିବା ଲୋକ ଏଠାରେ ଭୋକିଲା ରହିବାକୁ ପଡ଼େ। ନିଲଜିଆ ହୋଇ ବାରମ୍ବାର ଧାଡ଼ି ଧରିଲେ ପେଟପୂରା ଖାଇ ପାରିବ। ଏହି ଠିଆ ଖିଆକୁ ଆମ ସଂସ୍କୃତି ବୋଲି ଭାବିବାକୁ ପଡ଼ିବ।

ଏବେ ପରିବାରରେ ମଧ୍ୟ ଆଉ ବସି ଖାଇବାର ସୁଯୋଗ ନାହିଁ। କାରଣ ସବୁ ପରିବାରରେ ଡାଇନିଂ ଟେବୁଲ ସବୁ ଘରର ଶୋଭା ବଢ଼ାଉଛି। ଆଜିକାଲି ଘରେ ଦାମୀ ଡାଇନିଂ ଟେବୁଲ ରଖି ଘର ସଜାଇବାର ଏକ ଫେଶନରେ ପରିଣତ ହୋଇଗଲାଣି। ପଡ଼ୋଶୀ ଘର ସହ ପ୍ରତିଯୋଗିତାମୂଳକ ଭାବରେ ଡାଇନିଂ ଟେବୁଲ କିଣା ଯାଉଛି। ଏହି ଟେବୁଲରେ ବସି ଖାଇବା ଅଭ୍ୟାସ କରିବା ଫଳରେ ଅନେକ ଲୋକଙ୍କର ଆଣ୍ଠୁ ସମସ୍ୟା ଦେଖାଦେଉଛି। ଆଉ ତଳେ ଚକା ପକାଇ ବସିପାରୁ ନାହାନ୍ତି। ମନ୍ଦିରମାନଙ୍କୁ ପ୍ରସାଦ ସେବନ ପାଇଁ ଗଲେ ଆଉ ତଳେ ବସି ପ୍ରସାଦ ସେବନ କରିପାରୁ ନାହାନ୍ତି। ଏହି ସମସ୍ୟା ପାଇଁ ପୁଣି ଯୋଗର ସାହାରା ନେବାକୁ ପଡୁଛି।

**ରାଧାନଗର, ବୌଦ୍ଧ,**
**ମୋ:୯୯୩୮୭୫୮୩୫୩**

## ଏଇ ଭାରତରେ

ଗ୍ରୀଷ୍ମ ଲହରିରେ ପଶୁପକ୍ଷୀ ପାଣି ବିନା ତହଳବିକଳ ହେଉଛନ୍ତି ଓ ଖାଦ୍ୟ ପାଇପାରୁନାହାନ୍ତି। ଫଳରେ ସେମାନେ ଅସୁସ୍ଥ ହୋଇପଡୁଛନ୍ତି ଓ ଅନେକ କ୍ଷେତ୍ରରେ ସେମାନଙ୍କର ମୃତ୍ୟୁ ମଧ୍ୟ ଘଟୁଛି। ରାଜସ୍ଥାନରେ ଏଭଳି ଜଳ ଓ ଖାଦ୍ୟ ସଙ୍କଟ ଦୂର କରି ପ୍ରାଣୀଙ୍କ ଜୀବନ ରକ୍ଷା କରିବା ପାଇଁ 'ଜୀବଜନ୍ତୁ ପ୍ରେମୀ ବନ୍ଧୁ ସଂସ୍ଥା'(ପିଏଫ୍‌ଏ)ର ସଦସ୍ୟମାନେ ୩୫ଟି ଗାଁରେ ପଶୁପକ୍ଷୀଙ୍କ ପାଇଁ ପିଇବା ପାଣି ଓ ଖାଦ୍ୟ ବ୍ୟବସ୍ଥା କରୁଛନ୍ତି। ପିଏଫ୍‌ଏରେ ୬୯୦ ସଦସ୍ୟ ଅଛନ୍ତି। ସେମାନେ ଗାଁଗୁଡ଼ିକରେ ପାଣି ଟାଙ୍କି ନିର୍ମାଣ କରିବା ସହ ପୋଖରୀଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି। ଯୋଧପୁର ନିକଟସ୍ଥ ବର୍ଓ୍ୱାଲା ଗାଁରେ ପ୍ରଥମେ ୭ଜଣ ସରକାରୀ କର୍ମଚାରୀ ଏକାଠି ହୋଇ ପାତ୍ରରେ ପାଣି ଓ ଖାଦ୍ୟ ରଖିବା ଆରମ୍ଭ କରିଥିଲେ। ପ୍ରଥମେ ସେମାନେ ନିଜେ ଟଙ୍କା ଦେଇ ଏହା କରିଥିଲେ। ପରେ ସେମାନେ ମାର୍ଚ୍ଚ ୨୦୨୧ରେ 'ଜୀବଜନ୍ତୁ ପ୍ରେମୀ ବନ୍ଧୁ ସଂସ୍ଥା' ଗଠନ କରି ମାସକୁ ପ୍ରତ୍ୟେକ ସଦସ୍ୟ ୧୦୦୦ ଟଙ୍କା ଦେଇ ପାଣିଟାଙ୍କି ନିର୍ମାଣ ସହ ପୋଖରୀଗୁଡ଼ିକର ପୁନରୁଦ୍ଧାର ଏବଂ ଖାଦ୍ୟ ଯୋଗାଣ କାର୍ଯ୍ୟ ଚଳାଇଛନ୍ତି। ଏ ବାବଦରେ ଏବେ ସୁଦ୍ଧା ସେମାନେ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

୬ ମେ ୧୯୭୬

- ଜରୁରୀ ପରିସ୍ଥିତି ଜାରି ହେବା ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ପ୍ରାୟ ୧୦,୦୦୦ କର୍ମଚାରୀଙ୍କୁ ଅପାରଗତା ବା ଦୁର୍ନୀତି କାରଣରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।
- ୨୧ କୋଟି ୫୦ ଲକ୍ଷ ଡଲାର କ୍ଷତିପୂରଣ ଦାବି କରି ଆମେରିକାର ୫ଟି ଶସ୍ୟ କମ୍ପାନୀ ବିରୁଦ୍ଧରେ ଭାରତର ମୋକଦ୍ଦମା।

## ଚିରନ୍ତନୀ

ନିଦାଘ ପଥେ ରଖି ନୟନ
ସ୍ୱପନ କଲି କେତେ ଚୟନ
ଶରତ ଆକାଶର ଇନ୍ଦ୍ରଧନୁ ଟାଣି
କରିଲି କେତେ ଶର ମୋଚନ।
-(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku – Puzzles by Srikant Ghosh | ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 9 | | | 3 | | | | |
| 2 | 4 | | 1 | | | | 3 | |
| | 7 | | | 5 | | | 6 | |
| 1 | | 2 | | 6 | 7 | | | |
| | | | 3 | | | | | |
| | | | 9 | | | 2 | | |
| 3 | | | | | | | | |
| 5 | | 9 | 8 | | | | | 6 |
| | 1 | | 5 | | | 4 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 6 | 8 | 3 | 1 | 5 | 4 | 2 |
| 1 | 3 | 5 | 7 | 4 | 2 | 8 | 9 | 6 |
| 4 | 2 | 8 | 5 | 9 | 6 | 7 | 3 | 1 |
| 7 | 4 | 3 | 9 | 6 | 8 | 1 | 2 | 5 |
| 5 | 6 | 2 | 3 | 1 | 4 | 9 | 7 | 8 |
| 8 | 1 | 9 | 2 | 5 | 7 | 4 | 6 | 3 |
| 2 | 9 | 1 | 6 | 7 | 5 | 3 | 8 | 4 |
| 6 | 5 | 7 | 4 | 8 | 3 | 2 | 1 | 9 |
| 3 | 8 | 4 | 1 | 2 | 9 | 6 | 5 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଓ୍ୱାକ୍‌ଫ ଆଇନର ସଂସ୍କାର ଜରୁରୀ ଥିଲା

ମହାଶୟ,

ବହୁ ବିତର୍କିତ ଓ୍ୱାକ୍‌ଫ ସଂଶୋଧନ ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନରେ ପରିଣତ ହୋଇଛି । ଦୁର୍ଭାଗ୍ୟ ଯେ, ସଂଶୋଧିତ ଓ୍ୱାକ୍‌ଫ ଆଇନକୁ ନେଇ ବିରୋଧୀମାନଙ୍କ ଦେଶବ୍ୟାପୀ ଅପପ୍ରଚାରର ଉତ୍ତାପ ଦୁର୍ବଳ ହେଉନାହିଁ । ଓ୍ୱାକ୍‌ଫ ବିଧିବ୍ୟବସ୍ଥାରେ ଅଣାଯାଇଥିବା ପରିବର୍ତ୍ତନ ଅନୁକୂଳଧର୍ମୀ । ଏହା କାହାରି ପ୍ରାଧାନ୍ୟକୁ ହ୍ରାସ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ । ରାଜନୈତିକ ପ୍ରଭାବ ହରାଉଥିବା ବିରୋଧୀ ଆଇନର ବାସ୍ତବତା ଉପରେ ଭ୍ରମର ପ୍ରଲେପ ଦେବା ପାଇଁ ବ୍ୟସ୍ତ ହୋଇପଡିଛନ୍ତି । ମୁସଲିମ୍ ଜନମାନସକୁ ଭୁଲ୍ ଦିଗରେ ନେବା ପାଇଁ ଉଦ୍ୟମ କରୁଛନ୍ତି । ଓ୍ୱାକ୍‌ଫର ପରିଚାଳନାରେ ସଂସ୍କାର ଆଣିବା ଜରୁରୀ ଥିଲା । ସ୍ୱଚ୍ଛତା, ଦାୟିତ୍ୱ ଓ ଦକ୍ଷତାର ସହ କୌଣସି ଅନୁଷ୍ଠାନର ସମ୍ପତ୍ତିକୁ ପରିଚାଳନା କରାଯିବା ଭଲ। ଧୈର୍ଯ୍ୟ ଓ ସହିଷ୍ଣୁତା ଗୁଣରେ ଆଇନର ଉପକାରୀ ଦିଗକୁ ସ୍ୱାଗତ କରାଯାଉ । ଓ୍ୱାକ୍‌ଫ ବୋର୍ଡ ଅଧୀନରେ ଥିବା ସମ୍ପତ୍ତି କାହା ସୁବିଧାରେ ବ୍ୟବହୃତ ହେଉଛି ବୋଲି ସେ ବିଷୟରେ ଜ୍ଞାତ ହେବା ଆମର ଅଧିକାର। ଦେଶରେ ବସବାସ କରୁଥିବା ଗରିବ, ବିଧବା, ସ୍ୱାମୀ ପରିତ୍ୟକ୍ତା ମୁସଲିମ ମହିଳାଙ୍କ ଆର୍ଥିକ ଓ ସାମାଜିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ସଂଶୋଧିତ ଆଇନରେ ପ୍ରାବଧାନ ରହିବା ଉତ୍ଥାନର ଦିଗକୁ ସୂଚାଉଛି, ଦମନର ଦିଗକୁ ନୁହେଁ।

**-ଦୁଃଶାସନ ବିଶ୍ୱାଳ, କାଳିପୁର, ନିମାପଡ଼ା,**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ହତ୍ୟାରେ ସମ୍ପୃକ୍ତ ଫେରାର ମାଓବାଦୀ ଗିରଫ**

ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର): ଛତିଶଗଡ଼ ସୁକ୍ମା ଜିଲା ଚିନ୍ତାଲନାର ଥାନା ପୋଲିସ ଓ ୭୪ ବାହିନୀ ସିଆର୍‌ପିଏଫ୍ ମିଳିତ ଭାବେ ନାଗାରାମଠାରେ ସର୍ଚ୍ଚ ଅପରେଶନ ସମୟରେ ହତ୍ୟାରେ ସମ୍ପୃକ୍ତ ଥିବା ଜଣେ ଫେରାର ମାଓବାଦୀଙ୍କୁ ସୋମବାର ଗିରଫ କରିଛନ୍ତି। ସେ ହେଲେ କୁନାମ ସୋମଡୁ ଓରଫ ସୋମାରୁ। ମାଓବାଦୀ ଜଣକ ୨୦୧୫ରେ ନାଗାରାମ ଗ୍ରାମର ଜଣଙ୍କୁ ହତ୍ୟା ଘଟଣାରେ ସାମିଲ ଥିଲେ। ଏହି ମାଓବାଦୀଙ୍କ ନାମରେ ଚିନ୍ତାଲନାର ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ସେ ଫେରାର ହୋଇଯାଇଥିଲେ।

# ୬.୦୪ କୋଟି ଟଙ୍କାର ସାଇବର ଠକେଇ

## ପଶ୍ଚିମବଙ୍ଗରୁ ୨ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ




ଗିରଫ ୨ ଅଭିଯୁକ୍ତ।

**କଟକ,୫।୫(କାର୍ତ୍ତିକ ସାହୁ)**

ଶେୟାର ମାର୍କେଟରେ ଟଙ୍କା ବିନିଯୋଗ କରି ଅଧିକ ଲାଭ ପାଇବା ଆଶାରେ ୬ କୋଟି ୪ ଲକ୍ଷ ୫୩ ହଜାର ଟଙ୍କାର ଠକେଇ ହୋଇଛି। ଏହି ଠକେଇରେ ସାମିଲ ଅଭିଯୋଗରେ ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚ ୨ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରି ଓଡ଼ିଶା ଆଣିଛି। ଅଭିଯୁକ୍ତଦ୍ୱୟ ହେଲେ ପଶ୍ଚିମବଙ୍ଗ ସିଲିଗୁଡ଼ି ପ୍ରଧାନନଗର ଅଞ୍ଚଳର ଅଶୋକ ନନ୍ଦ (୫୩) ଓ ଉତ୍ତର ୨୪ ପ୍ରଗଣାର ଜୟାରାଣୀ ବସାକ (୩୮)। ଏନେଇ କ୍ରାଇମ୍‌ବ୍ରାଞ୍ଚର ସାଇବର ଥାନାରେ ଏକ ମାମଲା (ନଂ. ୨/୨୦୨୫) ରୁଜୁ ହୋଇଛି।

ସୂଚନା ଅନୁସାରେ, ଠକେଇର ଶିକାର ହୋଇଥିବା ଅଭିଯୋଗକାରୀ ସାଢ଼େ ୩ ମାସ ମଧ୍ୟରେ ଶେୟାର ମାର୍କେଟରେ ଉପରୋକ୍ତ ପରିମାଣର ଅର୍ଥରାଶି ବିନିଯୋଗ କରିଥିଲେ। ସାଇବର ଅପରାଧୀଙ୍କ ନିର୍ଦ୍ଦେଶ ମୁତାବକ ଏକାଧିକ ଆକାଉଣ୍ଟରେ ଅଭିଯୋଗକାରୀ ଟଙ୍କା ଜମା କରିଥିଲେ। ସାଇବର ଅପରାଧୀମାନେ ତାଙ୍କୁ ଆଇପିଓ ଏବଂ ଓଟିସି ଟ୍ରେଡିଂରେ ଟଙ୍କା ବିନିଯୋଗ କରି ମୋଟା ଅଙ୍କର ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୋଗକାରୀ ନିର୍ଦ୍ଧାରିତ ସମୟ ପରେ ଟଙ୍କା ଉଠାଇ ନ ପାରିବାରୁ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରି ଥିଲେ। ଏ ନେଇ ସେ କଟକସ୍ଥିତ ସାଇବର କ୍ରାଇମ୍ ଥାନାରେ ଅଭିଯୋଗ କରିଥିଲେ।

ଅଭିଯୋଗ ଆଧାରରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଆରମ୍ଭ କରିଥିଲା। ଠକେଇ ଅର୍ଥରାଶିକୁ ଅଭିଯୋଗକାରୀ ୨୨ଟି ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ। ତନ୍ମଧ୍ୟରୁ ୮ଟି ଆକାଉଣ୍ଟ ନିଜର ହୋଇଥିବା ବେଳେ ଅନ୍ୟ ଆକାଉଣ୍ଟଗୁଡ଼ିକ ସହଯୋଗୀଙ୍କ ଥିଲା। ଟଙ୍କା ଜମା ହେବା ପରେ ଏଟିଏମ୍, ଚେକ୍ ଅଥବା ଆକାଉଣ୍ଟ ଟ୍ରାନ୍ସଫର ଜରିଆରେ ସାଇବର ଅପରାଧୀଙ୍କ ଅନ୍ୟ ଆକାଉଣ୍ଟକୁ ଯାଇଥିଲା। ଏହାପରେ ଏଟିଏମ୍ ବା ଚେକ୍ ଜରିଆରେ ଉଠାଯାଇଥିଲା ବୋଲି କ୍ରାଇମବ୍ରାଞ୍ଚ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅପରାଧୀଦ୍ୱୟ ପଶ୍ଚିମବଙ୍ଗର ବୋଲି ଜଣାଯିବା ପରେ କ୍ରାଇମବ୍ରାଞ୍ଚ ସେଠାକୁ ଯାଇଥିଲା। ଉଭୟଙ୍କୁ ଗିରଫ କରି ସ୍ଥାନୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଯାଇଥିଲା। ପରେ ଦୁହିଁଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି। ସେମାନଙ୍କ ନିକଟରୁ ମୋବାଇଲ ଫୋନ, ସିମ୍ କାର୍ଡ, ଆଧାର କାର୍ଡ ଓ ପାନ୍ କାର୍ଡ ଜବତ କରାଯାଇଛି। ଅଭିଯୁକ୍ତ ଅଶୋକ ସିଲିଗୁଡ଼ିର ବାସିନ୍ଦା ହୋଇଥିବା ବେଳେ ସେଠାରେ ସେ ହୋଟେଲ ବ୍ୟବସାୟ କରନ୍ତି। ଠକେଇ ଅର୍ଥରୁ ୧.୧୧ କୋଟି ସିଧା ତାଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ସେହିପରି ଅନ୍ୟ ଅଭିଯୁକ୍ତ ଜୟାରାଣୀଙ୍କ ଆକାଉଣ୍ଟକୁ ଅଭିଯୁକ୍ତ ଅଶୋକଙ୍କ ଆକାଉଣ୍ଟକୁ ସିଧା ୬ ଲକ୍ଷ ଟ୍ରାନ୍ସଫର ହୋଇଥିଲା। ଏହି ମାମଲାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ନେଇ ତଦନ୍ତ ଜାରି ରହିଥିବା କ୍ରାଇମବ୍ରାଞ୍ଚ ସୂଚନା ଦେଇଛି।

ଅପରପକ୍ଷରେ ଦିନକୁ ଦିନ ଏଭଳି ସାଇବର ଠକେଇ ବଢ଼ିଚାଲିଥିବା ବେଳେ କ୍ରାଇମବ୍ରାଞ୍ଚ ଲୋକମାନଙ୍କୁ ଏ ନେଇ ସତର୍କ କରାଇଛି। ସୋସିଆଲ ମିଡିଆ ଅଥବା ମେସେଜିଂ ଆପ୍‌ରେ ଆସୁଥିବା ଇନ୍‌ଭେଷ୍ଟ ଅଫରଗୁଡ଼ିକଠାରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ତେବେ କେହି ସାଇବର ଠକେଇର ଶିକାର ହେଲେ ତୁରନ୍ତ ସାଇବର ହେଲ୍‌ପଲାଇନ ନମ୍ବର ୧୯୩୦ କିମ୍ବା ନିକଟତମ ଥାନାରେ ଜଣାଇବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ଗଞ୍ଜାମରେ ବ୍ୟବହାର ହେଉଥିଲା ବୟାଳିଶିମୌଜା ବନ୍ଧୁକ

## ତଦନ୍ତ ଆରମ୍ଭ କଲା ଏସ୍‌ଟିଏଫ୍

- ମାଷ୍ଟରମାଇଣ୍ଡ୍ ଆଲୋକ ପ୍ରଧାନଙ୍କୁ ଖୋଜାଚାଲିଛି
- ଖୁବ୍‌ଶୀଘ୍ର ମୁଙ୍ଗେର ଯିବ ଏସ୍‌ଟିଏଫ୍ ଟିମ୍



**ଭୁବନେଶ୍ୱର,୫।୫ (ସତ୍ୟଜିତ୍ ରାଉତ)**

କଟକ ଜିଲା ବୟାଳିଶିମୌଜାରେ ତିଆରି ହେଉଥିବା ବନ୍ଧୁକ ଓଡ଼ିଶାର ବିଭିନ୍ନ ଜିଲାରେ ବିକ୍ରି ହୋଇଛି। ବିଶେଷକରି ରବିବାର ଗଞ୍ଜାମ ପୋଲିସ ୧୮ ଜଣ ପେସାଦାର ଅପରାଧୀଙ୍କୁ ଗିରଫ କରି ସେମାନଙ୍କଠୁ ଯେଉଁ ୧୭ଟି ବନ୍ଧୁକ ଜବତ କରିଥିଲା ତାହା ବୟାଳିଶିମୌଜାରେ ପ୍ରସ୍ତୁତ ହୋଇଥିଲା ବୋଲି କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଜାଣିବାକୁ ପାଇଛି। ବନ୍ଧୁକଗୁଡ଼ିକ ବୟାଳିଶିମୌଜାରୁ ଭାୟା ବିହାର ମୁଙ୍ଗେର ହୋଇ ପୁଣି ଓଡ଼ିଶାକୁ ଚାଲାଣ ହେଉଥିଲା। ଏହି ଚାଲାଣର ମାଷ୍ଟରମାଇଣ୍ଡ ଆଲୋକ ପ୍ରଧାନଙ୍କୁ ଧରିବାକୁ ଖୋଜାଚାଲିଛି ବୋଲି ସୋମବାର ଏସ୍‌ଟିଏଫ୍ ଏସ୍‌ପି ରବି ଶତପଥୀ କହିଛନ୍ତି।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୨ ବିଳମ୍ବିତ ରାତିରେ ବୟାଳିଶିମୌଜାର ଧୂଳେଶ୍ୱର ଗାଁରେ ସିଙ୍ଗୁଆ ନଦୀ କୂଳରେ ଏସ୍‌ଟିଏଫ୍ ଟିମ୍ ଏକ ବନ୍ଧୁକ ତିଆରି କାରଖାନା ଠାବ କରିଥିଲା। ସେଠାରୁ ୧୯ ବନ୍ଧୁକ ସମେତ ବନ୍ଧୁକ ପ୍ରସ୍ତୁତ ଉପକରଣ ଜବତ ହୋଇଥିଲା। ଏଥିସହ ୪ଜଣଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କ ମଧ୍ୟରେ ଜଣେ ପଶ୍ଚିମବଙ୍ଗ ଏବଂ ଦୁଇଜଣ ବିହାର ମୁଙ୍ଗେରର ଥିଲେ। ଗଞ୍ଜାମରୁ ମିଳିଥିବା ବନ୍ଧୁକ ଗିରଫ ଦୁଇ ଅଭିଯୁକ୍ତଙ୍କ ଦ୍ୱାରା ହିଁ ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ବୟାଳିଶିମୌଜାରେ ବନ୍ଧୁକ ତିଆରି ହେବା ପରେ ତାହାକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ପୁଣି ମୁଙ୍ଗେର ନିଆଯାଉଥିଲା। ମାଷ୍ଟରମାଇଣ୍ଡ ଆଲୋକ କିଛିଦିନ ତଳେ ମୁଙ୍ଗେରରୁ ୨୦ଟି ବନ୍ଧୁକ ଆଣି ଗଞ୍ଜାମ ଜିଲାରେ ସହଯୋଗୀମାନଙ୍କୁ ବିକ୍ରି କରିଥିଲେ। ତେବେ ୧୭ଟି ବନ୍ଧୁକ ଜବତ ହୋଇଥିବାବେଳେ ଆଉ ୩ଟି ମଧ୍ୟ ଅନ୍ୟ ଅପରାଧୀଙ୍କ ପାଖରେ ରହିଛି। ପୋଲିସ ଡିଜିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଟିଏଫ୍ ଏସ୍‌ପି ଶତପଥୀ ରବିବାର ଗଞ୍ଜାମ ଯାଇ ଛାନ୍‌ଭିନ୍ କରିଥିବା କହିଛନ୍ତି। ମାଷ୍ଟରମାଇଣ୍ଡ ଆଲୋକଙ୍କ ନାମରେ ଏକାଧିକ ହତ୍ୟା ମାମଲା ଥିବାବେଳେ ସେ ସୁପାରି କିଲର ଭାବେ କାମ କରନ୍ତି। ଆଲୋକ ମୁଙ୍ଗେରରୁ ୬୦ ହଜାର ଟଙ୍କାରେ ବନ୍ଧୁକ ଆଣି ରାଜ୍ୟର ବିଭିନ୍ନ ଜିଲାରେ ୮୦ ହଜାର ଟଙ୍କାରେ ବିକ୍ରି କରୁଥିଲେ। ଖୋର୍ଦ୍ଧା, କଟକ, ବାଲେଶ୍ୱର, ପୁରୀ ଆଦିରେ ଅପରାଧୀମାନଙ୍କୁ ଚାଲାଣ କରିଥିଲେ। ଗଞ୍ଜାମରୁ ମିଳିଥିବା ତଥ୍ୟ ଆଧାରରେ ବନ୍ଧୁକ ଜବତ ଘଟଣାରେ ଅଧିକ ତଦନ୍ତ ପାଇଁ ଖୁବଶୀଘ୍ର ଏସ୍‌ଟିଏଫ୍ ଟିମ୍ ମୁଙ୍ଗେର ଯିବ ବୋଲି ଏସ୍‌ପି ଶତପଥୀ କହିଛନ୍ତି। ତେବେ ଗଞ୍ଜାମରୁ ଗିରଫ ୧୮ଜଣ ଯୁବପିଢ଼ିର ହୋଇଥିବାବେଳେ ଅପରାଧ ଘଟାଇବା ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା। ହେଲେ କୌଣସି ବଡ଼କାଣ୍ଡ ଘଟାଇବା ପୂର୍ବରୁ ପୋଲିସ ହାତରେ ଧରାପଡ଼ିଯାଇଥିଲେ।

# ନାବାଳିକାଙ୍କୁ ବଳାତ୍କାର ପରେ ଛାତରୁ ଡେଇଁ ଅଭିଯୁକ୍ତ ଆହତ

**ରାଉରକେଲା,୫।୫ (ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଜଣେ ନାବାଳିକା(୮)ଙ୍କୁ ବଳାତ୍କାର କରି ଖସିଯିବାକୁ ଉଦ୍ୟମ ବେଳେ ଅଭିଯୁକ୍ତ ଛାତରୁ ଡେଇଁ ଆହତ ହୋଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ମହତାବ ରୋଡ୍ ପୁରୁଣା ଆର୍‌ଡିଏ ବିଲ୍ଡିଂ ନିବାସୀ ଏମ୍‌ଡି ସଦ୍ଦାମ ହୁସେନ(୨୭)। ତାଙ୍କୁ କାବୁ କରି ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ସୁସ୍ଥ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

ମିଳିଥିବା ସୂଚନା ଅନୁଯାୟୀ, ପ୍ଲାଣ୍ଟସାଇଟ୍ ଥାନା ମହତାବରୋଡ୍‌ରେ ରହୁଥିବା ଅଭିଯୁକ୍ତ ସଦ୍ଦାମଙ୍କ ଭଉଣୀଙ୍କ ପାଖକୁ ପୀଡ଼ିତା ନାବାଳିକା ଟ୍ୟୁଶନ ହେବାକୁ ଯାଉଥିଲେ। ରବିବାର ସନ୍ଧ୍ୟା ୭ଟାରେ ନାବାଳିକା ଟ୍ୟୁଶନ ଯାଇଥିବା ବେଳେ ଘରେ ସଦ୍ଦାମଙ୍କ ଭଉଣୀ ଅର୍ଥାତ୍ ନାବାଳିକାଙ୍କ ଟ୍ୟୁଶନ ଶିକ୍ଷୟିତ୍ରୀ ନ ଥିଲେ। ସେ କୌଣସି କାମରେ ବଜାରକୁ ଯାଇଥିଲେ। ଅଭିଯୁକ୍ତ ଉକ୍ତ ନାବାଳିକାଙ୍କୁ ଏକୁଟିଆ ପାଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ଉକ୍ତ ବିଲ୍ଡିଂରେ ରହୁଥିବା ପଡ଼ୋଶୀ ସେଠାକୁ ଆସିବା ଦେଖି ସଦ୍ଦାମ ଖସିଯିବାକୁ ଉଦ୍ୟମ କରିଥିଲେ। ସେ ବିଲ୍ଡିଂ ଛାତ ଉପରୁ ଡେଇଁ ଫେରାର ହେବାକୁ ଚେଷ୍ଟା କରିବାବେଳେ ତଳକୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ଗୋଡ ଭାଙ୍ଗିଯିବା ସହ ଅଣ୍ଟାରେ ଆଘାତ ଲାଗିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଏ ନେଇ ପୀଡ଼ିତାଙ୍କ ପରିବାର ଲୋକଙ୍କ ଏତଲା ଆଧାରରେ ପୋଲିସ ସୋମବାର ପୂର୍ବାହ୍ନ ୧୦ଟାରେ ଏକ ମାମଲା (ନଂ.୩୫୯/୨୫) ରୁଜୁ କରି ତଦନ୍ତ କରୁଛି ବୋଲି ଜୋନ୍-୨ ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ ସୂଚନା ଦେଇଛନ୍ତି।

# ୮୩୧ ବୋତଲ କଫ ସିରପ୍ ଜବତ, ୨ ଗିରଫ



ପୋଲିସ ଘଟଣାସ୍ଥଳରେ କଫ୍ ସିରପ୍, ବ୍ୟବହୃତ ଗାଡ଼ିକୁ ଜବତ କରୁଛି।

**ବରଗଡ଼,୫।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଟାଉନ ଥାନା ପୋଲିସ ରବିବାର ତୋରାଛକ ନିକଟରେ କଫ ସିରପ୍ ବୋଝେଇ ଏକ ଟାଟା ଏସିଇ ଗାଡ଼ି(ନଂ-ଓଡି୧୭ଏସି ୫୦୧୬)କୁ ଜବତ କରିଛି। ସେଥିରେ ରହିଥିବା ୮୩୧ ବୋତଲ କଫ୍ ସିରପକୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୨ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ଉପ କାରାଗାର ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ, ତୋରା ଲକ୍ଷ୍ମୀପଡ଼ା ନିବାସୀ ମନୋଜ ସ୍ୱାଇଁ(୨୭) ଏବଂ ଜୀବନ ସ୍ୱାଇଁ(୩୨)।

ଜବତ ଟାଟା ଏସିଇ ଗାଡ଼ିରେ କଫ ସିରପ୍ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହି ସୂଚନାକୁ ଆଧାର କରି ଟାଉନ ଥାନା ଆଇଆଇସି ସତ୍ୟଜିତ୍ କଣ୍ଡାନକେଲଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି କଫ୍ ସିରପ୍ ବୋଝେଇ ଗାଡ଼ିକୁ ଜବତ କରିଥିଲେ। ୨ଅଭିଯୁକ୍ତଙ୍କ ବିରୋଧରେ ବରଗଡ଼ ଟାଉନ ଥାନା ପୋଲିସ୍ ଏକ ମାମଲା(ନଂ-୨୦୮/୨୫) ରୁଜୁ କରିଛି।

# ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗ୍‌ର ୩ ଗିରଫ

## ମାଉଜର ସହ ମାରଣାସ୍ତ୍ର ଜବତ

**ବାଲିଗୁଡ଼ା/କ.ନୂଆଗାଁ,୫।୫ (ସଞ୍ଜୟ କୁମାର ପାଣିଗ୍ରାହୀ/ କାଳୀ ପ୍ରସାଦ ତ୍ରିପାଠୀ)**

କନ୍ଧମାଳ ଜିଲା ଫୁଲବାଣୀ-ବାଲିଗୁଡା ରାସ୍ତାରେ ସାରଙ୍ଗଡ଼ ଥାନା ପୋଲିସ୍ ସୋମବାର ସକାଳେ ଗାଡ଼ି ମୋଟର ଯାଞ୍ଚ କରିବା ବେଳେ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମହାରାଷ୍ଟ୍ରର ମହମ୍ମଦ ଆରିଫ ଅନସାରୀ (୨୩), ଶାହାବନ ଶାହା (୧୮), ଶେଖ୍ ମୁସ୍ତାଫା (୧୮)। ଗ୍ୟାଙ୍ଗର ମାଷ୍ଟରମାଇଣ୍ଡଙ୍କ ସହ ଅନ୍ୟଜଣେ ଫେରାର ହୋଇଯାଇଛନ୍ତି। ଗାଡ଼ିରୁ ଗୋଟିଏ ମାଉଜର, ଏୟାର୍ ଗନ୍, ଭୁଜାଲି, ୨ଟି ଛୁରି ଓ କିଛି ଟଙ୍କା ଜବତ ହୋଇଛି।

ସାରଙ୍ଗଡ଼ ପୋଲିସ ଫୁଲବାଣୀ ଠାରୁ ବାଲିଗୁଡ଼ା ରାସ୍ତାରେ ଆସୁଥିବା କାର୍ (ନଂ. ଏମ୍‌ଏଚ୍ ୦୨ ଏ ୱାଇ ୭୧୭୨)କୁ ସନ୍ଦେହରେ ଅଟକାଇଥିଲା। ଗାଡ଼ି ଯାଞ୍ଚ କରିବାରୁ ସେଥିରୁ ବନ୍ଧୁକ ଓ ମାରଣାସ୍ତ୍ର ମିଳିଥିଲା। କାରରେ ବସିଥିବା ୫ ଜଣଙ୍କୁ ପଚରାଉଚରା ବେଳେ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏହି ସମୟରେ କୌଶଳକ୍ରମେ ମାଷ୍ଟର ମାଇଣ୍ଡଙ୍କ ସହ ଅନ୍ୟ ଜଣେ ଚମ୍ପଟ ମାରିଥିବା ବେଳେ ପୋଲିସ୍ ୩ ଜଣଙ୍କୁ କାବୁ କରିଥିଲା। ଏ ନେଇ ସାରଙ୍ଗଡ ଥାନାରେ ନଂ.୬୭/୨୫ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଜି.ଉଦୟଗିରି ଏସ୍‌ଡିପିଓ ବିଜୟ କୁମାର ବିଶି ସୂଚନା ଦେଇଛନ୍ତି।


**कार्यपालक अभियंता का कार्यालय**
**पथ निर्माण विभाग,**
**पथ प्रमण्डल, डालटनगंज**
(E-mail: eercdmedini-jhr@nic.in)

**शुद्धि-पत्र**

एतद द्वारा सूचित करना है कि इस कार्यालय द्वारा दिनांक—24.04.2025 को विभिन्न समाचार पत्रों के माध्यम से ई—निविदा पत्रांक सं0—1/RCD/Daltonganj/2025-26/ 401 आमंत्रित की गई है, जिसका PR No. 351028 Road ( 25-26)D है, जिसमें क्रमांक—4 में अंकित Time of Completion 18 Months के स्थान पर 24 Months पढ़ा / समझा जाय।
निविदा की अन्य शर्तें यथावत रहेगी।

कार्यपालक अभियंता,
पथ निर्माण विभाग,
पथ प्रमंडल, डाल्टेनगंज।

PR.NO.351689 Road(25-26):D

**ଦ.ପୂ. ରେଳପଥ – ଟେଣ୍ଡର**

ଖୋଲା ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍-ଟାଟା-୦୨-୨୦୨୫-୨୬, ତାରିଖ: ୦୨।୦୫।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଟିଆର୍‌ଏସ୍)/ଟାଟାନଗର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଇ-ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ବର୍ଣ୍ଣନା:** ୦୨ ବର୍ଷ ପାଇଁ ଇଲେକ୍ଟ୍ରିକ୍ ଲୋକୋ ଶେଡ୍/ଟାଟାନଗରର ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ଗୁଡ଼ିକରର ପ୍ରମୁଖ ଉପକରଣ ତଥା ଏମ୍‌ଆଣ୍ଡପି ସାମଗ୍ରୀର ସଫେଇ ଓ ରକ୍ଷଣାବେକ୍ଷଣ । **ଟେଣ୍ଡର ମୂଲ୍ୟ:** ₹୧,୫୧,୩୮,୮୭୬.୪୮ । **ଇ.ଏମ୍.ଡି.:** ₹୨,୨୫,୭୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/-। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୬।୦୫।୨୦୨୫ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ:** ତା୨୬।୦୫।୨୦୨୫ରିଖ ଟିଆର୍‌ଏସ୍/ଟାଟାନଗରଠାରେ । ଟେଣ୍ଡର ୱେବ୍‌ସାଇଟ୍: http://www.ireps.gov.in ରେ ଦେଖାଯାଇପାରିବ । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ । ଯଦି ଟେଣ୍ଡର ଖୋଲାଯିବା ତାରିଖ ବନ୍ଦ କିମ୍ବା ଛୁଟିଦିନ ଘୋଷିତ ହୁଏ, ତେବେ ଟେଣ୍ଡରକୁ ପରବର୍ତ୍ତୀ କାର୍ଯ୍ୟଦିବସରେ ସମାନ ସମୟରେ ଖୋଲାଯିବ । (PR-118)

प्रपत्र सं0—1

**कार्यपालक अभियंता का कार्यालय**
राष्ट्रीय उच्च पथ प्रमंडल, देवघर।
ई—प्रोक्योरमेंट सूचना
अल्पकालीन ई—निविदा प्रसंग
सं0— NH/DEOGHAR/SBD/02/2024-25 (4th Call)
दिनांक:— 03.05.2025

| | | |
|---|---|---|
| 1. | कार्य का नाम | Widening & Strengthening Work of Meharma bypass starting from Sidhokanho Chowk to meet at Ch. 11.2 at Meharma from Km 9.300 to Km 11.200 of NH-133 (total Length- 1.710 Km) |
| 2. | प्राक्कलित राशि (रूपये में) | 4,99,72,033=72 |
| 3. | कार्य समाप्ति की अवधि | 05 माह |
| 4. | वेबसाईट पर निविदा प्रकाशित होने की तिथि एवं समय | 09.05.2025 (12:30 PM) |
| 5. | वेबसाईट पर निविदा उपलब्धता की अंतिम तिथि एवं समय | 26.05.2025 (05:00 PM) |
| 6. | निविदा खोलने की तिथि एवं समय | 27.05.2025 (03:00 PM) |
| 7. | निविदा आमंत्रित करने वाले का पदनाम एवं पता | कार्यपालक अभियंता राष्ट्रीय उच्च पथ प्रमंडल, देवघर |
| 8. | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9. | ई—प्रोक्युरमेंट सेल का हेल्पलाईन नम्बर | 0651—2401010 |

ऑन लाइन निविदा के लिए वेबसाईट https://jharkhandtenders.gov.in पर देखें। ह0/—
कार्यपालक अभियंता
राष्ट्रीय उच्च पथ प्रमंडल, देवघर।

PR 351696 Deoghar(25-26)D

**Office of the Executive Engineer**
**Drinking Water & Sanitation Division, Sahibganj**

**Very-Very Short Term Tender e-Procurement Notice, (7th Call)**

e-Tender Reference No. :- DWSD/SAHIBGANJ- 13/2024-25 — Date- 03.05.2025

| Sl. No. | Name of work | Group No. | No. of Schemes | Block | Panchayat | Village | Habitations | PVTGs HH in Habitation | Estimated Cost (In Rs.) | Earnest Money (In Rs.) | Cost of BOQ (In Rs.) | Time of Completion |
|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 1 | Construction of Solar Motor Pump based Mini Water Supply Scheme in PvTG village having no drinking water facilites in Sahibganj District under PM-JANMAN Yojna under D.W&S. Division Sahibganj for the year 2024-25. | PVTG-160 | 1 | Taljhari | Karanpura | Kagbhitha | Kagbhitha | 20 | ₹ 12,40,016.00 | ₹ 24,900.00 | ₹ 2,500.00 | 3 Month |

| | | |
|---|---|---|
| 3 | Date & Time of Publication of Tender on website | 06.05.2025/ 06:00 P.M |
| 4 | Last Date & Time for receipt of Bid | 13.05.2025/ 05:00 P.M |
| 5 | Last date/ time of Online submission of Earnest Money and Cost of BOQ (As per Letter No.-120, dated-03.10.2023 of Secretary to Govt., Information Technology & e-Governance Department, Govt. of Jharkhand) | 13.05.2025/ 05:00 PM |
| 6 | Date & Time of Opening of Tender | 14.05.2025 / 05:00 PM |
| 7 | Name & address of office inviting tender | Executive Engineer, Drinking Water & Sanitation Division,Sahibganj, Jharkhand |
| 8 | Name & address of Opening officer | Executive Engineer, Drinking Water & Sanitation Division, Sahibganj Jharkhand |
| 9 | Contact No. of Procurement Office | 9264195681 |
| 10 | Helpline No. of e-procurement cell | 9264195681 |

Note :-No Claim shall be entertained because of disruption of internet service being used by the bidders. Bidders are advised to upload their bids well in advance to avoid last minute technical snags.
Further details can be seen on website http://jharkhandtenders.gov.in, Estimated cost may be increase or decrease.

PR 351640 Drinking Water and Sanitation(25-26)#D

Executive Engineer,
D.W.&.S, Division, Sahibganj.

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୧୦୮-ବି, ୧ମ ମହଲା, ୟୁନିଟ୍ - ୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ଛକ ନିକଟ, ଭୁବନେଶ୍ୱର-୭୫୧୦୦୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ନିମନ୍ତେ **ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

| ଶାଖା / ଆକାଉଣ୍ଟ/ଋଣଗ୍ରହୀତା/ନିର୍ଦ୍ଦେଶକମାନଙ୍କ ନାମ ଏବଂ ଠିକଣା | ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସିକ୍ୟୁରିଟାଇଜେସନ୍ ନୋଟିସ୍ ଦ୍ୱାରା ଦାବି କରାଯାଇଥିବା ରାଶି | ସିକ୍ୟୁରିଟାଇଜେସନ୍ ନୋଟିସ୍ ତାରିଖ / ଦଖଲ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|---|
| **ସିଡିଏ ଶାଖା /** ଋଣଗ୍ରହୀତା: ମେସର୍ସ ଫାଷ୍ଟ ଏମ୍ ଟ୍ରେଡର୍ସ ପ୍ରାଇଭେଟ୍ ଲିମିଟେଡ / ନିର୍ଦ୍ଦେଶକମାନେ: ୧) ଶିବାଜୀ ମିଶ୍ର, ୨) ସୁଷମା ମିଶ୍ର, ୩) ସ୍ୱାତୀ ନାୟକ, ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୮୧/ଏଲ୍/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | ଗ୍ୟାରେଣ୍ଟିଦାତାମାନେ: ୧) ଲାଲାଜୀ ମିଶ୍ର, ୨) ପାପାଜୀ ମିଶ୍ର / ବନ୍ଧକଦାତା: ଶିବାଜୀ ମିଶ୍ର, ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୮୧/ଏଲ୍/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | ୨୫.୧୨.୨୦୨୪ ସୁଦ୍ଧା ଟ.୫୧,୯୯,୮୨୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୨୬.୧୨.୨୦୨୪ / ୩୦.୦୪.୨୦୨୫ | ଶିବାଜୀ ମିଶ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୫୩/୧୧୨୩, ପ୍ଲଟ୍ ନଂ.: ୧୫୧/୪୦୯୬, କ୍ଷେତ୍ର: ଏକର୦.୦୧୫ ଡିସିମିଲି, ପ୍ଲଟ୍ ନଂ.: ୧୪୯/୪୦୯୭, କ୍ଷେତ୍ର: ଏକର୦.୦୬୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୭୫ ଡିସିମିଲି,** ମୌଜା: ଖମାରଙ୍ଗ, ଥାନା: ବାଙ୍କୀ, |
| ତହସିଲ: ବାଙ୍କୀ, ଜିଲ୍ଲା: କଟକ, **ପ୍ଲଟ୍ ନଂ.: ୧୫୧/୪୦୯୬ର ଚାରିପାର୍ଶ୍ୱରେ** ପୂର୍ବ: ବାବୁଲି ମହାପାତ୍ର, ପଶ୍ଚିମ: ନିଜସ୍ୱ, ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୫୧, **ପ୍ଲଟ୍ ନଂ.: ୧୪୯/୪୦୯୭ର ଚାରିପାର୍ଶ୍ୱରେ** ପୂର୍ବ: ବାବୁଲି ମହାପାତ୍ର, ପଶ୍ଚିମ: ନିଜସ୍ୱ, ଉତ୍ତର: ନିଜସ୍ୱ, ଦକ୍ଷିଣ: ସୁଷମା ମିଶ୍ର | | | | |
| **ସିଡିଏ ଶାଖା /** ଋଣଗ୍ରହୀତାମାନେ: ୧) ସୁଷମା ମିଶ୍ର, ସ୍ୱାମୀ: କେଳୁଚରଣ ମିଶ୍ର, ୨) ମାଷ୍ଟର ଲାଲାଜୀ ମିଶ୍ର, ପିତା: କେଳୁଚରଣ ମିଶ୍ର, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୮୧/ଏଲ୍/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | ବନ୍ଧକଦାତା: ସୁଷମା ମିଶ୍ର, ସ୍ୱାମୀ: କେଳୁଚରଣ ମିଶ୍ର, ପ୍ଲଟ୍ ନଂ.: ୮୧/ଏଲ୍/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | ୦୨.୦୧.୨୦୨୫ ସୁଦ୍ଧା ଟ.୨୫,୯୪,୫୮୨/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୦୩.୦୧.୨୦୨୫ / ୩୦.୦୪.୨୦୨୫ | ସୁଷମା ମିଶ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବନମାଳିପୁର, ଥାନା: ଚୌଦ୍ୱାର, ତହସିଲ: ଟାଙ୍ଗି-ଚୌଦ୍ୱାର, ଜିଲ୍ଲା: କଟକ, ଖାତା ନଂ.: ୫୮/୨୬୬, ପ୍ଲଟ୍ ନଂ.: ୧୧୩/୫୨୪, କ୍ଷେତ୍ର: ଏକର୦.୨୧୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: |
| ୧୧୩ର ବଳକା ଜମି, ପଶ୍ଚିମ: ପ୍ଲଟ୍ ନଂ.: ୧୧୩ର ବଳକା ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୨୩୯, ଉତ୍ତର: ପ୍ଲଟ୍ ନଂ.: ୧୧୩ର ୨୦ଫୁଟିଆ ଚଉଡା ରାସ୍ତା | | | | |
| **କଟକ ପୁରୀ ରୋଡ ଶାଖା /** ଋଣଗ୍ରହୀତାମାନେ: ୧) ସନ୍ତୋଷ ପରିଡା, ୨) ଲକ୍ଷ୍ମୀଧର ପରିଡା, ଉଭୟଙ୍କ ଠିକଣା- ସା: ତେରବାଟିଆ, ପୋ: ଲକ୍ଷ୍ମୀନାରାୟଣପୁର, ବାଲିପାଟଣା, ଖୋର୍ଦ୍ଧା, ପିନ୍-୭୫୨୧୦୦ | ବନ୍ଧକଦାତା: ଲକ୍ଷ୍ମୀଧର ପରିଡା, ସା: ତେରବାଟିଆ, ପୋ: ଲକ୍ଷ୍ମୀନାରାୟଣପୁର, ବାଲିପାଟଣା, ଖୋର୍ଦ୍ଧା, ପିନ୍-୭୫୨୧୦୦ | ୨୪.୧୨.୨୦୨୪ ସୁଦ୍ଧା ଟ.୧୪,୭୭,୦୨୭/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | ୨୬.୧୨.୨୦୨୪ / ୦୨.୦୫.୨୦୨୫ | ଲକ୍ଷ୍ମୀଧର ପରିଡାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଝିଣ୍ଟି ଶାସନ, ଥାନା: ବାଲିପାଟଣା, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୩୬୧, ପ୍ଲଟ୍ ନଂ.: ୧୮୭୦, କ୍ଷେତ୍ର: |
| ଏକର୦.୦୭୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାଶି ପରିଡା, ପଶ୍ଚିମ: ଦିନବନ୍ଧୁ ପରିଡା, ଦକ୍ଷିଣ: କାଶିନାଥ ପରିଡା, ଉତ୍ତର: ରାସ୍ତା | | | | |

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୫.୦୫.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

No. W-3

न्याय सब के लिए — ACCESS TO JUSTICE FOR ALL

**ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୫**
**୧୦।୦୫।୨୦୨୫ (ଦ୍ୱିତୀୟ ଶନିବାର)**

**ବିଶେଷ ସୂଚନା**

୧) ଆଜ୍ଞା, କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨) ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩) ୧୦।୦୫।୨୦୨୫ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪) ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ଯଥା ଫୌଜଦାରି (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନ୍‌ସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା କୋର୍ଟରେ ଓ ରାଜ୍ୟ/ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସମ୍ପତ୍ତି ଅଧିକାର ମାମଲା/ଖାଉଟି ବିବାଦ/ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫) କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇ ନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଗୁଡ଼ିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬) ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ।
୭) ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮) ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରନ୍ତୁ।
୯) ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ:
ମୋ: ୯୪୩୮୫୬୮୫୮୬/୮୨୪୯୫୪୨୨୫୯
ଇ-ମେଲ୍: oslsa2020@gmail.com

OIPR-18008/11/0016/2526

## ସଂକ୍ଷେପରେ

### ଘର ତାଲା ଭାଙ୍ଗି ସୁନାଗହଣା ଲୁଟ୍

ରାଉରକେଲା,୫।୫(ସଙ୍ଗୀତା ଜେନା): ବିସ୍ରା ଥାନା ଅନ୍ତର୍ଗତ ସନ୍ତୋଷପୁର ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ଘରୁ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ସନ୍ତୋଷପୁର ସୁବୋଧ ରାଉତରାୟ କଲୋନିରେ ଉତ୍ତରପ୍ରଦେଶ ଜଲାଲପୁର ନିବାସୀ ଜୟପ୍ରକାଶ ପାଲ ସପରିବାର ରୁହନ୍ତି। ସେ ବିବାହ କାର୍ଯ୍ୟ ପାଇଁ ଉତ୍ତରପ୍ରଦେଶ ଯାଇଥିଲେ। ତାଙ୍କ ପୁଅ ଆକାଶ ପାଲ(୨୩) ଉକ୍ତ ଘରେ ରହୁଥିଲେ। ଆକାଶ ରବିବାର ନାଇଟ୍ ସିଫ୍ଟରେ କାମ କରିବାକୁ ଯାଇଥିବା ବେଳେ କେହି ଦୁର୍ବୃତ୍ତ ଘରେ ପଶି ୧୫ ଗ୍ରାମ୍ ସୁନା ଏବଂ ନଗଦ ୩୦ ହଜାର ଟଙ୍କା ଚୋରି କରିନେଇଛନ୍ତି। ଏ ନେଇ ଆକାଶ ସୋମବାର ପୂର୍ବାହ୍ନ ୧୦ଟାରେ ଥାନାରେ ଅଭିଯୋଗ କରିଥିଲେ।

### ରଘୁନାଥପାଲି ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ରାଉରକେଲା,୫।୫(ସଙ୍ଗୀତା ଜେନା): ସଫଳ ପୋଲିସ ସେବା ପାଇଁ ଓଡ଼ିଶା ଡିଜିପିଙ୍କଠାରୁ ସ୍ୱତନ୍ତ୍ର ପୁରସ୍କାର ପାଇଥିବା ରଘୁନାଥପାଲି ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁଙ୍କୁ ପାନପୋଷ ମାର୍କେଟ କମିଟି ପକ୍ଷରୁ ରବିବାର ସନ୍ଧ୍ୟା ୮ଟାରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କମିଟିର ରଞ୍ଜନ ସାହୁ, ସଞ୍ଜୟ ସ୍ୱାଇଁ, ଅଗ୍ରସେନ ବଡୁ, କ୍ରିଷ୍ଣା ସାହୁ, ଅନୁପ ସାହୁ, ଗଙ୍ଗା ଦାସ, ସୋରେନ ପ୍ରସାଦ, ସୁଜିତ ସାହୁ, ଦୀପକ ସାହୁ, ଶିବ ବାରିକ, ରମେଶ ବାରିକ, ରମେଶ ଚନ୍ଦ୍ର ସାହୁଙ୍କ ସମେତ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନା ସଭାରେ ଥାନାଧିକାରୀ ସ୍ୱାଇଁ କହିଥିଲେ, ମାଓବାଦୀ ଅଧ୍ୟୁଷିତ ମାଲକାନଗିରି ଜିଲାରେ ସେ କାର୍ଯ୍ୟ କରିଛନ୍ତି। ପରେ ସେ ରାଉରକେଲା ରଘୁନାଥପାଲି ଥାନାଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ରଘୁନାଥପାଲି ଥାନା ଅଞ୍ଚଳରେ ସଙ୍ଗଠିତ ବିଭିନ୍ନ ଆପରାଧିକ ମାମଲାର ପର୍ଦ୍ଦାଫାଶ କମ୍ ସମୟ ମଧ୍ୟରେ କରାଯାଇଥିବା ସେ କହିଥିଲେ।

### ନାଟ୍ୟ ନିର୍ଦ୍ଦେଶକଙ୍କ ପରଲୋକ

ରାଉରକେଲା,୫।୫(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ଶ୍ରଦ୍ଧା ଅନୁଷ୍ଠାନର ଉପସଭାପତି, ଜଣାଶୁଣା ନାଟ୍ୟ ନିର୍ଦ୍ଦେଶକ ତଥା ନାଟ୍ୟ ଅଭିନେତା ଅଶୋକ କୁମାର ବଳଙ୍କ ରବିବାର ରାତି ୧୨ଟାରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ



ଅବସ୍ଥାରେ ମୃତ୍ୟୁ ହୋଇଛି। ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ବଳ ଶତାଧିକ ନାଟକରେ ଅଭିନୟ କରି ପ୍ରଶଂସା ସାଉଁଟିଥିବାବେଳେ ୬ଟି ନାଟକର ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସହରରେ ଶୋକ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ସ୍ୱର୍ଗତ ବଳ କିଛିମାସ ହେଲା ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟବସ୍ଥା ଅଧିକ ଜଟିଳ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ପରଲୋକ ଭିନ୍ନକ୍ଷମ ଅନୁଷ୍ଠାନ ଶ୍ରଦ୍ଧା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଅନୁଷ୍ଠାନର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ କହିଛନ୍ତି। ସେହିପରି ଶ୍ରଦ୍ଧାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ସୋମବାର ବଳଙ୍କ ବିୟୋଗରେ ନିରବ ପ୍ରାର୍ଥନା କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ।



ସୋମବାର ଅପରାହ୍ନରେ ଷ୍ଟିଲ ସିଟି ରାଉରକେଲାରେ କାଳବୈଶାଖୀ ଜନିତ ଘଡଘଡି ସହ ପ୍ରବଳ ବର୍ଷା ହୋଇଛି। ଗରମରେ ଅସ୍ତବ୍ୟସ୍ତ ହେଉଥିବା ସହରବାସୀଙ୍କୁ ଏହି ବର୍ଷା ସାମାନ୍ୟ ଆଶ୍ୱସ୍ତି ଦେଇଛି।

## ଷ୍ଟିଲ ସିଟିରେ ଘଡ଼ଘଡି ସହ ବର୍ଷା, ଲୋକଙ୍କୁ ଦେଲା ଆଶ୍ୱସ୍ତି

ରାଉରକେଲା,୫।୫(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ସହରାଞ୍ଚଳ ଏବଂ ଶିଳ୍ପାଞ୍ଚଳରେ ସୋମବାର ଅପରାହ୍ନ ୫ଟା ୪୫ରୁ ପ୍ରାୟ ଦେଢଘଣ୍ଟା ଧରି ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ଫଳରେ ସହର ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଥିଲା। ପ୍ରବଳ ବର୍ଷା ଓ ଘଡଘଡିରେ ବୈଦ୍ୟୁତିକ କ୍ଷତି ଓ ଅଘଟଣ ନ ଘଟିବା ପାଇଁ ବିଭାଗ ପକ୍ଷରୁ ସହରରେ ଘଣ୍ଟାଏ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯାଇଥିଲା। ସେହିପରି ଶିଳ୍ପାଞ୍ଚଳରେ ମଧ୍ୟ ବିଦ୍ୟୁତ୍ କାଟ୍ ହୋଇଥିଲା। ଅନ୍ୟପକ୍ଷେ ସହରବାସୀ ପ୍ରବଳ ତାତିରେ ଅସ୍ତବ୍ୟସ୍ତ ହେଉଥିବାବେଳେ ଏହି ବର୍ଷା କିଛି ପରିମାଣରେ ଆଶ୍ୱସ୍ତି ଦେଇଛି। ସେହିପରି ବର୍ଷା ଯୋଗୁ ଶୁଖିଯାଇଥିବା ଜଳାଶୟଗୁଡିକରେ ମଧ୍ୟ ପାଣି ଭରି ହୋଇଯାଇଛି।

# ଶଯ୍ୟା ଅଭାବରୁ ଚଟାଣରେ ଚିକିତ୍ସା

**ଆର୍‌ଜିଏଚ୍ ଶିଶୁ, ସ୍ତ୍ରୀ ଓ ପ୍ରସୂତି ବିଭାଗ**

- ଫ୍ୟାନ ବୁଲୁନି, ଟଏଲେଟକୁ ପାଣି ଆସୁନି
- ଅସୁବିଧା ଭୋଗୁଛନ୍ତି ରୋଗୀ, ସମ୍ପର୍କୀୟ

ରାଉରକେଲା,୫।୫(ବିପ୍ଳବ ରଞ୍ଜନ ଦାଶ)



ଶଯ୍ୟା ଅଭାବରୁ ମହିଳାମାନେ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି।

ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ସକାଳ ୯ଟା ପରେ ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଛି। ଏବେ ଏସି, କୁଲର, ଫ୍ୟାନ ପ୍ରବଳ ଗରମରୁ ଆଶ୍ୱସ୍ତି ପାଇବାର ଏକମାତ୍ର ସାଧନ ସାଜିଛି। ଏଭଳି ସମୟରେ ରାଉରକେଲା ସରକାରୀ ହସ୍ପିଟାଲ(ଆର୍‌ଜିଏଚ୍)ର ଶିଶୁ, ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ଫ୍ୟାନ୍ କାମ କରୁନାହିଁ। ଫଳରେ ପ୍ରସୂତୀମାନେ ପ୍ରବଳ ଗରମରେ ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷେ ଶଯ୍ୟା ଅଭାବ ରହୁଥିବାରୁ ଚଟାଣରେ ସେମାନଙ୍କ ଚିକିତ୍ସା କରାଯାଉଛି। ସେହିପରି ଉକ୍ତ ବିଭାଗର ଟଏଲେଟ୍‌କୁ ପାଣି ଆସୁନାହିଁ। ଏଥିଯୋଗୁ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ଅସୁବିଧା ଭୋଗୁଛନ୍ତି।

ରାଉରକେଲା ସହର ସମେତ ଆଖପାଖ ଅଞ୍ଚଳର ରୋଗୀମାନେ ବିଶେଷ କରି ଆର୍‌ଜିଏଚ୍ ଉପରେ ନିର୍ଭର କରୁଛନ୍ତି। ରାତି ପାହିଲେ ଶହ ଶହ ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସୁଛନ୍ତି। ଏହି ଅନୁସାରେ ଆର୍‌ଜିଏଚ୍‌ର ଭିତ୍ତିଭୂମି ସେଭଳି ସୁଦୃଢ ହୋଇପାରିନାହିଁ। ଶିଶୁ, ସ୍ତ୍ରୀ ଓ ପ୍ରସୂତୀ ବିଭାଗ ୪ମହଲା ବିଶିଷ୍ଟ ହୋଇଥିବା ବେଳେ କେବଳ ୩ ନଂ. ମହଲାର ଟଏଲେଟରେ ପାଣି ବ୍ୟବସ୍ଥା ଅଛି। ଅନ୍ୟ ସବୁ ମହଲାରେ ଥିବା ଟଏଲେଟକୁ ପାଣି ଯୋଗାଣ ହେଉନାହିଁ। ଫଳରେ ରୋଗୀ ଓ ସମ୍ପର୍କୀୟମାନେ ଅନ୍ୟ ସ୍ଥାନରୁ ପାଣି ଆଣିବାକୁ ବାଧ ହେଉଛନ୍ତି। ରାଉରକେଲା ସହରର ଜନସଂଖ୍ୟା ୭ଲକ୍ଷକୁ ଛୁଇଁଥିବାବେଳେ ଆର୍‌ଜିଏଚ୍‌ର ଶିଶୁ, ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ମାତ୍ର ୧୦୦ ଶଯ୍ୟା ଉପଲବ୍ଧ ରହିଛି। ପ୍ରସୂତୀମାନଙ୍କ ପାଇଁ ଆରଜିଏଚ୍‌ରେ ବହୁ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ରହିଛି। ନବଜାତ ଶିଶୁମାନଙ୍କ ପାଇଁ ଆଇସିୟୁ ୱାର୍ଡ, ସ୍ୱତନ୍ତ୍ର ଏସ୍‌ଏନ୍‌ସିୟୁରେ ୨୪ ଶଯ୍ୟା ଅଛି। ଏତେସବୁ ବ୍ୟବସ୍ଥା ସତ୍ତ୍ୱେ ଶଯ୍ୟା ଏବଂ ଆନୁସଙ୍ଗିକ ବ୍ୟବସ୍ଥା ଅଭାବରୁ ପ୍ରସୂତୀ ମାନେ ଏଠାରେ ଉପଯୁକ୍ତ ସେବା ପାଇପାରୁ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଆର୍‌ଜିଏଚ୍ ନିର୍ଦ୍ଦେଶକ ମନୋଜ ଉପାଧ୍ୟାୟଙ୍କୁ ପଚାରିବାରୁ ସେ କହିଲେ, ଶଯ୍ୟାସଂଖ୍ୟା ବୃଦ୍ଧି ପାଇଁ ସ୍ୱାସ୍ଥ୍ୟ ସଚିବଙ୍କୁ ଅବଗତ କରାଯାଇଛି। ଆଗକୁ ଆର୍‌ଜିଏଚ୍‌ର ଶିଶୁ, ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ଯେଭଳି ସମସ୍ତ ବ୍ୟବସ୍ଥା ଉପଲବ୍ଧ ହେବ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପାଧ୍ୟାୟ କହିଥିଲେ।

## ପାର୍କ ସଫେଇ କଲେ ସାମାଜିକ କର୍ମୀ

ରାଉରକେଲା,୫।୫(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନିସ୍ଥିତ ଡିଏଭି ବସ୍‌ଷ୍ଟାଣ୍ଡ ନିକଟରେ ଜନସାଧାରଣଙ୍କ ପାଇଁ ଆରଏମ୍‌ସି ପକ୍ଷରୁ ଏକ ପାର୍କ ନିର୍ମାଣ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟ ହିତକର ବ୍ୟାୟାମ ଉପକରଣମାନ ଲଗାଯାଇଥିଲା। କୋମଳମତି ଶିଶୁମାନଙ୍କ ଖେଳିବା ପାଇଁ ଦୋଳି ଓ ଖେଳଣା ସାମଗ୍ରୀ ଥିବାରୁ ପାର୍କଟି ଲୋକାଭିମୁଖୀ ହୋଇଥିଲା। ପ୍ରତିଦିନ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଏଠାକୁ ଆସି ବ୍ୟାୟାମ ସାଙ୍ଗକୁ ଆମୋଦ ପ୍ରମୋଦ କରୁଥିଲେ। ମାତ୍ର ପାଚେରି ନ ଥିବାରୁ ଅଧିକାଂଶ ସମୟରେ ବୁଲାପଶୁ ଓ ଅସାମାଜିକ ତତ୍ତ୍ୱ ପାର୍କ ଭିତରେ ପଶି ଏହାର ପରିସରକୁ ଅପରିଷ୍କାର କରିବାକୁ ଲାଗିଲେ। ଏହାକୁ ସଫେଇ କରିବା ପାଇଁ ଦାବି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ଉକ୍ତ ଅଞ୍ଚଳର ଦିବ୍ୟାଙ୍ଗ ତଥା ସାମାଜିକ କର୍ମୀ କହରା ଜେନା ରବିବାର ପାର୍କ ପରିସରକୁ ସଫେଇ କରିଥିଲେ। ଦିବ୍ୟାଙ୍ଗ ଜଣଙ୍କ ଏକୁଟିଆ ପାର୍କ ସଫା କରୁଥିବା ଦେଖି ସ୍ଥାନୀୟ ବସ୍ତିର କିଛି ଯୁବକ ତାଙ୍କୁ ସହଯୋଗ କରିଥିଲେ। ଦିବ୍ୟାଙ୍ଗ ହୋଇ ବି ତାଙ୍କର



ସାମାଜିକ କର୍ମୀ ପାର୍କ ପରିସରକୁ ସଫେଇ କରୁଛନ୍ତି।

ଏଭଳି ସାମାଜିକ କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ସ୍ୱ ପରିବର୍ତ୍ତନରୁ ବିଶ୍ୱ ପରିବର୍ତ୍ତନ। ପରିବେଶକୁ ସଫା ରଖିବା କେବଳ ଯେ ପ୍ରଶାସନର ଦାୟିତ୍ୱ ତାହା ନୁହଁ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି। ତେଣୁ ପାର୍କ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଏଭଳି ପଦକ୍ଷେପ ନେଇଥିଲି ବୋଲି କହରା କହିଥିଲେ।

## ସିପିଆଇଏମ୍ ପାଳିଲା କାର୍ଲ ମାର୍କ୍ସଙ୍କ ଜୟନ୍ତୀ

ରାଉରକେଲା,୫।୫(ସଙ୍ଗୀତା ଜେନା)

ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଶକ୍ତିନଗର ଜିଲା କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନ ୧୦ଟାରେ ଦାର୍ଶନିକ, ବୈଜ୍ଞାନିକ ତଥା ସମାଜବାଦର ସ୍ରଷ୍ଟା କାର୍ଲ ମାର୍କ୍ସଙ୍କ ୨୦୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସିପିଆଇଏମ୍ ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଦଳର ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ଶ୍ରୀମନ୍ତ ବେହେରା, ରାଉରକେଲା ଆଞ୍ଚଳିକ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ଲକ୍ଷ୍ମୀଧର ନାୟକ, ପ୍ରଦୀପ ସେଠୀ, ପ୍ରମୋଦ ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମାର୍କ୍ସଙ୍କ ମହାନ୍ କୃତି ମାର୍କ୍ସବାଦ ହିଁ ସର୍ବଶ୍ରେଷ୍ଠ ଦର୍ଶନ ଏବଂ ମାର୍କ୍ସବାଦୀ ଅର୍ଥନୀତି ହିଁ ବିଶ୍ୱର ଶ୍ରେଷ୍ଠ ଅର୍ଥନୀତି। ପୁଞ୍ଜିବାଦୀ ସମାଜରେ ଚାଲିଥିବା, ଶୋଷଣ, କଷଣ, ଦମନ ଏବଂ ନିର୍ଯ୍ୟାତନାରୁ ମୁକ୍ତି ପାଇଁ ସମାଜବାଦ ଶ୍ରେଷ୍ଠ ସାମାଜିକ ବ୍ୟବସ୍ଥା ବୋଲି ବକ୍ତାମାନେ କହିଥିଲେ।



ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

## ଶ୍ରୀରାମ, ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ରାଉରକେଲା,୫।୫(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୧୫ସ୍ଥିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସରରେ ରାମ ଓ ଗଣେଶ ମନ୍ଦିରର ପ୍ରତିଷ୍ଠା ଉତ୍ସବ ରବିବାର ସମ୍ପନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ବ୍ରାହ୍ମ ମୁହୂର୍ତ୍ତରେ ମନ୍ଦିରର ମୁଖ୍ୟପୂଜକ ଗୁରୁ ଚରଣ ନନ୍ଦ ସମସ୍ତ ପୂଜା ପାଠ କରିଥିଲେ। ଏଥିରେ କର୍ତ୍ତା ଭାବେ ସୁଶାନ୍ତ କୁମାର ପ୍ରଧାନ ଓ ତାଙ୍କ ସ୍ତ୍ରୀ ନୀଳେନ୍ଦ୍ରୀ ପ୍ରଧାନ ଏବଂ ଗଣେଶ ମନ୍ଦିର କର୍ତ୍ତା ଭାବେ ନିରଞ୍ଜନ ସ୍ୱାଇଁ ଓ ଗୀତାଞ୍ଜଳି ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ପୂଜକ ସୁଶୀଲ ଦାଶ ରାମଚରିତ ମାନସ ପାଠ କରିଥିଲେ। କାର୍ଯ୍ୟକ୍ରମରେ ହରିହର ରାଉତରାୟ, ଜୟନ୍ତୀ ଦାସ, ପ୍ରସନ୍ନ କୁମାର ତ୍ରିପାଠୀ, ବିଷ୍ଣୁ ଚରଣ ବିଶ୍ୱାଳ, ହେମନ୍ତ ବିଶ୍ୱାଳ, କପିଳେଶ୍ୱର ମିଶ୍ର, ଅନନ୍ତ ସାମଲ, ଅର୍ଜୁନ ଚରଣ ଭୂୟାଁ, ପୁରୁଷୋତ୍ତମ ବେହେରା, ଧବଳେଶ୍ୱର ବିଶ୍ୱାଳ, ହୃଷୀକେଶ ପ୍ରଧାନ, ନିତ୍ୟାନନ୍ଦ ଜେନା, ଗଙ୍ଗାଧର ନାୟକ, ପ୍ରମୋଦ କୁମାର ବେହେରା, ଦିଲୀପ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଛେଣ୍ଡରେ ସ୍ୱାସ୍ଥ୍ୟ ସଚେତନତା ଶିବିର



ଶିବିରରେ ଉପସ୍ଥିତ କ୍ଲବର କର୍ମକର୍ତ୍ତା ଏବଂ ସଦସ୍ୟ।

ରାଉରକେଲା,୫।୫(ଦିନେଶ ମିଶ୍ର)

ରୋଟାରୀ କ୍ଲବ ରାଉରକେଲା ରିଭରସାଇଡ୍ ଏବଂ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସୋମବାର ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବ ସଭାପତି ସନ୍ତୋଷ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ହାଇଟେକ୍ ମେଡିକାଲ କଲେଜର ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜିଷ୍ଟ ଡାକ୍ତର ଜୟନ୍ତ କୁମାର ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ରୋଗର କାରଣ ଓ ରୋଗ ନ ହେବା ପାଇଁ ସତର୍କତା ଏବଂ ଏହାର ଚିକିତ୍ସା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବର ସାଧାରଣ ସମ୍ପାଦିକା ପ୍ରମିଳା ମିଶ୍ର, ଡାକ୍ତର ସୁଧାରାଣୀ ପ୍ରଧାନ, ପ୍ରତିମା ମହାପାତ୍ର, ସୁପ୍ରିୟା ମହାନ୍ତି, ସିଦ୍ଧିନାଥ ଜ୍ୟୋତିଷୀ, ମଞ୍ଜୁଳା ପାତ୍ର, ସୁଖବିନ୍ଦର ସିଂହ ଶେଖନ, ଗିରିଜା ଶଙ୍କର ଗୋସ୍ୱାମୀ, ହରିହର ନାୟକ, ଜଗବନ୍ଧୁ ଜେନା, ରବୀନ୍ଦ୍ର କୁମାର ଦାଶ, ଧ୍ରୁବ ଚରଣ ନାୟକ, ଗୋପାଳ ପ୍ରସାଦ ଜେନା, ନିର୍ମଳ ଚନ୍ଦ୍ର ଆଚାର୍ଯ୍ୟ, କୈଳାସ ଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶଙ୍କର ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ରାଉରକେଲା,୫।୫(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୬ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଅରୁଣ କୁମାର ସାହୁଙ୍କୁ ଆଭା ଅନ୍ୱେଷ ପକ୍ଷରୁ ସୋମବାର ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଆର୍ତ୍ତତ୍ରାଣ ଜେନା ଅଧ୍ୟକ୍ଷତା କରିଥିଲେ। ସଙ୍ଗଠନ ସମ୍ପାଦକ ଶରତ କୁମାର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦାୟକାଳୀନ ସଭାରେ ବିଦ୍ୟାଳୟର ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ପ୍ରମୋଦ ଭଞ୍ଜ, ଅନନ୍ତ ଚରଣ ନାୟକ, ଇଞ୍ଜିନିୟର ଅଜିତ ଗିରି, ଚନ୍ଦ୍ରଶେଖର ରାଉତ, ଅଭୟ ସାହୁ, କାର୍ତ୍ତିକ ଚନ୍ଦ୍ର ମିଶ୍ର, ଅରବିନ୍ଦ ପାଢୀ, ପୀତବାସ ପରିଡା, କାଳନ୍ଦୀ ସାହୁ ପ୍ରମୁଖ ଉପସ୍ଥିତ ରହି ଅବସରପ୍ରାପ୍ତ ଶିକ୍ଷକ ସାହୁଙ୍କ ଉପଢ଼ୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଶିକ୍ଷକ ଆନନ୍ଦ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଭାଷ ବୋଷ ସଂଯୁକ୍ତ ଶାଖାର ଦ୍ୱିତୀୟ ବାର୍ଷିକୋତ୍ସବ

ରାଉରକେଲା,୫।୫(ବିପ୍ଳବ ରଞ୍ଜନ ଦାଶ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ମାଧବ ନଗର ଅନ୍ତର୍ଗତ ନେତାଜୀ ସୁବାଷ ଚନ୍ଦ୍ର ବୋଷ ସଂଯୁକ୍ତ ଶାଖାର ଦ୍ୱିତୀୟ ବାର୍ଷିକୋତ୍ସବ ରାଉରକେଲା ସେକ୍ଟର-୨ସ୍ଥିତ ଦୁର୍ଗାପୂଜା ପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ପ୍ରାନ୍ତ ଶାରୀରିକ ଶିକ୍ଷଣ ପ୍ରମୁଖ ହରେକୃଷ୍ଣ ମାଝିଙ୍କ ମାର୍ଗଦର୍ଶନ, ଶାଖା କାର୍ଯ୍ୟବାହ ନିରଞ୍ଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଶାଖା ମୁଖ୍ୟ ଶିକ୍ଷକ ତ୍ରିଲୋଚନ ବେହେରାଙ୍କ ପରିଚାଳନାରେ ଆୟୋଜିତ ଏହି ଉତ୍ସବରେ ଶତାଧିକ ସ୍ୱୟଂସେବକ ବିଭିନ୍ନ ଶାରୀରିକ କାର୍ଯ୍ୟକ୍ରମ କରିଥିଲେ। ଏଥିରେ ଡ. ପ୍ରେମାନନ୍ଦ ସ୍ୱାଇଁ ମୁଖ୍ୟଅତିଥି, ହେମନ୍ତ ସାମଲ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ମାଧବ ନଗର ସହ ସଂଘଚାଳକ ଚନ୍ଦ୍ରଭାନୁ ମୁଣ୍ଡା ଉପସ୍ଥିତ ଥିଲେ। ଶାଖା ଚାଳକ ଅନଳ କୁମାର ଚୌଧୁରୀ ବାର୍ଷିକ ଯୋଜନା ପଠନ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱୟଂସେବକଗଣ।

## ବିଶ୍ୱ ହାତଧୁଆ ଦିବସରେ ବୃତ୍ତିଗତ ବକ୍ତବ୍ୟ କାର୍ଯ୍ୟକ୍ରମ

ରାଉରକେଲା,୫।୫(ବିପ୍ଳବ ରଞ୍ଜନ ଦାଶ)

ବିଶ୍ୱ ହାତଧୁଆ ଦିବସ ପାଳନ ଉପଲକ୍ଷେ ଆର୍‌ଏସ୍‌ପି ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲରେ ସୋମବାର ବୃତ୍ତିଗତ ବକ୍ତବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଜୟନ୍ତ କୁମାର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଚିକିତ୍ସା ବିଭାଗର ସିଏମ୍‌ଓ ଡକ୍ଟର ଆର. ଆର୍ ମହାନ୍ତି ଏବଂ ବିଶେଷଜ୍ଞ କନ୍‌ସଲଟାଣ୍ଟ ଡକ୍ଟର ପି. କେ. ମହାପାତ୍ର ଉପସ୍ଥିତ ଥିଲେ। ଏହି ଅଧିବେଶନରେ ଆଇଜିଏଚ୍‌ର ଡାକ୍ତର, ନର୍ସ, କର୍ମଚାରୀ ଏବଂ ନର୍ସିଂ ତାଲିମ ପ୍ରତିଷ୍ଠାନର ଛାତ୍ରୀଛାତ୍ରଙ୍କ ସମେତ ୮୦ଜଣ ଅଂଶଗ୍ରହଣ କରିଥିଲେ। ଚିକିତ୍ସା ବିଭାଗର ମୁଖ୍ୟ ପରାମର୍ଶଦାତା ଡ. ଅସିତ ଖେଶ ଏହି ବର୍ଷର ବିଷୟବସ୍ତୁ ଜୀବନ ରକ୍ଷା ପାଇଁ ହାତ ସ୍ୱଚ୍ଛ ରଖନ୍ତୁ ଉପରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟସେବା ସହ ଜଡିତ ସଂକ୍ରମଣକୁ ହ୍ରାସ କରିବା ଏବଂ ରୋଗୀ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱାସ୍ଥ୍ୟ କର୍ମୀମାନଙ୍କ ମଧ୍ୟରେ ହାତ ପରିଚ୍ଛନ୍ନତା ଅଭ୍ୟାସର ମହତ୍ୱ ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜଣାଅଜଣା ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଚିକିତ୍ସା ବିଭାଗର ପରାମର୍ଶଦାତା ଡ. ସୁବ୍ରତ କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସଂକ୍ରମଣ ରୋକିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ହାତ ଧୋଇବା ବିଷୟରେ ସଚେତନତା ବୃଦ୍ଧି କରାଇବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଥିଲା।




କାର୍ଯ୍ୟକ୍ରମରେ ସୂଚନା ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଗାଧୋଇବା ବେଳେ ପୋଖରୀରେ ବୁଡି ମୃତ୍ୟୁ

କୁଚିଣ୍ଡା, ୫।୫(ବିରଞ୍ଚି ଦର୍ଚ୍ଚା)

ସମ୍ବଲପୁରମ ଜିଲା କୁଚିଣ୍ଡା ଥାନା ପାରୁଆଭାଡି ଗ୍ରାମର ପୋଖରୀରେ ଗାଧୋଇବା ବେଳେ ସୋମବାର ମଧ୍ୟାହ୍ନରେ ପାଣିରେ ବୁଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ପାରୁଆଭାଡି ଗ୍ରାମର ଭଜନ ବାରିକ(୫୫)। ଏନେଇ କୁଚିଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୫)ରୁଜୁ ହୋଇଛି। ପୋଲିସ ମୃତଦେହ କୁଚିଣ୍ଡା ମେଡିକାଲରେ ବ୍ୟବଚ୍ଛେଦ କରାଇଛି। ଭଜନ ଅବିବାହିତ ଥିଲେ। ସେ ମଧ୍ୟାହ୍ନ ପ୍ରାୟ ୧୨ଟା୩୦ରେ ଗ୍ରାମର ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କୌଣସି କାରଣରୁ ଗାଧୋଇବା ସମୟରେ ସେ ପାଣିରେ ବୁଡି ଯାଇଥିଲେ। ସେଠାରେ ଗାଧୋଉଥିବା ଅନ୍ୟ ଲୋକେ ତାଙ୍କୁ ଉଦ୍ଧାର କରି କୁଚିଣ୍ଡା ମେଡିକାଲ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ରୋହିତ ସମ୍ବଲପୁର ଜିଲା ବିଜେଡି ସଭାପତି

ସମ୍ବଲପୁର,୫।୫(ପ୍ରମୋଦ ବହିଦାର)

ଚତୁର୍ଥ ଥର ପାଇଁ ସମ୍ବଲପୁର ଜିଲା ବିଜେଡି ସଭାପତି ନିଯୁକ୍ତ ହୋଇଛନ୍ତି ପୂର୍ବତନ ମନ୍ତ୍ରୀ ଇଂ.ରୋହିତ ପୂଜାରୀ। ସୋମବାର



ଦଳ ପକ୍ଷରୁ ତାଙ୍କ ନାମ ଘୋଷଣା କରାଯାଇଛି। ଦଳ ବିରୋଧୀ ଦଳରେ ଥିବାରୁ ଏହି ଦାୟିତ୍ୱ ଅଧିକ ଗୁରୁତ୍ୱ ବହନ କରୁଛି ବୋଲି ନାମ ଷୋଷଣା ପରେ ରୋହିତ କହିଛନ୍ତି। ସରକାରଙ୍କ ଭୁଲତ୍ରୁଟି ବିରୋଧରେ ସ୍ୱର ଉତ୍ତୋଳନ ସହ ସଙ୍ଗଠନକୁ କିପରି ଆହୁରି ସୁଦୃଢ କରି ଜନସାଧାରଣଙ୍କ ପୁନଃ ମନ ଜିଣାଯାଇ ପାରିବ ତାହା ଉପରେ ଗୁରୁତ୍ୱ ଦେବି ବୋଲି ସେ କହିଛନ୍ତି। ପୂର୍ବ ତିନିଦଫା ବିଜେଡି ସରକାର ଥିବାବେଳେ ସେ ସଭାପତି ଥିଲେ। ହେଲେ ଚଳିତ ଥର ସଶକ୍ତ ବିରୋଧୀ ଦଳର ପ୍ରକୃତ ଦାୟିତ୍ୱ ତୁଲାଇବେ ବୋଲି ରୋହିତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ନାମ ଘୋଷଣା ପରେ ରୋହିତଙ୍କୁ ଦଳୀୟ ଏବଂ ବିଭନ୍ନ ମହଲରୁ ଶୁଭେଛା ଜ୍ଞାପନ କରାଯାଇଛି।

### ନିଶାମୁକ୍ତ ଗ୍ରାମ ପାଇଁ ଦାବିପତ୍ର

କୁଚିଣ୍ଡା,୫।୫(ବିରଞ୍ଚି ଦର୍ଚ୍ଚା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁସୁମୀ ପଞ୍ଚାୟତର ଅଁଳାପୋଷି ଗ୍ରାମରେ ବେଆଇନ ମଦବିକ୍ରୀ ବନ୍ଦ କରିବାକୁ ସୋମବାର କୁଚିଣ୍ଡା ଉପଜିଲାପାଳଙ୍କୁ ମହିଳାମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଅଁଳାପୋଷି ଗ୍ରାମରେ ୨ଟି କୁଟିଆ ଭାଟି ମାଧ୍ୟମରେ ବେଆଇନ ଭାବେ ଖୁଲମଖୁଲା ମଦବିକ୍ରି ହେଉଛି। ଫଳରେ ଗ୍ରାମର ସୁସ୍ଥ ବାତାବରଣ ନଷ୍ଟ ହୋଇ ଦିନକୁ ଦିନ ଅଶାନ୍ତି ବଢି ଚାଲିଛି। ତେଣୁ ଅଁଳାପୋଷି ଗ୍ରାମକୁ ନିଶାମୁକ୍ତ କରିବାକୁ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉପଜିଲାପାଳ ଗୌରବମୟ ପ୍ରଧାନ ଏଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାର ନକଲ କୁଚିଣ୍ଡା ବିଧାୟକ ତଥା ପଞ୍ଚାୟତରାଜ ମନ୍ତ୍ରୀ, କୁଚିଣ୍ଡା ଅବକାରୀ ନିରୀକ୍ଷକ, ମହୁଲପାଲି ଥାନାକୁ ଦିଆଯାଇଛି। ଦାବିପତ୍ର ପ୍ରଦାନରେ ଅଁଳାପୋଷି ଗ୍ରାମର ରଞ୍ଜିତା ରାୟ, ସେବତୀ ରାୟ, ଜ୍ୟୋତି ପୂଝାରୀ, ପଦ୍ମା ପାତ୍ର, ଫୁଲ ପୂଝାରୀ, କବିତା ପାତ୍ର, ଗୋଦାବରୀ ଗୌଡ, ସତ୍ୟଭାମା ସୁନାନୀ, ଅନିତା ମାକର, ସାଏବାନୀ ପୂଝାରୀ, ସୁବାସ ଚନ୍ଦ୍ର ନାୟକ, କରୁଣାକର କିଷାନଙ୍କ ସମେତ ବହୁସଂଖ୍ୟକ ମହିଳା ସାମିଲ ହୋଇଥିଲେ।



ସମ୍ବଲପୁର ମହାନଦୀ ଜଳ ଅନାବନା ଘାସ ଓ ଦଳରେ ଭର୍ତ୍ତି ହୋଇଛି। ସୋମବାର ଜଣେ ଧିବର ମାଛ ପାଇଁ ଜାଲ ପକାଇବାକୁ ହଇରାଣ ହେଉଛନ୍ତି।

# ଦାୟିତ୍ୱ ନେବାକୁ ଅଧିକାରୀ ନାରାଜ

ସମ୍ବଲପୁର,୫।୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମର ୩୪ନମ୍ବର ୱାର୍ଡରେ ରହିଛି ସାରସ୍ୱତ କଲୋନୀ ଏବଂ ଚାରଭାଟୀ ବସ୍ତି। ଚାରଭାଟି ବସ୍ତି ଉପରେ ଥିବାରୁ ଡ୍ରେନ ପାଣି ସାରସ୍ୱତ କଲୋନୀ ଦେଇ ପ୍ରବାହିତ ହୋଥାଏ। ମୁଖ୍ୟରାସ୍ତାରେ କଲଭର୍ଟ ନିର୍ମାଣ ପାଇଁ ଠିକାଦାର କଲୋନୀରୁ ଆସୁଥିବା ମୁଖ୍ୟଡ୍ରେନକୁ ପଥର ଦେଇ ବନ୍ଦ କରିଦେଇଥିଲେ। ଦୀର୍ଘ ପନ୍ଦର ଦିନରୁ ଅଧିକ ସମୟ ହେବ ଡ୍ରେନ ବନ୍ଦ ରହିବା ଯୋଗୁ ଆବର୍ଜନା ପାଣି ଜମିରହି ଚାରଭାଟିର କେତେକ ବ୍ୟକ୍ତିଙ୍କ ଘରେ ପଶିବା ଆରମ୍ଭ କରିଥିଲା। ଏହାପରେ ଚାରଭାଟିର କେତେଜଣ ବାସିନ୍ଦା ସାରସ୍ୱତ କଲୋନୀ ଲୋକେ ଯା'ଆସ କରୁଥିବା ରାସ୍ତାରେ ଥିବା ଡ୍ରେନକୁ ଭାଙ୍ଗିବା ଉଦ୍ୟମ କରିଥିଲେ। ରବିବାର ସନ୍ଧ୍ୟାରେ ଚାରି ପାଞ୍ଚଜଣ ଯୁବକ ନିଶାସକ୍ତ ଅବସ୍ଥାରେ ଡ୍ରେନ ଉପରେ ଥିବା ସ୍ଲାବଗୁଡିକୁ ଭାଙ୍ଗି ସେଗୁଡିକୁ ରାସ୍ତାରେ ପକାଇ ଅବରୋଧ କରି ଦେଇଥିଲେ। ଦୁଇଘଣ୍ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ ରହିବା ପରେ କଲୋନୀ ବାସିନ୍ଦା ଧନୁପାଲି ଥାନାକୁ ଫୋନ ଯୋଗେ ଅବଗତ କରିଥିଲେ। ପୋଲିସ ପହଞ୍ଚିବା ପୂର୍ବରୁ ସମ୍ପୃକ୍ତ ଯୁବକମାନେ ସେଠାରୁ ପଳାଇଯାଇଥିଲେ। ତେବେ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ଡ୍ରେନ ଏବଂ କଲଭର୍ଟ ନିର୍ମାଣ ସମୟରେ ବିକଳ୍ପ ରାସ୍ତାରେ ଟ୍ରାକ୍ଟର ଆଦି ଯାତାୟତ ଯୋଗୁ ସେହି ରାସ୍ତାର ଥିବା କଲଭର୍ଟ ମଧ ଭାଙ୍ଗିଯାଇଥିଲା। କଲଭର୍ଟ ଭାଙ୍ଗିଯିବା ଯୋଗୁ କଲୋନୀର ଆବର୍ଜନା ପାଣି ଡ୍ରେନରେ ଅବରୋଧ ହୋଇ ଚାରଭାଟି ବସ୍ତି ଭିତରେ ପ୍ରବେଶ କରିଥିଲା।

ସୋମବାର ଘଟଣା ବିଷୟରେ ଚାରଭାଟି ବସ୍ତିର ସନ୍ତୋଷିନୀ ଓରାମ ୱାର୍ଡ ଦାୟିତ୍ୱରେ ଥିବା ଇଞ୍ଜିନିୟରଙ୍କୁ ଜଣାଇଥିଲେ। ପୂର୍ତ୍ତ ବିଭାଗ ଯୋଗୁ ସମସ୍ୟା ସୃଷ୍ଟି ହୋଇଛି, ତେଣୁ ସେମାନେ ସମାଧାନ କରିବେ କହି ଫୋନ କାଟିଦେଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ପୂର୍ତ୍ତ ବିଭାଗ ଅଧିକାରୀ ବିନିତ ଲାକ୍ରାଙ୍କୁ ମଧ ସମସ୍ୟା ବିଷୟରେ ଅବଗତ କରାଯିବା ସତ୍ତ୍ୱେ ସେ କଲୋନୀ



ମହାନଗର ନିଗମର ଅସ୍ଥାୟୀ ଶ୍ରମିକ ସତ୍ୟ ମୁଖୀ ଡ୍ରେନ୍ ସଫା କରୁଛନ୍ତି।

### ଡ୍ରେନ ସମସ୍ୟା ଯୋଗୁ ଲୋକଙ୍କ ଭିତରେ ବିବାଦ

ଡ୍ରେନ ମହାନଗର ନିଗମ ଅଧୀନରେ କହି ଚୁପ୍ ରହିଥିଲେ। ଶେଷରେ ସାରସ୍ୱତ କଲୋନୀ କମିଟି ପକ୍ଷରୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଘଟଣା ବାବଦରେ ଅବଗତ କରାଯାଇଥିଲା। ଏହାପରେ ସେ ସ୍ୱଚ୍ଛତା ଅଧିକାରୀ ବିଶ୍ୱନାଥ ଦେବତାଙ୍କୁ ଘଟଣାସ୍ଥଳକୁ ତତକ୍ଷଣାତ ପଠାଇ ଥିଲେ। ସେ ଚାରିଜଣ ଶ୍ରମିକଙ୍କୁ ସାଙ୍ଗରେ ଧରି ପହଞ୍ଚିଥିଲେ। ସ୍ଥିତି ଅନୁଧାନ ପରେ ଆସନ୍ତାକାଲି ଡ୍ରେନ ସଫା ହୋଇପାରିବ କହିଥିଲେ। ଶେଷରେ ସତ୍ୟ ମୁଖୀ ନାମକ ମହାନଗର ନିଗମର ଜଣେ ଅସ୍ଥାୟୀ ଶ୍ରମିକ ନିଜେ ଡ୍ରେନରୁ ପଥର ହଟାଇବା ପରେ ଜମି ରହିଥିବା ଆବର୍ଜନା ପାଣି କିଛି ମାତ୍ରାରେ ପ୍ରବାହିତ ହୋଇ ପାରିଥିଲା। ଅନ୍ୟପକ୍ଷରେ ବିଭିନ୍ନ ସରକାରୀ ବିଭାଗ ପରସ୍ପର ପ୍ରତି ଦୋଷଲଦି ଖସିଯିବାକୁ ଚେଷ୍ଟା କରୁଥିବାରୁ ସମସ୍ୟା ସମାଧାନ ହୋଇ ପାରୁ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମହାନଗର ନିଗମ କମିଶନ ବେଦଭୂଷଣଙ୍କୁ ପଚାରିବାରୁ ପୂର୍ତ୍ତ ବିଭାଗକୁ ଅବଗତ କରାଯାଇଥିବା ସୂଚନା ଦେଇଛନ୍ତି। ମଙ୍ଗଳବାର ମହାନଗର ନିଗମ ଯନ୍ତ୍ରୀ ଘଟଣାସ୍ଥଳକୁ ଯାଇ ଦେଖିଲା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ୫ହଜାର ବୋତଲ କଫ୍‌ସିରପ ଜବତ, ୧୦ଗିରଫ



ଜବତ କଫ୍ ସିରପ ପେଟି ସହିତ ଗିରଫ ଅଭିଯୁକ୍ତମାନେ।

ସମ୍ବଲପୁର,୫।୫(ପ୍ରମୋଦ ବହିଦାର)

ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ଚଢାଉ କରି ସୋମବାର ପୋଲିସ ବ୍ୟାପକ ପରିମାଣର ନିଷିଦ୍ଧ ନିଶା କଫ୍‌ସିରପ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ୧୦ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଧନୁପାଲି ଥାନା ଅଞ୍ଚଳର ଆଶିଷ କୁମାର ପାଣିଗ୍ରାହୀ, ଟାଉନ ଥାନା ଅନ୍ତର୍ଗତ ଦଳେଇପଡ଼ା ବାଟମଙ୍ଗଳା ଗଳିର ଏକଲାଖ ଖାନ, ଯଶବୀର ହୁସେନ, ସୁନାପାଲି ନିବାସୀ ମହମ୍ମଦ ଆବିଦ, କୁଲୁଥକାନୀ ନିବାସୀ ସୁନୀଲ କୁମାର ନନ୍ଦ, ଫାର୍ମରୋଡ ନିବାସୀ ରଞ୍ଜନ କୁଅଁର, ଲକ୍ଷ୍ମୀ ଡୁଙ୍ଗୁରୀ ନିବାସୀ ରିଙ୍କୁ ରାଉତ, ସାଲିଆବଗିଚା ଦାନିବନ୍ଧ ନିବାସୀ ପ୍ରକାଶ ଛତର, କୁମ୍ଭାରପଡା ନିବାସୀ ବିଶ୍ୱଜିତ ବାଗ ଏବଂ ପୁଟିବନ୍ଧ ପିଲାକନ୍ଦେଇପଡାର ଅନୀତ ସିଂ। ସେମାନଙ୍କ ନିକଟରୁ ୪୦ଟି ପେଟିରେ ଶହେ ମିଲିଲିଟର ବିଶିଷ୍ଟ ୫୦୧୧ ବୋତଲ ନିଷିଦ୍ଧ ନିଶା କଫ୍‌ସିରପ(ୱିନ୍ସିରେକ୍ସ)କୁ ପୋଲିସ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ। ଏହାସହ ୪ଟି ମୋବାଇଲ ଫୋନ ଓ ନଗଦ ୬ ହଜାର ୩୫୦ ଟଙ୍କା ଜବତ କରିଛି ପୋଲିସ। ଏ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ଜିଲା ପୋଲିସ ମୁଖ୍ୟାଳୟରେ ସୋମବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ ଏହି ସୂଚନା ଦେଇଛନ୍ତି।

ଏସ୍‌ପି ଭାମୁ କହିଛନ୍ତି, ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚରାବେଳେ ନିଷିଦ୍ଧ କଫ୍‌ସିରପ୍ ପଶ୍ଚିମବଙ୍ଗର ହାୱଡ଼ାରୁ ଚୋରାରେ ଅଣାଯାଇଥାଏ ବୋଲି ଜଣାପଡିଛି। ସେଠାରୁ ଆସିଲା ପରେ ସେସବୁକୁ ବୁର୍ଲା, ହୀରାକୁଦ ସମେତ ସହରର ବିଭିନ୍ନ ଅଞ୍ଚଳରେ ବିକ୍ରି କରାଯାଇଥାଏ। ବିଶେଷ କରି ବିଭିନ୍ନ ପର୍ବ ପର୍ବାଣୀରେ ଅଧିକ ଲାଭ ଆଶାରେ ସେମାନେ କଫ୍ ସିରପ ଆଣିଥାଆନ୍ତି ବୋଲି ସ୍ୱୀକାର କରିଥିଲେ। ନିଶା କଫ୍‌ସିରପକୁ ଚେରୁଆପଡ଼ା କୃଷି ବିଭାଗ କାର୍ଯ୍ୟାଳୟ ନିକଟସ୍ଥ ଏକ ପରିତ୍ୟକ୍ତ ଗୃହରେ ରଖାଯାଇଥାଏ। ଗିରଫ ୧୦ଅଭିଯୁକ୍ତ ପୂର୍ବରୁ ମଧ ଏହି ବେଆଇନ କାର୍ଯ୍ୟରେ ଲିପ୍ତ ଥିଲେ ବୋଲି ଏସ୍‌ପି କହିଛନ୍ତି। ଆସନ୍ତା ଶୀତଳ ଷଷ୍ଠୀ ଯାତ୍ରାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଫ୍ ସିରପ୍ ଧରପଗଡ଼ ଅଭିଯାନ ଆରମ୍ଭ ହୋଇଛି। ଆଗାମୀ ଦିନରେ ଏହି ଅଭିଯାନ ଜାରି ରହିବ ବୋଲି ସେ କହିଛନ୍ତି।

ଅପରପକ୍ଷରେ କଫ୍‌ସିରପ ଚୋରା କାରବାରରେ ଗିରଫ ଅଭିଯୁକ୍ତଙ୍କ ପରିବାର ଲୋକେ ସୋମବାର ସନ୍ଧ୍ୟାରେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ହୋହଲ୍ଲା କରିଥିଲେ। ଉକ୍ତ ବେଆଇନ କାରବାରରେ ସେମାନେ ଆଦୌ ସମ୍ପୃକ୍ତ ନୁହନ୍ତି ବୋଲି କହିଥିଲେ।

# ଛାତ୍ରୀଛାତ୍ର ବଜାର ଖାଦ୍ୟଠାରୁ ଦୂରେଇ ରୁହନ୍ତୁ

### ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ

ସମ୍ବଲପୁର, ୫।୫(ବି.ଶଙ୍କର)

ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ସୋମବାର ମଧ୍ୟାହ୍ନ ୧୨ଟାରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନ ନୈତିକ ଶିକ୍ଷା ଆଧାରରେ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଡ. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷାପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ମୀନକେତନ ପାଠୀ ସତ୍ୟ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ସବୁବେଳେ ସତ୍ୟକୁ ଆଧାର କରି ଜୀବନ ଶୈଳୀ ଅପଣେଇବା ଜରୁରୀ। ଦ୍ୱିତୀୟ ଅଧିବେଶନ ସ୍ୱାସ୍ଥ୍ୟ ବିଜ୍ଞାନ ଉପରେ ଆଲୋଚନା ହୋଇଥିଲା। ବୁର୍ଲାସ୍ଥିତ ଭିସୁଟ ଅଧ୍ୟାପିକା ଡାକ୍ତର ଅଭିପ୍ସା ମହାପାତ୍ର ବିଭିନ୍ନ ରୋଗର ଉଦାହରଣ ଦେଇ ବଜାର ଖାଦ୍ୟଠାରୁ ଦୂରେଇ ରହିବାକୁ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିଥିଲେ। ବଜାର ଖାଦ୍ୟକୁ ଯଥା ସମ୍ଭବ ବାରଣ କରିବାକୁ ଡାକ୍ତର ମହାପାତ୍ର ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର ପଣ୍ଡା ଅଧିବେଶନ ପ୍ରାରମ୍ଭରୁ ଛାତ୍ରୀଛାତ୍ରମାନଙ୍କୁ ମୌଳିକ ଇଂଲିଶର ଆବଶ୍ୟକତା ଉପରେ ଶିକ୍ଷାଦାନ କରିଥିଲେ। ରଘୁନାଥ ମିଶ୍ର, ଅର୍ଜୁନ ପଣ୍ଡା, ସୁଶାନ୍ତ ଗୁରୁ ପୃଥ୍ୱୀରାଜ ମିଶ୍ର, ଗୋଲକ ବିହାରୀ ମିଶ୍ର ଓ ବିଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ୧୮ ଟି ଉଚ୍ଚବିଦ୍ୟାଳୟରୁ୬୮ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। ସମସ୍ତ ପିଲାଙ୍କୁ ସଂସ୍ଥା ପକ୍ଷରୁ ଦୈନନ୍ଦିନି ଖାତା ଓ କଲମ ବଣ୍ଟା ଯାଇଥିଲା।



ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମରେ ଅତିଥିମାନେ।

# ବିରଳ ରକ୍ତ ଦେଇ ଜୀବନ ବଞ୍ଚାଇଲେ

ସମ୍ବଲପୁର,୫।୫(ଭବାନୀ ଶଙ୍କର ଭୋଇ)

ବୁର୍ଲା ଭିମସାର ମେଡିକାଲରେ ସୋମବାର ୨ବର୍ଷ ୪ମାସର ଥାଲାସେମିଆ ରୋଗୀକୁ ବିରଳ ରକ୍ତ ଏ-ନେଗେଟିଭର ଆବଶ୍ୟକତା ଥିଲା। ବୁର୍ଲା ରକ୍ତଭଣ୍ଡାରରେ ଏ ନେଗେଟିଭ ରକ୍ତ ନ ଥିଲା। ତେଣୁ ଶିଶୁର ମା' ବାପା ଚିନ୍ତାରେ ପଡିଥିଲେ। ଏହାପରେ ସମାଜସେବୀ ରାମଦାସ ପଣ୍ଡାଙ୍କ ଜରିଆରେ ଭାରତୀୟ ଷ୍ଟେଟ ବେଙ୍କର ଡେପୁଟି ମ୍ୟାନେଜର ପାୟଲ ମହାପାତ୍ରଙ୍କୁ ରକ୍ତ ପାଇଁ ଯୋଗାଯୋଗ କରାଯାଇଥିଲେ। ପାୟଲ ଖବର ପାଇ ସମ୍ବଲପୁରରୁ ବୁର୍ଲା ଯାଇ ରକ୍ତଦାନ କରିଥିଲେ। ରୋଗୀକୁ ପିଆରବିଶି ଦରକାର ଥିବାରୁ ରକ୍ତକୁ କମ୍ପୋନେଣ୍ଟ କରି ମଙ୍ଗଳବାର ସେ ଶିଶୁକୁ ଦିଆଯିବ। ଶିଶୁର ମା'ବାପା ପାୟଲଙ୍କୁ ଧନ୍ୟବାଦ ଜଣେଇଛନ୍ତି। ରକ୍ତ ସଂଗ୍ରହରେ ରକ୍ତଭଣ୍ଡାରର ଦେବାଶିଷ ମିଶ୍ର ସହଯୋଗ କରିଥିଲେ। ଥଲ୍ଲାସେମିଆ ଏକ ମାରାତ୍ମକ ରୋଗ ହୋଇଥିବା ବେଳେ ରୋଗୀକୁ ଆଜୀବନ ମାସକୁ ଗୋଟିଏରୁ ତିନୋଟି ପର୍ଯ୍ୟନ୍ତ ୟୁନିଟ ରକ୍ତ ଦରକାର ପଡିଥାଏ। ଭିମସାର ମେଡିକାଲ ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ ରହିଥିବା ବେଳେ ଅଧିକ ସଂଖ୍ୟାରେ ରକ୍ତଦାନ ପାଇଁ ଭିମସାର ରକ୍ତଭଣ୍ଡାର ପକ୍ଷରୁ ଅନୁରୋଧ କରାଯାଇଛି।



ପାୟଲ ମହାପାତ୍ର ରକ୍ତଦାନ କରୁଛନ୍ତି।

### ପ୍ରବୋଧାନନ୍ଦ ଯୋଗେଶ୍ୱର ସଂସ୍ଥା ପକ୍ଷରୁ ଦଶଦିନିଆ ଗୀତା ଅଭିଯାନ

# ଗୀତା ସତ୍‌ମାର୍ଗ ଖୋଜିବାର ବାଟ

ସମ୍ବଲପୁର, ୫।୫(ଭବାନୀ ଶଙ୍କର ଭୋଇ)

ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗେଶ୍ୱର ସଂସ୍ଥା ପକ୍ଷରୁ ସମ୍ବଲପୁରରେ ଚାଲିଥିବା ଗୀତା ଅଭିଯାନ ସୋମବାର ସମ୍ପନ୍ନ ହୋଇଛି। ସମ୍ବଲପୁର ଜିଲାରେ ଭଗବତ ଗୀତାର ପ୍ରଚାର ପ୍ରସାର ପାଇଁ ଗତ ୨୬ତାରିଖରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିଲା। ଗଙ୍ଗାଧର ମେହେର କଲେଜ ଛକଠାରେ ଉଦ୍‌ଯାପନ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଜିଲାର ପରମାଣପୁର, ଫାଶିମାଲ, ଜାମପାଲି, ପୁରୁଣାପାଣି, କୁଚିଣ୍ଡା, ଲପଙ୍ଗା, ଜମନକିରା, କଦଳୀମୁଣ୍ଡା, ସମ୍ବଲପୁର ଟାଉନ ସମେତ ଝାରସୁଗୁଡ଼ା ଟାଉନ, ଦେବଗଡ ଇତ୍ୟାଦି ଅଞ୍ଚଳର ଘରେଘରେ ଭକ୍ତମାନେ ଏହି ଗୀତା ବଣ୍ଟନ ସହ ପଥପ୍ରାନ୍ତ ସଭା କରି ଗୀତାର ମହତ୍ତ୍ୱ ବୁଝାଇଥିଲେ। ପ୍ରବୋଧ ସେବା ସମିତି ଅଧକ୍ଷ ଏସ.ବିଶ୍ୱେଶ୍ୱର ରାଓ କହିଥିଲେ, ଗୀତା ମଣିଷ ପାଇଁ ସତ୍‌ମାର୍ଗ ଖୋଜିବାର ବାଟ। ସେଥିପାଇଁ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ଗୀତାର ତତ୍ତ୍ୱକୁ ତୈତ୍ରସିଦ୍ଧାନ୍ତ ଭଗବଦ ଗୀତ ଜରିଆରେ ଲୋକଙ୍କୁ ସରଳ ଭାବରେ ବୁଝାଇବାକୁ ଚେଷ୍ଟା କରିଛନ୍ତି। ଏହାର ପ୍ରଚାର ପ୍ରସାର ଦ୍ୱାରା ମାନବ ପ୍ରକୃତ ଆଧ୍ୟାତ୍ମିକତାକୁ ଶାସ୍ତ୍ରୀୟ ପଦ୍ଧତିରେ ଗ୍ରହଣ କରିପାରିବ ତଥା ଏହାଦ୍ୱାରା ମାନବ ସମାଜରେ ଶାନ୍ତି ସ୍ଥାପନ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧରେ ଭି.ଶଙ୍କର ରାଓ, ରଘୁନାଥ ମାନସିଂହ, ରାମ ନାୟିଡୁ, ତ୍ରିନାଥ ରାଓ, ଦୀପ୍ତି ରଞ୍ଜନ ପଣ୍ଡା ସାମିଲ ହୋଇଥିଲେ।



ଗୀତା ଅଭିଯାନ ଉଦ୍‌ଯାପନୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

# ବାଜ୍ୟାପ୍ତ ସାମଗ୍ରୀ ଫେରାଇବାକୁ ହାଇକୋର୍ଟରେ ଆବେଦନ

ସମ୍ବଲପୁର, ୫।୫(ପ୍ରମୋଦ ବହିଦାର)

ଠିକାକାମ ବାବଦ ପ୍ରାପ୍ୟ ନ ଦେବାରୁ ସମ୍ବଲପୁର ଜାତୀୟ ରାଜପଥ ସର୍କଲ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସମସ୍ତ ଆସବାବପତ୍ର ବାଜ୍ୟାପ୍ତ କରିଛନ୍ତି ସମ୍ବଲପୁର ବରିଷ୍ଠ ସିଭିଲ୍ ଅଦାଲତ। ଏହି ମାମଲା ବର୍ତ୍ତମାନ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି।

୨୦୦୯ ମିସହାରେ ଜାତୀୟ ରାଜପଥ ବିଭାଗ କେଉଁଝର ଜିଲା ଅଧୀନରେ ୫୩ ନମ୍ବର ଜାତୀୟ ରାଜପଥର ପ୍ରାୟ ୧୨ କିଲୋମିଟର ରାସ୍ତାର ପଶସ୍ତିକରଣ କାମ ବାଦବଦକୁ ପ୍ରାୟ ୭୪ ଲକ୍ଷ ୧୬ ହଜାର ୧୧୮ ଟଙ୍କା ସମ୍ପୃକ୍ତ ଠିକା ସଂସ୍ଥାକୁ ମିଳିନାହିଁ। ଏହାକୁ ନେଇ ସମ୍ପୃକ୍ତ ଠିକା ସଂସ୍ଥା ଓରିଏଣ୍ଟ କନଷ୍ଟ୍ରକଶନ ପ୍ରାଇଭେଟ୍ ଲିମିଟେଡ୍ ସମ୍ବଲପୁର ସିନିୟର ଡିଭିଜନ ସିଭିଲ୍ ଜଜଙ୍କ ଅଦାଲତର ଦ୍ୱାରସ୍ଥ ହୋଇଥିଲା। ଏହି ମାମଲାରେ ରାୟ ପ୍ରକାଶ କରି ଅଦାଲତ ଠିକାସଂସ୍ଥାକୁ ବକେୟା ଟଙ୍କାର ସୁଧ ସହିତ ୧ କୋଟି ୪୨ଲକ୍ଷ ୨ହଜାର ୮୬୬ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସମ୍ପୃକ୍ତ ବିଭାଗ ଠିକାସଂସ୍ଥାକୁ ବକେୟା ଟଙ୍କା ପ୍ରଦାନ କରି ନ ଥିଲେ। ଫଳରେ ଅଦାଲତ ଜାତୀୟ ରାଜପଥ ବିଭାଗ ସମ୍ବଲପୁର ସର୍କଲ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସମସ୍ତ ଅସ୍ଥାବର ସମ୍ପତ୍ତି ଓ ଅସବାବପତ୍ରକୁ ବାଜ୍ୟାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ବଳରେ ଅଦାଲ ପକ୍ଷରୁ ଗତ ଏପ୍ରିଲ ୨ ତାରିଖରେ କାର୍ଯ୍ୟାଳୟର ସମସ୍ତ ଆସବାବପତ୍ରକୁ ବାଜ୍ୟାପ୍ତ କରିବା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବା ଆଲମାରିଗୁଡ଼ିକୁ କାର୍ଯ୍ୟାଳୟ ମଧ୍ୟରେ ସିଲ୍ କରି ଦେଇଥିଲେ। ଫଳରେ କାର୍ଯ୍ୟାଳୟର କାମ ବାଧାପ୍ରାପ୍ତ ହେଉଛି। ତେଣୁ ରାଜପଥ ବିଭାଗ ସମ୍ବଲପୁର ଉଭୟ ସର୍କଲ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବାଜ୍ୟାପ୍ତ ଆସବାବପତ୍ର ଫେରସ୍ତ ପାଇଁ ଉଚ୍ଚ ନ୍ୟାୟାଳୟରେ ଆବେଦନ କରାଯାଇଛି। ଅପରପକ୍ଷରେ ଜାତୀୟ ରାଜପଥ ବିଭାଗ କେଉଁଝର ଡଭିଜନ କାର୍ଯ୍ୟାଳୟ ଅଧୀନରେ ନିର୍ମାଣ ହୋଇଥିବା ବେଳେ ଏହା ସମ୍ବଲପୁର ସର୍କଲ ଅଧିନରେ ଆସୁ ନାହିଁ। ଏହା ସତ୍ତ୍ୱେ ସମ୍ବଲପୁର ସର୍କଲ କାର୍ଯ୍ୟାୟର ସମ୍ପତ୍ତି ବାଜ୍ୟାପ୍ତ ହେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

■ ଜାତୀୟ ରାଜପଥ ସର୍କଲ କାର୍ଯାଳୟ ସମ୍ପତ୍ତି ବାଜ୍ୟାପ୍ତି ମାମଲା

■ ମାମଲା ଉପରେ ଉଚ୍ଚ ନ୍ୟାୟାଳୟର ସ୍ଥଗିତାଦେଶ

ଏହାକୁ ନେଇ ଠିକା ସଂସ୍ଥାର ମାମଲାକୁ ଅଦାଲତରେ ପରିଚାଳନା କରୁଥିବା ଓକିଲ ସୌରୀ ନାରାୟଣ ପାଢ଼ୀ କହିଛନ୍ତି, ସରକାରଙ୍କ ପୂର୍ତ୍ତ ବିଭାଗ ବିରୋଧରେ ମାମଲା ରୁଜୁ ହୋଇଛି। ଫଳରେ ସରକାରଙ୍କ ପୂର୍ତ୍ତ ବିଭାଗ ଏହି ମାମଲାରେ ପକ୍ଷଭୁକ୍ତ। ତେଣୁ ଉକ୍ତ ବିଭାଗରେ ଯେକୌଣସି ସ୍ଥାନରେ ଥିବା ସମ୍ପତ୍ତି ବାଜ୍ୟାପ୍ତ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇ ପାରିବେ। ସେହିପରି ରାଜପଥ ବିଭାଗ ସମ୍ବଲପୁର ସର୍କଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଶିବବ୍ରତ ତରିଆ କହିଛନ୍ତି, ବର୍ତ୍ତମାନ ଏହି ମାମଲା କୋର୍ଟରେ ବିଚାରାଧୀନ ରହିଛି। ତେଣୁ ଏସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେବା ଉଚିତ ହେବ ନାହିଁ। ତେବେ ବାଜ୍ୟାପ୍ତ ସାମଗ୍ରୀକୁ ଫେରାଇବା ପାଇଁ ତାଙ୍କ ବିଭାଗ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଆବେଦନ କରାଯାଇଛି। ଆବେଦନ ପରେ ଉକ୍ତ ମାମଲା ଉପରେ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ସ୍ଥଗିତାଦେଶ ଜାରି ହୋଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଗୁଳି ମାଡ଼ରୁ ବର୍ତ୍ତିଲେ ଯୁବକ

ନୂଆପଡ଼ା/ଖଡିଆଳ,୫ା୫ (ମକାରୁ ବେମାଲ/ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ସହର ଶାନ୍ତିନଗର ପଡ଼ାରେ ସୋମବାର ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଥିବାବେଳେ ସେ ଏଥିରୁ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ, ଶାନ୍ତିନଗର ପଡ଼ାର ଗୌରବ ଅଗ୍ରୱାଲ (୨୦) ସକାଳ ୬ଟାରେ ପ୍ରାତଃ ଭ୍ରମଣ ପାଇଁ ଯାଇଥିଲେ। ସେହି ସମୟରେ ଦୁଇ ଯୁବକ ଘରର ଅନତି ଦୂରରେ ଏକ ବୁଦାମୂଳେ ଲୁଚି ରହିଥିବା ସେ ଦେଖିବାକୁ ପାଇଥିଲେ। ଗୌରବଙ୍କୁ ଦେଖିବା କ୍ଷଣି ଜଣେ ଯୁବକ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ପ୍ରଥମ ଗୁଳି ଚଳାଇବା ବେଳେ ଗୌରବ ବସିପଡିବାରୁ ରକ୍ଷା ପାଇଯାଇଥିଲେ। ସେହିପରି ଦ୍ୱିତୀୟ ଗୁଳି ଚଳାଇବାବେଳେ ସେ ଡେଇଁପଡି ନିଜକୁ ସୁରକ୍ଷିତ ରଖିଥିଲେ। ଭୟରେ ଗୌରବ ଘରକୁ ଦୌଡିଆସି ଜଣାଇବା ପରେ ପରିବାର ଲୋକେ ଏ ନେଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ସମ୍ପୃକ୍ତ ୨ ଯୁବକ ଫେରାର ଅଛନ୍ତି । କେଉଁ କାରଣରୁ ଗୌରବଙ୍କ ଉପରକୁ ଗୁଳିମାଡ଼ କରାଯାଇଥିଲା ତାହା ଅସ୍ପଷ୍ଟ ରହିଛି। ଏହାକୁ ନେଇ ପରିବାର ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଅଭିଯୋଗ ପରେ ଖଡିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ ସହରରେ ଲାଗିଥିବା ସିସିଟିଭି ଯାଞ୍ଚ କରି ତଦନ୍ତ ଜାରି ରଖିଛନ୍ତି। ଯୁବକ ଦ୍ୱୟ ଧରାପଡିବା ପରେ ଗୁଳିମାଡ଼ର କାରଣ ଜଣାପଡିବ ବୋଲି ସେ କହିଛନ୍ତି।

### ଡାକ୍ତର ହେବା ଚୁମ୍କିଙ୍କ ଲକ୍ଷ୍ୟ

**ଥୁଆମୂଳ ରାମପୁର,୫ା୫ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍‌ରେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଚୁମ୍‌କି ସାହୁ ୫୨୮ (୮୮%) ମାର୍କ ରଖି ବ୍ଲକ୍ ଟପ୍ପର ହୋଇଛନ୍ତି। ଅଡ୍ରୀ ହାଇସ୍କୁଲର ଛାତ୍ରୀ ଚୁମ୍‌କି ସଫଳତାର ଶ୍ରେୟ ବାପା ଘନଶ୍ୟାମ ସାହୁ ଓ ମା' ମଦନା ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବା ଲକ୍ଷ୍ୟ ରଖିଥିବା ଚୁମ୍‌କି କହିଛନ୍ତି। ସେହିପରି ବଡ଼ଛତ୍ରଙ୍ଗ ହାଇସ୍କୁଲର ଛାତ୍ରୀ ତଥା ବିରିକୋଟ ଗ୍ରାମର ରାମଚନ୍ଦ୍ର ନାଏକ ଏବଂ ପୁଷ୍ପାଞ୍ଜଳି ନାଏକଙ୍କ ଝିଅ ହିମାଦ୍ରି ନାଏକ ୫୧୭ ନମ୍ବର ମାର୍କ ରଖି ବ୍ଲକ୍‌ର ଦ୍ୱିତୀୟ ଟପ୍ପର ହୋଇଛନ୍ତି।

### ସାମାଜିକ କର୍ମୀଙ୍କ ପରଲୋକ

**କଲମପୁର, ୫ା୫ (ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ବ୍ଲକ ମିନଗୁର ଗ୍ରାମର ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ସୋଭାନ ଖାଁ (୬୫)ଙ୍କ ରବିବାର ଭବାନୀପାଟଣାସ୍ଥିତ ବାସଭବନରେ ପରଲୋକ ଘଟିଛି। ରବିବାର ତାଙ୍କ ଝିଅର ବାହାଘର ଥିଲା। ବିବାହ କାର୍ଯ୍ୟକ୍ରମ ସରିବାର ଏକଘଣ୍ଟା ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତରନ୍ତ ଭବାନୀପାଟଣା ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସନ୍ଧ୍ୟାରେ ଭବାନୀପାଟଣାଠାରେ ହିଁ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପ୍ରାୟ ବର୍ଷେ ହେବ ସୋଭାନ ରକ୍ତହୀନତା ହେତୁ ବିଭିନ୍ନ ସମୟରେ ଅସୁସ୍ଥ ହୋଇ ପଡୁଥିଲେ। ଏପ୍ରିଲ ୨୩ ତାରିଖରେ ତାଙ୍କର ଏକମାତ୍ର ପୁତ୍ରଙ୍କ ଦେହାନ୍ତ ହୋଇଥିଲା। ଅଳ୍ପଦିନ ବ୍ୟବଧାନରେ ବାପପୁଅଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ଏହି ଖବର ପାଇବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ।

### ନୂତନ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଯୋଗଦାନ

**କର୍ଲାମୁଣ୍ଡା,୫ା୫(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ନୂତନ ଶିକ୍ଷା ଅଧିକାରୀ ଭାବେ ବାଞ୍ଛାନିଧି ପଣ୍ଡା ସୋମବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏହି ସମୟରେ ବିଭାଗୀୟ ଅଧିକାରୀ, କର୍ମଚାରୀ ତଥା ଶିକ୍ଷକ ସଂଘ ସଭାପତି ଓ ସିଆର୍‌ସିସି ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇଥିଲେ। ବ୍ଲକ୍‌କୁ ଶିକ୍ଷା କ୍ଷେତ୍ରରେ ୧ନମ୍ବର ଭାବେ ଗଢ଼ିତୋଳିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୂର୍ବରୁ ସେ ବ୍ଲକ୍ ଅନ୍ତର୍ଗତ ତେରେସିଙ୍ଗା ଉଚ୍ଚ ବିଦ୍ୟାଳୟରେ ୧୯୮୯ରୁ ୧୯୯୭ ମସିହା ପର୍ଯ୍ୟନ୍ତ ଶିକ୍ଷକତା କରିଥିଲେ। ଏଠାରେ ଯୋଗଦେବା ପୂର୍ବରୁ ସେ ଜୁନାଗଡ଼ ବ୍ଲକ ମହିଚଲା ବାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ।


ବିକ୍ଷୋଭରେ ସାମିଲ ଏଆଇଟିୟୁସି କର୍ମକର୍ତ୍ତା।

## ୧୭ଦଫା ଦାବିରେ ଏଆଇଟିୟୁସିର ବିକ୍ଷୋଭ

**ଭବାନୀପାଟଣା,୧୫ା୪ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ସୋମବାର ୧୭ଦଫା ଦାବି ନେଇ ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ (ଏଆଇଟିୟୁସି) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ ଜାତୀୟ ଶ୍ରମ ସମ୍ମିଳନୀ ସୁପାରିସ ଅନୁଯାୟୀ ସର୍ବନିମ୍ନ ମଜୁରି ସୁନିଶ୍ଚିତ କରିବା, ଅଙ୍ଗନୱାଡି କର୍ମୀ, ସହାୟିକା, ଆଶାକର୍ମୀ ଓ ମଧ୍ୟାହ୍ନଭୋଜନ ପାଚିକା ସହାୟିକାଙ୍କୁ ୱାର୍କର ମାନ୍ୟତା ଓ ଅନୁଦାନ ପ୍ରଦାନ ନ ହେବାରୁ କାମ ହରାଇଥିବା ଉଦ୍ୟାନ ସାଥିଙ୍କୁ ନିଯୁକ୍ତି, ପଞ୍ଚାୟତ ୱାର୍କର ଯଥା ସୁଇପର, ରାତ୍ରି ଜଗୁଆଳି ଓ ପିଅନଙ୍କୁ ସର୍ବନିମ୍ନ ଦରମା ପ୍ରଦାନ ଆଦି ଅନ୍ୟତମ। ପରେ ମୁଖ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ଜିଲା ପେଣ୍ଟର ସଂଘ ସଭାପତି ଜଗଦୀଶ ଦୁର୍ଗା, ଓଡିଶା ନିର୍ମାଣ ଶ୍ରମିକ ସଂଘ ସଭାପତି ମାଧବ ଚନ୍ଦ୍ର ସାହୁ, ପାଚିକା ସଂଘ ଜିଲା ସଭାପତି ଯଶୋବନ୍ତ ବେମାଲ, ନାଇଟ ୱାଚର ଓ ଝାଡୁଦାର ଶ୍ରମିକ ସଂଘ ସମ୍ପାଦକ ବିରଞ୍ଚି ପ୍ରସାଦ ନାୟକ, କଳାହାଣ୍ଡି ଶ୍ରମିକ ସମନ୍ୱୟ ସମିତି ସମ୍ପାଦକ ଜୀବନ ଜ୍ୟୋତି ବାଗ, ସିପିଆଇ ଜିଲା ସମ୍ପାଦକ ସଞ୍ଜୟ ସୁନାନୀ, ପୂର୍ବତନ ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ଦାମୋଦର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆରମ୍ଭରେ ସ୍ଥାନୀୟ ସିଡିଏମ୍‌ଓ ଅଫିସଠାରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# କଳାହାଣ୍ଡିରେ ତେନ୍ତୁଳି ବଜାର ବ୍ୟବସ୍ଥା ମାନ୍ଦା

**ଭବାନୀପାଟଣା, ୫ା୫ (ଉତ୍ତମ କୁମାର ଦାଶ)**



**ପ୍ରୋତ୍ସାହନ ଅଭାବ**
- ଟିଡିସିସିରୁ ମୁହଁ ଫେରାଉଛନ୍ତି ହିତାଧିକାରୀ
- ବାହାରିଆ ବେପାରୀଙ୍କ ଉପରେ ନିର୍ଭରଶୀଳ
- ଶୀତଳ ଭଣ୍ଡାର ବ୍ୟବସ୍ଥା ନାହିଁ, ସମ୍ବଲପୁର ଯାଉଛି

ଆଦିବାସୀ ଉନ୍ନୟନ ସମବାୟ ନିଗମ (ଟିଡିସିସି) ତଥା ରାଜ୍ୟ ସରକାର ତେନ୍ତୁଳି ସଂଗ୍ରହ ପାଇଁ ଯେତିକି ତତ୍ପରତା ଦେଖାଇବା କଥା ତାହା ନ ହେବା କାରଣରୁ କଳାହାଣ୍ଡି ଜିଲାର ହିତାଧିକାରୀ ବାହାରିଆ ବେପାରୀଙ୍କ ଉପରେ ନିର୍ଭରଶୀଳ ହେଉଛନ୍ତି। ଜିଲାର ତେନ୍ତୁଳି ସଂଗ୍ରହକାରୀ ଟିଡିସିସି ଦ୍ୱାରା ଯେଉଁଭଳି ଲାଭ ପାଇବା କଥା ତାହା ପାଉ ନ ଥିବା ଦେଖିବାକୁ ମିଳିଛି। ସାଧାରଣତଃ ପଛୁଆ ବର୍ଗର ଲୋକେ ବିଶେଷକରି ଆଦିବାସୀମାନେ ବଜାର ବ୍ୟବସ୍ଥା ସମ୍ପର୍କରେ ଜାଣିପାରନ୍ତି ନାହିଁ। ପୁରୁଷ ପୁରୁଷ ଧରି ଜୀବନ ଜୀବିକା ଉଦ୍ଦେଶ୍ୟରେ ତେନ୍ତୁଳି ଉପରେ ନିର୍ଭର କରିଆସୁଥିବା ପରିବାରଙ୍କୁ ଉଚିତ ପ୍ରାପ୍ୟ ନ ମିଳିବା ଉଦ୍‌ବେଗର କାରଣ ହୋଇଛି।

ଟିଡିସିସି କଳାହାଣ୍ଡିରେ ତେନ୍ତୁଳି କୁଇଣ୍ଟାଲ ପିଛା ୩୬ ଶହ ଟଙ୍କାରେ ସଂଗ୍ରହ କରୁଥିବା କୁହାଯାଇଛି। କିନ୍ତୁ ଗ୍ରାମାଞ୍ଚଳରେ କୁଇଣ୍ଟାଲ ପ୍ରତି ଦର ନିର୍ଦ୍ଧାରଣ କରି ବିକ୍ରି କରିବା ସହଜ ହେଉନାହିଁ। ତେଣୁ କିଏ କୁଇଣ୍ଟାଲ ପିଛା ଏକ ହଜାରରେ ବିକ୍ରି କରୁଛି ତ ଆଉ କିଏ ବଜାରରେ ବୁଲି ବୁଲି ଉଚ୍ଚା ଦରରେ ବିକିବା ଲାଗି ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ବର୍ତ୍ତମାନ ତେନ୍ତୁଳିର ବଜାର ଦର ୪୦ରୁ ୫୦ଟଙ୍କା ହୋଇଥିବାରୁ ଟିଡିସିସି ଏଥର ତେନ୍ତୁଳି ସଂଗ୍ରହ କରୁନାହିଁ। ଟିଡିସିସି ଗୋଟିଏ କେ.ଜି. ତେନ୍ତୁଳି କ୍ରୟ କରି ନ ଥିବା ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଛନ୍ତି। ତେବେ ଗତବର୍ଷ ଟିଡିସିସି ସିଧାସଳଖ ଏସ୍‌ଏଚ୍‌ଜି ମହିଳାଙ୍କ ଜରିଆରେ ତେନ୍ତୁଳି ସଂଗ୍ରହ ପ୍ରକ୍ରିୟା ଜାରି ରଖିଥିଲା। ଏସ୍‌ଏଚ୍‌ଜି ମହିଳା ତେନ୍ତୁଳି ସଂଗ୍ରହକାରୀଙ୍କ ସହ ଯୋଗସୂତ୍ର ରଖି ସଂଗୃହୀତ ତେନ୍ତୁଳିକୁ ଗଚ୍ଛିତ ରଖୁଛନ୍ତି। ପରବର୍ତ୍ତୀ ସମୟରେ ଟିଡିସିସିକୁ ହସ୍ତାନ୍ତର କରିଥାନ୍ତି। ଏହି କାର୍ଯ୍ୟ ପାଇଁ ସେମାନେ କୁଇଣ୍ଟାଲ ପିଛା ୭୨ ଟଙ୍କା ଟିଡିସିସିଠାରୁ ପାଉଛନ୍ତି। ଅନ୍ୟପକ୍ଷରେ ତେନ୍ତୁଳି ସଂଗ୍ରହକାରୀ ଗତଥର ଟିଡିସିସିରୁ କୁଇଣ୍ଟାଲ ପିଛା ୩୬୦୦ ଟଙ୍କା ନିଜ ପ୍ରାପ୍ୟ ହିସାବରେ ନେଉଥିଲେ। ଏହି କ୍ରମରେ କଳାହାଣ୍ଡି ଜିଲାରେ ଗତବର୍ଷ ଟିଡିସିସି ୯୬୬.୭୪ କୁଇଣ୍ଟାଲ ତେନ୍ତୁଳି କ୍ରୟ କରି ୩୪,୮୦,୨୬୪ ଟଙ୍କା ପ୍ରଦାନ କରିଥିବା କୁହାଯାଇଛି। ଜିଲାର ଲାଞ୍ଜିଗଡ, ଥୁଆମୂଳ ରାମପୁର ଓ ଏମ୍ ରାମପୁର ବ୍ଲକରେ ତେନ୍ତୁଳିର ଚାହିଦା ବେଶୀ। ଶାଳ ମଞ୍ଜି ଭଳି ତେନ୍ତୁଳି ମଧ୍ୟ ଜଙ୍ଗଲ ଅଞ୍ଚଳରେ ବାସ କରୁଥିବା ଅଧିବାସୀଙ୍କ ପାଇଁ ଲାଭପ୍ରଦ ହେଉଥିଲେ ସୁଦ୍ଧା ଉଚିତ ପ୍ରାପ୍ୟ ନ ପାଇ ଦଲାଲ ହାତରେ ତେନ୍ତୁଳିକୁ ଟେକି ଦେଉଛନ୍ତି। ଟିଡିସିସି ଜିଲାର ଲାଞ୍ଜିଗଡ, ଏମ୍. ରାମପୁର, ଥୁଆମୂଳ ରାମପୁର, ଭବାନୀପାଟଣା ଓ କଲମପୁର ଅଞ୍ଚଳକୁ ବାଦ ଦେଲେ ଅନ୍ୟ ବ୍ଲକରୁ ତେନ୍ତୁଳି ସଂଗ୍ରହ କରିବା ଜଣାପଡୁନାହିଁ। କୋକସରା ଭଳି କେତେକ ବ୍ଲକରେ ତେନ୍ତୁଳି ସଂଗ୍ରହ କରାଯାଉଥିଲେ ବି ଟିଡିସିସି ଏଥିପ୍ରତି ଧ୍ୟାନ ଦେଉନାହିଁ। ଗତବର୍ଷ ଦଲାଲମାନେ କିଲୋ ପିଛା ୧୫ଟଙ୍କା ଏବଂ ୫୦ କେଜି ବସ୍ତା ପିଛା ୮୦୦ ଟଙ୍କାରୁ କମ ମୂଲ୍ୟରେ ନେଇଥିବା ନଜିର ରହିଛି। ଜିଲାରେ ଟିଡିସିସି ଅଧୀନରେ ଥିବା ୫ ବ୍ଲକର ୩୨ ଏସ୍‌ଏଚ୍‌ଜି ମହିଳା କାମ କରୁଥିବାବେଳେ ଚଳିତ ବର୍ଷ ଟିଡିସିସି ହାତ ଯୋଡି ବସିଛି। ଜିଲାରେ ୧୦ ହଜାର କୁଇଣ୍ଟାଲ ତେନ୍ତୁଳି ସଂଗ୍ରହ ହୋଇପାରିବ ବୋଲି ଆଶା କରାଯାଉଛି। କିନ୍ତୁ ତେନ୍ତୁଳିକୁ ରଖିବା ପାଇଁ ଶୀତଳ ଭଣ୍ଡାର ବ୍ୟବସ୍ଥା ନାହିଁ, ଯଦ୍ୱାରା ସଂଗୃହୀତ ତେନ୍ତୁଳିକୁ ସମ୍ବଲପୁର ଶୀତଳଭଣ୍ଡାରକୁ ପଠାଯାଉଛି। ଅନ୍‌ଲାଇନ ବଜାର ବ୍ୟବସ୍ଥା ଭିତ୍ତିରେ ଉକ୍ତ ତେନ୍ତୁଳି ବିକ୍ରିବଟା କରାଯାଉଛି। ଜିଲାରେ ଶୀତଳଭଣ୍ଡାର ବ୍ୟବସ୍ଥା ସହ ଅଧିକରୁ ଅଧିକ ହିତାଧିକାରୀଙ୍କୁ ଟିଡିସିସି ଦ୍ୱାରା ଯୋଡି ଦିଆଗଲେ ସେମାନେ ଲାଭବାନ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

## ନୂଆପଡ଼ା: ୮୬ ଅଭିଯୋଗର ଶୁଣାଣି


ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଅଧିକାରୀ।

**ନୂଆପଡ଼ା,୫ା୫ (ମକାରୁ ବେମାଲ)**

ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ସୋମବାର ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶ ଓ ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ଉପସ୍ଥିତ ରହି ସମସ୍ତ ଅଭିଯୋଗ ଗ୍ରହଣ କରି ସମାଧାନ କରିଥିଲେ। ଶିବିରରେ ୬୮ ବ୍ୟକ୍ତିଗତ ଓ ୧୮ ଗୋଷ୍ଠୀଗତ ମୋଟ ୮୬ ଅଭିଯୋଗ ଆସିଥିଲା। ଏହା ମଧ୍ୟରୁ କେତେକ ସମସ୍ୟା ସମାଧାନ କରାଯାଇଥିବାବେଳେ ଅବଶିଷ୍ଟ ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ କୁକୁଡାତାଲ ଗାଁର ଶ୍ରବଣ ବାଧିତ ମହିଳା ନନ୍ଦିନୀ ଦାଶଙ୍କୁ ଶ୍ରବଣ ଯନ୍ତ୍ର ଯୋଗାଇ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁନାବେଡା ବନ୍ୟପ୍ରାଣୀ ବିଭାଗ ବନଖଣ୍ଡ ଅଧିକାରୀ ମହାଦେବ ବୁଡାଇକ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଗୁରୁ ପ୍ରସାଦ ଜେନା, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ଭରତ ଲାଲ ରାଉତ, ଉମା ଠାକୁର ପ୍ରମୁଖ ଉପସ୍ଥିତ ଥିଲେ । ସଦର ବିଡିଓ ରୋହିତ ଭୋଇ ଓ ତହସିଲଦାର ପ୍ରଣବ ରଞ୍ଜନ ସାହୁ ଶିବିର ପରିଚାଳନା କରିଥିଲେ ।

## ମୁକ୍ତ ବିଚାର ମଞ୍ଚ ପକ୍ଷରୁ ଆଲୋଚନାଚକ୍ର

**ଖଡ଼ିଆଳ,୫ା୫ (ସୁଜିତ କୁମାର ପ୍ରଧାନ)**


ଆଲୋଚନଚକ୍ରରେ ଉପସ୍ଥିତ ବକ୍ତା ଓ ଅନ୍ୟମାନେ।

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ମୁକ୍ତାପୁର ପାଟଣା କ୍ଷତ୍ରୀୟ ଭବନଠାରେ ସୋମବାର ମୁକ୍ତ ବିଚାର ମଞ୍ଚ ପକ୍ଷରୁ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। 'ସର୍ବୋଚ୍ଚ ନ୍ୟାୟାଳୟ ନିଜର ସୀମା ଉଲ୍ଲଂଘନ କରୁଛନ୍ତି' ଶୀର୍ଷକରେ ଆଲୋଚନା ହୋଇଥିଲା। ୪ଜଣ ବିଶିଷ୍ଟ ବକ୍ତା ଅଂଶଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। ଅଧିବକ୍ତା ପ୍ରତାପ କିଶୋର ଜଗତ ଓ ଶଙ୍କର୍ଷଣ ପଣ୍ଡା ବିଷୟ ସପକ୍ଷରେ ଏବଂ ସାମାଜିକ କର୍ମୀ କାର୍ତ୍ତିକ ବାଗ ଓ ଅଧିବକ୍ତା କିଶୋର ବାଗ ବିଷୟ ବିପକ୍ଷରେ ଯୁକ୍ତି ବାଢିଥିଲେ। ଆଇନଜ୍ଞ ବ୍ରଜେନ୍ଦ୍ର ପାଣିଗ୍ରାହୀ ପ୍ରାଥମିକ ମନ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବତନ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ ସଭାପତିତ୍ୱ କରିଥିଲେ। ଏଥିରେ ସର୍ବଶ୍ରୀ ଠାକୁର ଦାଶ ମହାନନ୍ଦ, ବିନୟ ପତି, ଧୀରଜ ବଂଶଲ, କାର୍ତ୍ତିକ ବାଗ, ଛନ୍ଦା ଚରଣ ଦଣ୍ଡସେନା, ନନ୍ଦ କୁମାର ପ୍ରଧାନୀ, ଶଶୀକାନ୍ତ ଖମାରି, ନନ୍ଦକିଶୋର ବାରିକ, ତରୁଣ କୁମାର ପ୍ରଧାନ, ଭାନୁ ଚନ୍ଦ୍ର ସୁନାନୀ, ମହେନ୍ଦ୍ର ଜଗତ, ସବିତା ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆକାଶ ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସର ଐତିହାସିକ ବିଜୟ ଦିବସ ପାଳନ

**ଭବାନୀପାଟଣା,୫ା୫ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ଷ୍ଟାଚ୍ୟୁ ଛକଠାରେ ସୋମବାର କଂଗ୍ରେସର ଐତିହାସିକ ବିଜୟ ଦିବସ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଉପସଭାପତି ଉଚ୍ଛବ ସାହୁ, ମହମ୍ମଦ ଅଲ୍ଲୀ, ଇନ୍ଦ୍ରଜିତ ମହାଖୁଡ, ପ୍ରିତମ ବେହେରା, ସିଦ୍ଧାର୍ଥ ନାୟକ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ରାଜ୍ୟ ସମ୍ପାଦକ ସରୋଜ ବାଗ, ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ରାଜ୍ୟ ସାଧାରଣ ସମ୍ପାଦିକା ମନ୍ଦାକିନୀ ବାଣୁଆ, ଭଗତ ଲାଲ, ସନ୍ତୋଷ ପ୍ରଧାନ, ଜଳନ୍ଧର ନାଏକ, ଚନ୍ଦ୍ର ଯୋଶୀ, ରୋଜି ନାୟକ ପ୍ରମୁଖ ବାଣ ଫୁଟାଇ ଖୁସି ମନାଇଥିଲେ।

## କେନ୍ଦୁପତ୍ର ଚାଲାଣକୁ ଖଣ୍ଡନକଲା ଗ୍ରାମସଭା

**କୋକସରା,୫ା୫ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କିଛିଦିନ ପୂର୍ବରୁ ଜଙ୍ଗଲ ବିଭାଗ କର୍ମଚାରୀ କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଗୋତମୁଣ୍ଡା ପଞ୍ଚାୟତ ଅଞ୍ଚଳରୁ କେନ୍ଦୁପତ୍ର ଚାଲାଣ ହେଉଥିବା ଏକ ୧୧୦୯ ଟ୍ରକ୍ ଜବତ କରିଥିଲେ। ଏହି ଘଟଣାକୁ କଳାହାଣ୍ଡି କେନ୍ଦୁପତ୍ର ଗ୍ରାମସଭା କମିଟି ଖଣ୍ଡନ କରିଛି। ଗ୍ରାମସଭା ପରମିଟରେ ଯାଉଥିବା କେନ୍ଦୁପତ୍ର ବୋଝେଇ ଗାଡ଼ିକୁ ଜବତକରିବା ବେଆଇନ ଦର୍ଶାଇ ରବିବାର ଆମପାଣି ଧାନମଣ୍ଡିରେ ୨୩ ଗୋଟି ଗ୍ରାମସଭାର କର୍ମକର୍ତ୍ତା ଏକତ୍ରିତ ହୋଇଥିଲେ। ଗ୍ରାମସଭା ଦ୍ୱାରା ପାରିତ ପରମିଟକୁ ଜଙ୍ଗଲ ବିଭାଗ ଅଧିକାରୀ ଅମାନ୍ୟ ଦର୍ଶାଇ କେନ୍ଦୁପତ୍ର ବୋଝେଇ ଗାଡ଼ିକୁ ଜବତକରି ହେଲ୍‌ପରଙ୍କ କୋର୍ଟ ଚାଲାଣକୁ ବିରୋଧ କରିଥିଲେ। ଏହି ବୈଠକରେ ଜିଲା ଗ୍ରାମସଭା କମିଟି ସଭାନେତ୍ରୀ ମମତା ମାଝୀ, ବ୍ଲକ୍ ସଭାପତି ଧର୍ମାନନ୍ଦ ନାଏକ, ସମ୍ପାଦକ ପାର୍ଥବ ମାଝୀ, ପିପଲଝାପର କମିଟି ସଭାପତି ସୁବାସ ଖର୍ସେଲ, ସମ୍ପାଦକ ନିରଞ୍ଜନ ବାଗ, ବୋରପଦର ଗ୍ରାମସଭା କମିଟି ସଭାପତି ତ୍ରିନାଥ ଜାନିଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରେ ପିପଲଝାପର ଓ ବୋରପଦର ଗ୍ରାମସଭା କମିଟି ପକ୍ଷରୁ ସ୍ଥାନୀୟ ଆମପାଣି ପୋଲିସ ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଜବତ କେନ୍ଦୁପତ୍ର ଗାଡି ଗ୍ରାମସଭାକୁ ହସ୍ତାନ୍ତର କରିବାକୁ ଲିଖିତ ଅଭିଯୋଗ କରିଥିବା କର୍ମକର୍ତ୍ତା ସୂଚନା ଦେଇଛନ୍ତି।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**ଗୋଲାମୁଣ୍ଡା/କେଗାଁ,୫ା୫ (ବଟକୃଷ୍ଣ ପଣ୍ଡା/ସ୍ୱରୂପ କୁମାର ବିଶି)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କେଗାଁ ଗ୍ରାମପଞ୍ଚାୟତଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ସହକାରୀ ଯନ୍ତ୍ରୀ ପର୍ଶୁରାମ ନାୟକ, ଏବିଇଓ ଲବଣି ନାଏକ, ରାଜସ୍ୱ ନିରୀକ୍ଷକ ଶୋଭା କିଶୋର ମଲ୍ଲିକ, ସରପଞ୍ଚ ଆମୃତା ବଛା, ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ରିତାରାଣୀ କିଶାନ, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ନାଏକ, ଆଇସିଡ଼ିଏସ୍ ମହିଳା ପରିଦର୍ଶିକା ଶାନ୍ତିଲତା ମଙ୍ଗରାଜ, ପିଇଓ ଶୁଭାଶିଷ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ସମୁଦାୟ ୧୩୫ ଜଣ ନିଜ ଅଭିଯୋଗ ପଞ୍ଜିକରଣ କରିଥିବା ବେଳେ ପ୍ରାୟ ୨୮ଜଣଙ୍କ ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିଲା। ୧୨ ଆବାସ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ୩୫, ପିଡିଏସ୍ ବାବଦରେ ୨, ପେନ୍‌ସନ୍ ୪୧, ତହସିଲ ସମ୍ବନ୍ଧୀୟ ୧୮, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସମ୍ବନ୍ଧୀୟ ୨ ଓ ଅନ୍ୟାନ୍ୟ ୨୫ ଗୋଟି ଅଭିଯୋଗ ହୋଇଥିଲା।


ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି ଅଧିକାରୀ।

# ବିକାଶ ପାଇଁ ବ୍ଲକସ୍ତରୀୟ କମିଟି ଗଠନ ହେଉ

**କୋକସରା,୫ା୫ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**


ବୈଠକରେ ଉପସ୍ଥିତ ସୁରକ୍ଷା ମଞ୍ଚ କର୍ମକର୍ତ୍ତା।

**ଗୁଡହାଣ୍ଡି ଡୋକରୀଚଞ୍ଚରା ସୁରକ୍ଷା ମଞ୍ଚର ବୈଠକ**

କଳାହାଣ୍ଡି ଜିଲା କୋକସରା ବ୍ଲକର ଗୁଡହାଣ୍ଡି ଡୋକରୀଚଞ୍ଚରା ସୁରକ୍ଷା ମଞ୍ଚ ପକ୍ଷରୁ ଏକ ବୈଠକ ରବିବାର ଟେମରାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀଚଞ୍ଚରାର ବିକାଶ ପାଇଁ ବ୍ଲକସ୍ତରୀୟ କମିଟି ଗଠନ ପାଇଁ ଦାବି ହୋଇଥିଲା। ମଞ୍ଚ କର୍ମକର୍ତ୍ତାଙ୍କ ସୂଚନା ଅନୁଯାୟୀ ୧୯୭୦ ମସିହାରୁ କୋକସରା, ଧର୍ମଗଡ, ଜୟପାଟଣା ଓ ଜୁନାଗଡ ବ୍ଲକ ଅଞ୍ଚଳର ଅନେକ ଲୋକଙ୍କୁ ନେଇ ଗୁଡହାଣ୍ଡି ଡୋକରୀଚଞ୍ଚରା ଉନ୍ନୟନ ସମିତି ଗଠନ କରାଯାଇ ପର୍ଯ୍ୟଟନ ସ୍ଥଳୀର ରକ୍ଷଣାବେକ୍ଷଣ କରାଯାଉଥିଲା। ହେଲେ ବର୍ତ୍ତମାନ ସ୍ଥାନୀୟ ଡୁଡୁକାଠେଙ୍ଗା ପଞ୍ଚାୟତବାସୀ ଏହି କମିଟିକୁ ବିରୋଧ କରି ସାହାଜଖୋଲ ଜଙ୍ଗଲରେ ଥିବା ଡୋକରୀଚଞ୍ଚରା ତାଙ୍କ ପଞ୍ଚାୟତ ଅଧୀନରେ ଆସୁଥିବା ଦାବି କରି ବନବିଭାଗ ଦ୍ୱାରା ଇକୋ ଟୁରିଜମ ଗ୍ରୁପ (ଇଟିଜି) ଗଠନ କରିଥିଲେ। ଏପରିସ୍ଥଳେ ଚଳିତବର୍ଷ ଶ୍ରୀ ରାମନବମୀ ସମୟରେ ପର୍ଯ୍ୟଟନସ୍ଥଳୀ ଓ ଶ୍ରୀରାମ ମନ୍ଦିର କାର୍ଯ୍ୟକ୍ରମ ପରିଚାଳନା ନେଇ ଉଭୟ କମିଟି ମଧ୍ୟରେ ବୁଝାମଣା ନ ହେବାରୁ ମାମଲା ଆମପାଣି ଥାନା ଓ ପରେ ଜିଲା ପ୍ରଶାସନ ନିକଟରେ ପହଞ୍ଚିଥିଲା। ଏହାର ସମାଧାନ ପାଇଁ ଥାନା ପକ୍ଷରୁ ଉଭୟ ପକ୍ଷଙ୍କୁ ଡକାଯାଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନ ଥିଲା। ଫଳରେ ଶ୍ରୀରାମ ନବମୀ ମହୋତ୍ସବ ପାଳନ ପାଇଁ ଧର୍ମଗଡ଼ ଉପଖଣ୍ଡ ପ୍ରଶାସନ ପକ୍ଷରୁ ନୂତନ ଇଟିଜିକୁ ଦାୟିତ୍ୱ ଦିଆଯାଇଥିଲା। ଏହି ଘଟଣାକୁ ନେଇ ଗୁଡହାଣ୍ଡି ଡୋକରୀଚଞ୍ଚରା ସୁରକ୍ଷା ମଞ୍ଚ ପକ୍ଷରୁ ଆବାହକ ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ ରବିବାର କୋକସରା ବ୍ଲକ ଟେମରା ଗ୍ରାମ ବଜାର ପଡିଆରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ଗୁଡହାଣ୍ଡି ଡୋକରୀଚଞ୍ଚରା ଉନ୍ନୟନ ସମିତି ସଭାପତି ଭଦରେଶ୍ୱର ପାତ୍ର, ଉପସଭାପତି ଘନଶ୍ୟାମ ନାଏକ, ସଦସ୍ୟ ଗୋବିନ୍ଦ ପାଙ୍ଗଯୋଶୀ, ଶିକ୍ଷାବିତ୍ ଅଶୋକ କୁମାର ଦାସ, ଭାଜପା ନେତା ସୁଧୀର ପାତ୍ର, ଆମପାଣି ମଣ୍ଡଳ ଭାଜପା ସଭାପତି ମଧୁବନ ପାତ୍ର, ଯୁବନେତା ତ୍ରିଭୁବନ ନାଏକ, କଂଗ୍ରେସ ନେତା ନିମାଇଁ ଧ. ମାଝୀ ପ୍ରମୁଖ ଉପସ୍ଥିତ ରହି ଗୁଡହାଣ୍ଡି ଡୋକରୀଚଞ୍ଚରା ପର୍ଯ୍ୟଟନସ୍ଥଳୀକୁ ଗୋଟିଏ ପଞ୍ଚାୟତ ମଧ୍ୟରେ ସୀମିତ କରା ନ ଯାଇ ବ୍ଲକର ୨୨ ପଞ୍ଚାୟତର ଜନ ପ୍ରତିନିଧି, ସଚେତନ ନାଗରିକ, ଉପଖଣ୍ଡ ଓ ବ୍ଲକର ପ୍ରଶାସନିକ ଅଧିକାରୀଙ୍କୁ କମିଟିରେ ସ୍ଥାନିତ କରିବା ପାଇଁ ଦାବି କରିଥିଲେ। ଏହାଦ୍ୱାରା ପର୍ଯ୍ୟଟନସ୍ଥଳୀ ଭିତ୍ତିଭୂମିର ବିକାଶ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ହୋଇପାରିବ ବୋଲି ଉପସ୍ଥିତ ଜନପ୍ରତିନିଧି ଓ ସଚେତନ ନାଗରିକ ମତବ୍ୟକ୍ତ କରିଥିଲେ।

## ସଂକ୍ଷେପରେ

### ଚାଲିଲା ୬ଟି ଶୀତତାପ ନିୟନ୍ତ୍ରିତ ସରକାରୀ ବସ୍

**ମହିଳାଙ୍କୁ ୫୦ପ୍ରତିଶତ ରିହାତି**

**ପଦ୍ମପୁର,୫.୫(ପ୍ରଦୀପ୍ତ ଦାଶ):** ପଦ୍ମପୁର ଅଞ୍ଚଳର ଦୀର୍ଘଦିନର ଅଭାବକୁ ପୂରଣ କଲେ ରାଜ୍ୟ ସରକାର। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ସୋମବାର ପଦ୍ମପୁର ୟୁନିଟକୁ ୬ଟି ଶୀତତାପ ନିୟନ୍ତ୍ରିତ (ଏସି) ସରକାରୀ ବସ ଯୋଗାଇ ଦିଆଯାଇଛି। ସୂଚନା ଅନୁସାରେ, ପଦ୍ମପୁରରୁ କଟକ ଭାୟା ବଲାଙ୍ଗୀର ବୌଦ୍ଧକୁ ୨ଟି ବସ, ପଦ୍ମପୁରରୁ ବ୍ରହ୍ମପୁରକୁ ୨ଟି ବସ ଏବଂ ପଦ୍ମପୁରରୁ ଭବାନୀପାଟଣାକୁ ୨ଟି ବସ ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଚାଲିବ। ଏହାବାଦ୍ ସମ୍ବଲପୁରରୁ ଖରିଆ ରୋଡ ମଧ୍ୟ ଏହି ବସ ଚାଲୁଛି। ଏହି ବସରେ ମହିଳା ଯାତ୍ରୀଙ୍କ ପାଇଁ ଭଡାରେ ୫୦ ପ୍ରତିଶତ ରିହାତି ରହିଛି। କିନ୍ତୁ ପଦ୍ମପୁର ୟୁନିଟରେ ୨୦ଜଣ ଡ୍ରାଇଭରରୁ ୧୫ ଡ୍ରାଇଭର ବିନା କାମରେ ବସି ରହୁଥିବା ସତ୍ତ୍ୱେ ଏହି ବସଗୁଡ଼ିକରେ ଏକ ଘରୋଇ କମ୍ପାନୀର ଡ୍ରାଇଭର ନିୟୋଜିତ ହୋଇଛନ୍ତି। ତେଣୁ ସରକାର ବସି ରହୁଥିବା ଡ୍ରାଇଭରଙ୍କୁ ନିୟୋଜିତ କରିବା ପାଇଁ ଦାବି ହେଉଛି ।

### ଅତାବିରାରେ ପଥଚାରୀଙ୍କୁ ଦହି ସରବତ ବଣ୍ଟନ

**ଅତାବିରା, ୫।୫(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ନିୟନ୍ତ୍ରିତ ବଜାର ପ୍ରାଙ୍ଗଣ ସାମ୍ନାରେ ସୋମବାର ପୂର୍ବାହ୍ନରେ ପଚାରୀମାନଙ୍କୁ ଦହି ସରବତ ବଣ୍ଟନ ହୋଇଛି। ମାରୱାଡି ଯୁବାମଞ୍ଚ ଅତାବିରା ଜାଗୃତି ଶାଖା ପକ୍ଷରୁ ପଥଚାରୀଙ୍କ ସହ ସର୍ବସାଧାରଣଙ୍କୁ ସରବତ ବଣ୍ଟନ କରାଯାଇଥିଲା। ଅତାବିରାରେ ସାପ୍ତାହିକ ବଜାର ବସିଥିବାରୁ ବହୁ ଜନସାଧାରଣ ସର୍ବତ ପିଇଥିଲେ। ଜାଗୃତି ଶାଖାର ସଭାନେତ୍ରୀ ରେଖା ଅଗ୍ରୱାଲ ଓ ସମ୍ପାଦିକା ଅନିତା ଅଗ୍ରୱାଲଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟା ଏଥିରେ ସହଯୋଗ କରିଥିଲେ।

### ଚାଷୀନେତାଙ୍କ ପରଲୋକ

**ବରଗଡ଼,୫।୫(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ଜାରିଂ ଗ୍ରାମର ଜଣାଶୁଣା ଚାଷୀନେତା ସଦାନନ୍ଦ ପୂଝାରୀ(୭୨)ଙ୍କ ସୋମବାର ପରଲୋକ ହୋଇଛି। ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ



ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା। ସ୍ୱର୍ଗତ ପୂଝାରୀ ଅଞ୍ଚଳର ଚାଷ, ଚାଷୀ ସମସ୍ୟା ପାଇଁ ଆଜୀବନ ଲଢ଼େଇ କରି ଆସୁଥିଲେ। ୨୦୧୧ରେ ପାଣିପାଗ ଭିତ୍ତିକ କୃଷିବୀମା ଉଚ୍ଛେଦ ଦାବିରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୩ଦିନ ଅନଶନରେ ବସିଥିଲେ। ସେହିପରି ୨୦୧୮ରେ ଫସଲବୀମା ପ୍ରଦାନ ଦାବିରେ ବରଗଡ଼ ଗାନ୍ଧିଛକ ସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ତଳେ ୩ଦିନ ଅନଶନରେ ବସିଥିଲେ। ଉଭୟ ଆନ୍ଦୋଳନ ସେତେବେଳେ ସଫଳ ହୋଇଥିଲା। ତାଙ୍କ ପରଲୋକରେ ଚାଷୀନେତା କିଶୋର ଚନ୍ଦ୍ର ଦେବତାଙ୍କ ସମେତ ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି।



କାଳବୈଶାଖୀ ଝଡ଼ବତାସ ଯୋଗୁ କ୍ଷେତରେ ଧାନ ଗଛ ଢଳି ପଡ଼ି କ୍ଷତିଗ୍ରସ୍ତ ହୋଇଛି।

# କାଳବୈଶାଖୀ ତାଣ୍ଡବ, ଭାଙ୍ଗୁଛି ଚାଷୀଙ୍କ ମେରୁଦଣ୍ଡ

**ଅତାବିରା, ୫।୫(ଯୁଧିଷ୍ଠିର ମହାପାତ୍ର)**

ବରଗଡ ଜିଲା ଅତାବିରା ବ୍ଲକ ଅଞ୍ଚଳରେ ଗତ ମଙ୍ଗଳବାରରୁ ଶନିବାର ଯାଏ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ପବନ ହେବାରୁ ଚାଷୀଙ୍କ ଦୁଃଖ ବଢ଼ିଯାଇଛି। ଅତାବିରା ଏନ୍ଏସି ସହ ବ୍ଲକର ସରଣ୍ଡା, ତାଳପତ୍ରଟିକ୍ରା, ଭୋଇପାଲି, ଲରାସରା, ଦେବାହାଲ ଆଦି ବିଭିନ୍ନ ସ୍ଥାନରେ ପ୍ରବଳ ଝଡ଼ତୋଫାନ ହୋଇଛି। କିଛି ଦିନ ତଳେ ଏପରି ଝଡ଼ବର୍ଷାରୁ ବର୍ତ୍ତି ଯାଇଥିବା ଧାନ ବରବାଦ ହୋଇଯାଇଛି। ଅସ୍ୱାଭାବିକ ପାଣିପାଗ ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି।। ଚକଡ଼ା ରୋଗପୋକ, ଅଚାନକ ବର୍ଷା, କରକାପାତ ଏବଂ ଝଡ଼ତୋଫାନ ଯୋଗୁ ଚାଷୀର ବଳକା ଫସଲ ନଷ୍ଟ ହେଉଛି। ଆସନ୍ତା ୧୪ ତାରିଖରୁ ଜିଲାରେ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲିବ। କିଛି ସ୍ଥାନରେ ମଣ୍ଡିରେ ଧାନ ବିକ୍ରି କରିବା ଉଦ୍ଦେଶ୍ୟରେ ଚାଷୀ ଧାନ କାଟି ଖଳାରେ ତ ଆଉ କିଏ ଜାତୀୟ ରାଜପଥ କଡ଼ରେ ଶୁଖାଇ ରଖିଥିଲେ। ହେଲେ ତୁହାକୁ ତୁହା ବର୍ଷା ହେବାରୁ ସେ ସବୁ ବାରମ୍ବାର ଭିଜିଯାଉଛି। ତାହାକୁ ପୁଣି ଚାଷୀ ଶୁଖାଉଥିବା ଦେଖିବାକୁ ମିଳିଛି । ପ୍ରଶାସନ ଏହାର ଠିକ ଆକଳନ ସହିତ କ୍ଷତିପୂରଣ ପ୍ରଦାନ କରିବାରୁ ବିଭିନ୍ନ ମହଲରେ ଦାବି ଜୋର୍ ଧରିଛି।

**ଏମାନେ ଯାହା କୁହନ୍ତି...**



“ ଭାଗ ଚାଷୀଙ୍କ ସହ ମିଶି ସମୁଦାୟ ୨୫ ଏକର ଚାଷ କରିଛି। ୮ ଏକର ଧାନ ଫସଲ ଅମଳ କରି ଖଳା ଅଭାବରୁ ଜାତୀୟ ରାଜପଥ କଡ଼ରେ ଶୁଖାଇଛି। ହେଲେ କାଳବୈଶାଖୀ ପ୍ରଭାବରେ ଝଡବତାସ ସହ ବର୍ଷା ଜାରି ରହିବାରୁ ତାହା ଭିଜିଯାଉଛି। ଅମଳ ହେବାକୁ ଥିବା ବାକି ଜମିରେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି।

**–ଏମ୍. ଭେଙ୍କେଟେଶ୍ୱର ରାଓ, ଚାଷୀ, ସରଣ୍ଡା**



“ ଦୁଇ ଏକର ଧାନ ଅମଳ କରି ରାସ୍ତା କଡ଼ରେ ଶୁଖାଉଛି। ଆଉ ୮ ଏକର କ୍ଷେତରେ କିଛି ପାଚିଲାଣି ଆଉ କିଛି ଧାନ କେଣ୍ଡା ଧରୁଥିଲା। କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ପ୍ରାୟ ୫୦ ପ୍ରତିଶତ ଧାନ କ୍ଷତିଗ୍ରସ୍ତ ହୋଇଗଲାଣି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଇନପୁଟ ସବସିଡି ସହ କ୍ଷତିପୂରଣ ପ୍ରଦାନ କରନ୍ତୁ।

**–ତ୍ରିବିକ୍ରମ ମେହେର, ଚାଷୀ, ସରଣ୍ଡା**



“ ସମୁଦାୟ ୨୫ ଏକରରୁ ୫ ଏକର ଅମଳ କରିଛନ୍ତି। ବାରମ୍ବାର କାଳବୈଶାଖୀ ଲାଗି ଫସଲ ନଷ୍ଟ ହେଉଛି। ଅମଳ ହେବାକୁ ଥିବା ପ୍ରାୟ ୩୫ ପ୍ରତିଶତ ଧାନ କ୍ଷେତ୍ରରେ ଝଡି ପଡ଼ିଲାଣି। ବର୍ଷା ହୋଇ ଯାଉଥିବାରୁ ବିଲକୁ ଧାନ କଟା ମେଶିନ ନେବା କଷ୍ଟକର ହୋଇପଡୁଛି। ଫଳରେ କ୍ଷତିର ପରିମାଣ ବଢ଼ିବ।

**–କେ. ଆର୍. ରାଜୁ, ଚାଷୀ, ତାଳପତ୍ରଟିକ୍ରା**



“ ବର୍ତ୍ତମାନ ଅତାବିରା ବ୍ଲକର ବିଭିନ୍ନ ପଞ୍ଚାୟତରେ କାଳବୈଶାଖୀର ତାଣ୍ଡବ ଲାଗି ରହିଛି। କୃଷି ବିଭାଗ ଓ ରାଜସ୍ୱ ବିଭାଗର ମିଳିତ ସର୍ବେକ୍ଷଣ କରି ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି କରୁଛୁଁ।

**–ବୀରେନ୍ଦ୍ର କର, ସଭାପତି ଓ ରାଜ୍ୟ କୃଷକ ସଂଗଠନ, ଅତାବିରା**



“ ୨୦୨୪ରେ ହୋଇଥିବା ଅଣମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି, ପାହାଡ଼ଶ୍ରୀଗିଡ଼ାରେ ଦେଖାଯାଇଥିବା ୨ଟି ଘର କ୍ଷୟକ୍ଷତି ରିପୋର୍ଟ ଜିଲା ଜରୁରିକାଳୀନ ବିଭାଗ, ବରଗଡ଼ କଲେକ୍ଟୋରେଟକୁ ଦାଖଲ କରାଯାଇଛି। ଆରଆଇ ଏବଂ ଭିଏଡବ୍ଲୁଙ୍କଠାରୁ ମିଳିତ କ୍ଷେତ୍ର ତଦନ୍ତ ରିପୋର୍ଟ ପାଇବା ପରେ ଫସଲ କ୍ଷୟକ୍ଷତି ରିପୋର୍ଟ ଶୀଘ୍ର ଦାଖଲ କରାଯିବ।

**–କେ. ରିଟୀ କୁମାର, ତହସିଲଦାର, ଅତାବିରା**

# ଜୋର୍ ଧରିଲା କ୍ଷତିପୂରଣ ଦାବି

**ବରଗଡ଼,୫।୫(ପ୍ରେମାନନ୍ଦ ଖମାରୀ)**

**ଧାନ ଅମଳବେଳେ କାଳବୈଶାଖୀ**

- ଜିଲାପାଳଙ୍କୁ ଫେରାଦ ହେଲେ ବିଭିନ୍ନ ସଂଗଠନ
- ସଠିକ୍ ଆକଳନ କରିବାକୁ ସ୍ମାରକପତ୍ର ପ୍ରଦାନ

ବରଗଡ଼ ଜିଲା ଚାଷୀଙ୍କୁ ସମସ୍ୟା ପିଛା ଛାଡୁ ନାହିଁ। ଜିଲାର ଉଭୟ ଜଳସେଚିତ, ଅଣଜଳସେଚିତ ଅଞ୍ଚଳର ଜମିରେ ବର୍ତ୍ତମାନ ରବିଧାନ ଅମଳକ୍ଷମ ଅବସ୍ଥାରେ ରହିଛି। ବିଭିନ୍ନ ଅଞ୍ଚଳରେ ଚାଷୀମାନେ ଧାନ ଅମଳ କାର୍ଯ୍ୟକୁ ଆରମ୍ଭ ମଧ୍ୟ କରି ଦେଇଛନ୍ତି। କିନ୍ତୁ ଗତ ସପ୍ତାହରେ କାଳବୈଶାଖୀ ପ୍ରଭାବରେ ୨ଥର ଝଡ଼ବର୍ଷା ସହିତ କରାମାଡ଼ ହେବା ଯୋଗୁ ଜିଲାର ବିଭିନ୍ନ ଅଞ୍ଚଳରେ ଧାନ ଫସଲ ଉଜୁଡ଼ି ଯାଇଛି। ଧାନକେଣ୍ଡାରୁ ଧାନ ଝଡ଼ିଯାଇ ଥିବାବେଳେ କେଣ୍ଡାରେ ରହିଥିବା ବଳକା ଧାନ ଅଗାଡ଼ି ହୋଇଯିବା ଆଶଙ୍କା ରହିଛି। ସେହିପରି କ୍ଷେତ, ଖଳାରେ ରହିଥିବା ଅମଳ ଧାନ ମଧ୍ୟ ବର୍ଷା, କରାମାଡ଼ରେ ପ୍ରଭାବିତ ରହିଛି। ଧାନ ଅମଳ ସମୟରେ କାଳବୈଶାଖୀର ଏଭଳି କରାଳ ରୂପ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି।

ଏହି କ୍ରମରେ ସୋମବାର ପୂର୍ବାହ୍ନରେ ବିଭିନ୍ନ ସଂଗଠନ ନେତୃତ୍ୱରେ ଚାଷୀମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ବରଗଡ଼ ପଞ୍ଚାୟତ ସମିତି ସଭାକକ୍ଷରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଚାଲିଥିବାବେଳେ ସେଠାକୁ ସଂଯୁକ୍ତ କୃଷକ ସଂଗଠନ ଏବଂ ଆମ୍ ଆଦମୀ ପାର୍ଟି(ଏଏପି) ନେତୃତ୍ୱରେ ଚାଷୀମାନେ ପହଞ୍ଚିଥିଲେ। ଉଭୟ ସଙ୍ଗଠନ ପୃଥକ୍ ଭାବେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସ୍ମାରକପତ୍ର ପ୍ରଦାନ ସହିତ କରାମାଡ଼ରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନପୁଟ୍ ସବସିଡ଼ି(କ୍ଷତିପୂରଣ ସହାୟତା) ଏବଂ ବୀମା କ୍ଷତିପୂରଣ ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ନିରଞ୍ଜନ ପ୍ରଧାନ, ସୁରେଶ ନେକାଣ୍ଟି, ସୁଦାମ ପାତ୍ରଙ୍କ ସମେତ ଅନେକ କ୍ଷତିଗ୍ରସ୍ତ ଚାଷୀ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

ସେହିପରି ଆମ ଆଦମୀ ପାର୍ଟି, ବରଗଡ଼ ଜିଲା ଶାଖା ମଧ୍ୟ ଅନୁରୂପ ଦାବି କରିଛି। ଅଦିନିଆଁ ବର୍ଷା ଏବଂ କରାମାଡ଼ ପ୍ରଭାବରେ ଜିଲାର ବିଭିନ୍ନ ବ୍ଲକରେ ବ୍ୟାପକ ଫସଲ ନଷ୍ଟ ହୋଇଥିବା ଯୋଗୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଆମ ଆଦମୀ ପାର୍ଟି ଦାବି କରିଛି। ଦଳର ରାଜ୍ୟ ସମ୍ପାଦକ ଭବାନୀ ସାହୁ, ଜିଲା ସମ୍ପାଦକ ସ୍ୱରୂପ ଭୋଇ, ନାରୀନେତ୍ରୀ ମାରିୟମ ବାର୍ଲା, ଅସିତ୍ ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, ଗତମାସ ୨୯ତାରିଖରୁ ଜିଲାରେ କ୍ରମାଗତ ବ୍ୟବଧାନରେ କାଳବୈଶାଖୀର ପ୍ରଭାବ ବଢ଼ି ଚାଲିଛି। ଗତ ୧ତାରିଖ ଓ ୩ତାରିଖ ଜିଲାରେ ଝଡ଼ବର୍ଷା ହୋଇଥିଲା। ଏହା ସହିତ କରାମାଡ଼ ହେବା ଯୋଗୁ ଭଟଲି ବ୍ଲକର ହଲଦିପାଲି ଏବଂ ନାରଙ୍ଗପୁର ପଞ୍ଚାୟତରେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ଏହା ସହିତ ଜିଲାର ଭେଡ଼େନ, ଅତାବିରା ଆଦି ବ୍ଲକରେ ମଧ୍ୟ ଧାନ ଫସଲ ଉଜୁଡ଼ି ଯାଇଥିବା ଯୋଗୁ ଚାଷୀଙ୍କ ମାନସିକ ସ୍ଥିତି ଦୋହଲି ପଡ଼ିଛି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

# ଅଙ୍ଗନୱାଡି କର୍ମୀଙ୍କୁ ପୁନଃଅବସ୍ଥାପିତ ଦାବି



ଜିଲାପାଳଙ୍କୁ ଫେରାଦ ହୋଇଥିବା ଅଙ୍ଗନୱାଡି କର୍ମୀବୃନ୍ଦ।

**ବରଗଡ଼,୫।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମର ଅଙ୍ଗନୱାଡି କର୍ମୀ ଆରତୀ ମାହାଣାଙ୍କୁ କାର୍ଯ୍ୟରୁ ହଟାଇ ଦିଆଯାଇଛି। ମିଥ୍ୟା ଅଭିଯୋଗରେ ଏବଂ ବିନା କାରଣ ଦର୍ଶାଅ ନୋଟିସ୍‌ରେ ତାଙ୍କୁ ହଟାଯାଇଛି ବୋଲି ଜିଲା ଅଙ୍ଗନୱାଡି କର୍ମୀ ସଂଘ ସୋମବାର ଅଭିଯୋଗ କରିଛି। ଏ ନେଇ ସଂଘର ଏକ ପ୍ରତିନିଧି ଦଳ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଥିଲେ। ଅଙ୍ଗନୱାଡି କର୍ମୀ ମାହାଣାଙ୍କୁ ପୁନଃ ଅବସ୍ଥାପିତ କରିବା ପାଇଁ ସେମାନେ ଜିଲାପାଳଙ୍କଠାରେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗକୁ ଧାରଣା ଦିଆଯିବ ବୋଲି ଅଙ୍ଗନୱାଡି ସଂଘର ଜିଲା ସଭାପତି ବବଲି ପୂଜାରୀ ଏବଂ ବରଗଡ଼ ବ୍ଲକ ସଭାପତି ତପସ୍ୱିନୀ କୁମ୍ଭାର ଚେତାବନୀ ଦେଇଛନ୍ତି। ପ୍ରତିମାସ ଅଣ୍ଡା କିଣିବା ପାଇଁ ଟଙ୍କା ମିଳୁ ନାହିଁ। ଏଭଳି ସ୍ଥିତିରେ ଯଦି ଅଙ୍ଗନୱାଡି କର୍ମୀ ହିତାଧିକାରୀଙ୍କୁ ଅଣ୍ଡା ଦେବାରେ ବିଳମ୍ବ କରୁଛନ୍ତି, ସେଥିରେ ଲୋକେ ସମ୍ପୃକ୍ତ ଅଙ୍ଗନୱାଡ଼ି କର୍ମୀଙ୍କ ଉପରେ ଆକ୍ରୋଶ ରଖି ମିଥ୍ୟା ଅଭିଯୋଗ ଆଣୁଛନ୍ତି ବୋଲି ସେମାନେ କହିଛନ୍ତି। ଫଳରେ ଏ ଦିଗରେ ବିହିତ ତଦନ୍ତ କରିବା ସହିତ ଅଙ୍ଗନୱାଡି କର୍ମୀ ମାହାଣାଙ୍କୁ ପୁନଃ ଅବସ୍ଥାପିତ କରିବାକୁ ଅଙ୍ଗନୱାଡି କର୍ମୀ ସଂଘ ଦାବି କରିଛି।

### ଅମ୍ଳାନ ପ୍ରତିଭା ଥିଲେ ମଙ୍ଗଲୁ ବିଶ୍ୱାଳ

**ବରଗଡ଼,୫।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ସୋମବାର ସାହିତ୍ୟିକ ମଙ୍ଗଲୁ ବିଶ୍ୱାଳଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଛି। ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଚୈତନ୍ୟ ପାଇକ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସେ କହିଥିଲେ, ମଙ୍ଗଲୁ ବିଶ୍ୱାଳ ଓଡ଼ିଆ ସାରସ୍ୱତ ଜଗତର ଅମ୍ଳାନ ପ୍ରତିଭା ଥିଲେ। ସେ ଥିଲେ ବୌଦ୍ଧିକ ସାହିତ୍ୟର ସାରସ୍ୱତ ସ୍ରଷ୍ଟା। ତାଙ୍କର ଅନନ୍ୟ ସୃଷ୍ଟି ଭୁଖା ପଶ୍ଚିମାଞ୍ଚଳର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିପାରିଛି ବୋଲି ମୁଖ୍ୟ ଅତିଥି ସାହୁ ନିଜ ବକ୍ତବ୍ୟରେ କହିଥିଲେ। ସେହିପରି କ୍ରୀଡ଼ାବିତ୍ ସନ୍ତୋଷ ପ୍ରଧାନ, ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ସମ୍ପାଦକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବିକାଶ ଇନ୍‌କ୍ୟୁବେଶନ ସେଣ୍ଟରକୁ ଷ୍ଟାର୍ଟଅପ୍ ଓଡ଼ିଶା ମାନ୍ୟତା

**ବରଗଡ଼,୫।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ଦସାରୀ ବିକାଶ ଏଣ୍ଟନପ୍ରେନରସିପ୍ ଏଣ୍ଡ ଇନୋଭେସନ ଫାଉଣ୍ଡେଶନକୁ ଓଡ଼ିଶା ସରକାରଙ୍କ ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା ଏକ ଇନକ୍ୟୁବେଶନ ସେଣ୍ଟରର ମାନ୍ୟତା ମିଳିଛି। ଓଡ଼ିଶା ସରକାରଙ୍କ ଦ୍ୱାରା ସଦ୍ୟ ପ୍ରକାଶିତ ୯ ସ୍ୱୀକୃତିପ୍ରାପ୍ତ ସେଣ୍ଟର ମଧ୍ୟରୁ ବିକାଶ ରୁରାଲ୍ ଏଣ୍ଟନପ୍ରେନରସିପ୍ ଆଣ୍ଡ୍ ଇନୋଭେଶନ ଫାଉଣ୍ଡେଶନ ପଶ୍ଚିମ ଓଡ଼ିଶାର ଅନେକ ଛାତ୍ରୀଛାତ୍ର ଏବଂ ଉଦ୍ୟୋଗୀ ହେବା ପାଇଁ ଆଶା ରଖିଥିବା ସାଧାରଣ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ଏକ ବରଦାନ ହେବ ବୋଲି ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ଆଶାପୋଷଣ କରିଛନ୍ତି। ଏହି ଇନକ୍ୟୁବେଶନ ସେଣ୍ଟର ମାନ୍ୟତା ପାଇଁ ବିଭିନ୍ନ ଅନୁଷ୍ଠାନ ଦରଖାସ୍ତକୁ ପୁଙ୍ଖାନୁପୁଙ୍ଖଭାବେ ତର୍ଜମା ପରେ ବିକାଶ ଅନୁଷ୍ଠାନର ଶିକ୍ଷାଦାନ, ଭିତ୍ତିଭୂମି ତଥା ରାଜ୍ୟର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆଧାରରେ ଏହି ମାନ୍ୟତା ମିଳିଛି ବୋଲି ଚେୟାରମ୍ୟାନ ରାଓ ସୂଚନା ଦେଇଛନ୍ତି। ଏହା ବର୍ତ୍ତମାନ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଅନୁଷ୍ଠାନରେ କାର୍ଯ୍ୟକ୍ଷମ ହେବ ଏବଂ ବିକାଶ ଅନୁଷ୍ଠାନର ଅନେକ ଶିକ୍ଷକମାନଙ୍କର ତତ୍ତ୍ୱାବଧାନରେ କାର୍ଯ୍ୟ କରିବ ବୋଲି ଚିଫ୍ ଏଡ଼ମିନିଷ୍ଟ୍ରେଟିଭ୍ ଅଫିସର ଇଂ ଅଜୟ ମହାପାତ୍ର ଜଣାଇଛନ୍ତି। ଏହି ସଫଳତା ପାଇଁ ଚେୟାରମ୍ୟାନ ରାଓ ଓଡ଼ିଶା ସରକାରଙ୍କ ଷ୍ଟାର୍ଟଅପ୍ ଓଡ଼ିଶା, ବିକାଶ ଅନୁଷ୍ଠାନର ସମସ୍ତ ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ସାଧୁବାଦ ଜଣାଇବା ସହିତ ଆଗାମୀ ଦିନରେ ଯୁବ ଉଦ୍ୟୋଗୀମାନଙ୍କୁ ଏହା ଏକ ଆଶାର ଆଲୋକ ସଦୃଶ ଉପଯୋଗୀ ହେବ ବୋଲି ଆହ୍ୱାନ ଦେଇଛନ୍ତି।

# ୫୭ ଅଭିଯୋଗ ଶୁଣିଲେ ଜିଲାପାଳ

**ବରଗଡ଼,୫।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପଞ୍ଚାୟତ ସମିତି ସଭାକକ୍ଷରେ ସୋମବାର ପୂର୍ବାହ୍ନରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ୫୭ଅଭିଯୋଗର ଶୁଣାଣି ହୋଇଥିଲା। ଅଭିଯୋଗ ଗୁଡ଼ିକ ଜଳସେଚନ, ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ, ରାଶନ କାର୍ଡ଼, ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଉପରେ ଆଧାରିତ ରହିଥିଲା। ସେଥିମଧ୍ୟରୁ ୩୫ ବ୍ୟକ୍ତିଗତ ଏବଂ ୨୨ସାମୁହିକ ଅଭିଯୋଗ ରହିଥିଲା। ସମସ୍ତ ଅଭିଯୋଗର ଶୁଣାଣି କରି ସେହି ସମସ୍ୟା ଗୁଡ଼ିକର ତ୍ୱରିତ୍ ସମାଧାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳ ଗୋୟଲ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ଦାଶଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।





ଶିବିରରେ ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ମାଟ୍ରିକ ଏ-୧ ଗ୍ରେଡ୍ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ସମାରୋହ

**ବରଗଡ଼,୫।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ଟୁକୁର୍ଲାସ୍ଥିତ ବିଜ୍ଞାନ କେନ୍ଦ୍ରରେ ରବିବାର ଚଳିତ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା(ମାଟ୍ରିକ)ରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ପ୍ରଶାସନ ଏବଂ ଏଚିଭର୍ସ ହେଲପିଂ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏ-୧ ଗ୍ରେଡ୍ ହାସଲ କରିଥିବା ଜିଲାର ୪୩ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର, ସ୍ମୃତିଫଳକ ଏବଂ ପୁଷ୍ପଗୁଚ୍ଛ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଲକ୍ଷ୍ୟ ହାସଲ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ, ଉଦ୍ଭାବନ ପାଇଁ ଜିଲାପାଳ ଗୋୟଲ ଆହ୍ୱାନ କରିଥିଲେ। ଜିଲା ବିଜ୍ଞାନ



ଅତିଥି, ଆୟୋଜକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

ନିରୀକ୍ଷକ ଧିରୋଜ କୁମାର ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହିତ ମାଟ୍ରିକ ପରୀକ୍ଷାରେ ଜିଲାର ସାମଗ୍ରିକ ପ୍ରଦର୍ଶନ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଉଚ୍ଚଶିକ୍ଷା ବିଭାଗ ଡେପୁଟୀ ଡାଇରେକ୍ଟର ସି.ଏଚ୍ ବିଜୟଲକ୍ଷ୍ମୀ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଉନ୍ନତି ପାଇଁ ଜିଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ସଫଳତା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜୀବନ ଓ ସଂଘର୍ଷ ଅଙ୍ଗାଙ୍ଗୀଭାବେ ଜଡ଼ିତ ଏବଂ ପରିଶ୍ରମରୁ ସଫଳତା ମିଳିବ ବୋଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମାଟ୍ରିକ ପରୀକ୍ଷାଫଳରେ ରାଜ୍ୟରେ ଯୁଗ୍ମ ପ୍ରଥମ ସ୍ଥାନ ଅଧିକାର କରିଥିବା ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ର ଛାତ୍ରୀ ବବିତା ରଥଙ୍କୁ ନିଶାମଣି ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଦିବ୍ୟକାନ୍ତି ଭୋଇଙ୍କ ବାପାଙ୍କ ସ୍ମୃତିରେ ଘାସିରାମ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଚିଭର୍ସ ହେଲପିଂ ଫାଉଣ୍ଡେଶନ ପକ୍ଷରୁ ମଧ୍ୟ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଉଣ୍ଡେଶନର ସଭାପତି ଦିବାକର ମାଝୀ, ସମ୍ପାଦକ ଭଗବାନ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ମା, ବାପା, ଅଭିଭାବକ ଏବଂ ଗୁରୁଜନମାନଙ୍କୁ ଉପଯୁକ୍ତ ସମ୍ମାନ, ବ୍ୟବହାର ଦେବାକୁ ପରାମର୍ଶ ଦେଇଥିଲେ। ଭବାନୀ ଶଙ୍କର ଗଡ଼ତିଆ ସମ୍ବର୍ଦ୍ଧନା ସମାରୋହକୁ ସଂଯୋଜନା କରିଥିଲେ। ବିଜ୍ଞାନ କେନ୍ଦ୍ର ମୁଖ୍ୟ ଗୋପୀନାଥ ପ୍ରଧାନ, ପ୍ରିୟବ୍ରତ ସାହୁ, କେନ୍ଦ୍ରର କର୍ମକର୍ତ୍ତା, ଫାଉଣ୍ଡେଶନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୟ କୁମାର ସୋଏ ଧନ୍ୟବାଦ ଅର୍ପଣ କରିଥିଲେ।

**ପ୍ରଯୁକ୍ତିବିଦ୍ୟାର ଉପଯୋଗ ପାଇଁ ଆହ୍ୱାନ**

**ସଂକ୍ଷେପରେ**

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

ଅମରପାଲି, ୫।୫(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୨ଟି ଅଭିଯୋଗ ହୋଇଥିଲା। ତନ୍ମଧ୍ୟରୁ ୨୭ଟି ବ୍ୟକ୍ତିଗତ ଓ ୫ଟି ଗୋଷ୍ଠୀଗତ ଅଭିଯୋଗ ହୋଇଛି। ଏହି ଶିବିରରେ ବିଡିଓ ରାଜୀବ ହାଁସଦା, ସ୍ଥାନୀୟ ସରପଞ୍ଚ ଆକସ୍ମିତା ବଡିଆ, ଏଇ ସୋବାନାଥ ମାଝି, ପଞ୍ଚାୟତର ପିଇଓଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀମାନେ ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗଗୁଡ଼ିକ ତୁରନ୍ତ ସମାଧାନ କରିବାକୁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

## କୁଞ୍ଜବନ ବିଶ୍ୱଶାନ୍ତି ମହାବିଷ୍ଣୁ ନାମଯଜ୍ଞ ଉଦ୍ଯାପିତ

ନାକଟିଦେଉଳ, ୫।୫(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସରାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କତରାପାଲି ଅଞ୍ଚଳର ସର୍ବପୁରାତନ ଯଜ୍ଞପୀଠ କୁଞ୍ଜବନ ଆଶ୍ରମରେ ଗତ ୩୦ତାରିଖ ଅକ୍ଷୟଠାରୁ ୬ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାବିଷ୍ଣୁ ଚବିଶ ପ୍ରହର ଅଖଣ୍ଡ ନାମ ଯଜ୍ଞ ସୋମବାର ଉଦ୍ଯାପିତ ହୋଇଯାଇଛି । ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଅଙ୍କୁରାରୋପଣ କରାଯାଇଥିବା ବେଳେ ୧ ତାରିଖରେ କଳସ ଶୋଭାଯାତ୍ରା ହୋଇଥିଲା । ସହସ୍ରାଧିକ ମହିଳା ନିକଟସ୍ଥ ଚମ୍ପାଳି ଏବଂ ଟିଂକିରା ନଦୀର ସଙ୍ଗମ ସ୍ଥଳରୁ ଏକ କଳସ ଶୋଭାଯାତ୍ରାରେ ବାହାରି ଯଜ୍ଞ ମଣ୍ଡପ ନିକଟକୁ ଆସି ସ୍ଥାପନା କରିଥିଲେ । ୨ ତାରିଖ ସକାଳୁ ଏହି ଯଜ୍ଞରେ ନାମ ଆରମ୍ଭ ହୋଇଥିଲା । ସପ୍ତମଣ୍ଡଳୀ କୁଞ୍ଜବନ ଦ୍ୱାରା ଆୟୋଜିତ ଏହି ନାମ ଯଜ୍ଞରେ ଚଳିତ ବର୍ଷ ଗୌଡ଼ପଡା ର ପବିତ୍ର ଧଳ, ପଣ୍ଡୁଆଖୋଲର ଦିବାକର ପ୍ରଧାନ, ଗୋଧିଭିପର ହଳଧର ସାହୁ ଏବଂ ହିକପାଲିର ନିତ୍ୟାନନ୍ଦ ପ୍ରଧାନ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏଥିରେ ଶହେରୁ ଅଧିକ ନାମ ସଂକୀର୍ତ୍ତନ ଏବଂ କୃଷ୍ଣଗୁରୁ ଦଳ ଅଖଣ୍ଡ ନାମ ପରିବେଷଣ କରିଥିଲେ। ଏହି ଅବସରରେ ଯଜ୍ଞ କମିଟି ପକ୍ଷରୁ ବିଭିନ୍ନ ସନ୍ଧ୍ୟାରେ ସାଧୁସନ୍ଥମାନେ ପ୍ରବଚନ ଦେଇଥିଲେ। ପରେ ରାମଲୀଳା ପରିବେଷଣ କରାଯାଇଥିଲା।

# ବସ୍‌କୁ ଧକ୍କାଦେଲା ଟ୍ରକ୍: ୨୧ ଆହତ

ଦେବଗଡ଼,୫।୫
(ଶଶାଙ୍କ ଶେଖର ଝାଙ୍କର)

■ ୧୧ ଗୁରୁତରଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର
■ ଆହତଙ୍କୁ ଭେଟିଲେ ବିଧାୟକ, ପିସିସି ସଭାପତି

ଦେବଗଡ଼ ଥାନା ଅନ୍ତର୍ଗତ ନୂଆଁଭୂଇଁ ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏକ ଯାତ୍ରୀବାହୀ ବସ୍‌କୁ ପଛରୁ ଟ୍ରକ୍ ଧକ୍କା ଦେଇଛି। ଫଳରେ ବସ୍‌ରେ ଥିବା ୨୧ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ରେଢାଖୋଲରୁ ଦେବଗଡ଼ ଦେଇ ରାଉରକେଲା ଅଭିମୁଖେ ହୋତା ନାମକ ଯାତ୍ରୀବାହୀ ବସ୍ ଯାଉଥିଲା। ନୂଆଁଭୂଇଁ ଗ୍ରାମ ନିକଟ ରାସ୍ତାରେ ଯାତ୍ରୀମାନଙ୍କୁ ଓହ୍ଲାଉଥିବାବେଳେ ପଛରୁ ଏକ ମାଲ୍‌ବୋଝେଇ ଟ୍ରକ୍ ଉକ୍ତ ବସ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବସ୍‌ର ପଛଅଂଶ କ୍ଷତିଗ୍ରସ୍ତ ହୋଇଥିବାବେଳେ ଚାଳକ ଓ ହେଲ୍‌ପରଙ୍କ ସମେତ ୨୧ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ିଯୋଗେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେମାନଙ୍କ ମଧ୍ୟରୁ ଆୟୁଷ ବାର୍ଲା(୨), ଅଗସ୍ତି ବାର୍ଲା(୨୭), ସରିଫ ଅହମ୍ମଦ(୩୦), ସାଦାମ ଅନ୍‌ସାରୀ(୩୧), ମୁକେଶ ଅଗ୍ରୱାଲା(୪୫), ବାରିଆ କିଷାନ(୩୫), ଝୁନୁ ନାୟକ(୪୫), ତର୍ସିଲା ବାର୍ଲା(୨୨), ସାରିଫ ଅନସାରୀ(୩୩), ନର୍ମଦା ସାହୁ ଓ ପିଙ୍କି ବଣିବୂଲଙ୍କ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ଚିକିତ୍ସିତ ହେବା ପରେ ଘରକୁ ଫେରିଯାଇଥିବା ଜଣାପଡଛି।


ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକ୍।

ଦେବଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବସ୍‌କୁ ଜବତ କରିବା ସହ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଉପଜିଲାପାଳ ପରକ୍ଷିତ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଦେବଗଡ଼ ଗସ୍ତରେ ଆସିଥିବା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ ପୂର୍ବତନ ଏମ୍‌ପି ନଗେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

# ଜିଲାପାଳଙ୍କ ଜନଶୁଣାଣି ଶିବିର, ୭୩ ଅଭିଯୋଗ ପଞ୍ଜୀକୃତ


ଜନଶୁଣାଣି ଶିବିରରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

ବୌଦ୍ଧ,୫।୫(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ବୌଦ୍ଧ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଅଭିଯୋଗଗୁଡିକର ଶୁଣାଣି ହୋଇଥିଲା। ସମୁଦାୟ ୭୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୬୯ଟି ବ୍ୟକ୍ତିଗତ ଏବଂ ୪ଟି ସାମୂହିକ ଅଭିଯୋଗ ରହିଥିଲା। ୯ଜଣଙ୍କୁ ବିଧବା ଭତ୍ତା, ୫ଜଣଙ୍କୁ ଜାତୀୟ ପରିବାର ସହାୟତା ଯୋଜନାରେ ୨୦ହଜାର ଟଙ୍କା ଲେଖାଏଁ ଡିବିଟି ମୋଡ୍‌ରେ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ପରିଷଦ କାର୍ଯ୍ୟନିବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେରେ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଓଡ଼ିଶା ଯାଦବ ଟ୍ରଷ୍ଟ ପରିବାର ପକ୍ଷରୁ ସାଧାରଣ ସଭା


ଓଡିଶା ଯାଦବ ଟ୍ରଷ୍ଟ ପରିବାର ପକ୍ଷରୁ ସାଧାରଣ ସଭାରେ ଅତିଥି ଓ କର୍ମକର୍ତ୍ତାମାନେ।

ସମ୍ବଲପୁର,୫।୫(ବି.ଶଙ୍କର)

**ସମ୍ବଲପୁର ଜିଲା କର୍ମକର୍ତ୍ତା ମନୋନୀତ**

ଓଡ଼ିଶା ଯାଦବ ଟ୍ରଷ୍ଟ ପରିବାର ପକ୍ଷରୁ ସାଧାରଣ ସଭା ରବିବାର ରାତିରେ ସମ୍ବଲପୁର ମ୍ୟୁନିସିପାଲଇଟି ଛକସ୍ଥିତ ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଯାଦବ ଟ୍ରଷ୍ଟ ପରିବାର ସାଧାରଣ ସମ୍ପାଦକ କିଶୋର ଧରେଇ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଓଡ଼ିଶା ଯାଦବ ଟ୍ରଷ୍ଟ ସଚିବ ଅନିଲ ଯାଦବ ଯୋଗଦେଇଥିଲେ। ଜନସାଧାରଣଙ୍କ ସମସ୍ୟା ଦୂର କରିବାକୁ ଟ୍ରଷ୍ଟ ସଭ୍ୟମାନେ ଏକତ୍ରିତ ହୋଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଯାଦବମାନଙ୍କ ବିକାଶରେ ରାଜ୍ୟ ଓ ରାଷ୍ଟ୍ରର ବିକାଶ ସମ୍ଭବ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଓଡ଼ିଶା ଯାଦବ ଟ୍ରଷ୍ଟ ପରିବାର ସଭାପତି ସୁରେନ୍ଦ୍ର ବଗର୍ତ୍ତି ସମ୍ବଲପୁର ଜିଲାର ଯାଦବ ଟ୍ରଷ୍ଟ ପରିବାର ଗଠନ ବିଷୟରେ ସୂଚନା ପ୍ରଦାନ କରିଥିଲେ । ସମ୍ବଲପୁର ଜିଲା ଯାଦବ ସଭାପତି ଭାବେ ବଳରାମ ମଟାରୀଙ୍କୁ ମନୋନିତ କରାଯାଇଛି । ସେହିପରି ଉପସଭାପତି ଦିନେଶ ରାଜ, ସାଧାରଣ ସମ୍ପାଦକ ସୁମନ୍ତ୍ର ଦୀପ, ସହ ସାଧାରଣ ସମ୍ପାଦକ ମନିଷ ଗୋପ, କୋଷାଧ୍ୟକ୍ଷ ବିଭୂତି ଭୂଷଣ ବାଗ, ସହକୋଷାଧ୍ୟକ୍ଷ ଉଜ୍ଜ୍ୱଳ ମହାକୁଡ, କାର୍ଯ୍ୟକାରୀ ସଭାପତି ଧିରେନ୍ଦ୍ର ନାଗ, ଜିଲା ସଂଯୋଜକ ସଞ୍ଜୟ ଥପାଙ୍କ ସମେତ ସମ୍ବଲପୁର ଜିଲାର ବିଭିନ୍ନ ବ୍ଲକ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଗାମୀ ଦିନର କାର୍ଯ୍ୟପନ୍ଥା ବିଷୟରେ ସୂଚନା ପ୍ରଦାନ କରିଥିଲେ ।

## ଗଞ୍ଜେଇ, କାର ଜବତ: ୨ ଗିରଫ

ସୋନପୁର,୫।୫(ମୃତ୍ୟୁଞ୍ଜୟ ଶତପଥୀ)

ଅବକାରୀ ବିଭାଗର ଜିଲା ମୋବାଇଲ ୟୁନିଟ୍ ପକ୍ଷରୁ ସୁବର୍ଣ୍ଣପୁର ସହର ପଟାଭାଡି ଛକ ନିକଟରେ ସୋମବାର ଚଢାଉ କରାଯାଇଥିଲା। ବୌଦ୍ଧ ଜିଲା ପଟୁତେଲନଦୀ ବ୍ରିଜ୍ ପାର ହୋଇ ଆସୁଥିବା ଏକ ମାରୁତି ସୁଜୁକି ଡିଜାୟାର କାର (ନଂ. ଓଡି୩୧ଏଫ-୬୬୯୯)କୁ ବିଭାଗର ଟିମ୍ ସନ୍ଦେହରେ ପିଛା କରିଥିଲେ। ପଟାଭାଡି ଛକ ନିକଟରେ କାରକୁ ଅଟକ ରଖି ତନଖି ସମୟରେ କାରରୁ ୨୧କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ବରଡୋଲ ଗାଁର ସମିୟା ରଞ୍ଜନ ପ୍ରଧାନ(୨୬) ଓ ରଞ୍ଜନ କର୍ମୀ(୩୩)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ବୌଦ୍ଧ ଜିଲାରୁ ସମ୍ବଲପୁରକୁ ଗଞ୍ଜେଇ ଚାଲାଣ କରୁଥିଲେ। ଏ ସମ୍ପର୍କରେ ଅବକାରୀ ବିଭାଗର ସୁବର୍ଣ୍ଣପୁର ଜିଲା ମୋବାଇଲ ୟୁନିଟ୍ ପକ୍ଷରୁ ଏକ ମାମଲା(ନଂ.୩୯/୨୫)ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର ଓ ଗଞ୍ଜେଇ ଜବତ ସହ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ମୋବାଇଲ ଇନ୍ସପେକ୍ଟର ହର ପ୍ରସାଦ ରଣା, ସବ୍‌ଇନ୍ସପେକ୍ଟର ଶାନ୍ତନୁ ପଟ୍ଟନାୟକ, ବିଶ୍ୱନାଥ ଭୋଇ, ଏଏସଆଇ ସନ୍ତୋଷ କୁମାର ସ୍ୱାଇଁ ଓ ସମୀର ମିଶ୍ର ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ।

# ଆଇନଶୃଙ୍ଖଳା, ଧନଜୀବନ ସୁରକ୍ଷାକୁ ପ୍ରାଥମିକତା

ସୋନପୁର,୫।୫(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁରରେ ନୂତନ ଏସ୍‌ପିଙ୍କ ଯୋଗଦାନ**


ଏସ୍‌ପି ନାରାୟଣ ନାୟକ

ସୁବର୍ଣ୍ଣପୁରର ୩୬ତମ ଏସ୍‌ପି ଭାବେ ନାରାୟଣ ନାୟକ ସୋମବାର ଯୋଗଦାନ କରିଛନ୍ତି। ଅତିରିକ୍ତ ଏସ୍‌ପି ବୀରେନ୍ଦ୍ର କୁମାର ନାୟକଙ୍କ ନିକଟରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ମେରାଇନ ଆଣ୍ଡ କୋଷ୍ଟାଲ ସିକ୍ୟୁରିଟି ଏଆଇଜି ଥିଲେ। ନାରାୟଣଙ୍କ ଅବିଭକ୍ତ ବଲାଙ୍ଗୀର, କଳାହାଣ୍ଡି ଓ ସମ୍ବଲପୁର ଭଳି ଜିଲାରେ ପୋଲିସ ବିଭାଗରେ କାମ କରିବାର ଦୀର୍ଘ ଅଭିଜ୍ଞତା ରହିଛି। ବଲାଙ୍ଗୀର ଏସ୍‌ଡିପିଓ, ଧର୍ମଗଡ ଏସ୍‌ଡିପିଓ ଓ ସମ୍ବଲପୁର ଉତ୍ତରାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟ କରିଛନ୍ତି। ୧୯୯୦ରେ ଅବିଭକ୍ତ ବଲାଙ୍ଗୀର ଜିଲାରୁ ସେ ଚାକିରି ଜୀବନ ଆରମ୍ଭ କରିଥିଲେ। ସୁବର୍ଣ୍ଣପୁର ଜିଲା ଗଠନ ହେବା ପୂର୍ବରୁ ସେ ତରଭା ଥାନା ଅଧିକାରୀ ଭାବେ କାର୍ଯ୍ୟ କରିଥିବା ଜଣାପଡିଛି। ଜିଲାରେ ଆଇନଶୃଙ୍ଖଳା ରକ୍ଷା ଓ ଲୋକଙ୍କ ଧନ ଜୀବନର ସୁରକ୍ଷାକୁ ପ୍ରାଥମିକତା ଦେବା ସହ, ମହିଳା ବିରୋଧି ହିଂସା କ୍ଷେତ୍ରରେ ଜିଲା ପୋଲିସ ଶୂନ ସହନଶୀଳ ଆପଣେଇବ। ଜନସାଧାରଣଙ୍କ ସହିତ ସୁସମ୍ପର୍କ ରକ୍ଷା, ଜିଲା ମୁଖ୍ୟାଳୟରେ ଟ୍ରାଫିକ୍ ବ୍ୟବସ୍ଥାର ସୁଧାର ଓ ପୋଲିସ ପାଟ୍ରୋଲିଂକୁ କଡାକଡି କରିବା ଦିଗରେ ଉଦ୍ୟମ କରିବେ ବୋଲି ଏସ୍‌ପି ନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ପ୍ରକାଶଥାଉକି, ଏଠାରେ ପୂର୍ବରୁ କାର୍ଯ୍ୟରତ ଏସ୍‌ପି ରାମ ପ୍ରସାଦ ସାହୁ ଏପ୍ରିଲ ୩୦ରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ନୂତନ ଏସ୍‌ପି କାର୍ଯ୍ୟରେ ଯୋଗଦେବା ପରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର କୁମାର ନାୟକ, ଡିଏସ୍‌ପି ପ୍ରତାପ ରଣା, ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ବୀରମହାରାଜପୁର ଏସ୍‌ଡିପିଓ ହେମନ୍ତ ରାଓ, ଡିଏସ୍‌ପି ଡିଆଇବି ବୈକୁଣ୍ଠ ବିହାରୀ ସେଠ୍, ସମସ୍ତ ଥାନାର ଆଇଆଇସି ଓ ଜିଲା ପୋଲିସ ମୁଖ୍ୟାଳୟର କର୍ମଚାରୀ ମାନେ ତାଙ୍କୁ ସକ୍ଷାତ କରିବା ସହ ସ୍ୱାଗତ କରିଥିଲେ।

# ଶୀତଳଷଷ୍ଠୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବିନିକା, ୫।୫(ରାମଗୋପାଳ ବାଗ)


ଶୀତଳଷଷ୍ଠୀ ପ୍ରସ୍ତୁତି ବୈଠକରେ କମିଟି ସଦସ୍ୟ ଓ ଅନ୍ୟମାନେ।

ସୁବର୍ଣ୍ଣପୁର ଜିଲା ବିନିକା ମହାଦେବ ମନ୍ଦିର ପ୍ରାଙ୍ଗଣରେ ରବିବାର ରାତିରେ ଶୀତଳଷଷ୍ଠୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ଶୀତଳଷଷ୍ଠୀ ଯାତ୍ରାକୁ ସୁଚାରୁ ସମାପନ କରିଥିବା ପୁରୁଣା କମିଟିକୁ ଚଳିତ ବର୍ଷ ପୁନଃ ଦାୟିତ୍ୱ ଦିଆଯାଇଛି। ସଭାପତି ପୂର୍ଣ୍ଣଚନ୍ଦ୍ର ମେହେର, ଉପସଭାପତି ସନ୍ତୋଷ ମହାକୁର, ଅଜିତ ସାମନ୍ତରା, ସମ୍ପାଦକ ଚରଣ ମେହେର, ସାହସମ୍ପାଦକ ସମ୍ବିତ ନେପାକ, କୋଷାଧକ୍ଷ ସଞ୍ଜୟ ଦାସ ରହିଛନ୍ତି। ଉପଦେଷ୍ଟା କମିଟିରେ ଶୀତଳ ପ୍ରସାଦ ମହାକୁର, ସୁଧାଂଶୁ ଶେଖର ଦାସ, ଜୟଦେବ ରାଉତ, ଅଶ୍ୱିନୀ ସୁବୁଦ୍ଧି, ଦିଲ୍ଲୀପ ଅଗ୍ରୱାଲଙ୍କୁ ରଖାଯାଇଛି। ସକ୍ରିୟ ସଦସ୍ୟ ଅଶୋକ ପଟ୍ଟନାୟକ, ବିକାଶ ମହାନ୍ତି, ସନ୍ତୋଷ ସାମନ୍ତରା, ତ୍ରିନାଥ ସେଠୀ, ସୀତାରାମ ଦାସ, ସଚ୍ଚିତା ନେଗୀ, ସୀତାରାମ ବେହେରା, ମହାବୀର ଅଗ୍ରୱାଲ, ଘାସିରାମ କଟୁଆଳ, ଭୁବନେଶ୍ୱର ପାତ୍ର, ହାଡିବନ୍ଧୁ ମେହେର, ପୁରୁଷୋତ୍ତମ ମେହେର, ଦୀନବନ୍ଧୁ ମେହେରଙ୍କୁ ମନୋନୀତ କରାଯାଇଛି। ମହୋତ୍ସବ ସୁପରିଚାଳନା ସହ ରାସ୍ତା ସମ୍ପ୍ରସାରଣ, ନାଳ ନର୍ଦ୍ଦମା ସଫେଇ, ପିଇବା ପାଣି, ବିଦ୍ୟୁତ ସମସ୍ୟା, ପୋଲିସ ପାଟ୍ରୋଲିଂକୁ ସୁଦୃଢ କରିବାକୁ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଶୀତଳଷଷ୍ଠୀ ଯାତ୍ରାକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ ତାରକାସୁର ଦରବାର, ମୀନାବଜାର, ଶୋଭାଯାତ୍ରାରେ ବିଭିନ୍ନ କଳା ସଂସ୍କୃତି ସମ୍ପନ୍ନ ଲୋକକଳା ଓ ବାଦ୍ୟ ଯୋଡାଯିବ ବୋଲି ସଭାପତି ମେହେର କହିଛନ୍ତି। ମାନଗୋବିନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷତିଗ୍ରସ୍ତ ଫସଲ ବୁଲିଦେଖିଲେ ଚାଷୀ ପ୍ରତିନିଧି

ବରଗଡ଼,୫।୫(ପ୍ରେମାନନ୍ଦ ଖମାରୀ)


ଚାଷୀ ପ୍ରତିନିଧିମାନେ ପ୍ରଭାବିତ ଧାନ ଫସଲ ବୁଲି ଦେଖୁଛନ୍ତି।

କାଳବୈଶାଖୀ ପ୍ରଭାବରେ ବରଗଡ଼ ଜିଲା ଭଟଲି ବ୍ଲକରେ ରବିଧାନ ଫସଲ ପ୍ରଭାବିତ ହୋଇଛି। ନାରଙ୍ଗପୁର ପଞ୍ଚାୟତ ଜୟପୁର, ବିଛୁଆଁ, ଗୌଡ଼ପାଲି, ଝିକିଝିକି ଗ୍ରାମରେ ଉଭୟ ଧାନ, ପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ସୂଚନା ପାଇ ଚାଷୀ ସଙ୍ଗଠନ ଜୟ କିସାନ ଆନ୍ଦୋଳନ ସଭାପତି ସୁଶିଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧି ଦଳ ପ୍ରଭାବିତ କୃଷିକ୍ଷେତ୍ର ବୁଲି ଦେଖିଥିଲେ। କ୍ଷତି ଆକଳନ ସହିତ ପ୍ରତ୍ୟେକ ଚାଷୀଙ୍କୁ ଏକର ପ୍ରତି ୩୦ହଜାର କ୍ଷତିପୂରଣ, ଆଗାମୀ ଫସଲ ପାଇଁ ବିହନ ଏବଂ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଇବାକୁ ଦାବି କରିଛନ୍ତି। ପ୍ରତିନିଧି ଦଳରେ ଜୟ କିସାନ ଆନ୍ଦୋଳନ ଭଟଲି ବ୍ଲକ ସଭାପତି ମାନଭଞ୍ଜନ ପ୍ରଧାନ, ସମ୍ପାଦକ ମିନିଷ୍ଟର ବାରିକ, ବିଜୟ ପ୍ରଧାନ, ଘନଶ୍ୟାମ ସା, ଶ୍ୱେତକୁମାର ନାୟକ, କୃଷ୍ଣଚନ୍ଦ୍ର ପଟେଲ ଉପସ୍ଥିତ ଥିଲେ।

# ସ୍ଥାୟୀ ନିଯୁକ୍ତି, ସରକାରୀ ସୁବିଧା ପ୍ରଦାନ କର

ସମ୍ବଲପୁର, ୫।୫
(ଭବାନୀ ଶଙ୍କର ଭୋଇ)

**ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ ପକ୍ଷରୁ ଦାବି**

ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ ପକ୍ଷରୁ ୧୨ଦଫା ଦାବି ନେଇ ସୋମବାର ସମ୍ବଲପୁର ଅତିରିକ୍ତ ଜିଲାପାଳ ଅଶୋକ ଭୋଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଜିଲାର ସମସ୍ତ ଶ୍ରମିକ କର୍ମଚାରୀମାନଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ କରିବା, ସମସ୍ତ ଶିକ୍ଷିତ ଯୁବତୀ ଯୁବକଙ୍କୁ ସ୍ଥାନୀୟ କମ୍ପାନୀ ମାନଙ୍କରେ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସମାନ କାମକୁ ସମାନ ଦରମା ପ୍ରଦାନ, ଠିକା ଶ୍ରମିକ ମାନଙ୍କୁ ରାଜ୍ୟ ବାହାରର ଠିକାଦାରମାନଙ୍କ ଦ୍ୱାରା ଶୋଷଣ ବନ୍ଦ କରିବା, ଜିଲାର ସମସ୍ତ ସରକାରୀ ବିଭାଗରେ ଥଇଥାନ ଯୋଜନା ତୁରନ୍ତ ଲାଗୁ କରିବା, ସମସ୍ତ ବିଡି ଶ୍ରମିକଙ୍କୁ ପରିଚୟ ପ୍ରଦାନ ଓ ୧୦୦୦ ବିଡିକୁ ଧାର୍ଯ୍ୟ ମୂଲ୍ୟ ପ୍ରଦାନ କରିବା ଆଦି ଦାବି ପୂରଣ ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି । ଏହି ଅବସରରେ ମିତ୍ରଭାନୁ ପାଢୀ, ରବିନ୍ଦ୍ର କୁମାର ମହାନ୍ତି, ନାଟୁ ଗୋପାଳ ପାତ୍ର, ସରୋଜିନୀ ଆଚାର୍ଯ୍ୟ, ବସନ୍ତ କୋକବାଗ, ଲଳିତ ଖୁରା, ତପନ ଖଡିଆ, ଗଣେଷ ଖଡିଆ ପ୍ରମୁଖ ସାମିଲ ହୋଇଥିଲେ ।



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କର୍ମକର୍ତ୍ତା।

# ମନ୍ଦିର ଗର୍ଭଗୃହ, ଚୂଡାଭାଗ ନିରୀକ୍ଷଣ କଲେ

ସମ୍ବଲପୁର,୫।୫(ବି.ଶଙ୍କର)

■ ସମଲେଇ ମନ୍ଦିର ପରିଦର୍ଶନ କଲା ଭିସୁଟ ବିଶେଷଜ୍ଞ ଦଳ
■ ଗର୍ଭଗୃହର ଧୂଆଁ ନିଷ୍କାସନ ପାଇଁ ଆବଶ୍ୟକ ବ୍ୟବସ୍ଥା ହେବ

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ)ର ଏକ ବିଶେଷଜ୍ଞ ମଣ୍ଡଳୀ ସୋମବାର ପୂର୍ବାହ୍ନରେ ମା' ସମଲେଶ୍ୱରୀ(ସମଲେଇ) ମନ୍ଦିର ପରିଦର୍ଶନ କରିଥିଲେ। ଭିସୁଟ କୁଳପତି ପ୍ରଫେସର ଦୀପକ କୁମାର ସାହୁଙ୍କ ନେତୃତ୍ୱରେ ବିଶେଷଜ୍ଞ ମଣ୍ଡଳୀ ମନ୍ଦିର ଗର୍ଭଗୃହର ଧୂଆଁ ନିଷ୍କାସନ ପାଇଁ ଆବଶ୍ୟକ ବ୍ୟବସ୍ଥା ଏବଂ ମନ୍ଦିର ଗର୍ଭଗୃହ, ମନ୍ଦିର ଚୂଡା ଭାଗକୁ ବିଶେଷତଃ ନିରୀକ୍ଷଣ କରିଥିଲେ । ଏ ସଂକ୍ରାନ୍ତରେ ଆବଶ୍ୟକ ବୈଷୟିକ ମ୍ୟାପ ଓ ଅନ୍ୟାନ୍ୟ ବୈଷୟିକ ପରାମର୍ଶ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଓ ମନ୍ଦିର ଟ୍ରଷ୍ଟ ବୋର୍ଡକୁ ଯୋଗେଇ ଦେବାପାଇଁ ପ୍ରତିଶୃତି ଦେଇଥିଲେ । ସମ୍ବଲପୁର ଜିଲାପାଳ ଡାକ୍ତର ସିର୍ଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅନୁରୋଧ କ୍ରମେ ଆସିଥିବା ଏହି ବିଶେଷଜ୍ଞ ପ୍ରତିନିଧି ମଣ୍ଡଳୀକୁ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ସ୍ୱାଗତ କରିଥିଲେ । ଏଥିସହ ତାଙ୍କ ସର୍ବେକ୍ଷଣ କାର୍ଯ୍ୟରେ ସହଯୋଗ କରିଥିଲେ । ବିଶେଷଜ୍ଞ ମଣ୍ଡଳୀ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଅଶ୍ୱିନୀ ଶତପଥୀଙ୍କ ସହ ଏହି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଭିସୁଟ ପ୍ରଫେସର ତଥା ସିଭିଲ ଇଞ୍ଜିନିୟରିଂ ବିଭାଗୀୟ ମୁଖ୍ୟ ପ୍ରଫେସର ସୁଧାଂଶୁ ଶେଖର ଦାସ, ପ୍ରଫେସର ସଞ୍ଜୟ ପାତ୍ର, ପ୍ରଫେସର ରମାକାନ୍ତ ପାଣିଗ୍ରାହୀ, ଆର୍କିଟେକ ବିଭାଗୀୟ ମୁଖ୍ୟ ଡ. ଭାରତୀ ମହାପାତ୍ର, କେମିକାଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡ. କୃଷ୍ଣପ୍ରସାଦ ଷଡ଼ଙ୍ଗୀ, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ଜ୍ଞାନରଞ୍ଜନ ବିଶ୍ୱାଳ, ମେକାନିକାଲ ଇଞ୍ଜିନିୟରିଂ ବିଭାଗର ଡ. ହୃଷୀକେଶ ବାରିକ ଓ ସିଭିଲ ଇଞ୍ଜିନିୟରିଂ ବିଭାଗର ଗବେଷକ ଅଭିଷେକ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।


ବିଶେଷଜ୍ଞ ମଣ୍ଡଳୀ ସଦସ୍ୟ ସମଲେଇ ମନ୍ଦିର ଚୂଡା ନିରୀକ୍ଷଣ ପାଇଁ ଯାଉଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅଭିବୃଦ୍ଧିଶୀଳ ଆଞ୍ଚଳିକ ଅର୍ଥନୀତି ମଧ୍ୟରୁ ଓଡ଼ିଶା ଅନ୍ୟତମ

**ଭୁବନେଶ୍ୱର,୫।୫**

ଦେଶର ପ୍ରମୁଖ ଭାଗ ଖଣିଜ ସମ୍ପଦ ଓଡ଼ିଶା ରାଜ୍ୟରେ ଥିଲାବେଳେ ଓଡିଶାର ଅଭିବୃଦ୍ଧି ବର୍ତ୍ତମାନ ସମୟରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ବହୁ ପଛରେ ରହିଛି। ଏପରିକି ଓଡିଶାରେ ଭାରତର ୩୫% ଲୁହା ଖଣିଜ, ୫୯% ବକ୍ସାଇଟ୍ ଏବଂ କୋଇଲା, କ୍ରୋମାଇଟ୍ ଏବଂ ମାଙ୍ଗାନିଜ୍‌ର ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ ରହିଛି। ଏହାକୁ ଭାରତର ଖଣିଜ ସୁରକ୍ଷାର ମେରୁଦଣ୍ଡ ଭାବେ ନାମିତ କରିଛି, ଯାହାକି ଭିତ୍ତିଭୂମି, ଶକ୍ତି, ପରିବହନ, ନବୀକରଣୀୟ ଶକ୍ତି ଏବଂ ପ୍ରତିରକ୍ଷା ପାଇଁ ନିତାନ୍ତ ଅତ୍ୟାବଶ୍ୟକ ବୋଲି କୁହାଯାଉଛି। ବିଶେଷ କରି ଓଡିଶାରେ ବକ୍ସାଇଟ୍, ଲୁହାପଥର ଏବଂ କୋଇଲାର ସର୍ବଶ୍ରେଷ୍ଠ ରଣନୈତିକ କ୍ଷେତ୍ରକୁ ପ୍ରତିନିଧିତ୍ୱ କରିଥାଏ। ନିବେଶ, ନିଯୁକ୍ତି, ଭିତ୍ତିଭୂମି ଏବଂ ବିଶ୍ୱ ପ୍ରତିଯୋଗିତାକୁ ଆଗେଇ ନେବାରେ ଏହାର ଭୂମିକା ଯଥେଷ୍ଟ ରହିଛି, ତଥାପି, ବକ୍ସାଇଟ୍ ଭଳି ଖଣିଜ ପଦାର୍ଥର କମ ବ୍ୟବହାର, ପ୍ରକ୍ରିୟାଗତ ବାଧା, ଆନ୍ତଃରାଜ୍ୟ ସମ୍ପତ୍ତି ନିଷ୍କାସନ ଏବଂ ସାହସିକ ତଥା ଜରୁରୀ ସଂସ୍କାରର ଆବଶ୍ୟକତାକୁ ଇଙ୍ଗିତ କରି ଅତୀତରେ ହାତଛଡ଼ା ହୋଇଥିବା ସୁଯୋଗ ଯୋଗୁଁ ଓଡ଼ିଶା କେବଳ ଏହାର ଖଣିଜ ସମ୍ଭାବ୍ୟତାର ପୃଷ୍ଠକୁ କ୍ଷୁଣ୍ଣ କରିଛି। ଓଡିଶାର ସମ୍ଭାବନା ଖଣି: ଆତ୍ମନିର୍ଭରତା ଏବଂ ସମୃଦ୍ଧିକୁ ଭାରତର ଯାତ୍ରାକୁ ଶକ୍ତି ପ୍ରଦାନ କରୁଛି' ଏକ ଶ୍ୱେତପତ୍ର ଉନ୍ମୋଚନ ଅବସରରେ ବିଶେଷଜ୍ଞମାନେ ଏଭଳି କିଛି କହିଛନ୍ତି। ଓଡ଼ିଶା ଏବେ ନୁହେଁ ତ କେବେ ନୁହେଁ ଏକ ମୁହୂର୍ତ୍ତରେ ଅଛି। ଏହା ଈଶ୍ୱର-ପ୍ରଦତ୍ତ ସମ୍ପଦକୁ ଲୋକ-କୈନ୍ଦ୍ରିକ ଅଭିବୃଦ୍ଧିରେ ପରିବର୍ତ୍ତନ ବିଷୟରେ ଆମକୁ ନିଶ୍ଚିତ କରିବା ଉଚିତ। ଆଗାମୀ ପିଢ଼ିର ଓଡ଼ିଆମାନେ କେବଳ ସମୃଦ୍ଧ ମାଟିର ଐତିହ୍ୟ ନୁହେଁ, ବରଂ ଅନ୍ତର୍ଭୁକ୍ତିମୂଳକ ପ୍ରଗତି, ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ଏବଂ ସ୍ଥାୟୀ ସମୃଦ୍ଧିର ଐତିହ୍ୟ ପାଇବେ। ଏହି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଓଡ଼ିଶାର ଖଣିଜ ଶକ୍ତିକୁ ଅନ୍ତର୍ଭୁକ୍ତିମୂଳକ ଶିଳ୍ପାୟନ ଏବଂ ଆଞ୍ଚଳିକ ଉନ୍ନତିରେ ପରିଣତ କରିବା ପାଇଁ ଏକ ଦୃଢ଼ ଭିତ୍ତିଭୂମି ପ୍ରଦାନ କରିଛି ବୋଲି ବରିଷ୍ଠ ପ୍ରଶାସକ ଡ. ଜୟଦେବ ଷଡଙ୍ଗୀ ଏଆଇଡିଇଏନଟି, ଆନ୍ ଇନିସିଏଟିଭ୍ ଫର୍ ଡେଭଲପମେଣ୍ଟ ଆଣ୍ଡ ଏମ୍ପାୱାରମେଣ୍ଟ ଦ୍ୱାରା ପ୍ରସ୍ତୁତ ଶ୍ୱେତପତ୍ର ଉନ୍ମୋଚନ ପରିପ୍ରେକ୍ଷୀରେ କହିଛନ୍ତି।

ଏହି ଶ୍ୱେତପତ୍ରରେ ଖଣି ଏବଂ ଉତ୍ପାଦନ ପ୍ରତି ଏକ ଦୃଢ଼ ପୃଷ୍ଠଭୂମି ଦ୍ୱାରା ଚାଳିତ ଭାରତର ଦ୍ରୁତତମ ଅଭିବୃଦ୍ଧିଶୀଳ ଆଞ୍ଚଳିକ ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବେ ଓଡ଼ିଶାର ଉଦୟକୁ ଉଜ୍ଜ୍ୱଳ କରିଛି। ଏହି ପରିପ୍ରେକ୍ଷୀରେ ଡ. ଜୟଦେବ ଷଡଙ୍ଗୀ, ସଞ୍ଜୀବ କେ ସିଂହ, ଡ. ପ୍ରବାସ ରଞ୍ଜନ ମିଶ୍ର, ଡ. ଦୁଃଖବନ୍ଧୁ ସାହୁ ଏବଂ ଡ. ସିପ୍ରା ସାଗରିକା ପ୍ରମୁଖ ଉପସ୍ଥିତ ରହି ଖଣି-ନେତୃତ୍ୱାଧୀନ ବିକାଶକୁ ଶିଳ୍ପ ଏବଂ ସାମାଜିକ ସମୃଦ୍ଧି ପାଇଁ ଏକ ସ୍ଥାୟୀ ମଡେଲରେ ପରିଣତ କରିବା ପାଇଁ ଓଡ଼ିଶା କିପରି 'ଏବେ-ନ ହେଲେ-କେବେ ନୁହେଁ'ପରିବର୍ତ୍ତନ ବିନ୍ଦୁରେ ଅଛି ସେ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ।




ଶ୍ୱେତପତ୍ର ଉନ୍ମୋଚନ ଅବସରରେ ଅତିଥିମାନେ ଉପସ୍ଥିତ ଅଛନ୍ତି।

# ଏନ୍‌ଭିସିଏଲ୍‌ର ୪ର୍ଥ ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୫।୫**

ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ (ଏନ୍‌ଭିସିଏଲ)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସେହିଭଳି ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ପାଇଁ କମ୍ପାନୀର ଅଡିଟ ହୋଇ ନ ଥିବା ଆର୍ଥିକ ଫଳାଫଳ ଘୋଷଣା ହୋଇଛି। କମ୍ପାନୀ ୨୦୨୪-୨୫ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ ୫.୭ ଏମ୍ଏମ୍‌ଟିର ମୋଟ ସିମେଣ୍ଟ ବିକ୍ରି ରେକର୍ଡ ହାସଲ କରିଥିବାବେଳେ ଆର୍ଥିକ ବର୍ଷରେ ମୋଟ ୧୯.୪ ଏମ୍ଏମ୍‌ଟି ସିମେଣ୍ଟ ବିକ୍ରି କରିଛି। ୪ର୍ଥ ତ୍ରୈମାସିକରେ ପରିଚାଳନାରୁ ମୋଟ ରାଜସ୍ୱ ବାର୍ଷିକ ଆଧାରରେ ୪% ବୃଦ୍ଧି ପାଇ ୩୦୪୨ କୋଟି ଟଙ୍କା ରହିଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷର ମୋଟ ରାଜସ୍ୱ ୧୦,୩୫୭ କୋଟି ଟଙ୍କାରେ ପହଞ୍ଚିଛି। ଏ ସମ୍ପର୍କରେ ଏନଭିସିଏଲର ଏମଡି ଜୟକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧଭାଗରେ କମ୍ ଚାହିଦା ଥିବା ସତ୍ତ୍ୱେ କମ୍ପାନୀ ଦ୍ୱିତୀୟାର୍ଦ୍ଧରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା। କମ୍ପାନୀ ଏହାର ବଜାର ଉପସ୍ଥିତିକୁ ମଜଭୁତ କରିବା ପାଇଁ ନୂଆ ସୁଯୋଗଗୁଡ଼ିକ ଉପରେ ପୁଞ୍ଜି ହାସଲ କରି ସୁଗମତାର ସହ ପ୍ରତିକ୍ରିୟା ଦେଇଥିଲା। କ୍ରମାଗତ ଭାବେ ତ୍ରୈମାସିକଗୁଡ଼ିକରେ ଉନ୍ନତ ଚାହିଦା ପ୍ରିମିୟମାଇଜେଶନ ଉପରେ ଆମର ମହତ୍ତ୍ୱ ସହ ଜଡିତ ଥିଲା।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୫।୫**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୨୯୫ (୨୯୪.୮୫) ପଏଣ୍ଟ ବୃଦ୍ଧି ଘଟି ୮୦,୭୯୭ (୮୦,୭୯୬.୮୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୧୪ (୧୧୪.୪୫) ପଏଣ୍ଟ ବଢି ୨୪,୪୬୧ (୨୪,୪୬୧.୧୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଏପ୍ରିଲରେ ୧୧,୯୬୨ ୟୁନିଟ ଟ୍ରାକ୍ଟର ବିକ୍ରି

**ଭୁବନେଶ୍ୱର,୫।୫ (ଅଭୟ ଦାଶ)**

ସୋନାଲିକା ଟ୍ରାକ୍ଟର୍ସର ମାସିକ (ଏପ୍ରିଲ ମାସ) ଗାଡି ବିକ୍ରି ଫଳାଫଳ ନିକଟରେ ପ୍ରକାଶ ପାଇଛି। ଏପରିକି ୨୦୨୫ ଏପ୍ରିଲରେ କମ୍ପାନୀ ମୋଟ ୧୧,୯୬୨ ୟୁନିଟ ଟ୍ରାକ୍ଟର ବିକ୍ରି କରିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, ୨୦୨୫ ଏପ୍ରିଲରେ ଆମେ ୧୧,୯୬୨ ୟୁନିଟ ଟ୍ରାକ୍ଟର ବିକ୍ରିର ଏକ ସକାରାତ୍ମକ ଆରମ୍ଭ ସହିତ ଚଳିତ ଆର୍ଥିକ ବର୍ଷର ଯାତ୍ରା ଆରମ୍ଭ କରିଛୁ। ଅପରପକ୍ଷରେ କୃଷକଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ପାଇଁ ଆମର ହେଭି-ଡ୍ୟୁଟି ଟ୍ରାକ୍ଟରଗୁଡ଼ିକୁ ଉନ୍ନତ ମୂଲ୍ୟ ରଣନୈତିକ ଭାବେ ବିକଶିତ ଓ ଅବସ୍ଥାପିତ କରାଯାଉଛି। ଏପରିକି ପ୍ରତ୍ୟେକ କୃଷି କ୍ଷେତ୍ରରେ ସମୃଦ୍ଧି ଆଣିବା ପାଇଁ ଆମର କୃଷକ-ପ୍ରଥମ ଆଦର୍ଶ ଦ୍ୱାରା ଏହା ପରିଚାଳିତ ହେଉଛି। ସୋନାଲିକା ଟ୍ରାକ୍ଟର୍ସ ସର୍ବୋତ୍ତମ ଶ୍ରେଣୀର ଟ୍ରାକ୍ଟର ପ୍ରଦାନ କରିବା କ୍ଷେତ୍ରରେ ଏହାର 'ନୋ କମ୍ପରମାଇଜ୍' ନୀତି ଅନୁସରଣ କରୁଛି, ଯାହା ହିତାଧିକାରୀଙ୍କ ସ୍ୱାର୍ଥକୁ ସର୍ବାଧିକ କରିଥାଏ। ଏହା ଆଗକୁ ବର୍ଷ ସାରା ଯୋଜନା କରାଯାଇଥିବା ନୂତନ ପଦକ୍ଷେପଗୁଡ଼ିକ ସହିତ ଆମର ଗ୍ରାହକଙ୍କୁ ଚିରସ୍ଥାୟୀ ଖୁସି ପ୍ରଦାନ କରିବା ନିଶ୍ଚିତ କରିବ। ସେହିଭଳି କୃଷକମାନଙ୍କ ଅଞ୍ଚଳ-କେନ୍ଦ୍ରିତ ଆବଶ୍ୟକତା ଅନୁଯାୟୀ ଏହାର ଷ୍ଟେଟ-ଅଫ-ଦ-ଆର୍ଟ ଟ୍ରାକ୍ଟରଗୁଡ଼ିକୁ କଷ୍ଟମାଇଜ କରି ସୋନାଲିକା ନିରନ୍ତର ଭାବେ ମୂଲ୍ୟ-ଚାଳିତ ସମାଧାନଗୁଡ଼ିକୁ ଆଣିବା କ୍ଷେତ୍ରରେ ଆଗରେ ରହୁଛି। ଯାହା ଭାରତବ୍ୟାପୀ କୃଷକଙ୍କ ପାଇଁ ସ୍ଥାୟୀ ଓ ଲାଭଦାୟକ ଅଭିବୃଦ୍ଧିକୁ ସଶକ୍ତ କରୁଛି। ସୋନାଲିକା ଟ୍ରାକ୍ଟର୍ସ ପକ୍ଷରୁ ଏହାର ବହୁପ୍ରତୀକ୍ଷିତ 'ସୋନାଲିକା ତୁଫାନି ଧମାକା' ଅଫର୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି।

# ଘରୋଇ ଜୀବନ ବୀମା କ୍ଷେତ୍ରରେ ଆଭିଭା ପ୍ରଥମ

**ଭୁବନେଶ୍ୱର,୫।୫**

କ୍ରମାଗତ ୭ ବର୍ଷ ପାଇଁ ଅଭିଭା ଲାଇଫ ଇନସ୍ୟୁରାନ୍ସ ଇଣ୍ଡିଆଜ ମୋଷ୍ଟ ଟ୍ରଷ୍ଟେଡ ପ୍ରାଇଭେଟ ଲାଇଫ ଇନ୍ସ୍ୟୋରାନ୍ସ ବ୍ରାଣ୍ଡ ଭାବେ ସ୍ୱୀକୃତି ହାସଲ କରିଛି ବୋଲି ଟିଆର୍‌ଏର ବ୍ରାଣ୍ଡ ଟ୍ରଷ୍ଟ ରିପୋର୍ଟ ୨୦୨୫ରେ ଉଲ୍ଲେଖ କରଯାଇଛି। ଏପରିକି ଘରୋଇ ଜୀବନ ବୀମା କ୍ଷେତ୍ରରେ ନିଜର ନେତୃତ୍ୱ ଆହୁରି ସୁଦୃଢ କରି ଅଭିଭା ଇଣ୍ଡିଆ ୨୦୨୩-୨୪ ଆର୍ଥିକ ବର୍ଷରେ ୩୦ ଦିନ ମଧ୍ୟରେ ୧୦୦% ଦାବି ସମାଧାନ ସହିତ ସର୍ବୋତମ ଦାବି ସମାଧାନ ସମୟ ମାନ୍ୟତା ହାସଲ କରିଛି। ଅଭିଭା ଲାଇଫ ଇନ୍ସୁରାନ୍ସର ମୁଖ୍ୟ ମାର୍କେଟିଂ ଅଧିକାରୀ ବିନିତ କପାଥି କହିଛନ୍ତି, ଆମର ପ୍ରତିଶ୍ରୁତିବଦ୍ଧତା ପାରମ୍ପରିକ ସୁରକ୍ଷାଠାରୁ ଆଗକୁ ବିସ୍ତାର ହୋଇଛି, କାରଣ ଆମେ ପ୍ରତିରୋଧ, ସ୍ୱାସ୍ଥ୍ୟ ଓ ସାମଗ୍ରିକ ସୁସ୍ଥତା ଦିଗରେ ଧ୍ୟାନ ଆକର୍ଷିତ କରି ଜୀବନ ବୀମାକୁ ନୂଆ ରୂପ ଦେବା ପାଇଁ ଲକ୍ଷ୍ୟ ରଖିଛୁ।

# ବିଏନଡିର ଶୁଭାରମ୍ଭ

**ଭୁବନେଶ୍ୱର,୫।୫**

ଏୟାରଟେଲ ବିଜନେସ୍ ପକ୍ଷରୁ ବିଜନେସ୍ ନେମ୍ ଡିସପ୍ଲେ (ବିଏନଡି) ନାମକ ଏକ ନୂତନ ସେବାର ଶୁଭାରମ୍ଭ କରାଯାଇଛି। ଯାହା ଏଣ୍ଟରପ୍ରାଇଜ (ବ୍ୟବସାୟିକ ସଂସ୍ଥା)ଗୁଡ଼ିକର ଗ୍ରାହକ ଯୋଗାଯୋଗକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ। ଏହା ମାଧ୍ୟମରେ କମ୍ପାନିଗୁଡ଼ିକ ନିଜ ବ୍ରାଣ୍ଡ ନାମ ଗ୍ରାହକଙ୍କ ମୋବାଇଲ୍ ସ୍କ୍ରିନ୍ ଉପରେ ଦେଖାଇପାରିବେ, ଯାହାଦ୍ୱାରା ଗ୍ରାହକଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧି ପାଇବ ଏବଂ ସ୍ପାମ କଲ୍ ଓ ବିଜନେସ୍ କଲ୍ ମଧ୍ୟରେ ପାର୍ଥକ୍ୟ ଜାଣିବାରେ ତାହା ସାହାଯ୍ୟ କରିବ। ଏୟାରଟେଲ ଭାରତର ପ୍ରଥମ ସ୍ପାମ୍-ବିରୋଧୀ ନେଟୱାର୍କ ଆରମ୍ଭ ସହ ଜାତୀୟସ୍ତରରେ ସଚେତନତା ଅଭିଯାନ ଚଳାଇ ଗ୍ରାହକଙ୍କୁ ସ୍ପାମରୁ ରକ୍ଷା କରିଛି। ଏହି ପଦକ୍ଷେପଗୁଡ଼ିକ ଗ୍ରାହକଙ୍କୁ ସ୍ପାମ୍ କଲ୍ ଏବଂ ଅଜଣା ନମ୍ବରରୁ ଆସୁଥିବା କଲକୁ ଅଗ୍ରାହ୍ୟ କରିବାକୁ ଉତ୍ସାହିତ କରୁଛି। ଏୟାରଟେଲ ବିଜନେସର ନିର୍ଦ୍ଦେଶକ ଏବଂ ସିଇଓ ଶରତ୍ ସିଂହ କହିଛନ୍ତି, ଆମେ ସବୁବେଳେ ଏକ ସୁରକ୍ଷିତ, ସ୍ୱଚ୍ଛ ଏବଂ ଅଧିକ ବିଶ୍ୱସନୀୟ ଯୋଗାଯୋଗ ଅନୁଭୂତି ପ୍ରଦାନ କରିବାକୁ ନିରନ୍ତର ଉଦ୍ୟମ କରୁଛୁ।

# Classified Everyday 0674-2580101, 9692975378



REAL ESTATE


**SALE**

House for sale 10x70 plot 700sqft. old construction, Puri 5 mins walk from Shree Jagannath Temple 10 mins from Sea Beach. Peaceful Locality. Direct owner, no brokers. Call : 7992594010. D-412

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261

CV Raman କଲେଜ ପାଖରେ 3132sqft. Gharabari plot sale ହେବ। Phone No.- 9778928492 and 9937910363. D-74728

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260




5000 sqft. Godown with Office available for rent at Palasuni, Prime location. 1BHK and 2BHK for rent near Machesear, behind Bhubaneswar Water Works. Open space and Godown around 50,000sqft. at Meherpally, Keshura, Puri Bypass Road. Contact- 7205010464, 9437468247, 9437035347. D-410

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**2 Office space - 1000sqft. in 3rd floor & 750sqft. in 2nd floor fully furnished office at 5-Janpath, Unit-3, Kharvelnagar behind Kalsi Petrol Pump, Bhubaneswar, Odisha-751001.Readily available to operate. Contact: 9437001845, 7504050186.** D-76819

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377




Full body massage by experience therapist with homely atmosphere. 9114559860. D-402

**Relax, Refresh your body, mind at Saikrupa SPA with best therapies. 7848011468.** D-363

## AFFIDAVIT

By virtue of an affidavit No.- 1734 dated 29.04.2025, sworn before the Executive Magistrate, Dharmasala, I, Narayan Malik, At- Choramuhan, P.O.- Dharmasala, Dist.- Jajpur, declare that my minor son old name Rabi Malik changed to new name Rabindra Malik. Henceforth, he shall be known as Rabindra Malik for all purpose. D-413

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଁ, ତ୍ରିଲୋଚନ ସାମଲ, ପି- ୰ଦିବାକର ସାମଲ, ସା- ଜୁଆଣିଆ, ପୋ- ଗୋବିନ୍ଦପୁର କଚେରି, ଥା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା, ଏହି ଶପଥପତ୍ର ଦ୍ୱାରା ତା ୨୪।୦୪।୨୦୨୫ରେ ନୋଟାରି ପବ୍ଲିକ୍, କେନ୍ଦ୍ରାପଡ଼ା ସମ୍ମୁଖରେ ଘୋଷଣା କରୁଛି ଯେ, ଆଧାର- XXXX XXXX ୨୩୨୭ ଏବଂ ମାଟ୍ରିକ୍ ସାର୍ଟିଫିକେଟ୍ ଅନୁଯାୟୀ ମୋର ନାମ ତ୍ରିଲୋଚନ ସାମଲ, କିନ୍ତୁ ଖାତା ନଂ.- ୯୪୮/୪୭୧ ଥିବା R.O.R. ରେ ମୋର ନାମ ପ୍ରଦୀପ କୁମାର ସାମଲ ଭାବରେ ଉଲ୍ଲେଖ ଅଛି। ତ୍ରିଲୋଚନ ସାମଲ ଏବଂ ପ୍ରଦୀପ କୁମାର ସାମଲ ଉଭୟ ଜଣେ ବ୍ୟକ୍ତି। ଧ-୪୧୭

By virtue of an affidavit sworn before the Notary Public, Bhubaneswar, dated- 10.02.2025, I, Sakhi Nayak, Address: resident of Vill.- Jamapada, P.O.- Jamapada, P.S.- Bari Ramachandrapur, Dist.- Jajpur, Odisha, PIN- 755005, declare that I have changed my name from Sambit Kumar Nayak to Sakhi Nayak. Henceforth I shall be known as Sakhi Nayak for all purposes.
Sakhi Nayak
D-407

By virtue of affidavit before the Notary Public, Bhubaneswar, dated- 02.11.2024, I, Rajashree Guni, Address: resident of Saheed Nagar, P.O./P.S.- Saheed Nagar, Bhubaneswar, Dist.- Khordha, Odisha, PIN- 751007, declare that I have changed my name from Pintu Guni to Rajashree Guni. Henceforth I shall be known as Rajashree Guni for all purposes.
Rajashree Guni
D-406

ଆମ୍ଭେ ବେଣୁଧର ମଣ୍ଡଳ, ପି- ସହଦେବ ମଣ୍ଡଳ, ଗ୍ରା/ପୋ- ଗାରେଡ଼ିପାଞ୍ଚଣ ପ୍ରକାଶ କରୁଅଛୁ କି ଆମ୍ଭର ନାମ ତ୍ରୁଟିପୂର୍ଣ୍ଣ ଭାବରେ ଡ୍ରାଇଭିଂ ଲାଇସେନ୍ସରେ ବେଣୁଧର ପ୍ରଧାନ ହୋଇଅଛି। ଆମ୍ଭର ପ୍ରକୃତ ନାମ ବେଣୁଧର ମଣ୍ଡଳ ଅଟେ।
ସ୍ୱା./- ବେଣୁଧର ମଣ୍ଡଳ
ଧ-୭୪୬୫୦

By virtue of an affidavit sworn before Executive Magistrate, Bhubaneswar, dated- 05.05.2025, I, Purna Chandra Mallick, Address: At- Samantarapurpatna, P.O.- Gopinathpur, P.S.- Dhauli, Dist.- Khordha, Odisha, PIN- 751002, declare that I have changed my daughter's name from Ankita Mallick to Laxmipriya Mallick. Henceforth, she shall be known as Laxmipriya Mallick for all purposes.
Purna Chandra Mallick
D-405

By virtue of an affidavit sworn before the Executive Magistrate, Narasinghpur, on dated 28th April 2025, I, Jajneswara Sahoo, Address: Village- Kanjiapada, P.O./P.S.- Kanpur, Dist.- Cuttack, 754037, Odisha declare that I have changed my name from Jangyeswar Sahoo to Jajneswara Sahoo. Henceforth, I shall be known as Jajneswara Sahoo for all purposes.
Jajneswara Sahoo
D-404

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
ନୋଟିସ
ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟ ବିଧି ସଂହିତା, ୧୯୦୮ ଅନୁଯାୟୀ
ଏଲ୍.ଏ.ରେଫରେନ୍ସ କେସ୍ ନଂ.- ୨୮୭/୨୦୨୨
(ଆରାଇଜିଙ୍ଗ ଆଉଟ ଅଫ୍ ଏଲ୍.ଏ.କେସ୍ ନଂ.-୦୨/୨୦୧୯)
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା
....ଆବେଦନକାରୀ
ବନାମ
୧. ଭ୍ରମର ମହାପାତ୍ର, ପି: କୃଷ୍ଣ ମହାପାତ୍ର, ୨. ଉଜ୍ଜ୍ୱଳା ବେହେରା, ସ୍ୱା- ଦୀନବନ୍ଧୁ ବେହେରା, ୩. ଭୋବନି ବେହେରା, ପି: ଭଗିଆ ବେହେରା, ଏ ସମସ୍ତଙ୍କର ଠିକଣା ସା: ପଥରଗାଡ଼ିଆ, ଥା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
.....ବିରୋଧୀପକ୍ଷମାନେ

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତି ପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ ସି.ବି.-୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. ରେଫରେନ୍ସ କେସ୍ ନଂ.- ୨୮୭/୨୦୨୨ଆରାଇଜିଙ୍ଗ ଆଉଟ ଅଫ୍ ଏଲ୍.ଏ.କେସ୍ ନଂ.-୦୨।୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା- ପଥରଗାଡ଼ିଆ, ଖାତା ନଂ.-୧୩୪୨, ପ୍ଲଟ୍ ନଂ.-୬୦୨୩, ରକବା ଏ୦.୦୧୬୦ଡି. ଅଟେ। **ଉକ୍ତ ବିରୋଧୀପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ।** ତେଣୁ ଉପରଲିଖିତ ବିରୋଧୀପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୩୦।୦୬।୨୦୨୫ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହି ମୋହର ସହ ଦିନାଙ୍କ ତା ୨୫।୦୪।୨୦୨୫ରିଖ।
ସ୍ୱାକ୍ଷର/ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକ
ଧ-୩୭୦

**ବିଶେଷଜ୍ଞ**
**ଅର୍ଶ ଭଗନ୍ଦର ମଳକଣ୍ଟକ**
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
**PILES CLINIC**
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
**10 A.M. TO 8 PM.**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

## ମନେ ପଡ଼ନ୍ତି

**୨୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ସୁରେନ୍ଦ୍ର ନାଥ ମହାପାତ୍ର
(ଖରିଗର, ନିଆଳି, କଟକ)
ଆବିର୍ଭାବ: ୦୭।୧୧।୧୯୫୩
ତିରୋଧାନ: ୨୨।୦୪।୧୯୯୮
(ବୈଶାଖ ଶୁକ୍ଳ ଦଶମୀ)

ତୁମେ ଯିବାର ଚାହୁଁ ଚାହୁଁ ୨୭ ବର୍ଷ ବିତିଗଲେ ମଧ୍ୟ ତୁମେ ମୋ ହୃଦୟରେ ଅଲିଭା ସ୍ମୃତି ହୋଇ ରହିଛ ଆଉ ରହିଥିବ ମଧ୍ୟ। ସବୁ ସମୟରେ ତୁମର ଅନୁପସ୍ଥିତି ମୁଁ ଅନୁଭବ କରୁଅଛି। ତୁମର ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଓ ଆଶୀର୍ବାଦ ମୋର କାମନା।

ଶୋକସନ୍ତପ୍ତ:- ହତଭାଗିନୀ ସ୍ତ୍ରୀ ଲକ୍ଷ୍ମୀ, ଝିଅ- ଲୀନା, ଲିଜା, ଜ୍ୱାଇଁ- ଭବାନୀ, ପ୍ରଦୀପ୍ତ, ନାତି- ଅରଜିତ୍, ଅଭିଜ୍ଞାନ, ଏବଂ ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୪୧୧

# କିଚେନ୍‌କୁ ଥଣ୍ଡା ରଖିବାକୁ ହେଲେ...

ଖରାଦିନେ କିଚେନ୍‌ରେ ରୋଷେଇ କରିବା ବହୁ କଷ୍ଟକର ହୋଇଥାଏ। କେତେକଙ୍କ କିଚେନ୍ ଯେମିତି ନିଆଁଘର ପରି ମନେହୁଏ। ଗରମ ଏତେ ହେଉଛି ଯେ କୁଲର, ଏସି ଏବଂ ଫ୍ୟାନ୍ ବିନା ରହି ହେଉନାହିଁ। ଖାସ୍‌କରି ମହିଳାଙ୍କ ଲାଗି ଏହିଦିନ ବହୁ କଷ୍ଟଦାୟକ ହୋଇଥାଏ। କାହିଁକି ନା ସେମାନଙ୍କୁ ଦିନରାତି କିଚେନ୍‌ରେ ହିଁ ରୋଷେଇ କରିବାକୁ ପଡ଼ିଥାଏ। ଏମିତିରେ ଏହିଦିନରେ କିଚେନ୍‌କୁ କିପରି ଥଣ୍ଡା ରଖିବେ ଜାଣନ୍ତୁ କେତୋଟି ଟିପ୍ସ...

- ସକାଳୁ ଜଲ୍‌ଦି ରୋଷେଇ ସାରି ଦିଅନ୍ତୁ। କେତେଜଣ ମହିଳା ତାଙ୍କ ରୋଷେଇ ସକାଳ ୧୧ରୁ ଆରମ୍ଭକରି ଦିନ ୧ଟା ପର୍ଯ୍ୟନ୍ତ କରିଥାନ୍ତି। ସକାଳ ୧୦ଟା ପରେ ପ୍ରଚଣ୍ଡ ଖରା ହୋଇଥାଏ। ଆପଣ ଖରାବେଳେ ରୋଷେଇ କରିବା ଦ୍ୱାରା ଅଧିକ ଗରମ ଅନୁଭୂତ ହେବ। ସକାଳ ଜଳଖିଆ କରିବା ପରେ ମଧ୍ୟାହ୍ନଭୋଜନ ଖାଦ୍ୟ ବି ଜଲ୍‌ଦି ରାନ୍ଧି ଦେଲେ ଅସୁବିଧା ନାହିଁ; ଯେଉଁଥିରେ ଖାସ୍‌କରି ବେଶି ସମୟ ଲାଗୁଛି।
- ମଧ୍ୟାହ୍ନ ଗରମରୁ ଦୂରେଇ ରୁହନ୍ତୁ। କମ୍ ସମୟରେ ଯେଉଁ ରୋଷେଇ ସରିବ ତାକୁ ସାରନ୍ତୁ। ଏହାଦ୍ୱାରା ଗ୍ୟାସ୍ ପାଖରେ ଯେପରି କମ୍ ସମୟ ଛିଡ଼ାହେବାକୁ ପଡ଼ିବ ସେଇଟା ଦେଖନ୍ତୁ। କିଚେନ୍‌ରେ ଚିମିନି ଏବଂ ଏଗ୍‌ଜଷ୍ଟ ଫ୍ୟାନ୍‌ର ଉପଯୋଗ କରନ୍ତୁ। ରାନ୍ଧନ୍ତୁ। ଏମିତିରେ ବି ଆପଣଙ୍କୁ ଭେରାଇଟି ଖାଦ୍ୟ ଖାଇବାକୁ ମଧ ମିଳିଯିବ।
- ଖରାଦିନରେ ଥଣ୍ଡା ଜିନିଷ ଖାଆନ୍ତୁ। ଫଳରେ ଶରୀରକୁ ଥଣ୍ଡା ଲାଗିବା ସହ ଝାଳ ମଧ ଏତେଟା ବାହାରିବ ନାହିଁ।
- ଆପଣ ଚାହିଁଲେ ରାତିରେ ବି କିଛି ଜିନିଷ କରି ରଖି ଦିଅନ୍ତୁ। ଯେମିତିକି ଅଟା ଚକଟି ଦିଅନ୍ତୁ, ପରିବା କାଟି ରଖିଦିଅନ୍ତୁ ଏବଂ ମସଲା ବାଟି ମଧ ରଖି ଦିଅନ୍ତୁ। ଆପଣଙ୍କୁ ଅଳ୍ପ ଟାଇମ୍ ମ୍ୟାନେଜମେଣ୍ଟ କରିବାକୁ ପଡ଼ିବ। ଏମିତିରେ ଯଦି ଦିନରେ ରୋଷେଇ କରିବେ ବୋଲି ଭାବିବେ ବେଶି ସମୟ ଲାଗିବ ନାହିଁ।
- ଯଦି କିଚେନ୍‌ରେ ବଡ଼ ଝରକା ଅଛି ତେବେ ତାକୁ ଦିନ ସମୟରେ ବନ୍ଦ କରିରଖନ୍ତୁ। କିଚେନ୍‌ରେ ଯଦି



ସ୍ପେସ୍ ଅଛି ତେବେ କୁଲିଂ ପ୍ଲାଣ୍ଟ ଲଗାନ୍ତୁ। ରାତିରେ ଝରକା ଖୋଲିବା ଦ୍ୱାରା ଘର ଭେଣ୍ଟିଲେଟ୍ ହେବ।
- କେତେଜଣ ଲୋକଙ୍କ ଘରେ ଏଗ୍‌ଜଷ୍ଟ ଫ୍ୟାନ୍ ଏବଂ ଚିମିନି ଲାଗିଛି ହେଲେ ତାକୁ ବ୍ୟବହାର ସେମାନେ କରନ୍ତି ନାହିଁ। ଯଦି ଏ ସବୁର ସୁବିଧା ଅଛି ତେବେ ଏହାକୁ ଲଗାଇ ଉପଯୋଗ କରନ୍ତୁ।
- ଚେଷ୍ଟା କରନ୍ତୁ ଯେଉଁ ରୋଷେଇ ବେଶି ସମୟ ଲାଗୁନାହିଁ ତାକୁ ରାନ୍ଧିବାକୁ। ଖରାଦିନେ ବେଶି ତେଲ ମସଲା ଖାଇବା ଆବଶ୍ୟକ ନୁହେଁ। ଯାହାକୁ ପ୍ରସ୍ତୁତ କରିବାକୁ ଆପଣଙ୍କୁ ଘଣ୍ଟା ଘଣ୍ଟା କିଚେନ୍‌ରେ ଯେପରି ଛିଡ଼ା ହେବାକୁ ନ ପଡ଼ିପାରେ।
- ଏପରି ରେସିପି ଚୟନ କରନ୍ତୁ, ଯେଉଁଠି କମ୍ ସମୟ ଲାଗୁଥିବ, ତାକୁ

# ପର୍ସ ବ୍ୟବହାର କରୁଥିଲେ...



- ପର୍ସକୁ ସବୁବେଳେ ସଫା ରଖନ୍ତୁ। ଏହାଦ୍ୱାରା ଧନ ଏବଂ ସକାରାତ୍ମକ ଭାବନା ଯୋଡ଼ି ହୋଇ ରହିବ। ଏହାଦ୍ୱାରା ଟଙ୍କାର ଅଭାବ ରହିବ ନାହିଁ।
- କଳା ପର୍ସ ରଖନ୍ତୁ ନାହିଁ। କାହିଁକି ନା ଏହା ନକାରାତ୍ମକ ଉର୍ଜାକୁ ଆକର୍ଷିତ କରିଥାଏ। ଏହା ବଦଳରେ ଆପଣ ଲାଲ, ନାରଙ୍ଗୀ, ସବୁଜ ରଙ୍ଗର ପର୍ସ ଚୟନ କରିପାରିବେ।
- ପର୍ସକୁ କେବେ ବି ଖାଲି ରଖନ୍ତୁ ନାହିଁ। କାହିଁକି ନା ଏହାଦ୍ୱାରା ଧନର କମ୍ ହୋଇପାରେ। ପର୍ସରେ କିଛି ନା କିଛି ଟଙ୍କା ରଖନ୍ତୁ। ପର୍ସକୁ ସବୁବେଳେ ସଫା ପାଣିରେ ଧୁଅନ୍ତୁ ଏବଂ ଶୁଖିଲା କପଡ଼ା ସାହାଯ୍ୟରେ ସଫା କରନ୍ତୁ।
- କେବେ ବି ଲୋକଙ୍କ ସାମ୍ନାରେ ପର୍ସ ଖୋଲନ୍ତୁ ନାହିଁ। କାରଣ ଏହାଦ୍ୱାରା ନକାରାତ୍ମକ ଭାବନା ରହିପାରେ। ପର୍ସକୁ ସବୁବେଳେ ବନ୍ଦ ରଖନ୍ତୁ। ଏହାଦ୍ୱାରା ଧନ ସୁରକ୍ଷିତ ରହିପାରିବ ଏବଂ ଧନର କେବେ ବି ଅଭାବ ଦେଖାଯିବନି।

# କର୍ମଜୀବୀ ଓ ପରିବାର



ଆଜିକାଲି ମହିଳାମାନେ କର୍ମଜୀବୀ ହେବା କିଛି ନୂଆ କଥା ନୁହେଁ। ବିଭିନ୍ନ କ୍ଷେତ୍ରରେ ସେମାନେ ନିଜର ପାରଦର୍ଶିତା ଦେଖାଇବାରେ ସକ୍ଷମ ହେଲେଣି। ତେବେ ଜଣେ ଯଦି ଜର୍ମଜୀବୀ ହୋଇଥାନ୍ତି ତାଙ୍କୁ ଗୋଟିଏ ପଟେ କର୍ମସଂସ୍ଥାନ ଏବଂ ଅନ୍ୟପଟେ ପରିବାର-ଏ ଦୁଇଟି ଜିନିଷକୁ ବେଶ୍ ସମାନ୍ତରାଳ ଭାବରେ ଆଗକୁ ଆଗେଇ ନେବାକୁ ପଡ଼ିଥାଏ। ତେବେ ଏହି ସମୟରେ କେଉଁ ଦିଗ ପ୍ରତି ଅଧିକ ଦୃଷ୍ଟିଦେବା ଆବଶ୍ୟକ ସେ ସମ୍ପର୍କରେ ସୂଚନା...

"ଜଣେ କର୍ମଜୀବୀ ବିଭିନ୍ନ କାରଣରୁ ଚିନ୍ତାଗ୍ରସ୍ତ ହେବା ସ୍ୱାଭାବିକ। ହେଲେ ଏହାର ପ୍ରଭାବ ସେମାନଙ୍କର ଦୈନନ୍ଦିନ ଜୀବନ ଉପରେ ପଡ଼ିଥାଏ। ଏହାଦ୍ୱାରା ସେମାନେ ନିଜ କାମକୁ ସୁଚାରୁ ରୂପେ ତୁଲାଇପାରନ୍ତି ନାହିଁ। ତେଣୁ ନିଜ ଜୀବନକୁ ସରସ ସୁନ୍ଦର କରିବା ପାଇଁ ତଥା ନିଜ କର୍ମକ୍ଷେତ୍ରରେ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇବା ପାଇଁ ପ୍ରଥମେ ନିଜକୁ ଚିନ୍ତାମୁକ୍ତ ରଖନ୍ତୁ। ଯଦି କୌଣସି କଥାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ତେବେ ତାହାର କାରଣ ଖୋଜି ତୁରନ୍ତ ସମାଧାନ କରନ୍ତୁ।"

**ସମୟର ଠିକ୍ ଉପଯୋଗ:** ଜଣେ କର୍ମଜୀବୀ ପାଇଁ ସବୁଠାରୁ ଜରୁରୀ ହେଉଛି ନିଜ ସମୟର ଠିକ୍ ଉପଯୋଗ କରିବା। ଯେହେତୁ ଆପଣ ଚାକିରି କରିଛନ୍ତି ତେଣୁ ସେଠାରେ ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚିବାକୁ ପଡ଼ିବ। ତା'ସହ ଏପଟେ ପରିବାର କଥା ମଧ ବୁଝିବାକୁ ହେବ। ପିଲାମାନଙ୍କର ଯତ୍ନ, ସେମାନେ ସ୍କୁଲ ଯାଉଥିଲେ ସେ ବିଷୟରେ ଧ୍ୟାନଦେବାକୁ ମଧ ପଡ଼ିଥାଏ। ତେଣୁ ଏନେଇ ଯଦି ସମୟକୁ ଠିକ୍ ଭାବରେ ଉପଯୋଗ ନ କଲେ ତେବେ ସମସ୍ୟାର ସମ୍ମୁଖୀନ ହେବା ଯଥେଷ୍ଟ ଆଶଙ୍କା ରହିଛି। କାରଣ ସବୁ କ୍ଷେତ୍ରରେ ସମୟର ମୂଲ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଜଣେ କର୍ମଜୀବୀ ନିଜର ପ୍ରତିଟି କାମକୁ ଠିକ୍ ଭାବରେ ପରିଚାଳନା କରିବା ପାଇଁ ଏକ ରୁଟିନ୍ ଲାଇଫ୍ ଅନୁସରଣ କରିବା ଦରକାର।

**ଚିନ୍ତାମୁକ୍ତ ରୁହନ୍ତୁ:** ଜଣେ କର୍ମଜୀବୀ ବିଭିନ୍ନ କାରଣରୁ ଚିନ୍ତାଗ୍ରସ୍ତ ହେବା ସ୍ୱାଭାବିକ। ହେଲେ ଏହାର ପ୍ରଭାବ ସେମାନଙ୍କର ଦୈନନ୍ଦିନ ଜୀବନ ଉପରେ ପଡ଼ିଥାଏ। ଏହାଦ୍ୱାରା ସେମାନେ ନିଜ କାମକୁ ସୁଚାରୁ ରୂପେ ତୁଲାଇପାରନ୍ତି ନାହିଁ। ତେଣୁ ନିଜ ଜୀବନକୁ ସରସ ସୁନ୍ଦର କରିବା ପାଇଁ ତଥା ନିଜ କର୍ମକ୍ଷେତ୍ରରେ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇବା ପାଇଁ ପ୍ରଥମେ ନିଜକୁ ଚିନ୍ତାମୁକ୍ତ ରଖନ୍ତୁ। ଯଦି କୌଣସି କଥାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ତେବେ ତାହାର କାରଣ ଖୋଜି ତୁରନ୍ତ ସମାଧାନ କରନ୍ତୁ।

**ବିଚଳିତ ହୁଅନ୍ତୁ ନାହିଁ:** କର୍ମଜୀବୀ ନିଜ କାମ ତୁଲାଇବାକୁ ନିଜକୁ ଯେତେ ପ୍ରସ୍ତୁତ କରିଥିଲେ ମଧ ବେଳେବେଳେ କେତେକ କାରଣରୁ ବିଚଳିତ ହୋଇପଡ଼ନ୍ତି। ଏହା ଯଦି ଦୀର୍ଘ ସମୟ ଧରି ଲାଗି ରୁହେ, ତେବେ ଏହାଦ୍ୱାରା କାମ ପ୍ରଭାବିତ ହୋଇଥାଏ। ତେଣୁ କାମ, ପରିବାରକୁ ନେଇ ବିଚଳିତ ହେବା ପରିବର୍ତ୍ତେ ନିଜ ଦାୟିତ୍ୱ କିପରି ଠିକ୍ ଭାବରେ ତୁଲାଇପାରିବେ ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ। ନିଜର ମନୋଭାବକୁ ଯଥାସମ୍ଭବ ସକାରାତ୍ମକ ରଖିବାକୁ ଚେଷ୍ଟାକରନ୍ତୁ। ଘର ସଂସାର ଏବଂ ଚାକିରି କରିଥିଲେ ସମସ୍ୟା ତ ଆସିବ। ହେଲେ ସେଥିରେ ବିଚଳିତ ହୋଇପଡ଼ିଲେ କିଛି ଲାଭ ନାହିଁ। ନିଜକୁ ଦୃଢ଼ ମାନସିକତା ସହ ଆଗକୁ ଆଗେଇବାକୁ ପଡ଼ିବ। ତେଣୁ ନିଜ କାମକୁ ଠିକ୍ ଭାବରେ ତୁଲାଇବା ପାଇଁ ରୁଟିନ୍ ପ୍ରସ୍ତୁତ କରନ୍ତୁ ଏବଂ ତାହାକୁ ଠିକ୍ ଭାବରେ ଅନୁସରଣ ମଧ କରନ୍ତୁ।

**ପିଲାମାନଙ୍କ ଯତ୍ନ:** ଘରକାମ କରିବା ଅଲଗା କଥା, ହେଲେ ପିଲାମାନଙ୍କର ଯତ୍ନନେବାକୁ ସବୁଠାରୁ ବଡ଼ କଥା। କାରଣ ଆମେ ସେମାନଙ୍କୁ ଯେମିତି ଗଢ଼ିବା ସେମାନଙ୍କ ଭବିଷ୍ୟତ ସେପରି ହେବ। ଯେହେତୁ ଆପଣ କର୍ମଜୀବୀ ତେଣୁ ପିଲାକୁ ନିଶ୍ଚୟ ଅଧିକ ସମୟ ଦେଇପାରୁ ନ ଥିବେ। ତେଣୁ ଏହି ଶୂନ୍ୟତାକୁ ସେ ଯେପରି ଅନୁଭବ ନ କରେ ସେ ନେଇ ପ୍ରସ୍ତୁତ ହେବା ଦରକାର। ଘରେ ଯେତିକି ସମୟ ରହୁଛନ୍ତି ସେହି ସମୟ ଭିତରେ ପିଲାମାନଙ୍କର ପ୍ରତିଟି କଥାକୁ ଗୁରୁତ୍ୱର ସହ ନିଅନ୍ତୁ। ସେମାନଙ୍କ ଭଲମନ୍ଦ, ପାଠପଢ଼ା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ତା'ସହ ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ଅବଗତ ରୁହନ୍ତୁ। ସେମାନଙ୍କ କୌଣସି କାମକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ପିଲାମାନଙ୍କର ଯଦି କୌଣସି ଦୋଷତ୍ରୁଟି ରହୁଛି ତେବେ ତାହାକୁ ସୁଧାରି ନିଅନ୍ତୁ। ବେଳେବେଳେ ପିଲାମାନେ ସେମାନଙ୍କର ସମସ୍ୟା କହିବାକୁ କୁଣ୍ଠାବୋଧ କରିଥାଆନ୍ତି। ସେମାନଙ୍କର ଚାଲିଚଳଣିକୁ ଲକ୍ଷ୍ୟକରନ୍ତୁ। କୌଣସି ସମସ୍ୟା ବିଷୟରେ ସୂଚନା ପାଇଲେ ତାହାକୁ ସମାଧାନ କରନ୍ତୁ।

**ମନକୁ ଶାନ୍ତ ରଖନ୍ତୁ:** ଅଫିସରେ କାମ କରିବା ସମୟରେ ମନକୁ ଶାନ୍ତ ରଖନ୍ତୁ। କାରଣ ଅଫିସରୁ ଘରକୁ ଯିବା ପରେ ସେଠାରେ ପୁଣି ଆପଣଙ୍କର ଦାୟିତ୍ୱ ରହିଛି। ତେଣୁ ପ୍ରତିଟି କଥା କିପରି ସୁଚାରୁ ରୂପେ ସମ୍ପାଦନ କରିହେବ ସେ ନେଇ ଥଣ୍ଡା ମନରେ ଚିନ୍ତାକରନ୍ତୁ। ମନ ଯଦି ଶାନ୍ତ ରହିଲା, ତେବେ ଆପଣ କାମଟିକୁ ଠିକ୍ ଭାବରେ ତୁଲାଇପାରିବେ।

**ବ୍ୟବହାର:** ଜଣେ କର୍ମଜୀବୀଙ୍କ ବ୍ୟବହାର ବେଶ୍ ଗୁରୁତ୍ୱପୂର୍ଣ୍ଣ। ଅଫିସରେ ହେଉ ଅବା ଘରେ- ନିଜ ବ୍ୟବହାର ପ୍ରତି ସତର୍କ ରୁହନ୍ତୁ। ବେଳେବେଳେ କର୍ମ ଚାପରେ ଅନେକେ ଚିଡ଼ିଚିଡ଼ା ହୋଇଯାଆନ୍ତି। ସେହି ସମୟରେ କାହାକୁ କ'ଣ କହି ଦିଅନ୍ତି ଜାଣିପାରନ୍ତି ନାହିଁ। ତେଣୁ ଏହି ସମୟରେ ବେଶ୍ ସତର୍କତା ଅବଲମ୍ବନ କରନ୍ତୁ। ଯେହେତୁ ଜଣେ କର୍ମଜୀବୀ ତେଣୁ ଏପଟେ ଅଫିସ ସେପଟେ ଘର-ଏହି ଦୁଇଟିକୁ ଆପଣଙ୍କୁ ସମାନ୍ତରାଳ ଭାବରେ ଆଗେଇନେବାକୁ ପଡ଼ିବ। ନିଜର ବ୍ୟବହାର ଏପରି ରଖନ୍ତୁ ଯେପରି ଆପଣ ଅନ୍ୟମାନଙ୍କର ପ୍ରଶଂସାର ପାତ୍ର ହେବେ।

**ସାମାଜିକ ସମ୍ପର୍କ:** କେତେଜଣ କର୍ମଜୀବୀ ନିଜ ଚାକିରି ଏବଂ ଘରକାମ ଭିତରେ ସାମାଜିକ ସମ୍ପର୍କକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ସବୁବେଳେ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରଖନ୍ତୁ। କାରଣ ଆବଶ୍ୟକ ପଡ଼ିଲେ ସେ କୌଣସି କାମରେ ଆପଣଙ୍କୁ ସାହାଯ୍ୟର ହାତ ବଢ଼ାଇପାରିବେ। ଆପଣ ଯେଉଁଠି ରହୁଛନ୍ତି ସେଠାରେ ଏକ ବନ୍ଧୁତାର ବଳୟ ସୃଷ୍ଟିକରନ୍ତୁ। ଏହାଦ୍ୱାରା ଆପଣଙ୍କୁ କେତେକାଂଶରେ ଖୁସି ଲାଗିବ। ଅନ୍ୟ ସାଙ୍ଗସାଥୀଙ୍କ ସହ ସମୟ କଟାଇଲେ କର୍ମ ବୋଝ ହାଲୁକା ଲାଗିବ। ତା'ସହ କଥାବର୍ତ୍ତା ମଧ୍ୟରେ ଆପଣ ଅନେକ କିଛି ନୂଆ କଥା ଜାଣିପାରିବେ।

## ଏମାନେ କ'ଣ କରନ୍ତି

### ସମାନ୍ତରାଳ ଭାବରେ ଚାଲିଥାଏ



ଯେହେତୁ ମୁଁ କର୍ମଜୀବୀ ତେଣୁ ମୋତେ ଅଫିସ ବ୍ୟତୀତ ଆହୁରି ଅନେକ କଥା ବୁଝିବାକୁ ପଡ଼େ। ବିଶେଷଭାବରେ ଘରକଥା ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦିଏ। ଯେହେତୁ ଦିନତମାମ ମୋତେ ବାହାରେ ରହିବାକୁ ପଡ଼େ, ତେଣୁ ଘରେ କ'ଣ ହେଉଛି ତାହାର ଖବର ମଧ ନେଇଥାଏ। ଅନ୍ୟପକ୍ଷରେ ଅଫିସର କାମ କିପରି ସୁରୁଖୁରୁରେ କରିପାରିବି ସେ ନେଇ ନିଜକୁ ସବୁବେଳେ ଆଲର୍ଟ ରଖେ। ଘର କଥା ଏବଂ ଅଫିସ କାମକୁ ମୋତେ ସମାନ୍ତରାଳ ଭାବରେ ଆଗେଇ ନେବାକୁ ପଡ଼ିଥାଏ। ତେଣୁ ଏହି ସମୟରେ ମୁଁ ଆଦୌ ବିଚଳିତ ହୁଏନାହିଁ। ସବୁବେଳେ ମନକୁ ଦୃଢ଼ ରଖି ଆଗେଇଥାଏ। ତା'ସହ ପରିବାର ସଦସ୍ୟଙ୍କ ସହଯୋଗ ଯୋଗୁ ମୋ କର୍ମଜୀବୀ ଜୀବନ ସୁରୁଖୁରୁରେ ଅତିବାହିତ ହେଉଛି। *-ସ୍ମିତା କାନୁନ୍‌ଗୋ (ଅଧ୍ୟାପିକା, ଜଗତ୍‌ସିଂହପୁର)*

### ଚାପମୁକ୍ତ ରହିବାକୁ ଚେଷ୍ଟାକରେ



ମୁଁ ଜଣେ କର୍ମଜୀବୀ ହୋଇଥିବାରୁ ମୋତେ ଉଭୟ ଘର ଏବଂ କର୍ମକ୍ଷେତ୍ର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିଥାଏ। ଏହି ସମୟରେ ମୁଁ ନିଜକୁ ଯେତେ ସମ୍ଭବ ଚାପମୁକ୍ତ ରଖିବାକୁ ଚେଷ୍ଟା କରେ। କାରଣ ଜଣେ କର୍ମଜୀବୀଙ୍କ ଜୀବନ କେତେ ଟେନ୍‌ସନପୂର୍ଣ୍ଣ ତାହା ମୁଁ ଜାଣିଛି। ତେଣୁ ନିଜକୁ ଏହି ଟେନ୍‌ସନଠାରୁ ଯେତେ ସମ୍ଭବ ଦୂରେଇରଖିବାକୁ ଚେଷ୍ଟାକରେ। ଅଫିସରେ ଯଦି କାମ ଅଧିକ ରହିଲା କିମ୍ବା ସେ ନେଇ ବ୍ୟସ୍ତ ରହିଲି ସେହି ଟେନ୍‌ସନକୁ ମୁଁ ହାଲୁକା ଭାବରେ ନିଏ। କାରଣ ସବୁବେଳେ ମୁଁ ରୁଟିନ୍ ଲାଇଫ୍ ଅନୁସରଣ କରେ। ପ୍ରତିଟି କାମ ପୂର୍ବରୁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନିଏ। କାମଗୁଡ଼ିକୁ କିପରି ଭଲ ଭାବରେ ତୁଲାଇପାରିବି ସେ ନେଇ ଥଣ୍ଡା ମନରେ ଚିନ୍ତାକରି ଆଗେଇଥାଏ।
*-ବି.କେ. ଭୂମିକା (କର୍ମଜୀବୀ, ଜୟଦେବ ବିହାର, ଭୁବନେଶ୍ୱର)*








## ସୌନ୍ଦର୍ଯ୍ୟ

# ସ୍କିନ୍ ଟ୍ୟାନ୍‌ର ଯତ୍ନ



ଖରାଦିନରେ ସ୍କିନ୍‌ଟ୍ୟାନ୍‌ରୁ ରକ୍ଷାପାଇବାକୁ ହେଲେ ସନ୍‌ସ୍କ୍ରିନ୍ ଲୋଶନ ଲଗାନ୍ତୁ, ଢିଲା ପୋଷାକ ପିନ୍ଧନ୍ତୁ। ଅଧିକ ପରିମାଣରେ ପାଣି ପିଅନ୍ତୁ। କିଛି ଘରୋଇ ଉପାୟ ଆପଣାନ୍ତୁ। ଟମାଟୋ ଜୁସ୍, ବେସନ, ଦହି, କାକୁଡ଼ି ନଡ଼ିଆ ପାଣି ଆଦିକୁ ବ୍ୟବହାର କରିପାରିବେ। ଜାଣନ୍ତୁ ଏ ସମ୍ପର୍କରେ...

- ଖରାଦିନରେ ସନ୍ ଟ୍ୟାନ୍, ସନ୍‌ବର୍ଣ୍ଣ ଆଦି ସମସ୍ୟା ଦେଖାଯାଇଥାଏ। ଏମିତିରେ ଘରୁ ବାହାରିବା ପୂର୍ବରୁ ଭଲ କ୍ୱାଲିଟିର ସନ୍‌ସ୍କ୍ରିନ୍ ଆପ୍ଲାଏ କରନ୍ତୁ। ସନ୍‌ସ୍କ୍ରିନ୍ ୩୦ପ୍ରତିଶତ ଏସିପିଏଫ୍ ଯୁକ୍ତ ନିଅନ୍ତୁ କିମ୍ବା ତା 'ଠାରୁ ଅଧିକ। ଦିନ ମଧ୍ୟରେ ଦୁଇଥର ସକାଳ ଏବଂ ସନ୍ଧ୍ୟାରେ ସନ୍‌ସ୍କ୍ରିନ୍ ଲଗାନ୍ତୁ।
- ଖରାରେ ବାହାରକୁ ଯିବା ପୂର୍ବରୁ ଶରୀରକୁ ସମ୍ପୂର୍ଣ୍ଣ ଢାଙ୍କି ରଖନ୍ତୁ। ଭୀଷଣ ଖରାରେ ସ୍କିନ୍ ଡଲ୍ ହୋଇଯାଏ। ବେକ, ହାତ,ପାଦରେ ସନ୍ ଟ୍ୟାନ୍ ଆଦି ହେବାର ଦେଖାଯାଏ। ଏମିତିରେ କଟନ୍‌ର ଢିଲା କପଡ଼ା ପିନ୍ଧନ୍ତୁ,ହାଲ୍‌କା ରଙ୍ଗ କପଡ଼ା ପିନ୍ଧନ୍ତୁ ଫଳରେ ଖରା ଅଧିକ ଆପଣଙ୍କୁ କାଟିବ ନାହିଁ।
- ସ୍କିନ୍ ଟ୍ୟାନ୍‌ରୁ ରକ୍ଷା ପାଇବାକୁ ହେଲେ ପାଣି ଏବଂ ତରଳ ପଦାର୍ଥ ପିଅନ୍ତୁ। ଟ୍ୟାନିଂ ଦୂର କରିବାକୁ ହେଲେ ଥଣ୍ଡାପାଣିରେ ହିଁ ଗାଧାନ୍ତୁ।
- ଶରୀରର ଯେଉଁ ଭାଗ ଖରା ସଂସ୍ପର୍ଶରେ ଆସୁଛି ସେ ସ୍ଥାନରେ ଆଲୋଭେରା ଜେଲ ଲଗାନ୍ତୁ। ଏହା ଲଗାଇବା ଦ୍ୱାରା ସନ୍ ଟ୍ୟାନ୍ ସମସ୍ୟା କମ୍ ହେବ।
- ଆପଣ ଚାହିଁଲେ ନିଜ ସାଙ୍ଗରେ ସନ୍ ଟ୍ୟାନ୍ ରିମୁଭାଲ କ୍ରିମ୍ ରଖନ୍ତୁ। ଯଦି ନାହିଁ ତେବେ କିଣିନିଅନ୍ତୁ। ଏହା ସହ ଘରୋଇ ଉପଚାର ଆପଣାଇପାରିବେ। ଆପଣ ପ୍ରଭାବିତ ଭାଗରେ ଲାଇକୋପୀନ୍‌ରେ ଭରପୂର ଟମାଟୋ ଜୁସ୍ ଲଗାନ୍ତୁ। ଏହାକୁ ଲଗାଇବା ଦ୍ୱାରା ଅଲ୍‌ଟ୍ରାଭାଓଲେଟ୍ କିରଣ ଯୋଗୁ ପ୍ରଭାବିତ ହେଉଥିବା କ୍ଷତିରୁ ରକ୍ଷା ପାଇପାରିବେ। ବେସନ ଦହି, କାକଡ଼ି ରସ,ନଡ଼ିଆପାଣି ଟ୍ୟାନିଂ ସମସ୍ୟାକୁ ଦୂର କରିଥାଏ।




## ଖାଦ୍ୟରୁଚି // ମସାଲା ଚାର୍ଟ



**ଆବଶ୍ୟକ ସାମଗ୍ରୀ:** ସିଝା ଆଳୁ ୨-୩ଟା, ସିଝା ମଟର ୧ କପ, କଟାହୋଇଥିବା ଟମାଟୋ ଓ ପିଆଜ ,କଞ୍ଚାଲଙ୍କା ୨-୩ଟି, ଧନିଆଁପତ୍ର ଏକଚତୁର୍ଥାଂଶ, ଜିରା ପାଉଡର ୧ ଚାମଚ, ଗରମ ମସଲା ପାଉଡର ଅଧା ଚାମଚ, ଆମଚୁର ପାଉଡର , କଳାଲୁଣ ଏକ ଚତୁର୍ଥାଂଶ ,ଲୁଣ ସ୍ୱାଦ ଅନୁସାରେ, ଲେମ୍ବୁରସ ୧ ବଡ଼ ଚାମଚ , ପ୍ରସ୍ତୁତି ପାଇଁ ଆବଶ୍ୟକ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ମସଲା ଚାର୍ଟ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ପ୍ୟାନ୍‌ରେ ତେଲ ଗରମ କରନ୍ତୁ। ଏଥିରେ ଜିରା ପକାଇ ଭାଜନ୍ତୁ। ଜିରା ପକାଇବା ଦ୍ୱାରା ମସଲା ଚାର୍ଟରେ ଏକ ଭଲ ଫ୍ଲେବର ଆସିଥାଏ। ଏହା ପରେ ସେଥିରେ ପିଆଜ,ଟମାଟୋ, କଞ୍ଚାଲଙ୍କା ପକାଇ ଗୋଳାନ୍ତୁ। ପିଆଜ,ଟମାଟୋ ଓ କଞ୍ଚାଲଙ୍କା ଭାଜିବା ଦ୍ୱାରା ଏକ ଭଲ ବାସ୍ନା ଆସିଥାଏ। ବର୍ତ୍ତମାନ ସିଝିଥିବା ଆଳୁ,ମଟର ଏବଂ ଚଣା ସେଥିରେ ପକାଇ ମିଶାନ୍ତୁ। ଆଳୁ,ମଟର ଏବଂ ଚଣା ମିଶାଇବା ଦ୍ୱାରା ମସଲା ଚାର୍ଟରେ ଏକ ଭଲ ସ୍ୱାଦ ଆସିଥାଏ। ଏବେ ଏଥିରେ ଜିରା ପାଉଡର, ଗରମ ମସଲା ପାଉଡର,ଆମଚୁର ପାଉଡର, ବିଟଲୁଣ, ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାପରେ ଏଥିରେ ଲେମ୍ବୁରସ ପକାନ୍ତୁ। ଏହାର ଭଲ ବାସ୍ନା ଆସିଥାଏ। ଶେଷରେ ଏଥିରେ ଧନିଆଁପତ୍ର ପକାଇ ଗାର୍ଣ୍ଣିସିଙ୍ଗ କରନ୍ତୁ।

# ବର୍ଷା: ମ୍ୟାଚ୍ ଅଧାରୁ ବାତିଲ



ଉଇକେଟ ନେବା ପରେ ଉଲ୍ଲସିତ ପ୍ୟାଟ୍ କୁମିନ୍ସ।

**ହାଇଦ୍ରାବାଦ,୫।୫**

ଚଳିତ ଆଇପିଏଲ୍‌ରେ ସୋମବାର ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ଓ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବର୍ଷା ଯୋଗୁ ଅଧାରୁ ବାତିଲ ହୋଇଛି। ଏଥିରେ ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଦିଲ୍ଲୀ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରତିପକ୍ଷ ହାଇଦ୍ରାବାଦ ଆଗରେ ୧୩୪ ରନର ଟାର୍ଗେଟ ଧାର୍ଯ୍ୟ କରିଥିଲା। ହାଇଦ୍ରାବାଦ ଇନିଂସ୍ ଆରମ୍ଭ ପୂର୍ବରୁ ବର୍ଷା ହେବାରୁ ମ୍ୟାଚ୍‌କୁ ବାତିଲ କରାଯାଇ ପଏଣ୍ଟ ଭାଗ କରାଯାଇଥିଲା। ଏଥିସହିତ ହାଇଦ୍ରାବାଦ ପ୍ଲେ-ଅଫ୍‌ରୁ ବାଦ୍ ପଡ଼ିଛି।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ମୁମ୍ବାଇ**
**ବନାମ ଗୁଜରାଟ**
**ସ୍ଥାନ: ମୁମ୍ବାଇ**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ହାଇଦ୍ରାବାଦ ଅଧିନାୟକ ପ୍ୟାଟ କୁମିନ୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦିଲ୍ଲୀ ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ମାତ୍ର ୨୯ ରନ ମଧ୍ୟରେ ପ୍ରମୁଖ ୫ ଉଇକେଟ ହରାଇଥିଲା। କରୁଣ ନାୟର (୦), ଫାଫ ଡୁ' ପ୍ଲେସି (୩), ଅଭିଷେକ ପୋରେଲ (୮), ଲୋକେଶ ରାହୁଲ (୧୦) ଓ ଅଧିନାୟକ ଅକ୍ଷର ପଟେଲ (୬) କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଏଭଳି ପରିସ୍ଥିତିରେ ଟ୍ରିଷ୍ଟାନ ଷ୍ଟବ୍ସ ଓ ବିପ୍ରଜ ନିଗମ ଷଷ୍ଠ ଉଇକେଟରେ ୩୩ ରନ ଯୋଡ଼ିଥିଲେ। ୧୭ ବଲରେ ୧ ଲେଖାଏ ଚୌକା ଓ ଛକା ସହିତ ବିପ୍ରଜ ୧୮ ରନ କରି ରନଆଉଟ୍ ହୋଇଥିଲେ। ଏହାପରେ ଷ୍ଟବ୍ସ ଓ ଆଶୁତୋଷ ଶର୍ମା ସପ୍ତମ ଉଇକେଟରେ ୪୫ ବଲରେ ୬୬ ରନ ଯୋଡ଼ି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଆଶୁତୋଷ ଶର୍ମା ୪୧ ରନ କରି ଆଉଟ୍ ହୋଇଥିବା ବେଳେ ଷ୍ଟବ୍ସ ୪୧ ରନ କରି ଅପରାଜିତ ରହିଥିଲେ। ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୩୩ ରନ କରିବାକୁ ସକ୍ଷମ ହୋଇଥିଲା। ସନରାଇଜର୍ସ ପକ୍ଷରୁ ପ୍ୟାଟ କୁମିନ୍ସ ସର୍ବାଧିକ ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୧୩୩/୭(ଟ୍ରିଷ୍ଟାନ ଷ୍ଟବ୍ସ-୪୧*, ଆଶୁତୋଷ ଶର୍ମା-୪୧, ବିପ୍ରଜ ନିଗମ-୧୮, ପ୍ୟାଟ କୁମିନ୍ସ-୩/୧୯, ଜୟଦେବ ଉନାଡକଟ-୧/୧୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୬ | ୪ | ୧ | ୧୩ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୫ | ୫ | ୧ | ୧୧ | +୦.୨୪୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୨ | ୯ | ୦ | ୪ | -୧.୧୧୭ |

## ରାବାଡା ଆଇପିଏଲ୍ ଲାଗି ଉପଲବ୍ଧ

**ନୂଆଦିଲ୍ଲୀ,୫।୫:** କାଗିସୋ ରାବାଡା ଚଳିତବର୍ଷ ଜାନୁଆରୀରେ ଅନୁଷ୍ଠିତ ସା୨୦ ପ୍ରତିଯୋଗିତା ବେଳେ ରିକ୍ରିଏସନାଲ ଡ୍ରଗ ସେବନ କରିଥିଲେ। ଡ୍ରଗ୍ ଟେଷ୍ଟରେ ତାଙ୍କ ରିପୋର୍ଟ ପଜିଟିଭ ଆସିଥିବା ନେଇ ତାଙ୍କୁ ଏପ୍ରିଲରେ ଅବଗତ କରାଯାଇଥିଲା। ସେତେବେଳେ ସେ ଗୁଜରାଟ ଟାଇଟନ୍ସ ଲାଗି ଆଇପିଏଲ୍‌ରେ ଖେଳୁଥିଲେ। ସେ ତୁରନ୍ତ ଦକ୍ଷିଣ ଆଫ୍ରିକାକୁ ଫେରି ଏକ ଚିକିତ୍ସା କାର୍ଯ୍ୟକ୍ରମର ସମ୍ମୁଖୀନ ହୋଇଥିଲେ, ଯାହାକୁ ସେ ସଫଳତାର ସହ ଶେଷ କରିଛନ୍ତି। ଏଥିଯୋଗୁ ସେ କ୍ରିକେଟ ଖେଳିବା ପାଇଁ ଯୋଗ୍ୟ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ଇନ୍‌ଷ୍ଟିଚ୍ୟୁଟ୍ ଫର ଡ୍ରଗ-ଫ୍ରୀ ସ୍ପୋର୍ଟ (ଏସ୍‌ଏଆଇଡିଏସ୍) ପକ୍ଷରୁ ଜାରି କରାଯାଇଥିବା ବିବୃତି ଅନୁଯାୟୀ, 'ସବଷ୍ଟାନ୍ସ ଅଫ ଆବ୍ୟୁଜ'ରେ ପଜିଟିଭ ଚିହ୍ନଟ ହୋଇଥିବା ନେଇ ଏପ୍ରିଲ ୧ ତାରିଖରେ ରାବାଡାଙ୍କୁ ଜଣାଇ ଦଆଯାଇଥିଲା। ଯାହା ପରେ ତାଙ୍କୁ ସାମୟିକ ବାସନ୍ଦ କରାଯାଇଥିଲା। ଏଥିଯୋଗୁ ସେ ତୁରନ୍ତ ଭାରତରୁ ଦକ୍ଷିଣ ଆଫ୍ରିକା ଫେରିଥିଲେ। ଏହି ବିବୃତିରେ ରାବାଡା ନିର୍ଦ୍ଦିଷ୍ଟ ଭାବେ କେଉଁ ଡ୍ରଗ ବ୍ୟବହାର କରିଥିଲେ, ତାହା ଉଲ୍ଲେଖ କରାଯାଇ ନାହିଁ। ହେଲେ ଏସ୍‌ଏଆଇଡିଏସ୍ କୋଡ୍‌ର 'ସବଷ୍ଟାନ୍ସ ଅଫ ଆବ୍ୟୁଜ' ତାଲିକାରେ କୋକେନ, ହିରୋଇନ, ଏମ୍‌ଡିଏମ୍‌ଏ ଓ ଟିଏଚ୍‌ସି ସାମିଲ ରହିଛି। ଏସ୍‌ଏଆଇଡିଏସ୍‌ର ୧୦.୨.୪.୧ ଧାରା ଅନୁଯାୟୀ, ଯଦି ଆଥ୍‌ଲେଟ୍ ପ୍ରତିଯୋଗିତା ନ ଥିବା ବେଳେ କିମ୍ବା ବ୍ୟବହାର କରିଥିବା ଡ୍ରଗ ପ୍ରଦର୍ଶନ ବୃଦ୍ଧିକାରୀ ନୁହେଁ ବୋଲି ପ୍ରମାଣ କରିପାରନ୍ତି, ତେବେ ତାଙ୍କୁ ଅତିକମ୍‌ରେ ୩ ମାସ ଲାଗି ବାସନ୍ଦ କରାଯାଇପାରେ। ବାସନ୍ଦାଦେଶକୁ ଆହୁରି ୧ ମାସ କମାଇ ଦିଆଯାଇପାରିବ। କିନ୍ତୁ ଏଥିଲାଗି ଆଥଲେଟ୍‌ଙ୍କୁ ସବଷ୍ଟାନ୍ସ ଆବ୍ୟୁଜ ଟ୍ରିଟ୍‌ମେଣ୍ଟ ପ୍ରୋଗ୍ରାମକୁ ସଫଳତାର ସହ ଶେଷ କରିବାକୁ ପଡ଼ିବ।

## ପିଆଷ୍ଟ୍ରି ଜିତିଲେ ମାୟାମି ଗ୍ରାଁ ପ୍ରି



**ମାୟାମି ଗାର୍ଡେନ୍ସ, ୫।୫ (ଏପି)**

ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରି ତାଙ୍କ ଟିମ୍‌ମେଟ୍ ଲାଣ୍ଡୋ ନୋରିସଙ୍କୁ ପଛରେ ପକାଇ ମାୟାମିଠାରେ ତାଙ୍କର କ୍ରମାଗତ ୩ୟ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଚଳିତ ସିଜନରେ ଏପର୍ଯ୍ୟନ୍ତ ଅନୁଷ୍ଠିତ ୬ଟି ରେସ୍ ମଧ୍ୟରୁ ଏହା ହେଉଛି ତାଙ୍କର ଚତୁର୍ଥ ବିଜୟ। ପିଆଷ୍ଟ୍ରି ଚତୁର୍ଥ ସ୍ଥାନରୁ ରେସ୍ ଆରମ୍ଭ କରି ମର୍ସିଡିଜ୍‌ର କିମି ଆଣ୍ଟୋନେଲି ଓ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ଅତିକ୍ରମ କରି ଶେଷ ପର୍ଯ୍ୟନ୍ତ ତାଙ୍କ ଅଗ୍ରଣୀ ବ୍ୟବଧାନ ବଜାୟ ରଖିବାରେ ସମର୍ଥ ହୋଇଥିଲେ। ରେସ୍‌ରେ ମର୍ସିଡିଜର ଜର୍ଜ ରସେଲ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଭର୍ଷ୍ଟାପେନ ୪ର୍ଥ ଓ ୱିଲିୟମ୍ସର ଆଲେଜାଣ୍ଡର ଆଲବନ ୫ମ ହୋଇଥିଲେ। ସୂଚନାଯୋଗ୍ୟ, ମ୍ୟାକ୍‌ଲରେନ ଗତ ଦୁଇ ସିଜନ ନୋରିସଙ୍କ ଜରିଆରେ ମାୟାମିରେ ବିଜୟ ହାସଲ କରିଥିଲା। ନୋରିସ ଗତ ସିଜନରେ ଆହୁରି ମଧ ତାଙ୍କ କ୍ୟାରିୟର ପ୍ରଥମ ଫର୍ମୁଲା-୧ ବିଜୟୀ ହୋଇଥିଲେ। ୨୮ବର୍ଷରେ କ୍ରମାଗତ ତିନୋଟି ଫର୍ମୁଲା ୱାନ ରେସ୍ ଜିତିବାରେ ପିଆଷ୍ଟ୍ରି ହେଉଛନ୍ତି ମ୍ୟାକ୍‌ଲରେନର ପ୍ରଥମ ଡ୍ରାଇଭର। ପୂର୍ବରୁ ମିକା ହାକିନେନ୍ ୧୯୯୭ ସିଜନର ଫାଇନାଲ ରେସ୍ ଏବଂ ୧୯୯୮ର ପ୍ରଥମ ଦୁଇ ରେସ୍ ଜିତିଥିଲେ। ମାୟାମିରେ ବିଜୟ ଦ୍ୱାରା ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ନୋରିସଙ୍କଠାରୁ ପ୍ରଥମ ସ୍ଥାନରେ ରହିଥିବା ପିଆଷ୍ଟ୍ରିଙ୍କ ପଏଣ୍ଟ ବ୍ୟବଧାନ ୧୬କୁ ବୃଦ୍ଧି ପାଇଛି। ପିଆଷ୍ଟ୍ରିଙ୍କଠାରୁ ୩୨ ପଏଣ୍ଟ ବ୍ୟବଧାନରେ ଭର୍ଷ୍ଟାପେନ୍ ତୃତୀୟ ସ୍ଥାନରେ ଅଛନ୍ତି। ରବିବାର ରେସ୍‌ରେ ଯଥାକ୍ରମେ ୬ଷ୍ଠରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ କିମି ଆଣ୍ଟୋନେଲି (ମର୍ସିଡିଜ), ଚାର୍ଲ୍ସ ଲେକ୍‌ରେକ୍ ଫେରାରି), ଲିଓ୍ୱସ ହାମିଲଟନ (ଫେରାରି), କାର୍ଲୋସ ସେଞ୍ଜ ଜୁନିୟର (ୱିଲିୟମ୍ସ), ୟୁକି ଟିସୁନୋଡା (ରେଡ୍‌ବୁଲ୍)।

## ଗ୍ରୀଷ୍ମକାଳୀନ ଆଥଲେଟିକ କୋଚିଂ ଶିବିର ଆରମ୍ଭ

**ଭୁବନେଶ୍ୱର,୫।୫ (ଅନାଦି କର)**


ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ (ଓଏଏ) ପକ୍ଷରୁ କଟକସ୍ଥିତ ଐତିହାସିକ ବାରବାଟୀ ଷ୍ଟାଡିୟମରେ ସୋମବାରଠାରୁ ଗ୍ରୀଷ୍ମକାଳୀନ କୋଚିଂ ଶିବିର ଆରମ୍ଭ ହୋଇଯାଇଛି। ୩ ସପ୍ତାହ ଧରି ଚାଲିବାକୁ ଥିବା ଏହି ଶିବିରରେ ଓଡ଼ିଶାର ବିଭିନ୍ନ ଜିଲାର ଯୁବ ଆଥଲେଟ୍‌ମାନେ ଭାଗ ନେଇଛନ୍ତି।

ଏହି ତୃଣମୂଳ ସ୍ତରୀୟ କୋଚିଂ ପ୍ରୋଗ୍ରାମକୁ ଟ୍ରେନିଂ, ସ୍କିଲ ଡେଭଲପମେଣ୍ଟ ଓ ମୋଟିଭେଶନକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ୩ ସପ୍ତାହ ଧରି ଅଭିଜ୍ଞ ଓ ଭେଟେରାନ କୋଚ୍‌ମାନେ ଯୁବ ଆଥଲେଟ୍‌ଙ୍କୁ ପେଶାଦାର ଟ୍ରେନିଂ ଦେବା ସହ ସେମାନଙ୍କର ସଂଘର୍ଷ, ନିଷ୍ଠା ଓ ସଫଳତାରେ ପହଞ୍ଚିବାର ଯାତ୍ରା ସମ୍ପର୍କରେ ପ୍ରକାଶ କରିବେ। ଏହି ଶିବିରକୁ ଅନ୍ତର୍ଜାତୀୟ ମାରାଥନର ଡ. ବିବେକାନନ୍ଦ ତ୍ରିପାଠୀ ଓ ଡ. ଆଶୀର୍ବାଦ ବେହେରା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଲିମ୍ପିଆନ ଅରୁନ୍ଧତୀ ବିଶ୍ୱାଳ, ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ)ର କୋଷାଧ୍ୟକ୍ଷ ଭକ୍ତ ବଲଭ ଦାସ, ଓଏଏର ଟେକନିକାଲ କମିଟି ଚେୟାରମ୍ୟାନ ଅଭୟ ମହାପାତ୍ର, ଅରୁଣ କୁମାର ଦାଶ, ନିଳମାଧବ ଦେଓ, ଟେକନିକାଲ କମିଟି ସଦସ୍ୟ ଚିତ ରଞ୍ଜନ ମହାପାତ୍ର, ଓଏଏ ସମ୍ପାଦକ ଅଭିଜିତ ପାଲ ପ୍ରମୁଖ ଯୋଗ ଦେଇଥିଲେ।



ତାଲିମ ଶିବିରରେ ଭାଗ ନେଇଥିବା ଖେଳାଳି ଓ କର୍ମକର୍ତ୍ତା।

## ରୁଡ୍‌ଙ୍କୁ ପ୍ରଥମ ମାଷ୍ଟର୍ସ ଟାଇଟଲ



ଟ୍ରଫି ସହ କାସ୍ପର ରୁଡ୍।

**ମାଡ୍ରିଡ୍, ୫।୫ (ଏପି):** କାସ୍ପର ରୁଡ୍ ମାଡ୍ରିଡ୍ ଓପନ ଫାଇନାଲ ଜିତିଛନ୍ତି। ସେ ଜ୍ୟାକ୍ ଡ୍ରାପରଙ୍କୁ ୭-୫, ୩-୬, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଏଥିସହିତ ସେ ନରଓ୍ୱେର ପ୍ରଥମ ଖେଳାଳି ହିସାବରେ ମାଷ୍ଟର୍ସ ୧,୦୦୦ ଟାଇଟଲ ହାସଲ କରିଛନ୍ତି। ୧୫ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ୨୬ ବର୍ଷୀୟ ରୁଡ୍ ସୋମବାର ପ୍ରକାଶିତ ସଦ୍ୟତମ ର୍‍ୟାଙ୍କିଙ୍ଗ ତାଲିକାରେ ଟପ୍ ୧୦ରେ ପ୍ରବେଶ କରିବା ସହ ୭ମ ସ୍ଥାନ ଅଧିକାର କରି ନେଇଛନ୍ତି। ୧୯୯୦ରେ ମାଷ୍ଟର୍ସ ସିରିଜର ପ୍ରଚଳନ ହେବାପରଠାରୁ ୧୩ ଥର ଟୁର୍ ଚାମ୍ପିୟନ ନରଓ୍ୱେର ପ୍ରଥମ ଖେଳାଳି ଭାବେ ଏକ ମାଷ୍ଟର୍ସ ୧୦୦୦ ଟ୍ରଫି ହାସଲ କରିଥିବା ଏଟିପି କହିଛି। ଗତବର୍ଷ ମଣ୍ଟେ କାର୍ଲୋଠାରେ ଷ୍ଟିଫାନସ ସିତ୍‌ସିପାସ ଏବଂ ୨୦୨୨ରେ ମାୟାମିରେ କାର୍ଲୋସ ଅଲ୍‌କରାଜଙ୍କ ପରେ ରୁଡ୍‌ଙ୍କର ଏହାଥିଲା ତୃତୀୟ ଫାଇନାଲ। ଆହୁରି ମଧ୍ୟ ୨୦୨୦ ଆରମ୍ଭରୁ ଅନ୍ୟ ଯେକୌଣସି ଖେଳାଳିଙ୍କ ତୁଳନାରେ ରୁଡ୍ ସବୁଠାରୁ ଅଧିକ ୧୨ଟି କ୍ଲେ ଟାଇଟଲ ହାସଲ କରିଛନ୍ତି। ଡ୍ରାପର ମାର୍ଚ୍ଚରେ ଇଣ୍ଡିଆନ ୱେଲ୍ସ ଚାମ୍ପିୟନ ହୋଇଥିଲେ। ମାଡ୍ରିଡ୍‌ରେ କ୍ୱାର୍ଟରଫାଇନାଲ ଜିତିବା ପରେ ର୍‍ୟାଙ୍କିଙ୍ଗ ତାଲିକାର ୫ମ ସ୍ଥାନ ଅଧିକାର କରିନେଇଛନ୍ତି।

## ଶାମିଙ୍କୁ ହତ୍ୟା ଧମକ

**ନୂଆଦିଲ୍ଲୀ,୫।୫:** ଭାରତୀୟ ପେସର ମହମ୍ମଦ ଶାମିଙ୍କୁ ରବିବାର ଇ-ମେଲ ଜରିଆରେ ହତ୍ୟା ଧମକ ମିଳିଛି। ଏ ନେଇ ଉତ୍ତର ପ୍ରଦେଶର ଆମରୋହା ଜିଲାର ସାଇବର କ୍ରାଇମ ଥାନାରେ ଏଫ୍‌ଆଇଆର୍ ରୁଜୁ ହୋଇଛି। ଶାମିଙ୍କ ଭାଇ ହସିବ ଅଭିଯୋଗ ଦାଖଲ କରିଛନ୍ତି। ରାଜପୁତ ସିନ୍ଦର ନାମକ ଆଇଡିରୁ ହତ୍ୟା ଲାଗି ଧମକ ଦିଆଯିବା ସହିତ ଏକ କୋଟି ଟଙ୍କା ଦାବି କରାଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଭାରତୀୟ ପେନାଲ କୋଡର ଧାରା ୩୦୮(୪) ଓ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ୬୬ ଡି ଓ ୬୬ ଇ ଅଧିନିୟମରେ ମାମଲା ରୁଜୁ କରାଯାଇଛି।

## ଜୁନିୟର ଆଥଲେଟିକ୍ସରେ ଡୋପିଙ୍ଗ ସ୍କାଣ୍ଡାଲ

**ନୂଆଦିଲ୍ଲୀ, ୫।୫**

ଦେଶର ଏକ ପ୍ରମୁଖ ଜୁନିୟର ଆଥଲେଟିକ୍ସ ଏକାଡେମୀରେ ଏକ ଡୋପିଙ୍ଗ ସ୍କାଣ୍ଡଲ ଲୋକଲୋଚନକୁ ଆସିବା ପରେ ବିଶିଷ୍ଟ କୋଚ୍ ରମେଶ ନାଗପୁରୀଙ୍କ କାର୍ଯ୍ୟଶୈଳୀ ଓ ଦକ୍ଷତାକୁ ନେଇ ସନ୍ଦେହ ଦେଖା ଦେଇଛି। କେବଳ ସେତିକି ନୁହେଁ ଭାରତର ଜୁନିୟର ଆଥଲେଟିକ୍ସ ପ୍ରୋଗ୍ରାମର ଭବିଷ୍ୟତକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନାଗପୁରୀଙ୍କଠାରୁ କୋଚିଂ ନେଇ ଯେଉଁମାନେ ସଫଳତା ଅର୍ଜନ କରିଛନ୍ତ ସେମାନଙ୍କ ଭାବମୂର୍ତ୍ତି ଉପରେ ହୁଏତ ଆଞ୍ଚ ଆସିପାରେ। ଶୀଘ୍ର ନାମ କମାଇବା

**ସନ୍ଦେହରେ ନାଗପୁରୀଙ୍କ ଭୂମିକା**

ପାଇଁ ନାଗପୁରୀ ଡୋପିଙ୍ଗକୁ ଏକ ଶର୍ଟକଟ୍ ମାଧ୍ୟମ ଭାବେ ଗ୍ରହଣ କରି ନାହାନ୍ତି ତ ବୋଲି ଅନେକଙ୍କ ମନରେ ଧାରଣା ସୃଷ୍ଟି ହୋଇଛି। ଡୋପିଙ୍ଗରେ ସହଯୋଗିତା ପାଇଁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଦ୍ୱାରା ଜାତୀୟ ଜୁନିୟର ଦଳର ମୁଖ୍ୟ କୋଚ୍ ନାଗ୍‌ପୁରୀ ସସ୍‌ପେଣ୍ଡ ଇତିମଧ୍ୟରେ ହୋଇ ସାରିଛନ୍ତି। ୭ଜଣ ଆଥଲେଟଙ୍କୁ ଡୋପ୍ ଟେଷ୍ଟରୁ ଏଡାଇବାରେ ସେ ସହଯୋଗ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲା ଭାରତୀୟ ଆଥଲେଟିକ୍ସରେ ଚହଳ ସୃଷ୍ଟି କରିଥିଲା। ସହଯୋଗିତା ଏବଂ ନିଷିଦ୍ଧ ପଦାର୍ଥ ପ୍ରୟୋଗ ପାଇଁ ଅନ୍ୟ ଦୁଇ ଜଣ କୋଚ୍ କରମବୀର ସିଂ ଓ ରାକେଶ ମଧ୍ୟ ସସ୍‌ପେଣ୍ଡ ହୋଇଛନ୍ତି। ନାଡା ଦ୍ୱାରା ପ୍ରକାଶିତ ଡୋପ୍ ଅପରାଧୀ ତାଲିକାରେ ସସ୍‌ପେଣ୍ଡ ହୋଇଥିବା ୭ ଆଥଲେଟଙ୍କ ନାମ ପ୍ରକାଶ ପାଇଛି। ସେମାନେ ହେଲେ ପାରସ ସିଂଘଲ, ପୂଜା ରାଣୀ, ନାଲୁବୋଥୁ ଶନମୁଗା ଶ୍ରୀନିବାସ, ଚେଲିମି ପ୍ରତୁଶା, ଶୁଭମ ମାହାରା, କିରଣ ଓ ଜ୍ୟୋତି। ନାଗପୁରୀ ହେଉଛନ୍ତି ଜଣେ ଜଣାଶୁଣା ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା।

## ଗୋପୀନାଥଦେବ ଏକାଦଶ ଚାମ୍ପିୟନ

**ଭୁବନେଶ୍ୱର,୫।୫ (ଅନାଦି କର)**

**ରସୁଲଗଡ଼ ପ୍ରିମିୟର ଲିଗ୍**

ରସୁଲଗଡ଼ ୟୁଥ କ୍ଲବ ଦ୍ୱାରା ଆୟୋଜିତ ଦଶମ ରସୁଲଗଡ଼ ପ୍ରିମିୟର ଲିଗ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ମା' କୋଟିଲେଇ ଏକାଦଶକୁ ୮ ଉଇକେଟରେ ହରାଇ ଗୋପୀନାଥଦେବ ଏକାଦଶ ଚାମ୍ପିୟନ ହୋଇଛି।

ପ୍ରଥମେ ବ୍ୟାଟିଂ କରିଥିବା ମା' କୋଟିଲେଇ ୧୨ ଓଭରରେ ୮୧ ରନ କରି ଅଲଆଉଟ୍ ହୋଇଥିଲା। ଦଳ ପକ୍ଷରୁ କ୍ରାନ୍ତି ଖଟୁଆ ୧୯ ରନ କରିଥିବା ବେଳେ ଗୋପୀନାଥଦେବ ଦଳ ପାଇଁ ବୋଲିଂରେ ସ୍ୱୟମ ନାୟକ ୩ ଉଇକେଟ ନେଇଥିଲେ। ଜବାବରେ ଗୋପୀନାଥଦେବ ୭.୧ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପାଇଁ ଶ୍ରୀତମ ଜେନା ୪୬ ରନ କରିଥିଲେ। ଅମ୍ପାୟାର ଭାବେ ଶିବରାଜ ଚମ୍ପତି ଓ ଉମାକାନ୍ତ ଜଗଦେବ ମ୍ୟାଚ୍ ପରିଚାଳନା କରିଥିଲେ। ସ୍ୱୟମ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ଫାଇନାଲ ବିବେଚିତ କରାଯାଇଥିବା ବେଳେ ସମ୍ବିତ ପାଇକରାୟଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ଓ ଅଂଶ ଦାସଙ୍କୁ ବେଷ୍ଟ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପ୍ରକାଶ ରାଉତ୍ରାୟ, ଅନୀଲ ବଳିଆରସିଂ, ସାଗର ପରିଡ଼ା, ସୁଭେନ୍ଦୁ ରାଉତ, ଅସମିତ ଦାସ, ବିପ୍ଳବ ବେହେରା, ସ୍ନେହାଶିଷ ଜେନା ଯୋଗ ଦେଇଥିଲେ।




ଅତିଥିଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ଗୋପୀନାଥଦେବ ଏକାଦଶ ଦଳର ଖେଳାଳି।

## କିଟ୍, ବରଗଡ଼, ଯାଜପୁର, କେନ୍ଦୁଝର ବିଜୟୀ


**ଭୁବନେଶ୍ୱର, ୫।୫ (ବିଜୟ ରଣା)**

**ଆନ୍ତଃଜିଲା ମହିଳା କ୍ରିକେଟ**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ ସୁପର ଲିଗ୍‌ରେ ସୋମବାର ମ୍ୟାଚରେ କିଟ୍, ବରଗଡ଼, ଯାଜପୁର ଓ କେନ୍ଦୁଝର ବିଜୟୀ ହୋଇଛନ୍ତି। କଟକ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚରେ କିଟ୍ ୧୨ ରନରେ ଭୁବନେଶ୍ୱରକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୯୫ ରନ କରିଥିଲା। ଟପ୍ ସ୍କୋରର ରାନୀ ଟୁଡୁ ୪୮ ବଲ୍‌ରୁ ୪୭ ରନ କରିଥିଲେ। ଜବାବରେ ଭୁବନେଶ୍ୱର ୬ ଉଇକେଟ ହରାଇ ୮୬ରନ କରିପାରିଥିଲା। ରାନୀ ଟୁଡୁ ପ୍ଲେୟର ଅଫ ଦି ମ୍ୟାଚ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ବାଲେଶ୍ୱର ବିପକ୍ଷରେ ବରଗଡ଼ ୪ଉଇକେଟରେ ବିଜୟ ଲାଭ କରିଛି। ବାଲେଶ୍ୱର ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୬୨ ରନ କରିଥିଲା। ଜବାବରେ ବରଗଡ଼ ୧୯.୨ ଓଭରରେ




ଅର୍ଚ୍ଚନା ପରିଡ଼ା



ଲୁଇସା ଦାଶ



ରାନୀ ଟୁଡୁ



କାଜଲ ଜେନା

୬ଉଇକେଟ ହରାଇ ୬୪ ରନ କରି ମ୍ୟାଚ ଜିତି ନେଇଥିଲା। ବିଜୟୀ ଦଳର ଲୁଇସା ଦାଶ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ୪୮ ବଲ୍‌ରୁ ୪୩ ରନ କରି ଅପରାଜିତ ରହିବା ସହ ୧୬ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ସେହିପରି ଡ୍ରିମ୍ସ ଗ୍ରାଉଣ୍ଡ ମ୍ୟାଚରେ ଭଦ୍ରକ ବିପକ୍ଷରେ ଯାଜପୁର ୪୫ ରନରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଯାଜପୁର ଆଲିସ୍ପା ବିଶ୍ୱାଳ (୬୯ବଲ୍‌ରୁ ୫୩ରନ)ଙ୍କ ଅର୍ଦ୍ଧଶତକ ବଳରେ ୪ ଉଇକେଟ ହରାଇ ୧୨୫ ରନ କରିଥିଲା। ଭଦ୍ରକ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ୮୦ରନ କରି ମ୍ୟାଚରେ ପରାଜିତ ହୋଇଥିଲା। ଯାଜପୁରର କାଜଲ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ୧୬ ବଲ୍‌ରେ ୨୧ ରନ କରିବା ସହ ୯ ରନ ଦେଇ ଗୋଟିଏ ଉଇକେଟ ହାସଲ କରିଥିଲେ। ବିଡ଼ାନାସୀ ଗ୍ରାଉଣ୍ଡରେ ସମ୍ବଲପୁରକୁ ୫୬ରନରେ ହରାଇ ଦେଇଛି କେନ୍ଦୁଝର। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦୁଝର କୁସୁମ ତିରିଆଙ୍କ ୪୭ ଏବଂ ଅର୍ଚ୍ଚନା ପରିଡ଼ାଙ୍କ ୪୦ରନ ସହାୟତାରେ ୨ଉଇକେଟ ବିନିମୟରେ ୧୬୫ ରନ କରିଥିଲା। ସମ୍ବଲପୁର ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୦୯ ରନ କରି ପରାଜିତ ହୋଇଥିଲା। ଏଥିରେ ବିଜୟୀ ଦଳର ଅର୍ଚ୍ଚନା ପରିଡ଼ା ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ୪୦ରନ କରିବା ସହ ଗୋଟିଏ ଉଇକେଟ ମଧ୍ୟ ନେଇଥିଲେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ